# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୪/୨୦୧୮ (୨୦ ପୃଷ୍ଠା) Sambalpur, Friday, December 14/ 2018 ★★

୧୪ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ୍ ପାଇଁ ପ୍ରସ୍ତୁତି

ଡିସେମ୍ବର ୧୮ରେ 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ ହେଉଥିବାବେଳେ ଏଥିପାଇଁ ମହାପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଅଭିନେତ୍ରୀ କଙ୍ଗନା ରାଣାଓ୍ବତ୍ ପ୍ରକାଶ କରିଛନ୍ତି।

୦୮

୧୭

## ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ରର ମତଭେଦ ରହିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କର ୨/୩ ଟି ପ୍ରସଙ୍ଗରେ ମତଭେଦ ରହିଛି ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି।



### ହକି ବିଶ୍ୱକପ୍

ODISHA HOCKEY MEN'S WORLD CUP BHUBANESWAR 2018

ଫଳାଫଳ

**ଗୁରୁବାର**

ପ୍ରଥମ ମ୍ୟାଚ

ବେଲଜିୟମ-୨
ଜର୍ମାନୀ-୧

ଦ୍ୱିତୀୟ ମ୍ୟାଚ

ନେଦରଲାଣ୍ଡ୍ସ-୨
ଭାରତ-୧

### ଆଜିର ସମ୍ପାଦକୀୟ

ବୋଲକରା ହୁଅନା

### ଆଜିର ମନ୍ତବ୍ୟ

"୩ ହିନ୍ଦୀଭାଷୀ ରାଜ୍ୟର ବିଧାନସଭା ଫଳ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ।"
– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ରେ ୭.୪୧ କୋଟି ଆଧାର ନମ୍ବର ଜେନେରେଟ୍ ହୋଇଥିବା ବେଳେ ୯.୧୧ କୋଟି ନମ୍ବରର ଅପ୍‌ଡେଟ କରାଯାଇଛି।
–ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ

**CBSE Exam Mate**
ପୃଷ୍ଠା -୧୫


NATIONAL EGG CO-ORDINATION COMMITTEE  13.12.2018  Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ନେଦରଲାଣ୍ଡ୍ସ ୨-୧ ଗୋଲରେ ବିଜୟ ଲାଭ କରିଛି।

# ସେମିଫାଇନାଲରେ ବେଲଜିୟମ, ନେଦରଲାଣ୍ଡ୍ସ

ଭୁବନେଶ୍ୱର, ୧୩।୧୨ (କ୍ରୀଡ଼ା ପ୍ରତିନିଧି)

ଘରୋଇ ପରିବେଶ, ଭରପୂର ଦର୍ଶକ ସମର୍ଥନ, କଳିଙ୍ଗ ଷ୍ଟାଡିୟମର ନୂଆ ସର୍ଫେସରେ ଦୀର୍ଘ ୨ ମାସର ଅଭ୍ୟାସ କାମ ଦେଲାନି। ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏହାର ସଦୁପଯୋଗ କରି ନ ପାରି ଭାରତୀୟ ଦଳ ଶେଷରେ ହାର ମାନିଲା। ଗୁରୁବାର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ପୂର୍ବତନ

**ହକି ବିଶ୍ୱକପ୍**

ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ହରାଇ ବାଜି ମାରିଛି ବେଲଜିୟମ। ବିଶ୍ୱକପ ଇତିହାସରେ ପ୍ରଥମଥର ପାଇଁ ବେଲଜିୟମ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ପରେ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଆସନ୍ତା ଶନିବାର ଇଂଲଣ୍ଡ-ବେଲଜିୟମ ଓ ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ ସେମିଫାଇନାଲ ଅନୁଷ୍ଠିତ ହେବ।
(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

# ମାର୍ଚ୍ଚ ୭ରୁ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ୭ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ । ଏହା ୩୦ ତାରିଖ ଯାଏ ଚାଲିବ। ଜାନୁୟାରୀ ୨୮ରୁ ଫେବୃୟାରୀ ୨ ତାରିଖ ଯାଏ ବିଭିନ୍ନ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୭ରୁ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୮ ତାରିଖରୁ କଳା ବିଭାଗ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୭ ଓ ୮ ତାରିଖରେ ଓଡ଼ିଆ ଥିବାବେଳେ ୯ ଓ ୧୧ ତାରିଖରେ ଇଂଲିଶ ବିଷୟ ରହିଛି। ସେହିପରି ୧୨ ତାରିଖରେ ପଦାର୍ଥ ବିଜ୍ଞାନ, ଆକାଉଣ୍ଟାନ୍ସି, ୧୩ରେ ରାଜନୀତି ବିଜ୍ଞାନ, ୧୪ରେ ଇନଫରମେଶନ ☞ପୃଷ୍ଠା-୪

## ୩ ରାଜ୍ୟର ମୁଖ୍ୟମନ୍ତ୍ରୀ ଦୌଡ଼

# ଛିଣ୍ଡିଲାନି ହିସାବ

ନୂଆଦିଲ୍ଲୀ, ୧୩।୧୨

ତୁହାକୁ ତୁହା ବୈଠକ ଥରକୁ ଥର ବିଚାରବିମର୍ଶ। ୨ ଦିନର ମନ୍ଥନ ପରେ ମଧ୍ୟ ନିଷ୍ପତ୍ତି ନେଇପାରିଲେ ନାହିଁ କଂଗ୍ରେସ ହାଇକମାଣ୍ଡ। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ତୁଗ୍‌ଲକ୍ ଲେନ୍ ବାସଭବନରେ ଚାଲିଥିବା ମନ୍ତ୍ରଣା ଶେଷ ହୋଇପାରି ନାହିଁ। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ମଧ୍ୟରୁ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ ମଧ୍ୟ ଘୋଷଣା କରାଯାଇ ପାରିନାହିଁ।

ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ତାହା ଜାଣିବା ପାଇଁ ଉତ୍କଣ୍ଠା ଲାଗିରହିଥିଲା। ରାହୁଲଙ୍କ ନିଷ୍ପତ୍ତି ଉପରେ ରହିଥିଲା ସମସ୍ତଙ୍କ ନଜର। ଅପେକ୍ଷା ଥିଲା କେତେବେଳେ ହାଇକମାଣ୍ଡଙ୍କ ଫଇସଲା ଆସିବ। ରାହୁଲଙ୍କ ତୁଗ୍‌ଲକ୍ ଲେନ୍ ବାସଭବନରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ଝିଅ ପ୍ରିୟଙ୍କା ଭଦ୍ରା ପହଞ୍ଚିଥିଲେ। ସେପଟେ ରାଜସ୍ଥାନର ଏଆଇସିସି ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ, ମଧ୍ୟପ୍ରଦେଶର ଏ.କେ. ଆଣ୍ଟୋନି ଓ ଛତିଶଗଡ଼ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ବିଧାୟକ ଦଳ ବୈଠକର ନିଷ୍ପତ୍ତି ସମ୍ପର୍କରେ ରାହୁଲଙ୍କୁ ଅବଗତ କରାଇଥିଲେ। ଇତିମଧ୍ୟରେ ପାଇଲଟ୍, ଗେହଲଟ୍, ସିନ୍ଧିଆ ଓ କମଲନାଥଙ୍କ ସହ ରାହୁଲ ପୃଥକ୍ ଭାବେ ବୈଠକ କରି ଆଲୋଚନା କରିଥିଲେ। ୩ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ପାଇଁ ଜୋରଦାର ଲବି ଓ ସୁପାରିସ ମଧ୍ୟରେ ରାହୁଲ ସବୁ ପକ୍ଷଙ୍କ ମତାମତ ନେଇଥିଲେ। ସେପଟେ ରାହୁଲଙ୍କ ବାସଭବନ ସାମ୍ନାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ସମର୍ଥକଙ୍କ ଭିଡ଼ ଜମିବାରେ ଲାଗିଥାଏ। ଘୋଷଣା ଯେତିକି ବିଳମ୍ବ ହେଉଥାଏ ସ୍ଲୋଗାନ ଓ ନାରାବାଜି ସେତିକି ବଢ଼ିବାରେ ଲାଗିଥାଏ। ମାରାଥନ ବୈଠକ ପରେ ମଧ୍ୟପ୍ରଦେଶର ଆଶାୟୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ



ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାହୁଲ ଗାନ୍ଧୀ ଓ କମଲନାଥ ।

- କମଲନାଥ ହୋଇପାରନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ
- ଗେହଲଟ୍-ପାଇଲଟ୍‌ଙ୍କ ମଧ୍ୟରେ ଟଣାଓଟରା ଜାରି
- ରାହୁଲଙ୍କ ବାସଭବନରେ ମାରାଥନ ବୈଠକ
- ସୋନିଆ, ପ୍ରିୟଙ୍କା ଓ ବରିଷ୍ଠ ନେତା ଉପସ୍ଥିତ

କମଲନାଥଙ୍କୁ ଭୋପାଳ ଫେରିଯିବାକୁ କୁହାଗଲା। ଉଭୟେ ଭୋପାଳ ଫେରିବା ପରେ ରାତି ୧୦ଟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ କମଲନାଥଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସିନ୍ଧିଆ ଓ କମଲନାଥଙ୍କ ମଧ୍ୟରେ କିଛି ମତଭେଦ ନାହିଁ ବୋଲି ଦର୍ଶାଇବାକୁ ଯାଇ ରାହୁଲ ଉଭୟଙ୍କୁ ☞ପୃଷ୍ଠା-୪

# କେସିଆର୍‌ଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ

ହାଇଦ୍ରାବାଦ, ୧୩।୧୨ (ପି.ଟି.)

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ବିଧାୟକ ଦଳ ନେତା କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ରାଜଧାନୀ ହାଇଦ୍ରାବାଦସ୍ଥିତ ରାଜଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ଇଏସ୍ଏଲ୍ ନରସିଂହା ଅପରାହ୍ଣ ୧ଟା ୨୫ରେ କେସିଆର୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ



ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି କେ. ଚନ୍ଦ୍ରଶେଖର ରାଓ।

କରାଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ବିଧାନ ପରିଷଦ ସଦସ୍ୟ (ଏମ୍ଏଲ୍‌ସି) ମହମ୍ମଦ ମେହମୁଦ୍ ଅଲି ମଧ୍ୟ ଶପଥ ନେଇଛନ୍ତି। କେସିଆର୍ ତେଲୁଗୁରେ ଶପଥ ନେଇଥିବାବେଳେ ଅଲି ଉର୍ଦ୍ଦୁରେ ଶପଥପାଠ କରିଛନ୍ତି। ଶପଥଗ୍ରହଣ ଉତ୍ସବରେ କେସିଆର୍‌ଙ୍କ ସ୍ତ୍ରୀ ଶୋଭା ରାଓ, ପୁଅ କେ.ଟି. ରାମା ରାଓ, ଝିଅ କେ. କବିତା, ପୁତୁରା ହରିଶ ରାଓ, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୫ରୁ ୬ ଦିନ ମଧ୍ୟରେ ନୂଆ କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା କରାଯିବ ବୋଲି ୬୪ ବର୍ଷୀୟ କେସିଆର୍ କହିଛନ୍ତି। ପ୍ରକାଶ ଯେ, ୧୧୯ ସଦସ୍ୟ ବିଶିଷ୍ଟ ତେଲେଙ୍ଗାନା ବିଧାନସଭାର ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଟିଆର୍‌ଏସ୍‌କୁ ୮୮ ଆସନରେ ସଫଳତା ମିଳିଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନାକୁ ଭାରତର ୨୯ତମ ରାଜ୍ୟ ଭାବେ ମାନ୍ୟତା ମିଳିଥିଲା। ସେହିଦିନ କେସିଆର୍ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେସିଆର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ■ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ

# ମହିଳା ପ୍ରାର୍ଥୀ କାହାନ୍ତି

ସୁନିତ୍ ମିଶ୍ର
ଭୁବନେଶ୍ୱର, ୧୩।୧୨

ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ନିକଟରେ ଓଡିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହାପରେ ପ୍ରସ୍ତାବକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ନବୀନଙ୍କ ଚିଠି ରାଜ୍ୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ଠିକ୍ ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ ଶାସିତ ରାଜ୍ୟଗୁଡିକୁ ମହିଳା ସଂରକ୍ଷଣ ଆଇନ ବିଧାନସଭାରେ ଗୃହୀତ କରିବା ପାଇଁ ଚିଠି ଲେଖିଛନ୍ତି। ନବୀନଙ୍କ ପରେ ରାହୁଲଙ୍କ ଏହି ପଦକ୍ଷେପ ଯୋଗୁ ଉଭୟଙ୍କୁ ଜାତୀୟ ରାଜନୀତିରେ ଚର୍ଚ୍ଚିତ କରିଛି। ବିଜେଡି କିନ୍ତୁ ଚିଠି ଲେଖାରେ ସୀମିତ ନ ରଖି ଗୋଟିଏ ପାଦ ଆଗକୁ ଯାଇଛି। ଦଳ ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳ ସହ ଭେଟିବାକୁ ନିଷ୍ପତ୍ତି ହୋଇଛି। ଦଳୀୟ ନେତାମାନଙ୍କ ମଧ୍ୟରେ ଏନେଇ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ମାତ୍ର ରାଜ୍ୟର ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବେ ବିଜେଡି ୨୦୧୯ ନିର୍ବାଚନରେ ଏହି ପ୍ରସ୍ତାବକୁ ନିଜେ ପାଳନ କରିପାରିବ ନା ନାହିଁ ତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏହି ବିଲ୍ ଲୋକ ସଭାରେ ଗୃହୀତ ନ ହେଲେ ମଧ୍ୟ ସାଧାରଣ ନିର୍ବାଚନରେ ବିଧାନସଭା ଓ ଲୋକ ସଭା ଆସନରେ ବିଜେଡି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବା ଜରୁରୀ ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି।

ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଶାସକ ବିଜେଡି ଆଣିଥିବା ପ୍ରସ୍ତାବ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ବିଜେଡି ଆଣିଥିବା ପ୍ରସ୍ତାବକୁ ଆସନ୍ତା ନିର୍ବାଚନରେ ଯଦି ନିଜେ ପାଳନ ନ କରେ ତେବେ ବିରୋଧୀଙ୍କୁ ସମାଲୋଚନା କରିବାକୁ ଏକ ସୁଯୋଗ ମିଳିଯିବ। ୨୦୧୪ ସାଧାରଣ ନିର୍ବାଚନକୁ ଦେଖିଲେ ବିଜେଡି ୧୪୭ ବିଧାନସଭା ଆସନରୁ ୧୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ପରବର୍ତ୍ତୀ ସମୟରେ ବିଜେପୁର ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ଟିକେଟ ଦେଇଛି। ଅର୍ଥାତ୍ ବିଧାନସଭା ପାଇଁ ବିଜେଡି ୧୪ଜଣ ମହିଳାଙ୍କୁ ଟିକେଟ ଦେଇଛି। ଅନ୍ୟପଟେ ୨୧ ଲୋକ ସଭା ଆସନରୁ ୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ବର୍ତ୍ତମାନ ଯଦି ୩୩ ପ୍ରତିଶତ ନିୟମ ପାଳନ କରାଯାଏ ତେବେ ବିଧାନସଭା ପାଇଁ ବିଜେଡିକୁ ୪୯ ମହିଳାଙ୍କୁ ଟିକେଟ ଦେବାକୁ ପଡିବ। ଲୋକ ସଭା ଆସନ ପାଇଁ ୭ଜଣ ମହିଳା ☞ପୃଷ୍ଠା-୪




ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୪/୨୦୧୮



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ତୀର୍ଥଯାତ୍ରା ପାଇଁ ଡାକିନେଇ ରାଲିରେ ସାମିଲ କଲେ

■ବୃଦ୍ଧା ନିଖୋଜ, ଥାନାରେ ମାମଲା



ପଦ୍ମାବତୀ ବାରିକ

ବରଗଡ଼ ଅଫିସ,୧୩।୧୨: ବରଗଡ଼ ଅଞ୍ଚଳର ବିଭିନ୍ନ ଗ୍ରାମର ମହିଳା, ପୁରୁଷଙ୍କୁ ତୀର୍ଥଯାତ୍ରା ଆଳରେ ନେଇ ଦିଲ୍ଲୀର ଏକ ରାଲିରେ ସାମିଲ କରିବା ଏବଂ ଫେରିବା ବାଟରେ ଜଣେ ବୃଦ୍ଧା ନିଖୋଜ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ଅଭିଯୋଗ ହେବା ପରେ ବରଗଡ଼ ଟାଉନ ଥାନା ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଛି । ଏହି ଘଟଣାରେ ପୋଲିସ ଭେଡ଼େନ ଅଞ୍ଚଳର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଭେଡ଼େନ ଅଞ୍ଚଳର ଜଣେ ଯୁବକ ବରଗଡ଼ର ବରଢ଼ୋଲ, ଖେଦାପାଲି, ଡାଙ୍ଗ, ଚଢ଼େଇଗାଁ, କୁର୍ଲା ଆଦି ଅଞ୍ଚଳର ମହିଳା ପୁରୁଷଙ୍କୁ ତୀର୍ଥଯାତ୍ରାର ପ୍ରଲୋଭନ ଦେଖାଇ ଜଣପିଛା ୨୫୦୦ ଟଙ୍କା ଲେଖାଏ ସଂଗ୍ରହ କରିଥିଲେ । ଫଳରେ ଉକ୍ତ ଗ୍ରାମ ଗୁଡ଼ିକର ୨୩ଜଣଙ୍କ ସମେତ ଜିଲାର ଅନ୍ୟ ଅଞ୍ଚଳର ଲୋକେ ଗତ ନଭେମ୍ବର ୨୯ତାରିଖରୁ ସଂପୃକ୍ତ ଯୁବକଙ୍କ ସହିତ ଟ୍ରେନରେ ଯାତ୍ରା କରିଥିଲେ । ତେବେ ସେମାନଙ୍କୁ କୌଣସି ତୀର୍ଥସ୍ଥଳୀ ନେବା ପରିବର୍ତ୍ତେ ଡିସେମ୍ବର ୩ତାରିଖରେ ଦିଲ୍ଲୀରେ ହୋଇଥିବା ଏକ ରାଲିରେ ସାମିଲ କରାଯାଇଥିଲା । ସେଦିନଠାରୁ ପଦ୍ମାବତୀ ବାରିକ(୬୮) ଆଉ ଘରକୁ ଫେରି ନ ଥିବା ତାଙ୍କ ପୁଅ ବରଢ଼ୋଲ ସଡ଼କପଡ଼ାର କୈଳାସ ବାରିକ ଅଭିଯୋଗ କରିଛନ୍ତି । ଗତ ୧୧ତାରିଖରେ ଅନ୍ୟମାନେ ଘରକୁ ଫେରିଥିବାବେଳେ ରାୟପୁରରେ ପଦ୍ମାବତୀ ନିଖୋଜ ହୋଇ ଯାଇଛନ୍ତି ବୋଲି ତାଙ୍କୁ ତୀର୍ଥଯାତ୍ରାରେ ନେଇଥିବା ଭେଡ଼େନ ଅଞ୍ଚଳର ସମ୍ପୃକ୍ତ ଯୁବକ କହୁଥିବା କୈଳାସ ପ୍ରକାଶ କରିଛନ୍ତି। ପୋଲିସ ଏ ନେଇ ଏକ ନିଖୋଜ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ କହିଛନ୍ତି ।

■ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୧୦୦ ଦିନରେ ଓକିଲଙ୍କ ଆନ୍ଦୋଳନ

ସମ୍ବଲପୁର,୧୩।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ସମ୍ବଲପୁର ଜିଲା ଓକିଲ ସଂଘର ଆନ୍ଦୋଳନ ବୁଧବାର ୧୦୦ ଦିନରେ ପହଞ୍ଚିଛି । ଏନେଇ ଜିଲାର ସମସ୍ତ କୋର୍ଟ ସହ ସରକାରୀ କଳ ଅଚଳ ହୋଇପଡ଼ିଛି। ବିକାଶ ବାଧାପ୍ରାପ୍ତ ହୋଇଛି। ଏନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ସରକାର ଏଥିପ୍ରତି ନୀରବ ରହୁଥିବାରୁ ଅସନ୍ତୋଷ ବଢ଼ି ଚାଲିଛି । ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ପଡିବ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ଓକିଲମାନଙ୍କୁ ସମର୍ଥନ କରି ବିଭିନ୍ନ ଅନୁଷ୍ଠାନ ସଦସ୍ୟମାନେ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅନଶନ କରୁଛନ୍ତି। ଓକିଲମାନେ ପ୍ରତିଦିନ କଚେରି ଛକରେ ବିଚାରପତିମାନଙ୍କୁ କୋର୍ଟକୁ ନ ଯିବାକୁ ଅନୁରୋଧ କରି ଫେରାଇ ଦେଉଛନ୍ତି। ଦାବିକୁ ବ୍ୟାପକ କରିବା ନେଇ ସଂଘ ପକ୍ଷରୁ ନଭେମ୍ବର ୨୯ ଓ ୩୦ ତାରିଖ ମହାବନ୍ଦ ପାଳନ କରାଯାଇଥିଲା। ୨ଦିନ ରେଳ ସେବା ସାଙ୍ଗକୁ ଯାତାୟାତ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଆନ୍ଦୋଳନକୁ ସଫଳତା ମିଳିଥିବା ଓକିଲ ସଂଘ ଦାବି କରିଥିଲା। ଇତିମଧ୍ୟରେ ମହାବନ୍ଦ ଆନ୍ଦୋଳନକୁ ୧୨ ଦିନ ବିତିଯାଇଛି । ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁଛି । ଅଫିସଗୁଡ଼ିକ ବନ୍ଦ ଥିବାରୁ ଆୟ ଏବଂ ଜାତିଗତ ପ୍ରମାଣପତ୍ର ମିଳୁନାହିଁ । ଫଳରେ ପିଲାମାନେ ପାଠ ପଢିବା ସହ ଚାକିରି ପାଇଁ ଆବେଦନ କରିପାରୁ ନାହାନ୍ତି। ଅସହାୟମାନେ ରେଡ଼କ୍ରସରୁ ପାଣ୍ଠିରୁ ସାହାଯ୍ୟ ପାଇବାରେ ସମସ୍ୟା ହେଉଛି । ରେଜିଷ୍ଟ୍ରାର ଅଫିସ ବନ୍ଦ ଥିବାରୁ ଜମି ଜମା ବିକ୍ରୀ ଏକ ପ୍ରକାର ବନ୍ଦ ହୋଇଯାଇଛି। ମହାନଗର ନିଗମ ଓ ଜିଲା ପ୍ରଶାସନର ସମସ୍ତ ମୁଖ୍ୟ ବିଭାଗ ବନ୍ଦ ରହିଥିବା ବେଳେ ଜିଲାରେ ଉନ୍ନୟନ କାମ ବନ୍ଦ ପଡିଛି। କୌଣସି ନୂତନ କାମ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇ ପାରୁନାହିଁ। କାମ ସରିଥିବା ପ୍ରକଳ୍ପର ବିଲ୍ ଟଙ୍କା ଠିକାଦାରଙ୍କୁ ମିଳିପାରୁନାହିଁ । ତେଣୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହା ସର୍ବାଙ୍ଗୀନ ବିକାଶରେ ଡୋରି ବନ୍ଧା ହୋଇଛି । ପ୍ରାୟ ୧୦୦ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶହ ଶହ କୋଟି ଟଙ୍କାର ରାଜସ୍ୱହାନି ହୋଇଛି।



ସମ୍ବଲପୁର ଜିଲା ଓକିଲ ସଂଘ ଆନ୍ଦୋଳନରେ ବସିଛନ୍ତି ।

■ସରକାରୀ କଳ ଅଚଳ, ବିକାଶ ବିଧାପ୍ରାପ୍ତ
■ଦୁର୍ଦ୍ଦଶା ଭୋଗୁଛନ୍ତି ଜନସାଧାରଣ
■କେନ୍ଦ୍ର, ରାଜ୍ୟ ସରକାର ନୀରବ
■ସାଧାରଣ ନିର୍ବାଚନରେ ପଡ଼ିବ ଏହାର ପ୍ରଭାବ

ଏହାର ସୁଯୋଗ ନେଇ ବେପାରୀଙ୍କ ଚୋରା କାରବାର ବଢ଼ିଚାଲିଛି। ଏହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଛି। ସବୁ ଜାଣି ସରକାର ଚୁପ ହୋଇ ରହିଛନ୍ତି। ଲୋକ ଭୋଗୁଥିବା ସମସ୍ୟାକୁ ଅଣଦେଖା କରାଯାଉଛି। କୋର୍ଟ ବନ୍ଦ ଥିବାରୁ ଅଭିଯୁକ୍ତମାନଙ୍କ ଜାମିନ ମିଳିପାରୁ ନାହିଁ ଫଳରେ ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ରାଜ୍ୟ ସରକାର ଚିଠି ଲେଖି କେନ୍ଦ୍ର ସରକାର ଉପରେ ଦୋଷ ଦେଉଥିବା ବେଳେ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ରାଜ୍ୟ ସରକାର ଉପରେ ଦୋଷ ଲଦୁଛନ୍ତି।

## ଚେନ୍ନାଇ ମୁହାଁ ସାମୁଦ୍ରିକ ଝଡ଼ ରାଜ୍ୟରେ ଦୁଇଦିନ ବର୍ଷିବ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଡିପ୍ ଡିପ୍ରେଶନରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ରେ ରୂପାନ୍ତରୀତ ହେବାର ସମ୍ଭାବନା ରହିଛି। ଗୁରୁବାର ଏହା ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତିପଥ ବଦଳାଇଛି। ଦକ୍ଷିଣ-ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୧୦୭୦ କି.ମି. ଏବଂ ଦକ୍ଷିଣ-ଦକ୍ଷିଣ ପୂର୍ବ ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍ ଠାରୁ ୧୨୫୦ କି.ମି. ଦୂରରେ ଝଡ଼ କେନ୍ଦ୍ରୀଭୂତ ହୋଇଛି। ଏହା ଅଧିକ ବଳଶାଳୀ ହୋଇ ତାମିଲନାଡୁ ଏବଂ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଏହାର ବେଗ ଘଣ୍ଟା ପ୍ରତି ୧୧ କିଲୋମିଟର ରହିଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଓ ଉତ୍ତର ତାମିଲନାଡୁ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬ ଓ ୧୭ ତାରିଖରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଆସନ୍ତା ୧୭ ତାରିଖ ଯାଏ ଗଭୀର ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ତେବେ ଓଡ଼ିଶା ପ୍ରତି ପବନ କିମ୍ବା ପ୍ରବଳ ବର୍ଷାର ବିପଦ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଟ୍ରକ୍ କ୍ୟାବିନରୁ ମିଳିଲା ଡ୍ରାଇଭରଙ୍କ ମୃତଦେହ

ବରଗଡ଼ ଅଫିସ,୧୩।୧୨

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲପ୍ଲାଜା ନିକଟରେ ଛିଡ଼ା ହୋଇଥିବା ଏକ କଣ୍ଟେନର ଟ୍ରକ୍ (ନଂ.ଜିଜେ୧୫ଏଟି/୬୪୯୪)ରୁ ସ୍ଥାନୀୟ ଟାଉନ ଥାନା ପୋଲିସ ସେହି ଟ୍ରକ୍‌ର ଡ୍ରାଇଭରଙ୍କ ମୃତଦେହକୁ ଗୁରୁବାର ଉଦ୍ଧାର କରିଛି । ମୃତକ ଉତ୍ତରପ୍ରଦେଶ ରାଜ୍ୟ ଗାଜିପୁର ଜିଲା ଜମାନିଆ ଥାନା ଅନ୍ତର୍ଗତ ଲହୁଆର ନିବାସୀ ଇସ୍କିଆଦ୍ ଖାଁ(୫୫)। ମୃତଦେହକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତାଙ୍କ ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ କହିଛନ୍ତି । ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯୬/୧୮) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଡ୍ରାଇଭର ଇସ୍କିଆଦ ଉକ୍ତ ଟ୍ରକ୍‌କୁ କଲିକତାରୁ ବମ୍ବେ ନେଇ ଯାଉଥିଲେ । ବରାହଗୋଡ଼ା ଟୋଲପ୍ଲାଜାଠାରୁ ବରଗଡ଼ ପଟକୁ ପ୍ରାୟ ୩୦୦ ମିଟର ଦୂରରେ ଉକ୍ତ ଟ୍ରକ୍ ଥିବା ଏବଂ ଟ୍ରକ୍ କ୍ୟାବିନରେ ଡ୍ରାଇଭରଙ୍କ ମୃତଦେହ ପଡ଼ିଥିବା ବୁଧବାର ବିଳମ୍ବିତ ରାତ୍ରିରେ ପୋଲିସକୁ ସୂଚନା ମିଳିଥିଲା । ପୋଲିସ ସେଠାକୁ ପହଞ୍ଚି ଡ୍ରାଇଭରଙ୍କ ମୃତଦେହକୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ମୃତ ଡ୍ରାଇଭରଙ୍କ ପକେଟ୍‌ରୁ ୧୨ହଜାର ୫୦୦ ଟଙ୍କା ମିଳିଛି। ବୁଧବାର ରାତ୍ରି ପ୍ରାୟ ୧୦ଟା ୧୦ ମିନିଟ୍‌ରେ ଉକ୍ତ ଟ୍ରକ୍ ଟୋଲପ୍ଲାଜା ଅତିକ୍ରମ କରିଥିବା ଜଣାପଡ଼ିଛି । ମୃତ ଡ୍ରାଇଭରଙ୍କ କିଡ୍‌ନୀ ସମସ୍ୟା ଯୋଗୁ ତାଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବା ଟାଉନ ଥାନା ଆଇଆଇସି ଭୋଇ କହିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଯାତ୍ରୀବାହୀ ବସ୍ ଓଲଟିଲା

■ଜଣେ ମୃତ, ୧୧ ଆହତ

ବୌଦ୍ଧ,୧୩।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର କରଡାକୋଠା ଠାରେ ଗୁରୁବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି । ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ମିଳିଥିବା ସୂଚନା ମୁତାବକ ଜୟ ମାତାଦୀ ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍(ନଂ.ଓଡି୨୬-ସି-୯୮୭୭) ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ନୂଆପଡା ଜିଲା ସିନାପାଲି ଯାଉଥିଲା। ବିଳମ୍ବିତ ରାତିରେ ପୁରୁଣାକଟକ ଥାନା ନିକଟ କରଡାକୋଠାଠାରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଜଣେ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି । ମୃତକ ହେଲେ ନୂଆପଡ଼ା ଜିଲା ଖରିଆର ଥାନା ଅନ୍ତର୍ଗତ ଲାଲ ସାହେବପଡ଼ାର ଶାରଦା ପ୍ରସନ୍ନ ବଳ । ମୃତ ଶାରଦା ପ୍ରସନ୍ନ ଜୟକିଷାନ ନୋଡାଲ ଉଚ୍ଚ ବିଦ୍ୟାଳୟ ବରଗାଁର ବିଜ୍ଞାନ ଶିକ୍ଷକ ଥିଲେ । ଭୁବନେଶ୍ୱର ବିଜ୍ଞାନ ମେଳାରୁ ସେ ୨ ଛାତ୍ରଙ୍କୁ ନେଇ ଫେରୁଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ଖରିଆର ଜୁନାନୀର ରାମଲାଲ ସିଂହ(୪୨), ନୂଆପଡା ଜିଲା ବୋଡେନ ଥାନାର ଡମ୍ବରୁଧର ବଗର୍ତ୍ତୀ(୨୭), ନୟାଗଡ ଜିଲା ରାଜିଙ୍ଗ ଗ୍ରାମର ଗୋଲୋକ ବିହାରୀ ସାହୁ, ଢେଙ୍କାନାଳ ଜିଲା ପଥରଖମ୍ବ ଗ୍ରାମର ବିଷ୍ଣୁସେନ ସାହୁ(୫୫), ଗାଡ଼ି ଚାଳକ ବଲାଙ୍ଗୀରର ସୁମନ ହଂସ(୫୦) ଓ ପାଟଣାଗଡ଼ର ପବିତ୍ର ବାଗ(୪୦)ଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କୁ ବୌଦ୍ଧ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଡିର ଚାଳକ ସୁମନ ହଂସ ଓ ପବିତ୍ର ବାଗଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି । ଅନ୍ୟ ଆହତମାନେ ପୁରୁଣାକଟକ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ପୁରୁଣାକଟକ ଥାନା ପୋଲିସ ଏକ ମାମଲା(ନଂ.୧୫୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଏସ୍‌ଆଇ ବଳଭଦ୍ର ଗଣ୍ଡା ପ୍ରକାଶ କରିଛନ୍ତି।



ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଥିବା ଯାତ୍ରୀବାହୀ ବସ ।

## ମାରଣାସ୍ତ୍ର ଦେଖାଇ ଧାନ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍

ସୋନପୁର,୧୩।୧୨(ନି.ପ୍ର.)

ଦୁର୍ବୃତ୍ତମାନେ ମାଡ ମାରିବା ସହିତ ମାରଣାସ୍ତ୍ର ଦେଖାଇ ସମ୍ବଲପୁର ଜିଲାର ଦୁଇ ଧାନ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ କରିଛନ୍ତି । ବୁଧବାର ବିଳମ୍ବିତ ରାତିରେ ସୋନପୁର ଥାନା ଜନମୁରା ନିକଟରେ ଏହି ଘଟଣା ଘଟିଛି । ପୋଲିସ ତନାଘନା ଜାରି ରଖିଥିଲେ ହେଁ ଡକାୟତ ଦଳଙ୍କୁ ଗିରଫ କରାଯାଇପାରିନି। ପୋଲିସ ସୂଚନା ଅନୁଯାୟୀ ସମ୍ବଲପୁର ଜିଲା ଧମା ଥାନା ସାହାସପୁରର ଦୁଷ୍ମନ୍ତ ପଣ୍ଡା ଓ ଧମା ଥାନା ଲରାସରା ଗ୍ରାମର ତାଙ୍କ ସମ୍ପର୍କୀୟ ଭାଇ ତ୍ରିଲୋଚନ ପଣ୍ଡା ଧାନ କିଣିବାକୁ ଆସିଥିଲେ। ବୁଧବାର ବୌଦ୍ଧ ଜିଲା ପଲସାଗୋରା ଓ ରୁଣ୍ଡିମହୁଲ ଅଞ୍ଚଳରେ ଦୁହେଁ ବୁଲାବୁଲି କରିଥିଲେ ହେଁ ସେମାନଙ୍କୁ ଉଚିତ୍ ଦରରେ ଧାନ ମିଳି ନ ଥିଲା । ସେଠାରୁ ଫେରି ଦୁହେଁ ମନମୁଣ୍ଡାରେ ପହଞ୍ଚିଥିଲେ। କଥାବାର୍ତ୍ତା ସମୟରେ ଶିବା ନାମକ ଜଣେ ଯୁବକ ଧାନ କିଣାରେ ସହଯୋଗ କରିବା ବୋଲି କହିଥିଲେ। ସୋନପୁର ବ୍ଲକର ଜନମୁରା ଅଞ୍ଚଳରେ ଧାନ ମିଳିବ ବୋଲି ବିଶ୍ୱାସ ଜନ୍ମାଇଥିଲା। ଶିବ ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଓ ଧାନ ବ୍ୟବସାୟୀ ଦୁହେଁ ଅନ୍ୟ ଏକ ବାଇକ୍‌ରେ ଆସିଥିଲେ । ଏକ ପାଦଚଲା ରାସ୍ତାକୁ ଶିବ ବ୍ୟବସାୟୀଙ୍କୁ ନେଇ ଯାଇଥିଲେ। ପଡିଆ ପାଖରେ ପୂର୍ବରୁ ଲୁଚି ରହିଥିବା ୪ ଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲେ। ଲୁହା ରଡ ଓ ଅନ୍ୟ ମାରଣାସ୍ତ୍ରରେ ଦୁହିଁଙ୍କୁ ମାଡ଼ ମାରିବା ପରେ ତ୍ରିଲୋଚନଙ୍କ ପକେଟ୍‌ରେ ଥିବା ମନିପର୍ସ ଓ ମୋବାଇଲ ସେଟ୍ ଲୁଟି ନେଇଥିଲେ। ପର୍ସରେ ୩୭ ହଜାର ଟଙ୍କା ଥିଲା । ଦୁଷ୍ମନ୍ତ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗ ମାମଲାର ତଦନ୍ତ କରୁଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





CLASSIFIED DISPLAY









# ବିଦ୍ୟୁତ୍ ତାର ଲାଗି ମାଈହାତୀ ମୃତ



ବିଦ୍ୟୁତ୍ ତାର ଲାଗି ପ୍ରାଣ ହରାଇଥିବା ମାଈହାତୀ।

**ଦେବଗଡ଼, ୧୩।୧୨(ସ୍ୱ.ପ୍ର.)**

- ୧୨ ମାସର ଗର୍ଭିଣୀ ଥିଲା
- ବ୍ୟବଚ୍ଛେଦ ବେଳେ ପେଟରୁ ବାହାରିଲା ଶାବକ
- ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲାଇମୁରା ଅଞ୍ଚଳ ମୟୂରଡିମା ଗ୍ରାମରେ ବିଦ୍ୟୁତ୍ ତାର ଲାଗି ଗୁରୁବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀ ୧୨ ମାସର ଗର୍ଭିଣୀ ଥିଲା। ବ୍ୟବଚ୍ଛେଦବେଳେ ପେଟରୁ ଏକ ଅଣ୍ଡିରା ଶାବକ ବାହାରିଛି। ମୃତହାତୀର ବୟସ ୩୫ବର୍ଷ ହେବ ବୋଲି ବ୍ୟବଚ୍ଛେଦ କରିଥିବା ଭିଏସ୍ ଡ଼ା. ସତ୍ୟବ୍ରତ ମିଶ୍ର କହିଛନ୍ତି।

ହାତୀ ଧାନ ଖାଇବାକୁ ବିଲକୁ ଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ତଳକୁ ଓହଳିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲୋକେ ବିଲକୁ ଯାଇଥିବାବେଳେ ହାତୀ ମରି ପଡିଥିବା ଦେଖିଥିଲେ। ପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଦେବଗଡ଼ ରେଞ୍ଜ ଅଫିସର, ଲଇମୁରା ଫରେଷ୍ଟର ଓ ଫରେଷ୍ଟଗାର୍ଡଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଉଦ୍ଧାର କରିଥିଲେ। ମାର୍ଗଶିର ମାସ ଗୁରୁବାରରେ ହାତୀ ମୃତ୍ୟୁ ଘଟିଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତଦେହ ନିକଟରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ଏହି ଅଞ୍ଚଳରେ ୧୫ ଦିନ ହେଲା ୨୪ଟି ହାତୀ ଆସି ବ୍ୟାପକ ଧାନଫସଲ ନଷ୍ଟ କରୁଛନ୍ତି। ହାତୀ ଘଉଡ଼ାଇବା ପାଇଁ ସ୍ଥାନୀୟ ଲୋକେ ବନବିଭାଗକୁ ବାରମ୍ବାର ଖବର ଦେଇଥିଲେ ମଧ୍ୟ ବନବିଭାଗ କର୍ମଚାରୀ ଆସି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହାତୀ ମୃତ୍ୟୁକୁ ବିଦ୍ୟୁତ୍ ବିଭାଗର ଅବହେଳା ବୋଲି ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ।






# ତିତ୍ଲି ସହାୟତା ରାଶି ତୁରନ୍ତ ପ୍ରଦାନ କର

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ଗତ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ତିତ୍ଲି ଦ୍ୱାରା ଓଡ଼ିଶାର ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ରାଜ୍ୟ ସରକାର ଜାରି ରଖିଛନ୍ତି। କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ହେଲେ ଏଯାବତ୍ ରାଜ୍ୟ କୌଣସି କେନ୍ଦ୍ରୀୟ ସହାୟତା ପାଇ ନାହିଁ। ତେଣୁ ତୁରନ୍ତ ତିତ୍ଲି ସହାୟତା ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଛନ୍ତି।

ନବୀନ ପଟ୍ଟନାୟକ କହିଛନ୍ତି ଯେ, ତିତ୍ଲି ଦ୍ୱାରା ରାଜ୍ୟର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାର ନିଜ ତରଫରୁ ସହାୟତା ପ୍ରଦାନ କରିବା ସହ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏଥିସହିତ ଗତ ୧୮ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ନଭେମ୍ବର ପ୍ରଥମ ସପ୍ତାହରେ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ଗସ୍ତ କରିସାରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୧୬୮୯.୧୩ କୋଟି ଟଙ୍କାର ସହାୟତା ରାଜ୍ୟ ପକ୍ଷରୁ ଦିଆଯାଇ ସାରିଛି। ହେଲେ ବାକି ରହିଥିବା ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ସହାୟତାର ଆବଶ୍ୟକତା ରହିଛି। ତେଣୁ ତିତ୍ଲି କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି କେନ୍ଦ୍ର ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# 'ୱେବ୍‌ସାଇଟ୍‌ରେ ପ୍ରତିଫଳିତ ହେଉନାହିଁ ଥ୍ରୀ-ଟି ମନ୍ତ୍ର'

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନରେ ଥ୍ରି-ଟି ଅର୍ଥାତ୍ ଟ୍ରାନ୍ସଫରେନ୍ସି, ଟିମ୍‌ୱାର୍କ ଏବଂ ଟେକ୍ନୋଲୋଜି ନେଇ ମତ ରଖିଆସୁଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ତାହାକୁ ଠିକ୍ ଭାବରେ ଅନୁପାଳନ କରୁ ନ ଥିବା ଲକ୍ଷ୍ୟ କରାଯାଇଛି। ସିଏମ୍‌ଓ ଦ୍ୱାରା ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ସିଏମ୍‌ଓ ୱେବ୍‌ସାଇଟ୍(http://cm.odisha.gov.in)ରେ ଅପଲୋଡ୍ କରାଯାଇନାହିଁ। କେବଳ ସେତିକି ନୁହେଁ, ମନ୍ତ୍ରୀ ପରିଷଦରୁ ଦାମୋଦର ରାଉତ ବିଦା ହେବା ପରେ ମଧ୍ୟ ତାଙ୍କ ନାଁ ୱେବସାଇଟ୍‌ରେ ପୂର୍ବପରି ରହିଛି। ଯାହାକୁ ନେଇ କେତେକ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି।

ପ୍ରଶାସନିକ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ଶେଷ ଆଡ଼କୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଥାଏ। ହେଲେ ଚଳିତ ବର୍ଷ ତାହା ଠିକ୍ ଭାବେ ଅନୁପାଳନ କରାଯାଇନାହିଁ। ଉକ୍ତ ୱେବ୍‌ସାଇଟ୍‌ରେ ୨୦୧୦-୧୧ ଆର୍ଥିକ ବର୍ଷରୁ ୨୦୧୬-୧୭ ପର୍ଯ୍ୟନ୍ତ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ଅପଲୋଡ୍ କରାଯାଇଛି। ଏସମ୍ପର୍କରେ ରାଜ୍ୟ ମନ୍ତ୍ରୀ ପରିଷଦର ଜନୈକ କ୍ୟାବିନେଟ୍ ମନ୍ତ୍ରୀ କହିଛନ୍ତି ଯେ, ସେ ତାଙ୍କ ସମ୍ପତ୍ତି ତାଲିକା ସମ୍ପର୍କିତ ତଥ୍ୟ ସିଏମ୍‌ଓକୁ ଦେଇ ସାରିଛନ୍ତି। ସେହିପରି ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ମଧ୍ୟ ସମ୍ପତ୍ତି ତାଲିକା ଠିକ୍ ସମୟରେ ଦିଆଯାଇଛି। ଅନ୍ୟ ଜଣେ ବରିଷ୍ଠ ମନ୍ତ୍ରୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ପତ୍ତି ତାଲିକା ନିୟମିତ ପ୍ରଦାନ କରିବା ପ୍ରତ୍ୟେକ ଜନପ୍ରତିନିଧି ଏବଂ ମନ୍ତ୍ରୀଙ୍କ ଦାୟିତ୍ୱ। ଏଥିରେ କେହି ଅବହେଳା କରିବାର ପ୍ରଶ୍ନ ଉଠୁନାହିଁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମ୍ପତ୍ତିତାଲିକାର ପରିମାଣ ସମ୍ପର୍କରେ ସିଏମ୍‌ଓକୁ ଅବଗତ କରାଯାଇଛି। ଅପରପକ୍ଷରେ ଏନେଇ ସିଏମ୍‌ଓ ଜଣେ ବରିଷ୍ଠ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି କୌଣସି ମତାମତ ମିଳିପାରିନାହିଁ।


**THE KOSALA SCHOOL, Estd-1979**

English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027

Mob- 8249962606 / 8249564622 / 7682032632

**KOSALA ENTRANCE TEST 2019-20**

- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)







ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିଙ୍କ ସହ କୁନି ବୈଜ୍ଞାନିକମାନେ।

■ ଦ୍ୱାଦଶ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

# ବଛାହେଲେ ରାଜ୍ୟର ୨୦ କୁନି ଜ୍ୟୋତିର୍ବିଜ୍ଞାନୀ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ରାଜ୍ୟର ଶ୍ରେଷ୍ଠ ବିବେଚିତ ୨୦ଜଣ କୁନି ତଥା ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ପୁରସ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଟାଟା ଷ୍ଟିଲ୍ ଓ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୨୦୧୮-୧୯ ପ୍ରତିଯୋଗିତାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁବାର ପ୍ଲାନେଟାରିୟମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାରୁ ଶ୍ରେଷ୍ଠ ୨୦ ଯୁବ ମହାକାଶ ବିଜ୍ଞାନୀ ଚୟନ ପାଇଁ ଗତ ୪ ମାସ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୩୦ ଜିଲାର ୩୦୦ ବିଦ୍ୟାଳୟରୁ ୬୩,୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତବର୍ଷ ଏଥିରେ ୩୨,୦୦୦ ପ୍ରତିଯୋଗୀଙ୍କୁ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହାର ଦୁଇଗୁଣା ଅଧିକ ପ୍ରତିଯୋଗୀ ଭାଗନେଇଥିଲେ, ଯାହାକି ୧୨ବର୍ଷର ଇତିହାସରେ ପ୍ରଥମ ଥିଲା।

ଚଳିତବର୍ଷ ପ୍ରତିଯୋଗିତାର ଥିମ୍ 'ଇମାଜିନ୍ ସ୍ପେସ୍ ଏକ୍ସପ୍ଲୋରେଶନ, ୫୦ ଇୟର୍ସ ଫ୍ରମ୍ ନାଓ' ଥିବାବେଳେ ଏଥିରେ ପିଲାଙ୍କ ପାଇଁ କୁଇଜ୍

## ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଏବଂ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରୁ ଶ୍ରେଷ୍ଠ ବିବେଚିତ ୨୦ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ଯେକୌଣସି ଗବେଷଣା ସଂସ୍ଥାକୁ ପରିଦର୍ଶନରେ ନିଆଯିବ। ଚଳିତବର୍ଷ ଦ୍ୱାଦଶ ସଂସ୍କରଣରେ ପଦାର୍ପଣ କରିଥିବା ଏହି ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଦେଶର ଦୁଇ ପ୍ରମୁଖ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁଣେସ୍ଥିତ ଇଣ୍ଟର ୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମୀ ଆଣ୍ଡ୍ ଆଷ୍ଟ୍ରୋଫିଜିକ୍ସର ବରିଷ୍ଠ ପ୍ରଫେସର ତରୁଣ ସୌରାଦୀପ ଏବଂ ମୁମ୍ବାଇସ୍ଥିତ ର୍ୟାଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ଆନନ୍ଦ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ସାହୁ, ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍‌ର ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ୍ ର' ମ୍ୟାଟେରିଆଲ୍‌ସର ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅରୁଣ ମିଶ୍ର କହିଥିଲେ, ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆମ ଭବିଷ୍ୟତକୁ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାକୁ ଅଧିକ ଉପଯୋଗୀ କରିବାକୁ ଆମେ ଏଥିରେ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ କାମ କରୁଥିବା ଗବେଷକ, ବିଶେଷଜ୍ଞ ଏବଂ କେତେକ ଗ୍ରୁପ୍ ସହ ହାତ ମିଳାଇବାକୁ ନିଷ୍ପତ୍ତି ନେଇଛୁ। ଏହାସହ ମହାକାଶ ବିଜ୍ଞାନ ଓ ମହାକାଶ ଗବେଷଣା କ୍ଷେତ୍ରରେ କିଭଳି ଓଡ଼ିଶାରୁ ଅଧିକରୁ ଅଧିକ ପ୍ରତିଭା ଚିହ୍ନଟ ହୋଇପାରିବେ, ତାହା ଉପରେ ଗୁରୁତ୍ୱାରୋପ କରୁଛୁ। ସେହିପରି ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଭାବନା ଓ କଳ୍ପନାର ପରିପ୍ରକାଶ ସହିତ ଜ୍ଞାନ ବାଣ୍ଟିବାର ସୁଯୋଗ ପ୍ରଦାନ କରୁଛି ବୋଲି ଚାଣକ୍ୟ ଚୌଧୁରୀ ଏହି ଅବସରରେ କହିଥିଲେ।

# ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧି ବଢ଼ିଲା

କଟକ ଅଫିସ,୧୩।୧୨

ଆସନ୍ତା ମାଟ୍ରିକ ପରୀକ୍ଷା-୨୦୧୯ ପାଇଁ ଫର୍ମ ପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆଉ ଦୁଇଦିନ ବଢ଼ାଇ ଦେଇଛନ୍ତି। ବିନା ଜରିମାନାରେ ଫର୍ମପୂରଣ ନିମନ୍ତେ ଦେୟ ପୈଠ କରିବାର ଅନ୍ତିମ ସମୟ ଡିସେମ୍ବର ୧୩ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୫ ତାରିଖ ରାତି ୧୧ ଟା ୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏତଦ୍‌ବ୍ୟତୀତ ୧୬ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫର୍ମ ଦାଖଲର ବ୍ୟବସ୍ଥା ମଧ୍ୟ କରାଯାଇଛି। ତେବେ ଜରିମାନା ସହ ଫର୍ମପୂରଣ ସମୟ ସୀମା ଅପରିବର୍ତ୍ତିତ ରହିଛି। ଜରିମାନା ଦେଇ ଫର୍ମପୂରଣ କରିବାକୁ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଦେୟ ଦାଖଲର ଅନ୍ତିମ ସମୟ ୧୮ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ ହୋଇଛି। ଛାତ୍ରୀଛାତ୍ରମାନେ ୧୯ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ଫର୍ମଦାଖଲ କରିପାରିବେ। ବ୍ୟାଙ୍କିଙ୍ଗ୍ ଜରିଆରେ ଦେୟ ପୈଠରେ ସମସ୍ୟା ଯୋଗୁ ସମୟସୀମାକୁ ବୃଦ୍ଧି କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଥାଉକି ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍. www.bseodisha.ac.inରେ ଫର୍ମପୂରଣ ପ୍ରକ୍ରିୟା ଜାରି ରହିଛି।




■ ଶ୍ରୀମନ୍ଦିରରେ ଘୋଡ଼ ଲାଗି ବେଶ ଆରମ୍ଭ

# ଦାରୁଦିଅଁ ପିନ୍ଧିଲେ ଶୀତବସ୍ତ୍ର

ପୁରୀ ଅଫିସ,୧୩।୧୨

ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରରେ ଭଉଣୀ ଭାଇଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷାପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି। ସେହିପରି ଶୀତଦିନେ ମଧ୍ୟ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥାନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥାନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।

ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ ଲାଗି ବେଶ ଅନୁଷ୍ଠିତ ହୋଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ଭୋଗମଣ୍ଡପ ଘରେ ବୁଧବାର ରାତିରେ ଅଧିବାସ ହୋଇଥିବା ଘୋଡ଼ ବସ୍ତ୍ରଗୁଡ଼ିକୁ ପଟୁଆରରେ ଶ୍ରୀମନ୍ଦିରକୁ ସାଢ଼େ ତିନି ଘେରା ଏବଂ ରତ୍ନସିଂହାସନକୁ ସାଢ଼େ ତିନିଘେରା ପ୍ରଦକ୍ଷିଣ କରାଇ ରତ୍ନସିଂହାସନରେ ବିଜେ କରାଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ ଲାଗି କରିଥିଲେ। ଠାକୁରଙ୍କୁ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା।


ପତିତପାବନଙ୍କୁ ଘୋଡ଼ଲାଗି କରାଯାଇଛି।

# କୃଷ୍ଣପ୍ରସାଦରେ ବାର୍ଡ ଫ୍ଲୁ

ପୁରୀ ଅଫିସ/କୃଷ୍ଣପ୍ରସାଦ(ଡି.ଏନ.ଏ.) ୧୩।୧୨

■ ଆଜିଠାରୁ କୁକୁଡ଼ା ମରା ଅଭିଯାନ
■ କୁକୁଡ଼ା ମାଂସ, ଅଣ୍ଡା ବିକ୍ରି ଉପରେ କଟକଣା
■ ପହଞ୍ଚିଲେ ୧୦ଟି ରାପିଡ୍ ରେସପନ୍ସ ଟିମ୍
■ ୧୦ ଦିନ ଜିଲାରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ବନ୍ଦ



ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ଚଳିତ ବର୍ଷର ପ୍ରଥମ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ୧୦ ତାରିଖରେ ଭୋପାଳକୁ ପରୀକ୍ଷା ପଠାଯାଇଥିବ ନମୁନା ପଜିଟିଭ ଥିବା ଗୁରୁବାର ରିପୋର୍ଟ ପହଞ୍ଚିଛି। କୃଷ୍ଣପ୍ରସାଦର ବିଭିନ୍ନ ଅଞ୍ଚଳରେ ମରିଥିବା କାଉଙ୍କ ଦେହରେ ଏଚ୍‌ଫାଇଭଏନ୍‌ୱାନ୍ ଭୂତାଣୁ ଚିହ୍ନଟ ହେବା ପରେ ଏହାକୁ ନେଇ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ତ୍ୱରିତ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଥିବାବେଳେ ଏହା କିପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ସେଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ଗାଁରେ ଶୁକ୍ରବାରଠାରୁ ୧୦ଦିନ ପର୍ଯ୍ୟନ୍ତ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍(ଆରଆରଟି)କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯାଇଛି। ଏତଦ୍‌ବ୍ୟତୀତ କୁକୁଡା ମାଂସ, ଅଣ୍ଡା ଖାଇବା ଏବଂ ବିକ୍ରି ଉପରେ ୧୦ ଦିନ ପର୍ଯ୍ୟନ୍ତ କଟକଣା ଲଗାଯାଇଛି। ଜିଲାବ୍ୟାପୀ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମଧ୍ୟ ବନ୍ଦ କରାଯାଇଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରୁ ମିଳିଥିବା ସୂଚନା ମୁତାବକ, ପ୍ରାୟ ସପ୍ତାହେରୁ ଉର୍ଦ୍ଧ୍ୱ ହେବ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ଶତାଧିକ କାଉ ଓ ହଜାର ହଜାର କୁକୁଡ଼ାଙ୍କ ମୃତ୍ୟୁ ହେଉଥିଲା। ଭୁବନେଶ୍ୱରସ୍ଥିତ ପ୍ରାଣୀ ଗବେଷଣା କେନ୍ଦ୍ରର ଗବେଷକମାନେ ମୃତ କାଉ ଓ କୁକୁଡ଼ାଙ୍କ ରକ୍ତ, ମଳ ଆଦି ନମୁନା ସଂଗ୍ରହ କରିଥିଲେ। ଗତ ୧୦ ତାରିଖରେ ପ୍ରାୟ ୨୫୦ଟି ନମୁନା ଭୋପାଳସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜ୍ (ଏନ୍‌ଆଇଏଚ୍‌ଏସ୍‌ଏଡି)କୁ ପରୀକ୍ଷା ପାଇଁ ପଠାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକର ବୁଦ୍ଧିବର, ସାନସାହି, ପଥରଗଞ୍ଜା, ଅଳନ୍ଦା ଗ୍ରାମରୁ ଯାଇଥିବା ନମୁନାରୁ ଏହି ଭୂତାଣୁ ଚିହ୍ନଟ ହୋଇଥିବା ଜଣାପଡ଼ିବା ପରେ ଜିଲା ପ୍ରଶାସନ ସଜାଗ ହୋଇପଡ଼ିଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି, କୃଷ୍ଣପ୍ରସାଦର ୪ଟି ଗାଁରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଉପରୋକ୍ତ ୪ଟି ଗାଁର ୧ କିମି ପରିମିତ ଅଞ୍ଚଳରେ ଥିବା ସମସ୍ତ କୁକୁଡ଼ା ମରାଯାଇ ଜନବସତିଠାରୁ ଦୂରରେ ପୋତାଯିବ। ଏଥିସହ ଅଣ୍ଡା, କୁକୁଡ଼ା ଦାନା ଏବଂ କୁକୁଡ଼ା ଫାର୍ମରେ ବ୍ୟବହାର କରାଯାଉଥିବା ସମସ୍ତ ସରଞ୍ଜାମ ପୋତି ଦିଆଯିବ। ଏହି ଗାଁଗୁଡ଼ିକର ୧୦ କିମି ପରିମିତ ଅଞ୍ଚଳରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଗାଁରୁ ଯେପରି କୁକୁଡ଼ା କିମ୍ବା ଅଣ୍ଡା ବାହାରକୁ ଚାଲାଣ ନ ହେବ ସେଥିପାଇଁ ସମ୍ପୃକ୍ତ ଗାଁଗୁଡ଼ିକୁ ରାତିରେ ସିଲ୍ କରାଯାଇଛି। ସେହି ଅଞ୍ଚଳରେ କୁକୁଡ଼ା ମାଂସ, ଅଣ୍ଡା ବିକ୍ରି ଖର୍ଦ୍ଦି ନିଷେଧ କରାଯାଇଥିବା ବେଳେ କୌଣସି ଫାଷ୍ଟଫୁଡ୍ ଦୋକାନରେ ଏହା ଉପଲବ୍ଧ ହେବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଯେଉଁ ଚାଷୀଙ୍କ କୁକୁଡ଼ା ମରାଯିବ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍ ଆବଶ୍ୟକ ସରଞ୍ଜାମ ସହ ସମ୍ପୃକ୍ତ ଅଞ୍ଚଳକୁ ଯାଇଛନ୍ତି। ଏହି ୧୦ ଟିମ୍ ମଧ୍ୟରୁ ୫ଟି ଟିମ୍ ସଂକ୍ରମିତ ଅଞ୍ଚଳରେ କାମ କରିବେ। ବାର୍ଡ ଫ୍ଲୁ ସନ୍ଦେହ ହେଉଥିବା ଅଞ୍ଚଳରେ ୩ଟି ଟିମ୍ ଏବଂ ୨ଟି ଟିମ୍ ରିଜର୍ଭ ରହିବେ। ପ୍ରତି ଟିମ୍‌ରେ ୪ ଜଣ ସଦସ୍ୟ ରହିଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

ଏହାବ୍ୟତୀତ ବ୍ରହ୍ମଗିରି, ଡେଲାଙ୍ଗ, କଣାସ, ଗୋପ ବ୍ଲକର ବିଭିନ୍ନ ଅଞ୍ଚଳରୁ କୁକୁଡ଼ା, ବତକ ଆଦି ପକ୍ଷୀଙ୍କ ନାଳ, ରକ୍ତ, ମଳ ଆଦି ନମୁନା ଗୁରୁବାର ସଂଗ୍ରହ କରାଯାଇଛି। ସଂଗୃହୀତ ହୋଇଥିବା ୩୫୦ଟି ନମୁନା ଶୁକ୍ରବାର ଭୋପାଳ ପଠାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କୃଷ୍ଣପ୍ରସାଦ ବ୍ଲକର ବଡ଼ଅଁଳ, କୃଷ୍ଣପ୍ରସାଦ, ମାଲୁଦ, ବଜ୍ରକୋଟ, ଚାରିଛକ, ସିଆଣ୍ଡି, ସାନସୀମା, ତିତିପ, ବଡ଼ଝର, ଅଁଳାକୁଦା, ଚିଲିକା ନୂଆପଡ଼ା, ଜହ୍ନିକୁଦା ଆଦି ଗାଁରେ ଥିବା କୁକୁଡ଼ା ଫାର୍ମରେ କୁକୁଡ଼ା ମରୁଥିବା ଜଣାପଡ଼ିଛି।

■ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହଯୋଗ ଲୋଡ଼ିଲେ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ପ୍ରସ୍ତାବିତ ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ପ୍ରକଳ୍ପ ଓଡ଼ିଶାର ସ୍ୱାର୍ଥ ବିଶେଷକରି ଯୁବପିଢିଙ୍କ ପାଇଁ ଚାକିରି ଓ ରୋଜଗାର ସମ୍ଭାବନା ଆଣିଛି। ମାତ୍ର ରାଜ୍ୟ ସରକାର ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଦେଶର ଇସ୍ପାତ ପେଣ୍ଠସ୍ଥଳୀ ଭାବେ ଓଡିଶା ପରିଚିତ। ମାତ୍ର ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡିଶା ଗ୍ୟାସ ଓ ପେଟ୍ରୋକେମିକାଲ୍ସ ଶିଳ୍ପର ପେଣ୍ଠସ୍ଥଳୀ ଭାବେ ଦେଶରେ ପରିଚିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପାରାଦୀପ ପୂର୍ବ ଭାରତର ପେଟ୍ରୋଲିୟମ ଶିଳ୍ପର ପ୍ରବେଶ ପଥ ଭାବେ ବିକଶିତ ହେଉଛି। ୨୦୧୩-୧୪ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରରେ ପେଟ୍ରୋଲିୟମ ପଦାର୍ଥର ପରିବହନର ମାତ୍ରା ୧୭.୭୦ ଏମ୍‌ଏମ୍‌ଟି ଥିଲା। ୨୦୧୭-୧୮ ସୁଦ୍ଧା ଏହା ପାଖାପାଖି ଦୁଇଗୁଣା ହୋଇ ୩୩.୭୮ ଏମ୍‌ଏମ୍‌ଟିରେ ପହଞ୍ଚିଛି। ୪୦ ହଜାର କୋଟି ଟଙ୍କାର ୧୫ ଏମ୍‌ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପାରାଦୀପ ତୈଳ ରିଫାଇନେରି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ତୈଳ ଓ ଗ୍ୟାସ କ୍ଷେତ୍ରର ନୂଆ ନୂଆ ପ୍ରକଳ୍ପରେ ପୁଞ୍ଜି ନିବେଶ ହୋଇଛି । ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇଦେବା ମାମଲାରେ ୫ଟି ବୃହତ୍ ପ୍ରକଳ୍ପ ଲାଗି ଦୀର୍ଘଦିନର ଆବେଦନ ପଡି ରହିଛି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୫ରୁ ୨୫ଏମଏମ୍‌ଟିପିଏକୁ ପାରାଦୀପ ତୈଳ ବିଶୋଧନାଗାରର କ୍ଷମତା ବୃଦ୍ଧି, ପେଟ୍ କୋକ୍ ଗ୍ୟାସିଫିକେଶନ ପ୍ରକଳ୍ପ, ପିଏକ୍ସ/ପିଟିଏ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜାଗା, ଭଦ୍ରକରେ ଟେକ୍ସଟାଇଲ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବା ପାଇଁ ଦରଖାସ୍ତ ଦିଆଯାଇଥିଲା। ଏହାସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି । ଓଡିଶାରେ ପେଟ୍ରୋକେମିକାଲ ପ୍ରକଳ୍ପ ପାଇଁ ବିଦେଶରେ ରୋଡ ଶୋ' କରିଥିଲେ ମଧ୍ୟ ଇଣ୍ଡିଆନ୍ ଅଏଲ ସହଯୋଗରେ ଆସୁଥିବା ବିଭିନ୍ନ ପୁଞ୍ଜିନିବେଶକାରୀଙ୍କୁ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ତାଙ୍କ ଅନୁରୋଧ କ୍ରମେ ତାଇୱାନ ସରକାରଙ୍କ ପେଟ୍ରୋଲିୟମ ଫାର୍ମ ସିପିସି କର୍ପୋରେଶନ ୪୩ହଜାର କୋଟି ଟଙ୍କା ବିନିଯୋଗ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଜମି, ଜଳ, ବିଜୁଳି ଓ ପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି। ତାଇୱାନ ସରକାରଙ୍କ କମ୍ପାନୀ ସହ ଇଣ୍ଡିଆନ୍ ଅଏଲର ମୋଟ ୮୩ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ହେଲେ ଓଡିଶାର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଯୁବପିଢିମାନଙ୍କ ପାଇଁ ସହାୟକ ହେବ। ଉପଯୁକ୍ତ ସାହାଯ୍ୟ ଓ ସହଯୋଗ ଦେବା ପାଇଁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଚିଠିରେ ଅନୁରୋଧ କରିଛନ୍ତି।

## କାର୍ଯ୍ୟ ନୁହେଁ କଥାରେ ବିଶ୍ୱାସ କରନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଚିଠି ଲେଖିଛନ୍ତି, ତାହା ପ୍ରଚାର ସର୍ବସ୍ୱ। ଅନେକ ସମୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟଗୁଡିକରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ପ୍ରଦାନ କରିବାକୁ ଆବେଦନ କରାଯାଇଥାଏ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ରୀୟ ପ୍ରକଳ୍ପଗୁଡିକ ପାଇଁ ଗତ ୧୮ବର୍ଷ ମଧ୍ୟରେ ଅନେକ ଜମି ପ୍ରଦାନ କରିଛନ୍ତି। ଦକ୍ଷତାବିକାଶ ଅନୁଷ୍ଠାନ ପାଇଁ ମଧ୍ୟ ସରକାର ଜମି ଦେଇଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ତା'ଉପରେ ଗୋଟିଏ ଇଟା ମଧ୍ୟ ଦକ୍ଷତା ବିକାଶ କେନ୍ଦ୍ରମନ୍ତ୍ରୀ ରଖିପାରି ନାହାନ୍ତି। କାହିଁକି ଏ ପର୍ଯ୍ୟନ୍ତ ଜମି ଯୋଗାଇଦେବା ସତ୍ତ୍ୱେ ତାଙ୍କ ମନ୍ତ୍ରଣାଳୟ ଏହି କେନ୍ଦ୍ରୀୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାରେ ବିଫଳ ହୋଇଛନ୍ତି, ତା'ର ଉତ୍ତର ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ପ୍ରଶ୍ନ କରିଛନ୍ତି। ବାକ୍ୟ ଓ ପ୍ରଚାର ସର୍ବସ୍ୱ ନ ହୋଇ ଯଦି ଭାଜପା ଓ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟରତ ରୁହନ୍ତେ, ତେବେ ତାଙ୍କର ସ୍ଥାଣୁତା ଏ ପ୍ରକାର ଭାବେ ଲୋକଲୋଚନକୁ ଆସନ୍ତା ନାହିଁ। କେନ୍ଦ୍ରମନ୍ତ୍ରୀ କାର୍ଯ୍ୟ ନୁହେଁ, କେବଳ କଥାରେ ବିଶ୍ୱାସ କରନ୍ତି। ମାତ୍ର ରାଜ୍ୟ ସରକାର କଥାରେ ନୁହେଁ, କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି ସସ୍ମିତ କହିଛନ୍ତି।

# ଚିଠି ଲେଖି ଉଜ୍ଜ୍ୱଳାର ବିଫଳତା ଦର୍ଶାଇଲେ ସୂର୍ଯ୍ୟ

■ ଏହାକୁ ନେଇ ରାଜନୀତି ନ କରନ୍ତୁ ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ଉଜ୍ଜ୍ୱଳା ଯୋଜନାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବିବାଦ ଲାଗି ରହିଛି। ବିଜେଡି ଏହି ଯୋଜନା ରାଜ୍ୟରେ ବିଫଳ ହୋଇଥିବା କହୁଥିବା ବେଳେ ଭାଜପା ପାଲଟା ଆକ୍ରମଣ କରୁଛି। କିଛିଦିନ ତଳେ ବିଜେଡି ମହିଳା ସଂଗଠନ ପକ୍ଷରୁ ସମାନ ପ୍ରସଙ୍ଗ ନେଇ ଏକ ଖବରଦାତା ସମ୍ମିଳନୀ ଜରିଆରେ କେନ୍ଦ୍ରମନ୍ତ୍ରୀଙ୍କୁ ଏହି ଯୋଜନାର ସଫଳତା ନେଇ ଏକ ଶ୍ୱେତପତ୍ର ଜାରି କରିବା ପାଇଁ ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଜ୍ଜ୍ୱଳା ଯୋଜନା ରାଜ୍ୟରେ ବିଫଳ ହୋଇଥିବା କଥା ଦୋହରାଇଛନ୍ତି। ପାତ୍ର ଏନେଇ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଥରେ ଗ୍ୟାସ୍ ସଂଯୋଗ ନେବାପରେ ଆଉ ପରବର୍ତ୍ତୀ ସମୟରେ ରିଫିଲିଂ ପାଇଁ ଆସୁନାହାନ୍ତି। ଗ୍ୟାସ୍‌ର ଦର ଏତେ ଅଧିକ ହେଉଛି ଯେ, ସାଧାରଣ ଗରିବ ଲୋକଙ୍କ କ୍ରୟଶକ୍ତି ବାହାରକୁ ଚାଲିଯାଉଛି। ଖାଲି ମାଗଣାରେ ଗ୍ୟାସ୍ ସଂଯୋଗ ଦେଲେ ହେବନାହିଁ, ରିହାତି ଦରରେ କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଗ୍ୟାସ୍ ଯୋଗାଇବା ପାଇଁ ସହାୟତା କରନ୍ତୁ। ରାଜ୍ୟରେ ୩୫ଲକ୍ଷ ୧୬ହଜାର ୩୮୪ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମେ ୨୦୧୬-୧୭ ଆର୍ଥିକ ବର୍ଷରେ ୮ଲକ୍ଷ ୧୮ହଜାର ହିତାଧିକାରୀ ରିଫିଲିଂ ପାଇଁ ଆସିଥିଲେ। ଏହାର ଗୋଟିଏ ବର୍ଷପରେ ଅର୍ଥାତ୍ ୨୦୧୭-୧୮ରେ ଏହା ୬ଲକ୍ଷ ୪୫ଲକ୍ଷକୁ ହ୍ରାସ ପାଇଛି ବୋଲି ପାତ୍ର ତାଙ୍କ ଚିଠିରେ ଦର୍ଶାଇଛନ୍ତି।

ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଲେଖିଥିବା ଚିଠି ଉପରେ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଯୋଜନା ବିରୋଧରେ ବିଜେଡି ଓ ରାଜ୍ୟ ସରକାର ମିଥ୍ୟା ରାଜନୈତିକ ପ୍ରଚାର କରୁଛନ୍ତି। ଏଥିରୁ ଉଜ୍ଜ୍ୱଳା ଯୋଜନାକୁ ନେଇ ସେମାନଙ୍କର ଡରକୁ ପ୍ରମାଣିତ କରୁଛି । ମୋଦି ସରକାରଙ୍କ ଉଜ୍ଜ୍ୱଳା ଯୋଜନା ରାଜ୍ୟର ୪୧ ଲକ୍ଷ ଗରୀବ ପରିବାରର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ଉଜ୍ଜ୍ୱଳା ଓଡିଶାକୁ ଶତ ପ୍ରତିଶତ ଧୁଆଁ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସହଯୋଗ କରନ୍ତୁ। ଏଥିପାଇଁ ଅନୁରୋଧ କରିବା ସହ ଏହି ପବିତ୍ର ଯୋଜନାକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରୁଛି । ୨୦୧୪ ମେ ପୂର୍ବରୁ ରାଜ୍ୟରେ ସର୍ବମୋଟ ୧୯ଲକ୍ଷ ଏଲପିଜି ସଂଯୋଗ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୭୨.୫ ଲକ୍ଷରେ ପହଞ୍ଚିଛି । ଏଥିରେ ୪୧ ଲକ୍ଷ ଗରୀବ ପରିବାର ସାମିଲ ହୋଇ ପାରିଛନ୍ତି, ଏହା ରାଜ୍ୟ ସରକାର ଭୁଲିବା ଉଚିତ ନୁହେଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

ମୋର ବିଶ୍ୱାସ ଭାରତର ଦୁର୍ଦ୍ଦଶାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ।
-ଶ୍ରୀଅରବିନ୍ଦ



# ବୋଲକରା ହୁଅନ୍ତୁ ନା

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ପଦରୁ ଉର୍ଜିତ ପଟେଲଙ୍କ ଆକସ୍ମିକ ବିଦାୟ ଏବଂ ଅବିଳମ୍ବେ ତାଙ୍କ ସ୍ଥାନରେ ଭୁବନେଶ୍ୱର-ଜନ୍ମିତ ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କୁ ନିଯୁକ୍ତି ଦିଆଯିବା ଘଟଣା ପଛରେ କିଛି ରହସ୍ୟ ରହିଛି। କାରଣ ଶକ୍ତିକାନ୍ତ ଅତୀତରେ ମୋଦି ସରକାରଙ୍କ ବହୁ ଆସ୍ଫାଳନଭରା ବିମୁଦ୍ରୀକରଣ କାର୍ଯ୍ୟର ତଦାରଖ କରିଥିଲେ। ତୁଙ୍ଗ ଅଧିକାରୀମାନଙ୍କୁ ଆକସ୍ମିକ ଭାବେ ଅଦଳବଦଳ କରିବା ଏ ସରକାରଙ୍କ ପାଇଁ କିଛି ନୂଆ କଥା ନୁହେଁ। ପଟେଲଙ୍କ ପୂର୍ବରୁ ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଘଟିବାରୁ ରଘୁରାମ ରାଜନ୍‌ଙ୍କୁ ସରକାରଙ୍କ କ୍ରୋଧର ଶରବ୍ୟ ହେବାକୁ ପଡ଼ିଥିଲା। ତାଙ୍କ ପୂର୍ବରୁ ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ଇସ୍ତଫା ଦେଇଥିଲେ। ପଟେଲଙ୍କ ବିଦାୟ ବେଳକୁ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ନେଇ ସରକାରଙ୍କ ସହ ଏହାର ବିବାଦ ଚରମରେ ପହଞ୍ଚିଥିଲା। କେନ୍ଦ୍ର ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ଏକ ବ୍ୟତିକ୍ରମ ବଦଳରେ ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି। ଗତ ଦେଢ଼ ଦଶନ୍ଧି ଭିତରେ ଏହା ଚରମରେ ପହଞ୍ଚିଛି।

ପଟେଲ ଇସ୍ତଫା ଦେବାର ୨୪ ଘଣ୍ଟା ଭିତରେ ଦାସଙ୍କ ନାମ ଘୋଷଣା କରାଯିବା ଏକ ଅପ୍ରତ୍ୟାଶିତ ଘଟଣା ନୁହେଁ, ବରଂ ଏହା ସୁଚିନ୍ତିତ ଭାବେ କରାଯାଇଛି। ସରକାରଙ୍କ ପାଖରେ ସର୍ବଦା 'ହାଁ ଜୀ' କରିବା ପାଇଁ ଜଣାଶୁଣା ବାବୁ ଶକ୍ତିକାନ୍ତ ଦାସ ମଧ୍ୟ ଏହା ଜଣାଇ ଦେଇଛନ୍ତି ଯେ, ସରକାର ନଇଁବାକୁ କହିଲେ ସେ ଗୁରୁଣ୍ଡିବାକୁ ପ୍ରସ୍ତୁତ। ତାଙ୍କ ନାମ ଘୋଷଣା ହେବାର ଇତିମଧ୍ୟରେ ୨୪ ଘଣ୍ଟା ବି ଅତିକ୍ରାନ୍ତ ହୋଇନାହିଁ, ସେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି ଯେ, ସେ ସରକାରଙ୍କ ସହ ଶାନ୍ତିପୂର୍ଣ୍ଣ ସମ୍ପର୍କ ରକ୍ଷା କରିବେ। ଏଥିରୁ ଜଣାପଡ଼ୁଛି ଯେ, ସେ କେବେହେଲେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସରକାରଙ୍କ ସହ ମୁହାଁମୁହିଁ ହେବେ ନାହିଁ। ମାତ୍ର ତାହା ସ୍ପୃହଣୀୟ ନୁହେଁ। ରିଜର୍ଭ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଜଣେ 'ହାଁ ଜୀ' ମଣିଷ କେବେହେଲେ ବ୍ୟାଙ୍କର ଉତ୍ତମ ଭାବମୂର୍ତ୍ତି ରକ୍ଷାରେ ସହାୟକ ହୋଇପାରିବେ ନାହିଁ। ବିଶ୍ୱ ବଜାର ତଥା ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଏହାକୁ ଭଲ ଦୃଷ୍ଟିରେ ଦେଖିବ ନାହିଁ। ୨୦୦୮ରେ ଦେଖାଦେଇଥିବା ବିଶ୍ୱ ମାନ୍ଦାବସ୍ଥା ଏବଂ ପୂର୍ବ ଏସୀୟ ଅଚଳାବସ୍ଥା ସମୟରେ ଆମ ରିଜର୍ଭ ବ୍ୟାଙ୍କ ଭଲ ପ୍ରଦର୍ଶନ କରିଥିଲା। ସାରା ବିଶ୍ୱରେ ଆମ ରିଜର୍ଭ ବ୍ୟାଙ୍କର ସମ୍ମାନ ବଢ଼ିଥିଲା। କାରଣ ବିଶ୍ୱ ମାନ୍ଦାବସ୍ଥା ସମୟରେ

## ଆଜିର ଅର୍ଥନୀତି

ଏହା ଭାରତୀୟ ଅର୍ଥନୀତିକୁ ତା'ର ପ୍ରଭାବରୁ ମୁକ୍ତ ରଖିବାରେ ଅନେକାଂଶରେ ସଫଳ ହୋଇଥିଲା। ଏଥିପାଇଁ ଆମ ସରକାର କିଛି ପରିମାଣରେ ସମ୍ମାନର ଅଧିକାରୀ ହୋଇଥିଲେ। ତେବେ ସରକାରଙ୍କ ସହ ବ୍ୟାଙ୍କ ବୁଝାମଣା କରିବା ଫଳରେ ଚଳିତ ବର୍ଷ ସେହି ସମ୍ମାନ କିଛି ପରିମାଣରେ ହ୍ରାସ ପାଇଛି। ଗତ କିଛି ମାସ ଭିତରେ ଘଟିଥିବା ଘଟଣା ଏକ ପ୍ରକାର ଆନୁଷ୍ଠାନିକ ସଙ୍କଟକୁ ଡାକି ଆଣିଛି। ଏବେ ଯେଉଁ ପରିସ୍ଥିତିରେ ଦାସ ବ୍ୟାଙ୍କର ମୁଖ୍ୟ ପଦରେ ନିଯୁକ୍ତ ହେଲେ, ସେ କେବେହେଲେ ସମୀକ୍ଷାକୁ ଏଡ଼ାଇଯାଇ ପାରିବେ ନାହିଁ। ତାଙ୍କର ଅଧିକାଂଶ ପୂର୍ବସୂରିଙ୍କ ଭଳି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଶେଷ ଅନୁଭୂତିକୁ ନେଇ ସେ ଏହି ପଦରେ ନିଯୁକ୍ତ ହୋଇନାହାନ୍ତି। ତେବେ ନର୍ଥ ବ୍ଲକ୍‌ରେ ତାଙ୍କର ପୂର୍ବ ଭୂମିକାକୁ ନେଇ ଓ ଅର୍ଥନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ନ ଥିବା ଯୋଗୁ ସେ ରିଜର୍ଭ ବ୍ୟାଙ୍କର ନୂତନ ଗଭର୍ନର ଭାବେ କ'ଣ କରିପାରିବେ ବା ନ ପାରିବେ ତାହା ଆମେ ବିଚାର କରିବା ଠିକ୍ ହେବ ନାହିଁ। ଆର୍‌ବିଆଇର ପଞ୍ଚବିଂଶ ଗଭର୍ନର ଭାବେ ସେ କ'ଣ କରୁଛନ୍ତି, ତାହା ଦେଖିବା ପରେ ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରିବା ଯୁକ୍ତିଯୁକ୍ତ ହେବ।

ମୋଦି ସରକାର ଏବେ ତାଙ୍କ ଅବଧିର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ବେଳେ ନିକଟରେ ପାଞ୍ଚଟି ରାଜ୍ୟରେ ହୋଇଥିବା ନିର୍ବାଚନ ଫଳାଫଳକୁ ନେଇ ଯେପରି ଭାବେ ଦୋହଲିଯାଇଛନ୍ତି, ତାହା ଆଗରୁ କେବେ ଘଟି ନ ଥିଲା। ଦେଶର ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଶାସକ ଦଳର ଗୈରିକ ରଙ୍ଗ ଧଳା ହୋଇଯାଇଛି। ତେଲେଙ୍ଗାନା ଓ ମିଜୋରାମରେ ବି ଦଳ ଭଲ ପ୍ରଦର୍ଶନ କରିପାରି ନାହିଁ। ଦଳ ଯାହା ଦାବି କରୁଥିଲା, ତାହା ସମ୍ପୂର୍ଣ୍ଣ ଓଲଟା ଘଟିଲା। ଏପରି କି ପ୍ରଥମ ଭୋଟ ଗଣତି ଆରମ୍ଭ ହେବା ପୂର୍ବରୁ ହିଁ ଦଳ ନିଜ ବିପର୍ଯ୍ୟୟର ଗନ୍ଧ ବାରିପାରିଥିଲା। ଜନମତ ସର୍ଭେରୁ ଏହି ପୂର୍ବାନୁମାନ ପ୍ରକାଶ ପାଇଥିଲା। ଦେଶ ସାରା କୃଷକମାନଙ୍କ ଦୁର୍ଦ୍ଦଶା ଓ ଅସନ୍ତୋଷକୁ ଭାଜପାର ନିର୍ବାଚନୀ ପତନର କାରଣ ଭାବେ ଦର୍ଶାଯାଉଛି। ତେଣୁ ସରକାର ଦେଶର ଅର୍ଥନୀତିକୁ ସୁଧାରିବା ଦରକାର ଏବଂ ଆର୍‌ବିଆଇ ଯଦି ଉଚିତ ପଦକ୍ଷେପ ନ ନିଏ, ତେବେ ତାହା ସମ୍ଭବ ହୋଇପାରିବ ନାହିଁ। ୧୧ଟି ଦୁର୍ବଳ ବ୍ୟାଙ୍କ ପାଇଁ ଋଣ ପ୍ରଦାନର ନିୟମକୁ ଆର୍‌ବିଆଇ କୋହଳ କରୁ ବୋଲି ସରକାର ଚାହାନ୍ତି। ସରକାର ଚାହାନ୍ତି ଆର୍‌ବିଆଇ ତା'ର 'ଫେବୃୟାରୀ ସର୍କୁଲାର'କୁ ପ୍ରତ୍ୟାହାର କରିନେଉ, ଯାହାଦ୍ୱାରା ବ୍ୟାଙ୍କଗୁଡ଼ିକ ସମସ୍ତ ଅସମାହିତ ଋଣ ମାମଲାକୁ ଆଇବିସି ଅଧୀନକୁ ଆଣିବାକୁ ବାଧ୍ୟ ହେଉଛନ୍ତି। ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ପାଇଁ ମଧ୍ୟ ସରକାର ଚାହାନ୍ତି ରିଜର୍ଭ ବ୍ୟାଙ୍କ ତାଙ୍କର ମାତ୍ରାଧିକ ରିଜର୍ଭ (ଟଙ୍କା) ପ୍ରଦାନରେ ସହଯୋଗ କରୁ। ଆମେ ଆଶା କରୁଛୁ ନୂଆ ଗଭର୍ନର ସରକାରଙ୍କ ବୋଲକରା ତଥା ସୁବିଧାବାଦୀ ନ ହୋଇ ନିଜର ପଦମର୍ଯ୍ୟାଦା ତଥା ସର୍ବୋଚ୍ଚ ବ୍ୟାଙ୍କର ଉଚ୍ଚ ପରମ୍ପରାକୁ ବଜାୟ ରଖିବେ। ସେ ନିଜର ତଥା ବ୍ୟାଙ୍କର ସ୍ୱତନ୍ତ୍ରତାକୁ କିପରି ଗୁରୁତ୍ୱ ଦେଉଛନ୍ତି, ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରାଯିବ। ସେଥିରେ ହାନି ଘଟିଲେ ବିତ୍ତ ବଜାର ତଥା ନିବେଶକମାନେ ତାକୁ ଭଲ ଦୃଷ୍ଟିରେ ନେବେ ନାହିଁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | 0 | | 7 | | | 6 | | | 3 | | 1 | A | |
| | A | 9 | | 3 | | | | C | | | | | | 7 |
| | | | | | | 1 | | | | | 8 | 9 | B | |
| | | | | 1 | 5 | | 2 | | | E | | | | |
| | | 4 | | | | A | D | E | C | | | 6 | | |
| | | | | 2 | | 6 | | 4 | | | 9 | | | |
| D | | 2 | 3 | | B | | 8 | 7 | | | 0 | | 9 | C |
| | | | | 5 | | | | A | | | 2 | | | |
| | B | | | | | | 1 | | 8 | C | | | 0 | |
| 1 | | | 6 | C | | | | | | A | 4 | 3 | 5 | |
| | | 3 | | | | 5 | | | | | B | | 6 | 0 |
| 2 | | A | | | | 0 | B | 3 | E | | 6 | | | |
| | C | | | | 7 | D | | | 1 | 0 | | 8 | | |
| | E | | | | | 4 | | | | | | | 7 | |
| | | 7 | B | 9 | D | | | | | 2 | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 6 | D | 3 | 1 | 0 | A | C | 9 | 7 | 2 | 4 | 5 | B |
| 7 | 5 | 4 | 0 | 8 | A | 6 | B | E | 1 | C | 3 | D | 9 | 2 |
| 3 | 9 | C | 6 | 2 | B | 7 | D | 1 | E | 5 | 4 | 0 | A | 8 |
| B | A | 2 | 4 | 7 | 5 | 8 | 3 | 9 | 0 | 6 | D | E | 1 | C |
| 1 | D | 0 | 9 | E | C | 5 | 4 | 2 | A | 8 | B | 7 | 3 | 6 |
| C | 1 | 7 | 3 | 9 | 2 | A | E | 6 | 8 | D | 0 | 5 | B | 4 |
| 0 | 2 | 3 | 5 | B | D | 1 | C | 8 | 4 | A | 9 | 6 | E | 7 |
| 5 | 6 | A | 7 | 0 | E | 4 | 2 | 3 | C | B | 1 | 8 | D | 9 |
| D | E | 9 | A | 4 | 8 | B | 7 | 0 | 6 | 2 | 5 | 1 | C | 3 |
| 4 | B | 8 | 1 | C | 6 | D | 9 | 5 | 3 | E | 7 | 2 | 0 | A |
| 2 | 0 | 5 | E | 1 | 7 | 3 | 8 | 4 | B | 9 | A | C | 6 | D |
| 8 | 4 | E | B | D | 3 | C | 1 | A | 7 | 0 | 6 | 9 | 2 | 5 |
| 6 | 7 | D | 8 | A | 9 | 2 | 0 | B | 5 | 1 | C | 3 | 4 | E |
| 9 | 3 | B | C | 6 | 0 | E | 5 | D | 2 | 4 | 8 | A | 7 | 1 |
| A | C | 1 | 2 | 5 | 4 | 9 | 6 | 7 | D | 3 | E | B | 8 | 0 |

ଗତକାଲିର ଉତ୍ତର



ଡ. ଗୌରୀଶଙ୍କର ସାହୁ

# ବିରଳ ଗଙ୍ଗାଜଳ

ଗଙ୍ଗାନଦୀ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହିନ୍ଦୁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ପାପନାଶିନୀ ଓ ମୋକ୍ଷଦାୟିନୀ ବୋଲି ବିଶ୍ୱାସ ରହିଛି। ଲୋକେ ଗଙ୍ଗାନଦୀ ନୁହେଁ ବରଂ ଗଙ୍ଗାମାତା ବୋଲି କହିଥାନ୍ତି। ଏସବୁ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯେ ଗଙ୍ଗାଜଳ ବିରଳ ଏ ସମ୍ବନ୍ଧରେ ଆଲୋଚନା ଖୁବ୍ କମ୍ ହୁଏ। ଗଙ୍ଗାଜଳର ରୋଗପ୍ରତିରୋଧକ କ୍ଷମତା ସମ୍ବନ୍ଧୀୟ ଗବେଷଣାତ୍ମକ ନିଷ୍କର୍ଷ ମଧ୍ୟ ବହୁତ କମ୍ ଲୋକ ଜାଣନ୍ତି, ଯଦିଓ ଆମେ ସମସ୍ତେ ଅନୁଭବ କରୁଛେ ଯେ, ଗଙ୍ଗାଜଳ ବାକି ନଦୀର ଜଳଠାରୁ ଭିନ୍ନ। ସାଧାରଣ ନଦୀ, କୂଅ, ପୋଖରୀର ଜଳକୁ ବୋତଲରେ ବନ୍ଦ କରି ରଖିଲେ କିଛିଦିନ ପରେ ସେଥିରୁ ଦୁର୍ଗନ୍ଧ ବାହାରିବ କିନ୍ତୁ ଗଙ୍ଗାଜଳ ବର୍ଷ ବର୍ଷ ଧରି ସତେଜ ରହିଥାଏ। ତେଣୁ ଘରେ ଗଙ୍ଗାଜଳ ରଖି ଆବଶ୍ୟକ ଅନୁସାରେ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏ, ଦୀର୍ଘଦିନ ଧରି।

ପ୍ରତିଦିନ ହଜାର ହଜାର ଲୋକ ଗଙ୍ଗାନଦୀ କୂଳରେ ଅବସ୍ଥିତ ଧାର୍ମିକ ସ୍ଥଳୀଗୁଡ଼ିକୁ ତୀର୍ଥ କରିବାକୁ ଯାଆନ୍ତି। ଦର୍ଶନ ପୂର୍ବରୁ କେହି ଗଙ୍ଗାନଦୀରେ ସ୍ନାନ କରିବାକୁ ଭୁଲନ୍ତି ନାହିଁ। ଉତ୍ତରପ୍ରଦେଶର ପ୍ରୟାଗରାଜ ସହର ନିକଟବର୍ତ୍ତୀ ଗଙ୍ଗାନଦୀ କୂଳରେ ତ ପ୍ରତି ବାରବର୍ଷରେ ଥରେ ଯେଉଁ କୁମ୍ଭମେଳା ଅନୁଷ୍ଠିତ ହୁଏ ସେଠାରେ ବିଶ୍ୱର ସବୁଠାରୁ ଅଧିକ ଜନସମାଗମ ହୁଏ। ତଥାପି କୁମ୍ଭମେଳା ସମୟରେ ମହାମାରୀ ନ ବ୍ୟାପିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଏହା ବିଶିଷ୍ଟ ବ୍ରିଟିଶ ଗବେଷକ ପ୍ରଫେସର ଅର୍ଣ୍ଣେଷ୍ଟ ହାନ୍‌ବରୀ ହାନ୍‌କିନ୍‌ଙ୍କୁ ଗବେଷଣା ପାଇଁ ଆକୃଷ୍ଟ କରିଥିଲା। ସେ ଭାରତ ଆସି ଗଙ୍ଗାନଦୀ କୂଳରେ ଡେରା ପକାଇଲେ। ଦୀର୍ଘଦିନର ଗବେଷଣା ପରେ ସେ ଯେଉଁ ନିଷ୍କର୍ଷର ଉନ୍ମୋଚନ କରିଥିଲେ ତାହା ଯୁଗାନ୍ତକାରୀ ଥିଲା। ସେ ପ୍ରମାଣିତ କରି ଦେଖାଇଲେ ଯେ ହଇଜା ରୋଗର କାରକ 'ଭାଇବ୍ରିଓ କଲେରୀ' ନାମକ ଅଣୁଜୀବ ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୩ ଘଣ୍ଟାରେ ମୃତ୍ୟୁବରଣ କରୁଛନ୍ତି। ଏହା ପୂର୍ବରୁ ପ୍ରଫେସର କ୍ରିଲୋଭ୍ ରୁଷର ପ୍ରସିଦ୍ଧ ନଦୀ ଭଲ୍‌ଗାର ଜଳ ଉପରେ ଗବେଷଣା କରି ଦେଖିଥିଲେ ଯେ, ଏହି ନଦୀର ଜଳରେ 'ଭାଇବ୍ରିଓ କଲେରୀ' ଅଣୁଜୀବ ପ୍ରାୟ ୫୬୮ ଦିନ ଧରି ବଞ୍ଚିରହୁଛି। ଜାପାନୀ ବୈଜ୍ଞାନିକ ୟାନୋ ଗବେଷଣା କରି ଦେଖାଇଥିଲେ ଯେ, ବିଶୁଦ୍ଧ ଜଳରେ ପ୍ରାୟ ୨୪୫ ଦିନ ପର୍ଯ୍ୟନ୍ତ ବଞ୍ଚିରହେ ଭାଇବ୍ରିଓ କଲେରୀ ଅଣୁଜୀବ। ଅର୍ଥାତ୍ ଖାଲି ଅନ୍ୟାନ୍ୟ ସାଧାରଣ ନଦୀ ନୁହେଁ ବରଂ ବିଶୁଦ୍ଧ ଜଳଠାରୁ ଉତ୍ତମମାନର ଅଟେ ଗଙ୍ଗାଜଳ। ଏହା ବିଶ୍ୱରେ ବିରଳ। ହାନ୍‌କିନ୍‌ଙ୍କ ଗବେଷଣାରୁ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଲା। ଉତ୍ତପ୍ତ କଲା ପରେ ଗଙ୍ଗାଜଳର ଅଣୁଜୀବମାରକ ଗୁଣ ହ୍ରାସ ପାଇଥାଏ। ପ୍ରଫେସର ହାନ୍‌କିନ୍‌ଙ୍କ ଗବେଷଣାତ୍ମକ ନିଷ୍କର୍ଷ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲ 'ଆନାଲେସ୍ ଡି ଇନ୍‌ଷ୍ଟିଚ୍ୟୁଟ୍ ପାଶ୍ଚର'ର ସଂଖ୍ୟା ୧୦, ପୃଷ୍ଠା ୫୧୧-୫୨୩ରେ ୧୮୯୬ ସାଲରେ ପ୍ରକାଶିତ ହେଲା। ଏହା ସେତେବେଳେ ସମଗ୍ର ବିଶ୍ୱର ଜନମାନସକୁ ଆନ୍ଦୋଳିତ କରିଥିଲା।

୧୯୨୭ ସାଲରେ ହଇଜା ଉପରେ ବ୍ୟାପକ ଗବେଷଣା ପାଇଁ ଭାରତ ଆସିଲେ ବିଶିଷ୍ଟ ଗବେଷକ ପ୍ରଫେସର ଫେଲିକ୍ସ ଡି' ହେରେଲ୍। ତାଙ୍କ ସହଯୋଗୀ ହିସାବରେ କାମ କରିବା ପାଇଁ ରହିଲେ ମାକ୍ ଗିଲ୍ ବିଶ୍ୱବିଦ୍ୟାଳୟର ଡାକ୍ତର ମାଲୋନ୍ ଓ ଭାରତୀୟ ଡାକ୍ତର ଲାହିଡ଼ି। ସେମାନେ ଗବେଷଣା କରି ଦେଖିଲେ ଯେ ଖାଲି 'ଭାଇବ୍ରିଓ କଲେରୀ' ନୁହେଁ ବରଂ ଝାଡ଼ା ରୋଗର ଜୀବାଣୁ 'ବାଲାଣ୍ଟିଡିଅମ୍ କୋଲି' ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୪ ଘଣ୍ଟାରେ ମୃତ୍ୟୁମୁଖରେ ପଡୁଛି।

ପ୍ରଫେସର ଡି' ହେରେଲ୍ ମତବ୍ୟକ୍ତ କରିଥିଲେ ଯେ, ଗଙ୍ଗାଜଳରେ ଦେବଦୂତ ପରି ଗୋଟିଏ ଅଣୁଜୀବ ରହିଛି, ସେ ଯାହାର ନାଁ ଦେଇଥିଲେ 'ବ୍ୟାକ୍ଟେରିଓଫେଜ୍'। ଏହି 'ବ୍ୟାକ୍ଟେରିଓଫେଜ୍' ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ହାନିକାରକ ନୁହେଁ, ମାତ୍ର ମଣିଷ ଓ ଜୀବଜନ୍ତୁଙ୍କ ପାଇଁ କ୍ଷତିକାରକ ଅଣୁଜୀବମାନଙ୍କୁ ନଷ୍ଟ କରିଦେଇଥାଏ। ଫଳରେ ଗଙ୍ଗାଜଳ ବର୍ଷ ବର୍ଷ ଧରି ପାନୀୟ ଉପଯୋଗୀ ଓ ମଣିଷ ପାଇଁ ହିତକାରକ ହୋଇ ରହିଥାଏ। ଏହି 'ବ୍ୟାକ୍ଟେରିଓଫେଜ୍'ର ଉପସ୍ଥିତି ଗଙ୍ଗାଜଳକୁ ବର୍ଷ ବର୍ଷ ଧରି ସତେଜ ରଖିଥାଏ। ମଣିଷ ସମାଜକୁ ମହାମାରୀ ଦାଉରୁ ରକ୍ଷା କରିଥାଏ। ବର୍ତ୍ତମାନ ସୁଦ୍ଧା ବିଶ୍ୱର ଆଉ କୌଣସି ନଦୀ ଜଳରେ ଏପରି ଔଷଧୀୟ ଗୁଣ ରହିଥିବାର ପ୍ରମାଣ ମିଳିନାହିଁ। ଏଥିପାଇଁ ବିଶ୍ୱରେ ବିରଳ ଗଙ୍ଗାଜଳ। ପ୍ରଫେସର ଡି'ହେରେଲ୍‌ଙ୍କ ଗବେଷଣାତ୍ମକ ନିବନ୍ଧ 'ୟାଲେ ଜର୍ନାଲ୍ ଅଫ୍ ବାୟୋଲୋଜି ଓ ମେଡିସିନ୍'ର ସଂଖ୍ୟା ୧ (୪), ପୃଷ୍ଠା ୧୯୫-୨୧୯ରେ ୧୯୨୯ ସାଲ୍‌ରେ ପ୍ରକାଶିତ ହୋଇଥିଲା। ତତ୍କାଳୀନ ବ୍ରିଟିଶ୍ ସରକାର ଡି'ହେରେଲଙ୍କ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ।

ଭାରତ ସ୍ୱାଧୀନ ହେବା ପରେ ଗଙ୍ଗାନଦୀର ଜଳ ସମ୍ବନ୍ଧରେ ଯେଉଁଭଳି ଗବେଷଣା ହେବାକଥା ହୋଇନାହିଁ। ବହୁବର୍ଷ ବ୍ୟବଧାନରେ ୨୩ ସେପ୍ଟେମ୍ବର ୨୦୦୮ରେ ପ୍ରଫେସର ଚନ୍ଦ୍ରଶେଖର ନୌଟିଆଲଙ୍କ ଏକ ନିବନ୍ଧ 'କରେଣ୍ଟ ମାଇକ୍ରୋବାୟୋଲୋଜି' ନାମକ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲର ସଂଖ୍ୟା ୫୮, ପୃଷ୍ଠା୨୫-୨୯ରେ ପ୍ରକାଶିତ ହୋଇଛି। ସେ ପ୍ରମାଣ କରି ଦେଖାଇଛନ୍ତି ଯେ, ଝାଡ଼ା ରୋଗର କାରକ 'ଇଶ୍ଚେରିଆ କୋଲି' ଜୀବାଣୁ ସଜ ଗଙ୍ଗାଜଳ ସଂସ୍ପର୍ଶରେ ଆସି ୩ ଦିନରେ ମୃତ୍ୟୁବରଣ କରୁଥିବା ବେଳେ ୮ ବର୍ଷର ପୁରୁଣା ଗଙ୍ଗାଜଳରେ ୭ ଦିନରେ ଓ ୧୬ ବର୍ଷ ପୁରୁଣା ଗଙ୍ଗାଜଳରେ ୧୫ ଦିନରେ ମୃତ୍ୟୁବରଣ କରେ। ଅର୍ଥାତ୍ ଗଙ୍ଗାଜଳ ବିଭିନ୍ନ ପ୍ରକାରର ଜୀବାଣୁ, ଭୂତାଣୁ, କୀଟାଣୁ ପ୍ରଭୃତି ଅଣୁଜୀବମାନଙ୍କୁ ନଷ୍ଟକରି ମାନବ କଲ୍ୟାଣକାରୀ ଦେବୀ ରୂପେ ଉଭା ହୋଇଛି। ସଜ ଗଙ୍ଗାଜଳ ସବୁଠାରୁ ଉତ୍ତମ ଓ ସମୟକ୍ରମେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ।

'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।' ଆମେ ପ୍ରକୃତିର ଏ ସ୍ୱର୍ଗୀୟ ଦାନକୁ ନଷ୍ଟ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଚାଲିଛେ। ଗଙ୍ଗାକୂଳରେ ଗଢ଼ିଉଠିଛି କାନପୁର ପରି ଶିଳ୍ପାଞ୍ଚଳ। ଏହି ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା- ଦସ୍ତା, କ୍ରୋମିୟମ୍ ଓ କ୍ରୋମିଅମ୍ ପ୍ରଭୃତିକୁ ଗଙ୍ଗା ନଦୀକୁ ଛଡାଯାଉଛି। ଏହି ବିଷ ଖାଲି ଜଳକୁ ପ୍ରଦୂଷିତ କରୁନାହିଁ ବରଂ ଖାଦ୍ୟପଦାର୍ଥକୁ ବିଷାକ୍ତ କରୁଛି। ଏ ପୃଷ୍ଠଭୂମିରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଫେସର ଅୱଧେଶ କୁମାର ରାଏଙ୍କ ଗବେଷଣା ପ୍ରଣିଧାନଯୋଗ୍ୟ। ସେ କାନପୁର ନିକଟବର୍ତ୍ତୀ ଗଙ୍ଗାନଦୀର ଜଳ ମାଡୁଥିବା ଶସ୍ୟକ୍ଷେତ୍ର ଓ ବାଡିବଗିଚାରୁ ମିଳୁଥିବା ଧାନ, ସୋରିଷ, ଟମାଟୋ ଉପରେ ଗବେଷଣା କରି ଦେଖିଲେ ଏହି ଶସ୍ୟ ଓ ପନିପରିବାରେ ବିଷାକ୍ତ ଦସ୍ତା, କ୍ରୋମିୟମ୍ ଓ କ୍ରୋମିଅମ୍ ପ୍ରଭୃତି ଧାତୁ ଭରିରହିଛି। ଏ ବିଷୟକ ଏକାଧିକ ନିବନ୍ଧ ସେ ବିଶ୍ୱର ବିଭିନ୍ନ ସମ୍ଭ୍ରାନ୍ତ ଜର୍ନାଲରେ ପ୍ରକାଶ କରିଛନ୍ତି।

ଇଂରେଜମାନେ ଯେତେବେଳେ ରାମନାଳ ନାମକ ଗୋଟିଏ ବର୍ଜ୍ୟବସ୍ତୁ ନିଷ୍କାସନ ନାଳକୁ ଗଙ୍ଗାନଦୀରେ ମିଶାଇବା ପାଇଁ ଆଦେଶ ଦେଇଥିଲେ ମହାମନା ମଦନମୋହନ ମାଳବ୍ୟଙ୍କ ନେତୃତ୍ୱରେ ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। କିନ୍ତୁ ଆଜି ସ୍ୱାଧୀନ ଭାରତରେ ଖାଲି ନାଳ ନୁହେଁ ବରଂ କଳକାରଖାନାର ବର୍ଜ୍ୟବସ୍ତୁ ଗଙ୍ଗାନଦୀକୁ ଛାଡି ଦିଆଯାଉଛି । ଏ ପୃଷ୍ଠଭୂମିରେ ଦୁଇଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ବିଶିଷ୍ଟ ପରିବେଶବିତ୍ ରାଜେନ୍ଦ୍ର ସିଂ କହନ୍ତି, ଝାଡ଼ା ବସିସାରିବା ପରେ ଗଙ୍ଗାକୁ ଗାଧୋଇବା ପାଇଁ ଯିବାକୁ ତାଙ୍କ ଘରେ ଛୋଟବେଳୁ ତାଗିଦ କରାଯାଇଛି। ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଗିରିଧର ମାଲବ୍ୟ କହନ୍ତି, ଛୋଟବେଳେ ସେ ଯେତେବେଳେ ପ୍ରାତଃସ୍ନାନ କରିବା ପାଇଁ ଗଙ୍ଗାନଦୀକୁ ଯାଆନ୍ତି ତାଙ୍କ ଘରେ ତାଗିଦ କରାଯାଏ ପ୍ରଥମେ ଘରେ ଗାଧୋଇ ତା' ପରେ ଗଙ୍ଗାନଦୀରେ ଗାଧୋଇବା ପାଇଁ। ଝାଳନାଳ ହୋଇ ଗଙ୍ଗାସ୍ନାନ କରିବା ମନା। ଏପରି ମାନସିକତା ରଖୁଥିବା ଭାରତୀୟ ସମାଜ ତୀର୍ଥଯାତ୍ରା ସମୟରେ ଗଙ୍ଗାଜଳକୁ ଏତେ ବ୍ୟାପକ ମାତ୍ରାରେ ପ୍ରଦୂଷିତ କରୁଛନ୍ତି ଦେଖିଲେ ଯେ କେହିବି ବିସ୍ମିତ ହେବ।

ଦୀର୍ଘ ଓ ନୀରୋଗ ଜୀବନଦାୟକ ଗଙ୍ଗାଜଳ ଖାଲି ଗଙ୍ଗାକୂଳରେ ବସବାସ କରୁଥିବା ୪୦ କୋଟି ଲୋକଙ୍କ ପାଇଁ ନୁହେଁ, ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ। ୨୦୦୯ରେ ଜାତୀୟ ନଦୀର ମାନ୍ୟତା ପାଇଥିବା ଗଙ୍ଗାନଦୀ ଆମର ଜାତୀୟ ଆବଶ୍ୟକତା। ଆସନ୍ତୁ ସମସ୍ତେ 'ନିର୍ମଳ ଗଙ୍ଗା, ଅବିରଳ ଗଙ୍ଗା' ସ୍ଲୋଗାନକୁ ଏକ ଆନ୍ଦୋଳନରେ ପରିଣତ କରିବା।

ଖନ୍ଦାଡ଼ିପ, ରେଢ଼ାଖୋଲ, gourishankar sahoo@gmail.com



ରୁଦ୍ର ପ୍ରସନ୍ନ ରଥ

# ପିଲାଙ୍କ ଖେଳ: କାଲି ଓ ଆଜି

ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଖେଳକୁ ନେଇ ପିଲାମାନେ ସବୁବେଳେ ଉତ୍ସାହିତ ଥାଆନ୍ତି। ସୁଯୋଗ ପାଇଲା ମାନେ ଖେଳିବାକୁ ପଳାଇଯାଆନ୍ତି। କେତେବେଳେ ବାଗୁଡ଼ି ତ ଆଉ କେତେବେଳେ ବୋହୂଚୋରି, ପୁଣି କେତେବେଳେ ଡାଳମାଙ୍କୁଡ଼ି। କିଛି ନ ହେଲେ ଡାବଲପୁଆ ଆଉ କାଚବାଟି ମିଳିଗଲେ ପିଲାଙ୍କୁ ରୋକେ କିଏ? ଗାଁ ସଂସ୍କୃତିରେ କ୍ରିକେଟ ପଶିବାର ବହୁ ପୂର୍ବରୁ ଏ ଖେଳ ସବୁ ଆମ ସଭ୍ୟତା ଏବଂ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇ ରହିଥିଲା। ସ୍କୁଲ ଯିବା ପୂର୍ବରୁ ଖେଳ, ସ୍କୁଲରେ ଭୋଜନ ବିରତିରେ ଖେଳ, ସ୍କୁଲରୁ ଫେରିଲା ପରେ ବହିବସ୍ତାନି ଫୋପାଡି ଦେଇ ସାଙ୍ଗମାନଙ୍କ ସହ ମାତିଯାଇ ଖେଳ। ଏମିତି ହିଁ ପିଲାମାନଙ୍କର ପିଲାଦିନ କଟିଯାଉଥିଲା ତୋଟା ଆଉ ନଦୀପଠାରେ। ପୁଣି ରଜ ଆଦି ପର୍ବପର୍ବାଣି ବେଳେ ଡୁ ଡୁ ଖେଳରେ ଗାଁଟାଯାକର ପିଲା ଏକାଠି ହେଉଥିଲେ ପଡ଼ିଆରେ। କୁମାରପୂର୍ଣ୍ଣିମା ରାତିରେ ଝିଅଙ୍କ ପୁଚିରେ ଗାଁର ରାତିଟା ଜୀବନ୍ତ ମନେହୁଏ। ଏମିତି ଖେଳରୁ ହିଁ ପିଲା ଶିଖୁଥିଲେ ସମ୍ପର୍କ। ବଢୁଥିଲା ପିଲା ପିଲାଙ୍କ ମଧ୍ୟରେ ଆତ୍ମୀୟତା। ଜାତିପ୍ରଥା ଉପରେ ତୀକ୍ଷ୍ଣ ନଜର ରଖୁଥିବା ବଡ଼ମାନଙ୍କ ଆଖିକୁ ଖୁବ୍ ସହଜରେ ଫାଙ୍କିଦେଇ ପିଲାମାନେ ଖେଳରେ ମଜ୍ଜି ଯାଉଥିଲେ। ଏହି ଖେଳରୁ ହିଁ ପିଲାମାନେ ଭବିଷ୍ୟତର ଜୀବନ ବଞ୍ଚିବା ପାଇଁ ଇନ୍ଧନ ଗୋଟାଇ ପାରୁଥିଲେ।

ଗାଁରେ ଟେଲିଭିଜନ ପଶିଲା ପରେ ସବୁ ପିଲା ଧୀରେ ଧୀରେ କ୍ରିକେଟମୁହାଁ ହେଲେ। କ୍ରିକେଟ ଓ ଟିଭି ହିଁ ପିଲାଦିନର ଏ ପୁରୁଣା କ୍ରୀଡ଼ାସବୁକୁ ଆମଠାରୁ ଛଡ଼ାଇନେଇଗଲା। ନିଜେ ଖେଳିବା ଅପେକ୍ଷା ପିଲାମାନେ ଟିଭିରେ ଖେଳ ଦେଖିବାକୁ ବେଶି ଗୁରୁତ୍ୱ ଦେବାକୁ ଆରମ୍ଭ କଲେ। ଖେଳପଡ଼ିଆ ଖାଲି ପଡ଼ିବା ଆରମ୍ଭ କଲା। ପିଲା ପିଲା ଭିତରେ ସମ୍ପର୍କ ପାଣିଚିଆ ହେବାରୁ ଆଉ କେହି ଖେଳ ଖେଳିବାକୁ ଗଲେ ନାହିଁ। ଖେଳପଡ଼ିଆରେ ଆଉ ହୋ ହଲ୍ଲା ଶୁଣିବାକୁ ମିଳିଲା ନାହିଁ। ବାଗୁଡ଼ି, ବୋହୂଚୋରି, ଖୋଖୋ ପରି ସାଂସ୍କୃତିକ ଐତିହ୍ୟ ସବୁ ଧୀରେ ଧୀରେ କବର ନେବାକୁ ଲାଗିଲେ। ଆମ ପାରମ୍ପରିକ କ୍ରୀଡ଼ା ସବୁ କବର ନେଲେ ଆଉ ସେ ଜାଗାରେ ଧୀରେ ଧୀରେ ଟୁର୍ନାମେଣ୍ଟ ସବୁ ମୁଣ୍ଡ ଟେକିବା ଆରମ୍ଭ କଲେ। ଖାସ୍‌କରି ଶୀତଦିନେ ଫୁଟବଲ କିମ୍ବା କ୍ରିକେଟ ଟୁର୍ନାମେଣ୍ଟ ସବୁ ଧୀରେ ଧୀରେ ଗାଁରେ ମୁଣ୍ଡ ଟେକିବାକୁ ଲାଗିଲା। ଜିତିଲେ ନଗଦ ଟଙ୍କା ପୁରସ୍କାର। ପୁଣି ଏହି ଖେଳରୁ ହିଁ ଆରମ୍ଭ ଗଣ୍ଡଗୋଳ, ମୁଣ୍ଡ ଫଟାଫଟି। ଯେଉଁ ଖେଳ ପିଲାଙ୍କୁ ଏକାଠି କରୁଥିଲା ସେହି ଖେଳ ହିଁ ଶିଖାଇଦେଲା ଭେଦଭାବ, ଘୃଣା ଆଉ ହିଂସା।

ଆମ କ୍ରୀଡ଼ା ସଂସ୍କୃତିକୁ ଭୂଲୁଣ୍ଠିତ କରିବାକୁ ସତେଯେମିତି ଏତିକି ଯଥେଷ୍ଟ ନ ଥିଲା। ଏହା ପରେ ପରେ ଆସିଲା ଆଉ ଦୁଇଟି ବଡ଼ ଦୁର୍ଯୋଗ। ଆମ ଶିକ୍ଷା ବ୍ୟବସ୍ଥା ବଦଳିଗଲା। ସବୁ ପିଲାଙ୍କୁ ବଡ଼ ଅଫିସର କରିବା ପାଇଁ ମାତାପିତାଙ୍କ ଭିତରେ ଭରିଦିଆଗଲା ଅହେତୁକ ଆତୁରତା। ବସ୍ତାନିର ବୋଝ ବଢ଼ି ବଢ଼ି ଗଲା। ୬ ଘଣ୍ଟାର ସ୍କୁଲ ସମୟ ଭିତରେ ପିଇଟି କ୍ଲାସର ସମୟ କମି କମି କେବଳ ଶନିବାର ସକାଳ ମଧ୍ୟରେ ସୀମାବଦ୍ଧ ହୋଇଗଲା। ପୁଣି ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିବା ମାତାପିତା ଖେଳକୁ ଗୌଣ ଏବଂ ଖେଳାଳିକୁ ତାମ୍‌ସା କରୁଥିବା ଶସ୍ତା ଘରର ପିଲା ବୋଲି ଭାବିଲେ। ବଡ଼ଘର ପିଲା କେବଳ ଗଣିତ ଓ ଇଂଲିଶ ପଢ଼ିବ ବୋଲି ଯେମିତି ଏକ ଅଲିଖିତ ନିୟମ ଲାଗୁ ହୋଇଗଲା। ଖେଳୁଥିବା ପିଲାର ଯେ ଭଲ ପାଠ ହେବ ନାହିଁ ସେମିତି ଏକ ବଦ୍ଧମୂଳ ଧାରଣା ନେଇ ମାତାପିତା ବଢ଼ି ଚାଲିଲେ। ଆଉ ପିଲାଟି କ୍ଲାସରୁମ୍‌ରେ ବସି ଖାଲିପଡ଼ିଆକୁ ଦେଖି ଦେଖି ନିଜ ମନର ଓରିମାନା ମେଣ୍ଟାଇଲା ସତ ହେଲେ ଖେଳପଡ଼ିଆକୁ ଓହ୍ଲାଇ ଧୂଳିଧୂସରିତ ହେବାକୁ ସୁଯୋଗ ପାଇଲା ନାହିଁ। ନା ସିଏ ଖେଳି ଶିଖିଲା ନା ଧୂଳିକାଦୁଅରେ ସରସର ହୋଇ ଘରକୁ ଫେରିଲା। ବରଂ ନିଜ ଅଜାଣତରେ ହିଁ ସେ ଖେଳକୁ ପାଠର ବଡ଼ ଶତ୍ରୁ ବୋଲି ଧରିନେଲା।

ପିଲା ଉପରେ ପାଠର ଚାପ ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ ହିଁ ଏହି ପୃଥିବୀରେ ମୋବାଇଲ ବିପ୍ଲବ ବେଶ୍ ଦ୍ରୁତ ଗତିରେ ଆଗକୁ ବଢୁଥିଲା। ମୋବାଇଲ ଆମ ଦୁନିଆକୁ ବେଶ୍ ବ୍ୟାପକ ଭାବେ ପ୍ରଭାବିତ କରିବାକୁ ଆରମ୍ଭ କରିଦେଇଥିଲା। ଗାଁରୁ ସହରକୁ ଆସିଥିବା ପିଲା ସହରର ଛୋଟ ପଡ଼ିଆରେ ହେଉ କିମ୍ବା ଆପାର୍ଟମେଣ୍ଟର ଭିଡ଼ ଭିତରେ ଥିବା ଗଳି ରାସ୍ତାରେ ତଥାପି ଖେଳ ଜାରି ରଖିଥିଲାବେଳେ ଏହି ମୋବାଇଲ ସେଥିରେ ବି ବ୍ୟାଘାତ ଆଣିଦେଲା। ପିଲା ଖେଳ ଛାଡ଼ିଦେଇ ମୋବାଇଲ ଭିତରେ ମୁଣ୍ଡଗୁଞ୍ଜିବା ଆରମ୍ଭ କଲେ। ସହରର ଛୋଟ ପଡ଼ିଆରେ ଗୁଗୁଚିଆ ଗଛ ବଢ଼ିଚାଲିଲା। ଆଉ ଏପଟେ ଆମେ ପ୍ରତି ଅଲିମ୍ପିକ୍ସ ଆଉ ଏସୀୟ କ୍ରୀଡ଼ା ପରେ ମୁଣ୍ଡରେ ହାତ ଦେଇ ଆମ କ୍ରୀଡାବିତ୍‌ମାନେ କେଉଁ କାମକୁ ନୁହଁ ବୋଲି କହି ଚାଲିଲେ।

ପିଲାଏ ଏବେ ଖେଳିବେ କେମିତି? କାଇଜର ଫାମିଲି ଫାଉଣ୍ଡେଶନ ଦ୍ୱାରା ୨୦୧୦ରେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ୮ରୁ ୧୮ ବର୍ଷ ବୟସ୍କ ଶିଶୁମାନେ ଦୈନିକ ୭ ଘଣ୍ଟା ୩୮ ମିନିଟ୍ ଯାଏ ମୋବାଇଲ କିମ୍ବା ଟିଭି ସ୍କ୍ରିନ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଆଉ ମାୟୋ କ୍ଲିନିକ୍ କିମ୍ବା ଆମେରିକାର ସ୍କୁଲ ଅଧିକାରୀଙ୍କ ମତରେ ପିଲାମାନେ ଦୈନିକ ୩୦ ମିନିଟ୍‌ରୁ ଏକ ଘଣ୍ଟାଯାଏ ଖେଳିବା ଉଚିତ। ଏହା ଏବେ ସମ୍ଭବ ହେଉନାହିଁ। ଫଳରେ ପିଲାର ବ୍ୟକ୍ତିତ୍ୱ ବିକାଶରେ ବାଧା ଉପୁଜୁଛି। ଏଣୁ ମାତାପିତା ଏବଂ ଶିକ୍ଷକମାନେ ଏ ଦିଗରେ ଧ୍ୟାନ ଦେଇ ପିଲାର ମନକୁ ବହିରୁ ହଟେଇ ପଡ଼ିଆ ଯାଏ ଅନ୍ତତଃ ଦିନକୁ ଥରେ ଘଣ୍ଟାଏ ପାଇଁ ନେବା ଲାଗି ଚେଷ୍ଟା କରିବା ଉଚିତ।

ଧବଳଗିରି, ଯାଜପୁର ରୋଡ, ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ଦୂରରେ ଥାଇ ଠକେଇ କରିବା ସହଜ। ଏବେ ଅନଲାଇନ୍ ଶପିଂ ଦୂରଠକେଇର ଏକ ପ୍ଲାଟଫର୍ମରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଭଳି ଠକେଇ ବିଷୟରେ ପ୍ରାୟତଃ କିଛି ଲୋକ ଅବଗତ ଅଛନ୍ତି। ଏହାଦ୍ୱାରା ଜଣେ ଠକାମିର ଶିକାର ହେଲେ ଆଉଥରେ କୌଣସି ଜିନିଷ ମଗାଇବାକୁ ମନ ବଳାଏ ନାହିଁ ଏ କଥା ନିଶ୍ଚିତ। ତେବେ ଏହି ଠକାମିର ଶିକାର ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସୋନାକ୍ଷୀ ଏହି ଠକେଇର ଶିକାର ହେବା ଅନୁଭୂତି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଅନଲାଇନ୍ ଯୋଗେ ଏକ ଇଅର ଫୋନ୍ ମଗାଇଥିଲେ। କିନ୍ତୁ ତାଙ୍କ ଠିକଣାରେ ଆସିଲା ଏକ କଳଙ୍କିଲଗା ଲୁହା। ଏହାର ଫଟୋ ସେ ଟୁଇଟର ଯୋଗେ ଶେୟାର କରିଛନ୍ତି। ଏହାକୁ ଦେଖିବା ପରେ ସୋସିଆଲ ମିଡିଆର ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉକ୍ତ ଲୁହାଖଣ୍ଡଟି ଭଲ ଭାବରେ ପ୍ୟାକ୍ ହୋଇଥିଲା। ଆଦୌ ଖୋଲା ନ ହୋଇ ବିଧିସଙ୍ଗତ ଭାବରେ ଜଉମୁଦ ଦିଆଯାଇଥିଲା। କିନ୍ତୁ ଏହା ଉପରେ ଲେଖାଯାଇଥିଲା, 'ଆପଣଙ୍କ ଗ୍ରାହକ ସେବାକେନ୍ଦ୍ର ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁନାହିଁ।' ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ଏହା ଟୁଇଟ୍ କରିବା ପରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଚିରନ୍ତନୀ

ସକଳ ମମତା ତେଜି ନ ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ, ନ ଲୋଡ଼ଇ ଅପର ସ୍ୱରଗ,
କି ଆନନ୍ଦ ନିହିତ ସେ ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ ଶିଶୁର ସୁହାସେ!
ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ
ସେ କେଉଁ ଉର୍ବଶୀ
ପାରେ ଜିଣି
ଗରବିଣୀ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୩

- ପୂର୍ବତନ ଯୁଗୋସ୍ଲାଭିଆରେ ଜାତିସଂଘ ସେନା ରହିଥିବା ପର୍ଯ୍ୟନ୍ତ କାନାଡାର ସୈନ୍ୟମାନେ ଉକ୍ତ ସେନାବାହିନୀ ସହିତ ସେଠାରେ ରହିବେ ବୋଲି କାନାଡାର ପ୍ରତିରକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ଟାଟା କମ୍ପାନୀ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟୋଗରେ ଚିଲିକା ହ୍ରଦରେ ଚିଙ୍ଗୁଡି ଚାଷ ପାଇଁ ଯେଉଁ ନିଷ୍ପତ୍ତି କରାଯାଇଥିଲା ତାକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବି.ଏଡ୍. ଡିଗ୍ରୀଧାରୀ ହତାଶ

ମହାଶୟ,

ରାଜ୍ୟରେ ବି.ଏଡ୍. କଲେଜ ଓ ସିଟ୍ ସଂଖ୍ୟା ପର୍ଯ୍ୟାପ୍ତ ନ ଥିବାରୁ ଏହାର ସୁଯୋଗ ସମସ୍ତଙ୍କୁ ମିଳୁନାହିଁ। ଚଳିତ ବର୍ଷ ବି.ଏଡ୍. ନିମନ୍ତେ ପାଖାପାଖି ଏକ ଲକ୍ଷ ଦରଖାସ୍ତ ପଡ଼ିଥିବାବେଳେ ରାଜ୍ୟ ସରକାରଙ୍କ ସ୍ୱୀକୃତ ମୋଟ ୧୬୫୦ଟି ସିଟ୍ ରହିଛି। ଯଥେଷ୍ଟ ମାର୍କ ଥାଇ ମଧ୍ୟ ସରକାରଙ୍କ ସଂରକ୍ଷଣ ନୀତି ପାଇଁ ଅର୍ଦ୍ଧେକ ଅସଫଳ ହେଉଛନ୍ତି। ଏଣୁ ସେମାନେ ବାହାର ରାଜ୍ୟର କଲେଜ ଓ ବେସରକାରୀ କଲେଜରେ ନାମ ଲେଖାଉଛନ୍ତି। କିନ୍ତୁ ଛଅମାସ ପୂର୍ବେ ହଠାତ୍ ଏକ ବିଜ୍ଞାପନ ପ୍ରକାଶ ପାଇଲା ଯେ, ବାହାର ରାଜ୍ୟର ବି.ଏଡ୍. ଡିଗ୍ରୀକୁ ସ୍ୱୀକୃତି ଦିଆଯିବ ନାହିଁ। ସରକାରଙ୍କ ଅବହେଳା ଏବଂ ସଂରକ୍ଷଣ ନୀତି ଏବେ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିରାଶ କରୁଛି। ଏଣୁ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରନ୍ତୁ।

ଯାଜ୍ଞସେନୀ ସାହୁ, ସେମିଳିଗୁଡା, କୋରାପୁଟ

### ଶାକାହାର ସପକ୍ଷରେ ମୁସ୍‌ଲିମ ସନ୍ଥ

ଖାଦ୍ୟ ପ୍ରତି ରୁଚି କାହାର କେମିତି, ସେଥିରେ ଆମର କିଛି କହିବାର ନାହିଁ। କିନ୍ତୁ କେଉଁ ଖାଦ୍ୟ ଭଲ ବା ଖରାପ ସେ ନେଇ ମତ ଦେବାର ଅଧିକାର ଅଛି। ମାନେକା ଗାନ୍ଧୀଙ୍କ ମତରେ ନିରାମିଷ ଖାଦ୍ୟ ଶରୀର ପାଇଁ ଉପକାରୀ। ଆମିଷ ଖାଦ୍ୟ ମନକୁ ଉତ୍ତେଜିତ କରେ। ମହମ୍ମଦ, ଯିଶୁ, ଗାନ୍ଧୀ, ବୁଦ୍ଧଦେବ ଏବଂ ରୁମି ହେଉଛନ୍ତି ଶାକାହାରୀ। ରୁମି ଜଣେ ମୁସଲିମ ସନ୍ଥ। ସେ ହେଉଛନ୍ତି ରସୁଲ ମହମ୍ମଦଙ୍କ ପ୍ରକୃତ ଅନୁଗାମୀ। ଅନ୍ୟମାନେ ତାଙ୍କର ପଦାଙ୍କ ଅନୁସରଣ କରିବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ ଘଟଣା: ୫ ଗିରଫ

ଭଣ୍ଡାରିପୋଖରୀ, ୧୩।୧୨ (ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପାଟୁଳି ପଞ୍ଚାୟତ ମୋବାରକପୁର ଗ୍ରାମରେ ଏକ ସରକାରୀ ଜାଗାରେ ଧାନ ଖଳା କରିବାକୁ କେନ୍ଦ୍ରକରି ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ଉଭୟ ପକ୍ଷର ୫ ଜଣଙ୍କୁ ଗିରଫ କରିଛି। ମାମଲା (ନଂ.୨୦୭/୧୮) ରେ ମମତା ଦାସ, ରେବତୀ ପରିଡା, ଭରତ ପରିଡ଼ା ଏବଂ (ନଂ.୨୦୮/୧୮) ରେ ସୁକାନ୍ତି ଯେନା ଓ ମୀନା ଯେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତର-ସିକ୍ୟୁରିଟି ଗାର୍ଡ ଠେଲାପେଲା

ବାଲେଶ୍ୱର ଅଫିସ,୧୩।୧୨: ବାଲେଶ୍ୱର ଜିଲା ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲରେ ଅର୍ଥୋପେଡିକ ଅସ୍ତ୍ରୋପଚାର ଗୃହରେ ଜଣେ ଡାକ୍ତର ଏବଂ ସିକ୍ୟୁରିଟି ଗାର୍ଡଙ୍କ ମଧ୍ୟରେ ଗୁରୁବାର ଅପରାହ୍ଣରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ଏ ନେଇ ଉଭୟ ପକ୍ଷ ମୁଖ୍ୟ ଚିକିତ୍ସାଳୟ ଭିତରେ ଥିବା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଓଟିକୁ ଜୋତା ପିନ୍ଧି ପଶିବା ନେଇ ଏଭଳି ଗଣ୍ଡଗୋଳ ଘଟିଥିବା ମୁଖ୍ୟ ଚିକିତ୍ସାଳୟ ଫାଣ୍ଡିଅଧିକାରୀ ବିଜୟ ନାୟକ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏହାର ସମାଧାନ ନିମନ୍ତେ ଚେଷ୍ଟା କରୁଥିବାରୁ ପୋଲିସ ତଦନ୍ତ ସ୍ଥଗିତ ରଖିଛି। ଫକୀରମୋହନ ମେଡିକାଲ କଲେଜର ଡିନ୍ ଅଧକ୍ଷ ପ୍ରତାପ ରଥ କହିଛନ୍ତି, ଓଟିକୁ ଜୋତା ପିନ୍ଧି ପ୍ରବେଶ କରିବାର ନିୟମ ନାହିଁ। ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ ଡାକ୍ତରଙ୍କୁ ଭେଟିବା ଲାଗି ଓଟିକୁ ପଶିଯାଇଥିଲେ। ବିଭାଗୀୟ ତଦନ୍ତ ପରେ ଏଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଝାଡାବାନ୍ତିରେ ସୁବର୍ଣ୍ଣପୁର ସହରବାସୀ ବେହାଲ

# ସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରୟାସ

ସୋନପୁର,୧୩।୧୨(ନି.ପ୍ର.)

ନଦୀକୂଳିଆ ସହର ସୁବର୍ଣ୍ଣପୁରର ସ୍ଥିତି ଗମ୍ଭୀର। ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଗତ ସୋମବାରଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଆରମ୍ଭ ହୋଇଛି। ମାତ୍ର ଏ ଯାଏଁ ନିୟନ୍ତ୍ରଣକୁ ଆସିନି। ଛାତ୍ରାବାସଗୁଡିକରେ ମଧ୍ୟ ଝାଡାବାନ୍ତି ବ୍ୟାପିଲାଣି । ଝାଡାବାନ୍ତି ବ୍ୟାପିବା ସହରବାସୀଙ୍କ ପାଇଁ ନୂଆ ହୋଇଥିବାରୁ ସମସ୍ତେ ଭୟଭୀତ ଅବସ୍ଥାରେ ଅଛନ୍ତି । ବୁଧବାର ସନ୍ଧ୍ୟା ସମୟର ତଥ୍ୟ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୧ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ପେଟ ବଥା ହେବା ସହ ତରଳ ଝାଡା ହେଉଛି । ଆକ୍ରାନ୍ତଙ୍କୁ ସାଲାଇନ ଦିଆଯାଉଛି। ଆବଶ୍ୟକ ଶଯ୍ୟା ଅଭାବରୁ ରୋଗୀ ତଳେ ଶୋଇ ରହି ଚିକିତ୍ସିତ ହେଉଛନ୍ତି । ଚିକିତ୍ସାଳୟରେ ମୋଟ ୧୦୫ ଜଣ ଭର୍ତ୍ତି ହୋଇଥିବା ବେଳେ ୨୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଷ୍ଟାଫ ନର୍ସ ଓ ଏଏନଏମ୍‌ଙ୍କ ସଂଖ୍ୟା କମ୍ ଥିବାରୁ ଚିକିତ୍ସା ସେବାକୁ ନେଇ ରୋଗୀ ଓ ସେମାନଙ୍କ ପରିଜନ ଅସନ୍ତୁଷ୍ଟ ଅଛନ୍ତି । ଗୁରୁବାର ଜିଲା ବାହାରର ଡାକ୍ତର ଓ ନର୍ସ ଆସିବା ପରେ ଚିକିତ୍ସା ସେବା ପ୍ରଦାନରେ ସୁଧାର ଆସିଛି। ଅନ୍ୟପକ୍ଷେ ୪ଟି ମୋବାଇଲ ଟିମ୍ ପ୍ରଭାବିତ ଅଞ୍ଚଳରେ ବୁଲି ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକ ଔଷଧ ପ୍ରଦାନ କରିଛନ୍ତି। ଏହି ଟିମ୍ ୧୧୧୫ ଜଣଙ୍କୁ ଆଜି ସଚେତନ କରିଛନ୍ତି । ୮୫୩ ଜଣଙ୍କୁ ପ୍ରତିଷେଧକମୂଳକ ଔଷଧ ଦେବା ସହ ୨୬୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା କରିଛନ୍ତି। ଥନାପତିପଡା, ବଡବଜାର, ନୂଆପଡା, ଧୀବରପଡା, ମାଳିପଡା, ଏମଏଲଏପଡା, ପଟାଭାଡିରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ଡ୍ରେନ୍‌ଗୁଡିକୁ ସଫା କରାଯିବା ସହ ବ୍ଲିଚିଂ ପାଉଡର ପକାଯାଉଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ମ୍ୟୁନିସିପାଲିଟିର ନିର୍ଦ୍ଦେଶକ୍ରମେ ଜନସ୍ୱାସ୍ଥ୍ୟ ବିଭାଗ ସହରର ପାଇପ ଯୋଗେ ପାନୀୟ ଜଳଯୋଗାଣକୁ ବନ୍ଦ କରିଛି। ଟ୍ୟାଙ୍କର ଯୋଗେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି । ନଳକୂପଗୁଡିକୁ ବିଶୋଧନ କରାଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୃଥକ ଭାବେ ପ୍ରଭାବିତ ସ୍ଥାନରୁ ନଳକୂପ, ପାଇପ ଜଳର ନମୂନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ କ୍ଲୋରିନ ରିପୋର୍ଟ ଠିକ୍ ଥିବା ଜଣାପଡିଛି। ତେବେ ବ୍ୟାକ୍ଟେରିଲୋଜିକାଲ ପରୀକ୍ଷାର ରିପୋର୍ଟ ଜଣାପଡିନି। ଉପରଓଲି ମେଡିକାଲ, ଜୁଡିସିଆଲ କଲୋନି ଓ ବ୍ଲକ କଲୋନିରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି। ସନ୍ଧ୍ୟା ପରେ ପରୀକ୍ଷାମୂଳକ ଭାବେ ଅନ୍ୟ ଅଞ୍ଚଳକୁ ପାଇପ ପାଣି ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ସହରର ସମସ୍ତ ୱାର୍ଡରୁ ଆକ୍ରାନ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । ଗୁରୁବାର ୩୧ଜଣ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ପାଇପ ଯୋଗେ ସହରବାସୀଙ୍କୁ ଦୂଷିତ ପାଣି ଯୋଗାଣ ହୋଇଥିବାରୁ ଝାଡାବାନ୍ତି ବ୍ୟାପିଥିବା ଅଭିଯୋଗ ହେଉଛି । ମହାନଦୀର ଦଶମତୀଘାଟରେ ସ୍ୱାସ୍ଥ୍ୟକେନ୍ଦ୍ର, ସହରର ମଇଳା ଜଳ ଓ ବର୍ଜ୍ୟବସ୍ତୁ ଡ୍ରେନ୍‌ରେ ଯାଇ ପଡୁଛି । ସେହି ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗର ଇନଟେକ୍ ପଏଣ୍ଟ ରହିଛି । ପାଣିକୁ ମୋଟର ସାହାଯ୍ୟରେ ଅଣାଯାଇ ବିଶୋଧନ କରି ସହରବାସୀଙ୍କୁ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷେ ପୁରୁଣା ପାଇପଗୁଡିକ ପ୍ରାୟତଃ ଡ୍ରେନ୍ ତଳେ ରହିଛି। ଘରୋଇ ସଂଯୋଗ ପାଇଁ ପାଇପଗୁଡିକୁ କେତେକ ସ୍ଥାନରେ ଫଟାଇ ଦିଆଯାଇଛି। ଏ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗର ଅଙ୍କୁଶ ରହୁନି । ଡ୍ରେନ୍‌ର ମଇଳା ପାଣି ଏହା ମଧ୍ୟକୁ ଯାଉଛି । ଏହି ଜଳକୁ ଲୋକେ ସିଧାସଳଖ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି । ସହରରେ ପାନୀୟ ଜଳ ଯୋଗାଣର ସମ୍ପ୍ରସାରଣ ଓ ନୂତନ ପାଇପ୍ ବିଛା କାର୍ଯ୍ୟ ସରୁନି । ଘୋଡାଘାଟ ପଡାରେ ଇନଟେକ୍ ପଏଣ୍ଟ ପାଇଁ କାର୍ଯ୍ୟ ସରିଛି । ମାତ୍ର ନୂତନ ଭାବେ ୩୩ କେଭି ଟ୍ରନ୍ସଫରମର ବସି ନଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନି । ସ୍ଥାନୀୟ ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପରିସ୍ଥିତି ଉପରେ ନଜର ରଖିବା ସହିତ ବରିଷ୍ଠ ଅଧିକାରୀଙ୍କ ସହିତ ସମୀକ୍ଷା କରିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ର ଓ ପିଡି ଡୁଡା ସୂଯର୍ୟନାରାୟଣ ଦାଶ ବିଭିନ୍ନ ୱାର୍ଡ, ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି । ଶୁକ୍ରବାର ସୁଦ୍ଧା ପରିସ୍ଥିତିର ସୁଧାର ଆସିବ ବୋଲି ଆଶ କରାଯାଉଛି ।





ଆକ୍ରାନ୍ତମାନେ ତଳେ ଶୋଇ ରହି ଚିକିତ୍ସିତ ହେଉଛନ୍ତି ।

### ୧୧ ଜିଲାରୁ ଆସିଲା ୨୩ ପାଣି ଟ୍ୟାଙ୍କର

ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୩ଟି ପାଣି ଟ୍ୟାଙ୍କର ଆସି ପହଞ୍ଚିଛି । ଜନସ୍ୱାସ୍ଥ୍ୟ ବିଭାଗର ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା, ଅନୁଗୋଳ, ଝାରସୁଗୁଡା, ବରଗଡ, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ସମେତ ସୁବର୍ଣ୍ଣପୁର ଜିଲାର ବିନିକା ଓ ତରଭାରୁ ଟ୍ୟାଙ୍କର ଆସି ପହଞ୍ଚିଛି । ଏହି ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାଣି ସହରବାସୀଙ୍କୁ ଦିଆଯାଉଛି। ସେହିପରି ଭବାନୀପାଟଣାର ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମୂଲ୍ୟ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ନିର୍ବାହୀ ଯନ୍ତ୍ରୀ ଇଂ ପାର୍ବତୀ ମୋହନ ପରିଡା, ଜନସ୍ୱାସ୍ଥ୍ୟ ବିଭାଗର ୭ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ, ୬ କନିଷ୍ଠ ଯନ୍ତ୍ରୀ ଓ ୨ ଲାବୋରେଟୋରି ସହାୟକ ଉପସ୍ଥିତ ରହି ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛନ୍ତି।

- ୮୧ ଚିକିତ୍ସିତ ହେଉଛନ୍ତି, ଶତାଧିକ ଆକ୍ରାନ୍ତ
- ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ

### ଦେବଦୂତ ସାଜିଲେ ଏଏନଏମ ଟ୍ରେନିଂ ସେଣ୍ଟର ଛାତ୍ରୀ

ସୁବର୍ଣ୍ଣପୁର ଜିଲାରେ ବହୁ ସଂଖ୍ୟକ ଡାକ୍ତର, ଷ୍ଟାଫ ନର୍ସ ଓ କର୍ମଚାରୀ ପଦବୀ ଖାଲି ପଡିଛି। ଏଭଳି ସ୍ଥିତିରେ ସହରରେ ଝାଡାବାନ୍ତି ବ୍ୟାପିବା ବିଷମ ପରିସ୍ଥିତି ସୃଷ୍ଟି କରିଥିଲା। ଶଯ୍ୟା ଅଭାବରୁ ରୋଗୀଙ୍କୁ ବାରଣ୍ଡାରେ ଶୋଇବାକୁ ପଡିଥିଲା। ଆବଶ୍ୟକ ସାଲାଇନ ଷ୍ଟାଣ୍ଡ ନଥିଲା। ତେବେ ସ୍ଥାନୀୟ ଏଏନଏମ ଟ୍ରେନିଂ ସେଣ୍ଟରର ଛାତ୍ରୀ ଦେବଦୂତ ଭଳି ସେବା ଯୋଗାଉଛନ୍ତି। ରାତି ଉଜାଗର ରହି ଆକ୍ରାନ୍ତଙ୍କୁ ଠିକ୍ ସମୟରେ ସାଲାଇନ ଓ ଇଞ୍ଜେକ୍ସନ ଦେଉଛନ୍ତି। କର୍ମଚାରୀ ଅଭାବ ସମୟରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସେବା ଯୋଗାଇବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ କାମକୁ ସହଜ କରିଛି। ରାଜ୍ୟ ସରକାର ବାହାର ଜିଲାରୁ ଡାକ୍ତର ପଠାଇଲେ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଗମ୍ଭୀର ସ୍ଥିତିକୁ ଜାଣି ପାରିଲେ । ଆକ୍ରାନ୍ତଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ସଂକ୍ରମକ ରୋଗ ବିଶେଷଜ୍ଞଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଡାକ୍ତର ଓ ବିଶେଷଜ୍ଞଙ୍କୁ ସୁବର୍ଣ୍ଣପୁର ପଠାଇଛନ୍ତି। ଭୁବନେଶ୍ୱର, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀରରୁ ଡାକ୍ତରୀ ଦଳ ଗୁରୁବାର ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ସହରବାସୀ ଏହାକୁ ସ୍ୱାଗତ କରିଛନ୍ତି ।

### ରିଭିଜନ ମାମଲା ଗୁଡ଼ିକର ଦାଖଲ ଓ ଶୁଣାଣି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ରାଜ୍ୟରେ ରାଜସ୍ୱ ପରିଷଦ ସଦସ୍ୟଙ୍କ ସମେତ ବିଭିନ୍ନ କମିଶନର ଓ ଅତିରିକ୍ତ କମିଶନରମାନଙ୍କ ପାଖରେ ପ୍ରାୟ ୧ଲକ୍ଷ ୨୩ହଜାର ୭୧୯ଟି ବନ୍ଦୋବସ୍ତ ଓ ଚକବନ୍ଦୀ ସଂକ୍ରାନ୍ତୀୟ ରିଭିଜନ ମାମଲା ବିଚାର ନ ହୋଇ ପଡ଼ିରହିଛି। ତେଣୁ ଆବେଦନକାରୀଙ୍କୁ ଏଥିପାଇଁ ବାରମ୍ବାର ଦୌଡିବାକୁ ପଡୁଛି। ଅପରପକ୍ଷରେ ନ୍ୟାୟ ମିଳିବାରେ ମଧ୍ୟ ବିଳମ୍ବ ହେଉଛି । ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବକେୟା ମାମଲାଗୁଡ଼ିକର ଦ୍ରୁତ ବିଚାର କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ୩୦ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ରିଭିଜନାଲ କୋର୍ଟରେ ଦାଖଲ ହୋଇଥିବା ଓ ଏ ପର୍ଯ୍ୟନ୍ତ ବିଚାର ପାଇଁ ନିଆଯାଇ ନ ଥିବା ମାମଲାଗୁଡ଼ିକ ସମ୍ପୃକ୍ତ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ବିଚାର ଓ ଶୁଣାଣି ଲାଗି ହସ୍ତାନ୍ତର କରାଯିବ । ଏଥିସହିତ ନୂତନ ରିଭିଜନ ମାମଲାଗୁଡ଼ିକ ସମ୍ପୃକ୍ତ ଜିଲାର ଅତିରିକ୍ତ ଜିଲାପାଳଙ୍କଠାରେ ଦାଖଲ ହୋଇ ବିଚାର କରାଯିବ । ଜମିଜମା ବନ୍ଦୋବସ୍ତ ରିଭିଜନ ମାମଲାର ବିଚାର ନିମନ୍ତେ ୩୦ ଜିଲାର ଅତିରିକ୍ତ ଜିଲାପାଳ ଓ ଚକବନ୍ଦୀ ରିଭିଜନ ମାମଲା ଥିବା ୧୯ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ କ୍ଷମତା ପ୍ରଦାନ କରାଯାଇଛି । ଏହି ବ୍ୟବସ୍ଥାରେ ଲୋକମାନଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରାଯାଇପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଆଶାପ୍ରକାଶ କରିଛନ୍ତି ।

### ରାଜପଥରୁ ଉଦ୍ଧାର ମୃତ ଯୁବକଙ୍କ ପରିଚୟ ମିଳିଲା

ବେଲପାହାଡ଼,୧୩।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୪୯ନଂ ଜାତୀୟ ରାଜପଥର ସୁଖାବନ୍ଧ ନିକଟରୁ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ନୂଆପଡ଼ା ଜିଲା ନୂଆପଡ଼ା ଥାନା ସିଲଦା ଗାଁର କୁଞ୍ଜବିହାରୀ ପାଣ୍ଡେ (୩୩)। କୁଞ୍ଜବିହାରୀ ବିବାହିତ। ପରିବାରରେ ତାଙ୍କ ସ୍ତ୍ରୀ, ୧୨ ବର୍ଷର ଝିଅ ଓ ୮ ବର୍ଷର ପୁଅ ଅଛନ୍ତି। ଗୁରୁବାର ଝାରସୁଗୁଡ଼ାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କୁଞ୍ଜବିହାରୀ ଜଣେ ଟ୍ରକ୍ ଚାଳକ। ଗତ ମଙ୍ଗଳବାର ସେ ଏକ ସିମେଣ୍ଟ ବୋଝେଇ ଟ୍ରକ (ନଂ ସିଜି୦୬-ଏମ୍୦୩୬୬) ନେଇ ଖରିଆର୍ ରୋଡ୍‌ରୁ ବେଲପାହାଡ଼ ଆସିଥିଲେ। ତାଙ୍କ ସହିତ ଅନ୍ୟ ଜଣେ ଚାଳକ ମଧ୍ୟ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ନେଇ ଏଠାକୁ ଆସିଥିଲେ। ଉଭୟ ବିଳମ୍ବିତ ରାତିରେ କିଛି ସମୟ ବ୍ୟବଧାନରେ ବେଲପାହାଡ଼ ପହଞ୍ଚିବା ପରେ ଏକ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ପାର୍କିଂ କରି ବିଶ୍ରାମ ନେଇଥିଲେ। ବୁଧବାର ସକାଳେ ସାଥୀ ଟ୍ରକ୍ ଚାଳକ ସିମେଣ୍ଟ ଅନଲୋଡ୍ କରିବା ପାଇଁ ଗୁମାଡେରାସ୍ଥିତ ଜଣେ ବ୍ୟବସାୟୀଙ୍କ ନିକଟକୁ ଆସିଥିଲେ। ମାତ୍ର କୁଞ୍ଜବିହାରୀ ଆସି ନ ଥିଲେ। ତାଙ୍କ ମୃତଦେହ ପେଟ୍ରୋଲ ପମ୍ପ ନିକଟ ଜାତୀୟ ରାଜପଥ ପାର୍ଶ୍ୱରୁ ମିଳିଥିଲା। ତାଙ୍କ ମୁଣ୍ଡ ପଛପାଖ ଓ ଗୋଟିଏ ଗୋଡ଼ରେ ଆଘାତ ଲାଗିଥିଲା। ସନ୍ଧ୍ୟାରେ ସାଥୀ ଟ୍ରକ୍ ଚାଳକ ମୃତଦେହ ଦେଖି ପୋଲିସକୁ ତାଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ବେଲପାହାଡ଼ ପୋଲିସ ତଦନ୍ତ କରି ଗୁରୁବାର କୁଞ୍ଜବିହାରୀଙ୍କ ପରିଚୟ ପାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ ୨୧୨/୧୮) ରୁଜୁ କରିଛି। କୁଞ୍ଜବିହାରୀ ଶୌଚ ପାଇଁ ଯାଇଥିବା ସମୟରେ କୌଣସି ଗାଡ଼ି ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।


Government of India/ भारत सरकार
Ministry of Environment, Forest & Climate Change/ पर्यावरण, वन और जलवायु परिवर्तन मंत्रालय
Eastern Regional Office/ पूर्वी क्षेत्रीय कार्यालय
A/3, Chandrasekharpur/ ए/३, चन्द्रशेखरपुर
Bhubaneswar - 751 023/ भुवनेश्वर - ७५१ ०२३
Telephone: 0674-2301213, 2301248, 2302452, 2302453. Fax: 0674-2302432. E-mail: roez.bsr-mef@nic.in

**HIRING OF LEGAL ASSISTANT/ CONSULTANT ON CONTRACT BASIS**

Ministry of Environment, Forest & Climate Change, Eastern Regional Office, Bhubaneswar invites applications from the reputed Service Provider(s) for the Hiring/Engagement of Legal Assistant/ Consultant (One No.) on contractual basis for a period of one year.

| Sl. No. | Name of post | Essential Qualifications | Desirable Qualifications | Remuneration |
|---|---|---|---|---|
| 1. | Legal Assistant/ Consultant | Bachelor of Law/ Master of Law from recognized University | Candidates possessing valid licence to practice Legal Matters with one/two years experience shall be given preference | Rs. 30,000/- p.m. plus Service Tax |

The interested Service Provider (s) may submit their quotations with detailed bio-data of the proposed candidate to this office latest by 16.00 hours of 16.01.2019.

The Contract document and Terms of Reference can be obtained from this office on any working day.

Sd./- (SUMAN MOHAPATRA)
CF (Central) & HOO
Ph no. 0674-2302432



**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1133:- CIN: U40101OR1995SGC003963

Lr. No.- 6266 Dt: 12.12.2018

**1st CORRIGENDUM TO TCN No. 23/2018-19 Dated 22.11.2018**

Sub: Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 23/2018-19 dated 22.11.2018 for Supply, retrofitting, testing, installation and commissioning of five numbers of Numerical Relays for 220 V Feeders under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 29.12.2018
Last date of Receipt of Tender : 16.00 hrs of 29.12.2018
Date of opening of tender paper : 16.30 hrs of 29.12.2018
All other terms and conditions of the above TCN remains unaltered.

Sd./- Sr. General Manager (Ele.),
Balimela HEP, Balimela
04019/11/0084/1819



**Odisha State Medical Corporation Limited (OSMC)**
In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380608,
Website: www.osmcl.nic.in, Email : proc.osmcl.od@nic.in
Date: 12.12.2018

**NOTICE INVITING E-TENDER FOR SUPPLY & INSTALLATION OF LABORATORY EQUIPMENTS AT AHRCC, CUTTACK**

No. CAD-1136:- Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ AHRCC-LABEQUIPMENT/16 | Supply & Installation of Laboratory Equipments At AHRCC, Cuttack | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 14.12.2018, 3 PM | |
| 2. | Date & time of Pre-bid meeting | 22.12.2018, 11 AM Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 26.12.2018, 3 PM | End Date & Time: 10.01.2019, 5 PM |
| 4. | Date & time of online Technical bid opening | 14.01.2019, 11 AM | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha
10112/11/0047/1819



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/MECHANISED CLEANING/KSNG/18, ତା : 07.12.2018

କାର୍ଯ୍ୟର ନାମ : ତିନି ବର୍ଷ ସମୟାବଧି ନିମନ୍ତେ କେସିଙ୍ଗା ଷ୍ଟେସନ ଠାରେ ସଫେଇ ଏବଂ ସ୍ୱଚ୍ଛତାର ରକ୍ଷଣାବେକ୍ଷଣ।

ଆନୁମାନିକ ଟେଣ୍ଡର ମୂଲ୍ୟ (ଟଙ୍କାରେ) : 39,44,338/- EMD (ଟଙ୍କାରେ) : ₹ 79,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : ₹ 3,540/- (18% GST ସହିତ)

ଟେଣ୍ଡର ଫର୍ମ ଜାରି ହେବାର ଅବଧି : ତା 17.01.2019 ରିଖ 1700 ଘ. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଗ୍ରହଣ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା 18.01.2019 ରିଖ 1530 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର କାଗଜପତ୍ର ଖୋଲାଯିବାର ତାରିଖ ଓ ସମୟ : ତା 18.01.2019 ର 1600 ଘ.ରେ

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସର, ପୂର୍ବ ତଟ ରେଳପଥ, ସମ୍ବଲପୁର ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟ୍‌ରୁ ଡ଼ାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-405/J/18-19



**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/19 ତା.11.12.2018 ରିଖ

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"

PR - 406/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର**
(ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା : DCPU/JPR/1074/18 ତାରିଖ : ୧୩.୧୨.୨୦୧୮

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୨୪.୦୯.୨୦୧୮ ରିଖରେ ଯାଜପୁର ଜିଲ୍ଲାର ଯାଜପୁର- କେଉଁଝର ରୋଡ଼ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ ଏକ ଶିଶୁ ପୁତ୍ରକୁ ଯାଜପୁର ରୋଡ ପୋଲିସ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରକୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଉତ୍କଳ ବାଳାଶ୍ରମସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି । ଯଦି ଉକ୍ତ ଶିଶୁଟିର ପିତା-ମାତା କିମ୍ବା କୌଣସି ଅଭିଭାବକ / ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର (ମୋବାଇଲ-9337810497) କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ- ୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦେଇ ଉକ୍ତ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ୍ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|
| ଜିତ | ପୁଅ | ୦୩ ବର୍ଷ | ଯାଜପୁର-କେଉଁଝର ରୋଡ୍ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ | ୧୪୪୫/୨୯.୦୯.୨୦୧୮ |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C-71, C.D.A, Sector-7, Cuttack-753014
FORM NO. ITCP-1

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks and Financial Institutions Act, 1993)

R. P. No. 10/2017/CTC
(Arising out of OA No. 259 of 2013)
Next Date: 10.01.2019

Allahabad Bank, Maitri Vihar Branch, Plot No. S-3, Phase-II, Maitri Vihar, Bhubaneswar, Dist.: Khurda ...Certificate Holder Bank
Vs.
M/s. Suresh Painting Works & Ors ...Certificate Debtors

To
1. M/s Suresh Painting Works, Plot No.: 368, Infocity Road, Patia, Bhubaneswar, Dist.: Khurda, PIN - 751016 (Represented throught its Proprietor : Shri Suresh Mohanty)
2. Shri Suresh Mohanty, S/o: Muralidhar Mohanty, Vill: Pitamberpur, PO: Rahidinga, Via: Nalibar, Dist.: Jagatsinghpur, PIN - 754104.

Take notice that Certificate arising out of OA No. 259 of 2013 issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of Rs. 30,75,257.65 (Rupees Thirty Lac Seventy Five Thousand Two Hundred Fifty Seven and Paise Sixty Five only) together with interest till realisation of the dues, cost, charges as per the certificate, the details of which are given below:

1. Decretal Dues : Rs. 30,75,257.65
2. Interest @ 11.50% p.a. with quarterly rests from 11.06.2013 to 09.03.2017 : Rs. 8,34,479.00
3. Cost of the suit as allowed (+) : Rs. 33,000.00
4. Amount payable : Rs. 39,42,736.65

(Rupees Thirty Nine Lacs Forty Two Thousand Seven Hundred Thirty Six and Paise Sixty Five only) plus interest @ 11.50% p.a. from 10.03.2017 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc, and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on 10.01.2019 and report the details of payment made by you.

Given under my hand & seal at Cuttack on this 27th day of November 2018.

Sd/- (R.P. Patnaik)
Recovery Officer



"କୌଣସି ଲୋକ ଯଦି କହେ ଯେ, ଆଲୋକର ପ୍ରତୀକ ଏବଂ ତା'ର ଛାଇକୁ ସେ ଘୃଣାକରେ ତା'ହେଲେ ସେ ତଥାପି ଅନ୍ଧକାରରେ ଅଛି।
- ଲିଓ ଟଲଷ୍ଟୟ

## ସଂକ୍ଷେପରେ

### ଆଜି ବୀରମହାରାଜପୁରରେ ସିଏସି ବୈଠକ

ସମ୍ବଲପୁର,୧୩।୧୨(ବ୍ୟୁରୋ):ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ଶୁକ୍ରବାର ବୀରମହାରାଜପୁରଠାରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୁହ କେନ୍ଦ୍ରୀୟ କ୍ରିୟା ଅନୁଷ୍ଠାନ କମିଟି (ସିଏସି)ର ବୈଠକ ଅନୁଷ୍ଠିତ ହେବ। ବୈଠକରେ ସମ୍ବଲପୁର ଜିଲା ଓକିଲ ସଂଘ ସଦସ୍ୟ ଯୋଗଦେଇ ନିଜ ମତ ରଖିବେ। ଅନ୍ୟପକ୍ଷେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସାଧାରଣ ବୈଠକରେ ମତ ପ୍ରକାଶ ପାଇଥିଲା।

### ଗାଡ଼ି ଧକ୍କାରେ ଯୁବକ ମୃତ

ସମ୍ବଲପୁର,୧୩।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷୀପଡ଼ାରେ ବୁଧବାର ଭୋରରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାକ୍ଷୀପଡ଼ାର ବିବେକାନନ୍ଦ ସ୍ୱାଇଁ (୨୪)। ବିବେକାନନ୍ଦ ବାଇକ୍ ଯୋଗେ ଭୋରରେ ଘରକୁ ଫେରୁଥିଲେ। ସେତିକିବେଳେ ଏକ ଗାଡି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ସମ୍ବଲପୁର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଧନୁପାଲି ଥାନା ପୋଲିସ ଏକ ମାମଲା(ନଂ.୪୫୭/୧୮) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ବ୍ଲକସ୍ତରୀୟ କୁରାଳ ପଞ୍ଚମୀ ପୂଜା

ସମ୍ବଲପୁର,୧୩।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୁରାଳ ସମାଜର ବ୍ଲକସ୍ତରୀୟ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଥିଲା । ଖଇରମାଲ ଗ୍ରାମରେ ପୂଜାର ଆୟୋଜନ କରାଯାଇଥିଲା । ବ୍ଲକ ସଭାପତି ଗୋବିନ୍ଦ ରଣା, ମାଧବ ରଣା, ପିବତ୍ର ରଣା, ରମେଶ ରଣା, ମହନ ରଣା ପ୍ରମୁଖ ପୂଜା ଆୟୋଜନର ନେତୃତ୍ୱ ନେଇଥିଲେ।

### ଠେମେରା ମକର ମହୋତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୩।୧୨(ବ୍ୟୁରୋ):ଠେମେରା ଜ୍ୟୋତି କ୍ଲବ ପକ୍ଷରୁ ମକର ମହୋତ୍ସବ ପ୍ରସ୍ତୁତି ବୈଠକ ଉପରପଡ଼ାସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ଶ୍ରୀବତ୍ସ ନାଥଙ୍କ ପରିଚାଳନାରେ ସଭା ହୋଇଥିଲା। ସମ୍ବଲପୁର ଅନୀଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ, ଭଣ୍ଡାର ରକ୍ଷକ କ୍ଷମାଶୀଳ ଭୋଇ, ଉପଦେଷ୍ଟା ବିଜୟ କୁମାର ପଣ୍ଡା, ରମାକାନ୍ତ ନାଥ, ରାମପ୍ରସାଦ ଦୀପ, ଉଦିତକାନ୍ତ ନାଥ, ଅଶ୍ୱିନୀ ଆଚାର୍ଯ୍ୟ, ସଞ୍ଜୀବ କୁମାର ପଣ୍ଡା, ସୁରେଶ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

### କୋଶଳ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୩।୧୨(ବ୍ୟୁରୋ): ପଶ୍ଚିମାଞ୍ଚଳ କୋଶଳ ପରିଷଦର ପ୍ରତିଷ୍ଠା ଦିବସ କମଲିବଜାରସ୍ଥିତ କୋଶଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ଉପସଭାପତି ଜୟଲାଲ ସେଠ, ସମ୍ପାଦକ ସୁନୀଲ ନନ୍ଦ, କୋଷାଧ୍ୟକ୍ଷ କରୁଣାକର ପ୍ରଧାନ, ସଭ୍ୟ ଶୁକଦେବ ନାୟକ, ଶିବଶଙ୍କର ମିଶ୍ର, ମହେଶ୍ୱର ବଗର୍ତ୍ତି, ସନ୍ତୋଷ ବେହେରା, ଗିରିଶ ପାଢ଼ୀ, ପ୍ରମୋଦ ମିସ୍ତ୍ରି, ଶେଖ ୱାଜିର୍, ଆତ୍ମାରାମ ସୁପକାର, ଓଁକାର ମିଶ୍ର, ଅଜୟ କୁମ୍ବାର, ଛେଦିଲାଲ ଅଗ୍ରୱାଲ, ଆଇନଜୀବୀ ରତନ ଶର୍ମା ଯୋଗଦେଇ କୋଶଳ ପରିଷଦର ଆଭିମୁଖ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଆସନ୍ତା ୧୭ ତାରିଖ ହେବାକୁ ଥିବା କୋଶଳ ମହାବନ୍ଦକୁ ବିରୋଧ କରାଯିବ ବୋଲି ପ୍ରତିଷ୍ଠା ଦିବସ ଉତ୍ସବରେ ସ୍ଥିର ହୋଇଛି ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ରେଙ୍ଗାଲି,୧୩।୧୨(ଡି.ଏନ.ଏ): ସମ୍ବଲପୁର ଜିଲା ରେଙ୍ଗାଲିର ଧର୍ମପରାୟଣ ବ୍ୟକ୍ତି ଭୌରୋପ୍ରସାଦ ବର୍ମାଙ୍କ ୭୫ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମୃତ୍ୟୁ ସମୟରେ ପରିବାରର ସମସ୍ତେ ଉପସ୍ଥିତ ରହିଥିଲେ। ରେଙ୍ଗାଲି ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଆଲ୍ଲାହାବାଦରୁ ରେଙ୍ଗାଲି ଆସି ଏକ ଗଡୁ କାରଖାନା ବସାଇ ଥିଲେ।

---

## ରେଢ଼ାଖୋଲରେ କଂଗ୍ରେସର ଜନଜାଗରଣ ଯାତ୍ରା

# ନେତାଙ୍କୁ ଘାରିଲା କର୍ମୀ ଯୋଗାଡ଼ ଚିନ୍ତା

ରେଢାଖୋଲ, ୧୩।୧୨ (ଡି.ଏନ.ଏ.)

ନିକଟରେ ତେଲେଙ୍ଗାନା, ମିଜୋରାମ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ନିର୍ବାଚନ ସରିଛି। ହେଲେ ପ୍ରଥମ ୨ଟି ରାଜ୍ୟକୁ ଛାଡିଦେଲେ ଅନ୍ୟ ୩ଟିରେ କଂଗ୍ରେସ ବିଜୟର ସ୍ୱାଦ ଚାଖିଛି। ଏଭଳିସ୍ଥିତିରେ ଓଡ଼ିଶାରେ ୧୮ ବର୍ଷ ହେଲା କ୍ଷମତାରୁ ଦୂରେଇ ଯାଇଥିବା କଂଗ୍ରେସକୁ ପୁଣି ଚୌକି ଲୋଭ ଘାରିଛି। ବର୍ଷ ବର୍ଷ ଧରି କର୍ମୀଙ୍କୁ ପଚାରୁ ନ ଥିବା ନେତା ଏବେ ଶରଣ ପଶିଛନ୍ତି। ଘର ସଜାଡି ମଙ୍ଗ ଧରିବାକୁ ଏବେ କର୍ମୀ ଯୋଗାଡ଼ରେ ନେତା ଲାଗି ପଡିଛନ୍ତି।

ଏହି କ୍ରମରେ ରେଢାଖୋଲରେ ଗୁରୁବାର କଂଗ୍ରେସର ଜନଜାଗରଣ ଯାତ୍ରା ପହଞ୍ଚିଛି। ଭୀମଭୋଇ କଲେଜ ନିକଟରୁ ଶତାଧିକ କର୍ମୀ ଓ ନେତା ଏକ ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡସ୍ଥିତ କଦମ୍ବ ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସମାବେଶରେ ଦଳୀୟ ନେତୃବୃନ୍ଦ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ବିରୋଧରେ ବର୍ଷି ଥିଲେ। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅମର ପ୍ରଧାନ, ଜିଲା ସଭାପତି ଅଶ୍ୱିନୀ ଗୁରୁ, ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ଡ. ହମିଦ ହୁସେନ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଓଡ଼ିଶା ଦାୟିତ୍ୱରେ ଥିବା ମସ୍ତାକ ଅଲ୍ଲୀ, ଆସଫ ଅଲ୍ଲୀ ଖାନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ ବିଜେଡି ସରକାର ୧୮ ବର୍ଷ ହେଲା କ୍ଷମତାରେ ରହିଛି। ହେଲେ ଏସରକାରଙ୍କ ଅମଳରେ କୌଣସି ବିକାଶ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତ ଭଶୁଡି ପଡିଛି। ପ୍ରତି ବିଭାଗରେ ଦୁର୍ନୀତି, ପିସି କାରବାର ବଢୁଛି। ଚାଷୀ ସମସ୍ୟାର ସମାଧାନ ହେଉ ନାହିଁ। ବିଶେଷ କରି ପଶ୍ଚିମ ଓଡ଼ିଶା ଅବହେଳିତ ହୋଇରହିଛି। ଏଠି ଚାଷୀ ବିଷ ପିଇ ଜୀବନ ହାରିବାକୁ ବାଧ ହେଉଛନ୍ତି। ହେଲେ ରାଜ୍ୟ ସରକାର ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରୁ ନାହାନ୍ତି। କଂଗ୍ରେସ ଯଦି ରାଜ୍ୟରେ କ୍ଷମତାକୁ ଆସେ, ତେବେ ଚାଷୀଙ୍କ ଆର୍ଥିକ ପରିସ୍ଥିତି ସୁଦୃଢ କରିବ ବୋଲି ପିସିସି ସଭାପତି କହିଥିଲେ।



ରେଢାଖୋଲରେ ଗୁରୁବାର ଅନୁଷ୍ଠିତ ଜନଜାଗରଣ ଯାତ୍ରା ସମାବେଶରେ କଂଗ୍ରେସ ନେତୃବୃନ୍ଦ।

### ସମାବେଶରେ ବ୍ୟତିକ୍ରମ

ନିରଞ୍ଜନ ଆସିବେ ବୋଲି ଦୁଇ ଦିନ ହେଲା ମାଇକ୍‌ରେ ପ୍ରଚାର କରାଯାଇଥିଲା। ହେଲେ ସଭା ଆରମ୍ଭର ଘଣ୍ଟାଏ ପରେ ମଧ ପିସିସି ସଭାପତି ନିରଞ୍ଜନ ଆସି ନ ଥିବାରୁ କର୍ମୀଙ୍କ ମଧରେ ଭାଳେଣି ପଡିଥିଲା। ସମାବେଶ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ ବୋଲି ଖବରଦାତାମାନଙ୍କୁ ସୂଚନା ଦିଆଯାଇଥିଲା। ହେଲେ ସମାବେଶ ଅପରାହ୍ନ ୧ଟାରେ ଆରମ୍ଭ ହୋଇଥିଲା। ସମାବେଶ ଆରମ୍ଭ ହେବା ବିଳମ୍ବ ଯୋଗୁ ଗ୍ରାମାଞ୍ଚଳରୁ ଆସିଥିବା କର୍ମୀମାନେ ଭୋକରେ ଆଉଟୁପାଉଟୁ ହୋଇଥିଲେ। ପିସିସି ସଭାପତି ନିରଞ୍ଜନ ପହଞ୍ଚି ଭାଷଣ ଦେବା ମାତ୍ରେ କର୍ମୀମାନେ ଖାଇବାକୁ ଉଠି ଯାଇଥିଲେ। ସଭାରେ ଜଣକ ପରେ ଜଣେ ନେତା ଭାଷଣ ଦେଇ ଚାଲିଥିଲେ। ହେଲେ ପଞ୍ଚଖଣ୍ଡା ଓ ମା' ସମଲେଈଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଲାଗି ଭୁଲି ଯାଇଥିଲେ। ନିରଞ୍ଜନ ପହଞ୍ଚିବା ପରେ ପ୍ରଦୀପ ପ୍ରଜ୍ୱଳନ ଲାଗି ମନେ ପଡିଥିଲା। ଖବର ସଂଗ୍ରହ ପାଇଁ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ପହଞ୍ଚିବା ବେଳକୁ ଚୌକି ନ ଥିଲା। ଏଣୁ ସମାବେଶରେ ଟେଣ୍ଟ ବାହାରେ ଠିଆ ହୋଇ ରହିଥିଲେ। ମଞ୍ଚରେ କୌଣସି ଏଜେଣ୍ଡା ନ ଥିଲା। ଯେତେବେଳେ ଯାହା ମନେ ପଡୁଥିଲା, ସେହି ଅନୁସାରେ ସଭା ପରିଚାଳିତ ହେଉଥିଲା। ଗ୍ରାମାଞ୍ଚଳର ଜନପ୍ରତିନିଧିଙ୍କୁ ମଞ୍ଚକୁ ଆରମ୍ଭରୁ ନ ଡାକି ପରେ ଚୌକିରେ ବସା ଯାଇଥିବା ଦେଖାଯାଇଥିଲା।

---

## ହାଇବ୍ରିଡ୍ ଧାନ କରି ଠକାମିର ଶିକାର ହେଲେ ଚାଷୀ

ବାମରା,୧୩।୧୨(ସ୍ୱ.ପ୍ର.)

ବାମରା ବ୍ଲକ ଅଞ୍ଚଳରେ ଧାନ ଚାଷ ପାଇଁ ବାୟୋଷ୍ଟାର୍ଟ କମ୍ପାନୀର ହାଇବ୍ରିଡ ଧାନ କରି ଚାଷୀ ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଚଳିତ ବର୍ଷ ଖରିଫ ଋତୁରେ ବାମରା ଅଞ୍ଚଳରେ ଧାନ ଚାଷ ପାଇଁ ଚାଷୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ପର୍ଯ୍ୟାପ୍ତ ପାଣିଥିବା ଜମିଗୁଡିକରେ ଅଧିକ ଅମଳ ଆଶାରେ ବାୟୋଷ୍ଟାଟ୍ ଧାନ ଚାଷ କରି ଠକାମିରେ ପଡିଛନ୍ତି। ସୂଚନାଯୋଗ୍ୟ, ବାମରା ବ୍ଲକ ଜରାବଗା ଅଞ୍ଚଳରୁ ଧାନ ବହନ ବିକ୍ରେତା ପ୍ରକାଶ ପଟେଲ ଅଞ୍ଚଳର ଚାଷୀଙ୍କୁ ବାୟୋଷ୍ଟାର୍ଟ କମ୍ପାନୀର ୩ଟି କିସମର ଧାନ ନନ୍ଦୀ–୭୭୭, ନନ୍ଦୀ– ୫୫୫ ଓ ନନ୍ଦୀ–୩୩୩ ଯୋଗାଇ ଦେଇଥିଲେ। ଉକ୍ତ ଧାନ ବିହନ ଆଣି କମ୍ପାନୀର ଗାଇଡଲାଇନ୍ ଅନୁସାରେ ଚାଷୀ ଚାଷ କରିଥିବା ବେଳେ ଅମଳ ସମୟରେ ନିରାଶ ହେବାକୁ ପଡିଛି। ଧାନ ଗଛ ହୃଷ୍ଟପୁଷ୍ଟ ହେବା ସହ ଧାନ ବାହାରିଥିଲା। ହେଲେ ବର୍ତ୍ତମାନ ଅମଳ ସମୟରେ ଧାନ ଅଗାଡି ହୋଇଯାଇଛି।। ଏନେଇ ଚାଷୀ ସମ୍ପୃକ୍ତ ବିକ୍ରେତାଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ଅନ୍ୟପକ୍ଷେ ଚାଷୀ ଟଙ୍କା ଫେରସ୍ତ ନେଇ ଦାବି କରିଛନ୍ତି। ଏନେଇ ବିକ୍ରେତା ପ୍ରକାଶ ପଟେଲଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ କମ୍ପାନୀକୁ ଜଣାଇ ଦିଆଯାଇଛି। ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

---

## ବାମରା ବ୍ଲକରେ ପୀଠା ଯୋଜନା ପ୍ରସ୍ତୁତି ବୈଠକ



ପୀଠା ଯୋଜନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ ।

ବାମରା,୧୩।୧୨(ସ୍ୱ.ପ୍ର.)

ବାମରା ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପୀଠା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବାମରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମରା ତହସିଲଦାର ଅନିଲ କୁଲୁ, ବିଡିଓ ସୁଶିଲ କୁଜୁର, ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ବେହେରା, ଜିପିଇଓ ଲକ୍ଷ୍ମୀନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ପୀଠା (ପିପୁଲସ୍ ଏମ୍‌ପାୱାରମେଣ୍ଟ ଏନବଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟବିଲିଟି ଅଫ୍ ଓଡ଼ିଶା ଇନସିଏଟିଭ୍ସ) ଯୋଜନା ବିଷୟରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ବୁଝାଇଥିଲେ। ଏପରି କି ଚଳିତ ମାସ ୧୫ରୁ ୨୦ତାରିଖ ମଧ୍ୟରେ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଜନାର ଲାଭ କିପରି ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେନେଇ ବିଡିଓ କୁଜୁର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସେହିପରି ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ଶିବିରଗୁଡିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା, ଏଲ୍‌ଇଡି ବଲବ ବଣ୍ଟନ, ମଧୁବାବୁ ପେନ୍‌ସନ ରାଶି, କଳାକାର ଭତ୍ତା ସହ ନିର୍ମାଣ ଶ୍ରମିକ ସହାୟତା ସହ ଅନ୍ୟ ସରକାରୀ ସାମାଜିକ ସୁରକ୍ଷା ସହାୟତା ବଣ୍ଟନ କରାଯିବ। ଏପରି କି ସରକାରୀ ଯୋଜନା ନେଇ ସଚେତନତା ସଭା ଅନୁଷ୍ଠିତ ହେବ। ବ୍ଲକସ୍ତରରେ ପର୍ଯ୍ୟବେକ୍ଷକମାନେ ପୀଠା ଯୋଜନାକୁ ତଦାରଖ କରିବେ ବୋଲି ଜିପିଇଓ ଲକ୍ଷ୍ମୀନାରାୟଣ ମହାପାତ୍ର ସୂଚନା ଦେଇଥିଲେ । ବୈଠକରେ ଏସିଏଫ ଧ୍ରୁବଚରଣ ଜିତ, କୃଷି ଅଧିକାରୀ ଦେବାନନ୍ଦ ସାହୁ, ବିପିସି ସୁମନ କୁଲୁ, ସିଡିପିଓ ମେହରୁନ ନିଶା ବେଗମ୍, ବିଏସ୍‌ଏସ୍‌ଓ ସତ୍ୟବ୍ରତ ପାଢ଼ୀ, ଗଡପୋଷ ଏମ୍‌ଓଆଇସି କିଶୋର ବରେଇ, ବିଷ୍ଣୁଚରଣ କିଷାନ ଓ ପୋଲିସ ବିଭାଗ ପକ୍ଷରୁ ଥୋମାସ କେର୍କେଟାଙ୍କ ସହ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ସ୍ୱଦେଶୀ ଦିବସ ପାଳନ

କୁଚିଣ୍ଡା,୧୩।୧୨(ଡି.ଏନ.ଏ.)

କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସ୍ୱଦେଶୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ପତଞ୍ଜଳି ଚିକିତ୍ସାଳୟ ଡାକ୍ତର କାର୍ତ୍ତିକେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ପଦାର୍ଥର ଗ୍ରହଣ ଏବଂ ସେବନ ତଥା ଆଦର୍ଶ ଜୀବନ ଚର୍ଯ୍ୟା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସ୍ୱଦେଶୀ ପ୍ରମୁଖ ବାସୁଦେବ ତାଣ୍ଡିଆ ଅତିଥି ପରିଚୟ ଏବଂ ଶହୀଦ ବାବୁ ଗେନୁଙ୍କ ବଳିଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱଦେଶୀ ଦିବସ ଉପଲକ୍ଷେ କରାଯାଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପଥ ପ୍ରଦର୍ଶକ ନାଟକ ସ୍ୱଦେଶୀର ଆହ୍ୱାନ ପ୍ରଦର୍ଶନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହପ୍ରଧାନଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀ ସ୍ୱଦେଶୀ ସଂକଳ୍ପ ପାଠ କରାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତିର ବିବିଧ ପ୍ରତିଯୋଗିତା

ସମ୍ବଲପୁର,୧୩।୧୨(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଚଳିତ ୨୩ ତାରିଖରେ ଏନ୍‌ଜି ଟାଉନ ହାଇସ୍କୁଲଠାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ହେବ। ସବ୍‌ଜୁନିୟର, ଜୁନିୟର, ସିନିୟର ଓ କଲେଜସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା, କୁଇଜ୍, ଶ୍ରୀମଦଭଗବତ୍ ଗୀତା ଶ୍ଳୋକ ଆବୃତ୍ତି ଏବଂ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତା ହେବ। ଜାତିର ଜନକ ମହାତ୍ମା ଗାନ୍ଧୀ ଓ ନୃସିଂହ ଗୁରୁଙ୍କ ଜୀବନୀ କାର୍ଯ୍ୟକ୍ରମ ହେବ । ଗୁରୁବାର ସ୍ମୃତି ସମିତି ସାଧାରଣ ସମ୍ପାଦକ ହେମନ୍ତ କୁମାର ମହାପାତ୍ର ଓ ଅରବିନ୍ଦ ମହାପାତ୍ର ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ରେଙ୍ଗାଲି,୧୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଏବଂ କତରବଗାରେ ନୂତନ ଥାନା ଅଧିକାରୀ ଯୋଗଦାନ କରିଛନ୍ତି। ରଜନୀକାନ୍ତ ସାମଲଙ୍କ ବଦଳି ପରେ ରେଙ୍ଗାଲି ଥାନା ଅଧିକାରୀ ପଦବୀ ଖାଲି ପଡିଥିଲା । ଗୁରୁବାର ବାଳକୃଷ୍ଣ କଅଁର ଫୁଲବାଣୀ ଜିଲାରୁ ଆସି ରେଙ୍ଗାଲି ଥାନାର ନୂତନ ଥାନା ଅଧିକାରୀ ଭାବରେ ଯୋଗ ଦେଇଛନ୍ତି । ସେହିପରି ଡୋଳାମଣି ଭୋଇଙ୍କ ବଦଳି ହେବା ପରେ କତରବଗା ଥାନା ଅଧିକାରୀ ପଦବୀ ଖାଲି ପଡିଥିଲା । ଗୁରୁବାର ଅଜୟ କୁମାର ଜେନା କୋଲାବିରା ଥାନାରୁ ଆସି କତରବଗା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଯୋଗ ଦେଇଛନ୍ତି ।

## ସମ୍ବଲପୁରରେ ଜନଜାଗରଣ ଯାତ୍ରା

# ମହାନଦୀ ବିବାଦର ସମାଧାନ ହେବ: ନିରଞ୍ଜନ

ସମ୍ବଲପୁର,୧୩।୧୨(ବ୍ୟୁରୋ)

ଓଡ଼ିଶାରେ ମହାନଦୀ ଶୁଖିଲା ପଡିଛି । ମହାନଦୀ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଛି । ଏହି ମାମଲା ସୁପ୍ରିମ କୋର୍ଟରେ ପହଞ୍ଚିଛି। ମହାନଦୀ ସମସ୍ୟା ପାଇଁ ବିଜେଡି ଦାୟୀ। ୨୦୦୪ରୁ ରାଜ୍ୟ ସରକାର ଘଟଣା ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ଏହାର ବିରୋଧ କରାଯାଇ ନ ଥିଲା । ଏପରି କି ଯେତେ ପରିମାଣ ବ୍ୟାରେଜ ଓ ଡ୍ୟାମ ନିର୍ମାଣ କଲେ ମଧ୍ୟ ଓଡ଼ିଶାକୁ କୌଣସି ଅସୁବିଧା ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ବର୍ତ୍ତମାନ ମହାନଦୀକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଭାଜପା ମଧ୍ୟ ଲୋକଙ୍କୁ ଭୁଆଁ ବୁଲାଉଛି। ଛତିଶଗଡ଼ରେ କଂଗ୍ରେସ କ୍ଷମତାକୁ ଫେରିଛି। ଏନେଇ ମହାନଦୀ ସମସ୍ୟାର ସମାଧାନ ହୋଇଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଆହୁରି କହିଥିଲେ ଯେ, କଂଗେସ ଦଳ ୩ଟି ରାଜ୍ୟରେ ଭଲ ପ୍ରଦର୍ଶନ କରି ସରକାର ଗଠନ କରୁଛି। ଏହାର ପ୍ରତିଫଳନ ଓଡିଶାରେ ମଧ୍ୟ ଦେଖାଦେବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତିରି ସମ୍ପର୍କ ରହିଛି । ଉଭୟ ସରକାର ମିଶି ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧୀଙ୍କୁ ପ୍ରସାହନ ଦେଉଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ପାଇଁ ଅଧିକ ଲାଭଦାୟକ ହେବ। ଋଣ ପ୍ରଦାନ କରିବା ସରଳ କରାଯିବ । ଚାଷୀଙ୍କୁ ଉପକରଣ ପ୍ରଦାନ କରାଯିବ। ୨ ବର୍ଷରେ ରାଜ୍ୟରେ ବେରୋଜଗାରି ରହିବ ନାହିଁ । ସବୁ ଦିଗରେ କଂଗ୍ରେସ କାମ କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଅଶ୍ୱିନୀ ଗୁରୁ, ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ସସ୍ତାନ ଅଲୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ଦାସ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ରହିଥିଲେ। ଭତରା ଛକରେ ଜିଲା କଂଗ୍ରେସ ପକ୍ଷରୁ ନେତୃବୃନ୍ଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ବାଇକ୍ ରାଲି ସହର ପରିକ୍ରମା କରିଥିଲା।

## ଅବ୍ୟବସ୍ଥାରେ ବାଉରିଗୋଡ଼ା ଆୟୁର୍ବେଦ ଚିକିତ୍ସାଳୟ

କୁଚିଣ୍ଡା,୧୩।୧୨(ଡି.ଏନ.ଏ)

ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦ ଚିକିତ୍ସାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏନେଇ ସରକାର ୧୯୭୨ ଫେବୃୟାରୀ ୪ତାରିଖରେକୁଚିଣ୍ଡା ବ୍ଲକ ବାଉରିଗୋଡାଠାରେ ଏକ ଆୟୁର୍ବେଦ ଚିକିତ୍ସାଳୟ ସ୍ଥାପନ କରିଛନ୍ତି। ହେଲେ ଅବ୍ୟବସ୍ଥା ଯୋଗୁ ରୋଗୀମାନେ ଚିକିତ୍ସା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିକିତ୍ସାଳୟରେ ଜଣେ ଡାକ୍ତର ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି । ମାତ୍ର ଡାକ୍ତର ଜଣକ ନିୟମିତ ଆସୁ ନ ଥିବାରୁ ରୋଗୀ ସେବା ବ୍ୟାଘାତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରି କି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଚିକିତ୍ସାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଚିକିତ୍ସାଳୟକୁ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଧନୁପାଲି ପିଏଚ୍‌ସି ନୂତନ କୋଠାକୁ ସ୍ଥାନାନ୍ତର ଦାବି

ସମ୍ବଲପୁର, ୧୩।୧୨ (ବ୍ୟୁରୋ)

ସମ୍ପ୍ରତି ଧନୁପାଲି ପିଏଚ୍‌ସି ଭଙ୍ଗାଦଦରା ଭଡା ଘରେ ଚାଲିଛି। ଏହା ରୋଗୀ ଓ ଜନସାଧାରଣଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ଅପରପକ୍ଷେ ପ୍ରାୟ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଡାକ୍ତରଖାନା କୋଠା ତିଆରି ହୋଇଛି । କିନ୍ତୁ ପିଡବ୍ଲ୍ୟୁଡି ୱେସ୍କୋ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ନୂତନ କୋଠାକୁ ଧନୁପାଲି ପିଏଚ୍‌ସି ସ୍ଥାନାନ୍ତର ହୋଇ ପାରୁନାହିଁ । ଏନେଇ ଗୁରୁବାର ସମ୍ବଲପୁର ଜିଲା ଭାଜପା କର୍ମକର୍ତ୍ତା ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତାଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ ଡାକ୍ତରଖାନା ତୁରନ୍ତ ନୂତନ କୋଠାକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର, ଶ୍ରୀକାନ୍ତ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ସୁରେନ୍ଦ୍ର ଖଟେଇ, ରଞ୍ଜିତ ରଥ, ସୁଜାତା ଗୁରୁ ପ୍ରମୁଖ ସାମିଲ ଥିଲେ । ଆଲୋଚନା ବେଳେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଞ୍ଚାନନ ନାୟକ ଉପସ୍ଥିତ ଥିଲେ।

## ଆନ୍ତଃ ଶ୍ରେଣୀ କ୍ରିକେଟ ପ୍ରତିଯୋଗିତା

ରେଙ୍ଗାଲି,୧୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ସୁରଜମଲ୍ ମହାବିଦ୍ୟାଳୟରେ ଚାଲିଥିବା ଆନ୍ତଃଶ୍ରେଣୀ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୯ଟି ଶ୍ରେଣୀର ଛାତ୍ର ଅଂଶଗ୍ରହଣ କରିଥିଲେ। ଗୁରୁବାର ଫାଇନାଲ ମ୍ୟାଚ ଯୁକ୍ତ ୩ ଶେଷ ବର୍ଷ କଳା ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ଯୁକ୍ତ ୩ ଶେଷ ବର୍ଷ କଳା ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ଅବିନାଶ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଦୀପକ ଭେଙ୍ଗରାଜ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଅତିଥିଙ୍କ ଦ୍ୱାରା ଉଭୟ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହ ଖେଳାଳିମାନେ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



# ହକି ମ୍ୟାଚ୍ ଦେଖିଲେ ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ହକି ଖେଳର ମଜା ନେଉଛନ୍ତି ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହୋଇଥିବା ମାଓବାଦୀ।

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

■ନନ୍ଦନକାନନ ବୁଲିଲେ
■ଆଜି କୋଣାର୍କ ଓ ପୁରୀ ବୁଲିବେ

ମାଲକାନଗିରି ପୋଲିସ ନିକଟରେ ଆତ୍ମସର୍ମପଣ କରି ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହକି ମ୍ୟାଚ୍ ଦେଖିଛନ୍ତି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ବସି ସେମାନେ ଭାରତ ଏବଂ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ ସହିତ ମଝିରେ ମଝିରେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୧୬ ମହିଳା ଏବଂ ୧୪ ପୁରୁଷ ଥିଲେ। ଖେଳ ଦେଖିବା ପୂର୍ବରୁ ଅପରାହ୍ନ ପ୍ରାୟ ୫ଟାରେ ସେମାନେ ପୋଲିସ ଫ୍ୟାନ୍ ଭିଲେଜ ବୁଲିବା ସହିତ ଶରୀରରେ ରଙ୍ଗିନ ଟାଟୁ କରିଥିଲେ।

ପୂର୍ବାହ୍ନରେ ସେମାନେ ନନ୍ଦନକାନନ ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲିଥିଲେ। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ମାଲକାନାଗିରିର ୨୦ ଏବଂ କୋରାପୁଟର ୧୦ ଜଣ ରହିଛନ୍ତି। ଶୁକ୍ରବାର ସେମାନେ ପୁରୀ ଓ କୋଣାର୍କ ବୁଲିବାକୁ ଯିବାର କାର୍ଯ୍ୟକ୍ରମ ରହିଛି। ୨୦୦୯ରେ ଆତ୍ମସମପର୍ଣ କରିଥିବା କୋରାପୁଟ ଜିଲା ନାରାୟଣପାଟଣା ଅଞ୍ଚଳର କାଳିଆ ଦୁଲୁକା କହିଛନ୍ତି, ପ୍ରଥମ ଥର କରି ଭୁବନେଶ୍ୱର ବୁଲିବାକୁ ଆସିଥିବାରୁ ଖୁସି ଲାଗୁଛି। ଆମେ ମାଓବାଦୀ ଥିବାବେଳେ ଜଙ୍ଗଲରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିଲୁ। କିନ୍ତୁ ଆତ୍ମସର୍ମପଣ କରି ବହୁତ ଖୁସି ଅନୁଭବ କରୁଛି। ହକି ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଉତ୍ସାହ ଥିଲା। ପୋଲିସ ଆମକୁ ବହୁତ ସହଯୋଗ କରୁଛି। ଆତ୍ମସର୍ମପଣ ପରେ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ପୋଲିସ ଯୋଗାଇ ଦେଉଛି। ଯେଉଁ ମାଓବାଦୀମାନେ ଜଙ୍ଗଲରେ ସଂଘର୍ଷ କରୁଛନ୍ତି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆମ ଭଳି ସାଧାରଣ ଜୀବନଯାପନ କରିବାକୁ କାଳିଆ ଆହ୍ୱାନ କରିଛନ୍ତି। ମାଲକାନାଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି, ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ସେମାନେ ହକି ମ୍ୟାଚ୍ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ସେମାନଙ୍କୁ ହକି ମ୍ୟାଚ୍ ଦେଖାଇବା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ଏହାସହ ସେମାନେ ନନ୍ଦନକାନନ ବୁଲିଛନ୍ତି। ଶୁକ୍ରବାର କୋଣାର୍କ ଓ ପୁରୀ ବୁଲିବାକୁ ଯିବେ। ଗଣମାଧ୍ୟମ ଜରିଆରେ ଏସ୍‌ପି କହିଛନ୍ତି ଯେ, ଯେଉଁମାନେ ଭୁଲ ବାଟରେ ଯାଇ ମାଓବାଦୀ ହୋଇଛନ୍ତି, ସେମାନେ ଅତ୍ମସମପର୍ଣ କରନ୍ତୁ। ସରକାରଙ୍କ ପକ୍ଷରୁ ଯାହା କିଛି ସୁବିଧା ରହିଛି ସେସବୁ ଯୋଗାଇ ଦିଆଯିବ।

# ମହିଳା ସଂରକ୍ଷଣ ପ୍ରସଙ୍ଗ: ଅକାଳୀ ଦଳକୁ ଭେଟିଲା ବିଜେଡି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧି ଦଳ ଗୁରୁବାର ଶିରୋମଣୀ ଅକାଳୀ ଦଳକୁ ନୂଆଦିଲ୍ଲୀଠାରେ ଭେଟିଛନ୍ତି। ବିଜେଡି ତରଫରୁ ଦଳର ଉପସଭାପତି ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଅକାଳୀ ଦଳର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କୁ ଭେଟିଛନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ବିଜେଡି ପ୍ରତିନିଧି ଅକାଳୀ ଦଳର ସମର୍ଥନ ଲୋଡ଼ିଛନ୍ତି। କେନ୍ଦ୍ରମନ୍ତ୍ରୀ ବାଦଲ ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ଓଡ଼ିଶା ବିଧାନସଭାରେ ଆଗତ କରାଇଥିଲେ। ଏହା ପରବର୍ତ୍ତୀ ସମୟରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା।



କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କ ସହ ବିଜେଡି ଏମ୍‌ପି ତଥାଗତ ସତପଥୀ ଏବଂ ରାଜ୍ୟ ସମବାୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର।

## ■ଚିଟ୍‌ଫଣ୍ଡ ସ୍ୱତନ୍ତ୍ର କୋର୍ଟଙ୍କ ବଡ଼ ଆଦେଶ
## ୨ ଲକ୍ଷ ୩୮ ହଜାର ୪୭୭ କ୍ଷୁଦ୍ର ଜମାକାରୀ ଫେରିପାଇବେ ଟଙ୍କା

କଟକ ଅଫିସ, ୧୩।୧୨: ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଟଙ୍କା ଜମା କରିଥିବା କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ। ଓଡ଼ିଶା ପ୍ରୋଟେକ୍ସନ ଅଫ୍ ଇଣ୍ଟେରେଷ୍ଟ ଅଫ୍ ଡିପୋଜିଟର୍ସ ଆଇନ ଅନୁଯାୟୀ ସ୍ୱତନ୍ତ୍ର କୋର୍ଟ ରାଜ୍ୟ ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ଏହି ଅନୁଯାୟୀ ରୋଜଭ୍ୟାଲି ସଂସ୍ଥାରେ ଟଙ୍କା ଜମା ରଖିଥିବା ୨ ଲକ୍ଷ ୩୮ ହଜାର ୪୭୭ ଜଣ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀ ୯୨ କୋଟି ୮ ଲକ୍ଷ ୯୬ହଜାର ୯୮୨ ଟଙ୍କା ଫେରସ୍ତ ପାଇବେ। କ୍ଷେତ୍ର ଅନୁଧାନକାରୀ ଦଳ ୧୦ହଜାର କିମ୍ବା ଏହା ତଳକୁ ଜମା ରଖିଥିବା ଜମାକାରୀମାନଙ୍କୁ ଚିହ୍ନଟ କରିବା ପରେ କୋର୍ଟରେ ତାଲିକା ଦାଖଲ କରାଯାଇଥିଲା। ଏହି ଜମାକାରୀମାନେ ୯୫ କୋଟି ୮୪ ଲକ୍ଷ ୧୨ ହଜାର ୮୯୩ ଟଙ୍କା ଜମା କରିଥିଲେ। ଯେଉଁମାନଙ୍କର ୭ ହଜାର କିମ୍ବା ଏହା ତଳକୁ ଟଙ୍କା ଜମା ରହିଛି, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ୭ ହଜାରରୁ ୧୦ ହଜାର ମଧ୍ୟରେ ଜମା ରଖିଥିବା ଜମାକାରୀମାନେ ୭ ହଜାର ଟଙ୍କା ସହିତ ଅବଶିଷ୍ଟ ଟଙ୍କାର ୫୨ ପ୍ରତିଶତ ଟଙ୍କା ଫେରସ୍ତ ପାଇବେ ବୋଲି ସ୍ୱତନ୍ତ୍ର କୋର୍ଟର ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଜମାକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯିବ ବୋଲି ମହାନ୍ତି କହିଛନ୍ତି।

## ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)-ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ୩୬ ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ପଦୋନ୍ନତି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏଏସ୍ -ବର୍ଗ(କ)(କନିଷ୍ଠ ବ୍ରାଞ୍ଚ) ଅଧିକାରୀମାନେ ଓଏଏସ୍ -ବର୍ଗ(କ)(ବରିଷ୍ଠ ବ୍ରାଞ୍ଚ)କୁ ପଦୋନ୍ନତି ପାଇଛନ୍ତି।

See Career Appointment on every **Wednesday & Saturday**


GOVERNMENT OF ODISHA
**OFFICE OF THE EXECUTIVE ENGINEER GANJAM (R&B) DIVISION NO. II, BERHAMPUR**
Phone/Fax: 0680-2233996, e-mail: eernb2_bam@yahoo.co.in
INVITATION FOR BIDS (IFB) [e-Procurement]
No.1001-B:- TENDER CALL NOTICE
Bid Identification No. SC (R&B)-GM-II-36/2018-19 No. 9317 Dated 06.12.18

| | | | |
|---|---|---|---|
| 1) | The Executive Engineer, Ganjam (R&B) Division NO. II, Berhampur on behalf of Governor of Odisha invites percentage rate bid in Single cover system to be received in ONLINE MODE only for the work as detailed below. | | |
| 2) | Nature of Work | : | Building work |
| 3) | No. of work | : | 01 No. |
| 4) | Tender Cost | : | Rs. 6,000/- |
| 5) | Class of Contractor | : | 'D' class & 'C' class |
| 6) | Available of bid documents in the website | : | From 14.12.018, 10.00 AM to 26.12.2018, 4.00 PM |
| 7) | Date of opening of Bid | : | 27.12.2018 at 11.30 AM |
| 8) | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. | | |

Sd./- A.K. Dass
Executive Engineer
34080/11/0028/1819 Ganjam (R&B) Division No. II



**OFFICE OF THE GENERAL MANAGER DISTRICT INDUSTRIES CENTRE**
At/PO: Bhawanipatna, District: Kalahandi, Pin: 766001, E-mail: dickal@nic.in, Phone No.: 06670-232637
**NOTICE**
No.06-P:- Sealed cover tender quotations are invited for hiring of private vehicle (Taxi) i.e. Indica ev2 / Bolero for official use of General manager, D.I.C, Kalahandi, Bhawanipatna within Rs. 16,000/- on monthly basis including driver and his wages. The quotation should reach to this Office of the undersigned within seven days from the date of Publication of Notice.
Sd./- General Manager
14033/11/0002/1819 D.I.C., Kalahandi



**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1123:- CIN: U40101OR1995SGC003963
**1st CORRIGENDUM TO TCN No. 22/2018-19 Dated 20.11.2018**
**Sub:** Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela.
The last dates of this Office Tender Call Notice No: 22/2018-19 dated 20.11.2018 for Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela is extended as follows.
Last date of sell of Tender Paper : 13.00 hrs of 28.12.2018
Last date of Receipt of Tender : 16.00 hrs of 28.12.2018
Date of opening of tender paper : 16.30 hrs of 28.12.2018
All other terms and conditions of the above TCN remains unaltered.
Sd./- Sr. General Manager (Ele.),
04019/11/0083/1819 Balimela HEP, Balimela



**ODISHA TRIBAL EMPOWERMENT & LIVELIHOODS PROGRAMME Plus (OTELP Plus)**
ST & SC DEVELOPMENT DEPARTMENT
2nd Floor, TDCC Building, Rupali Square, Bhubaneswar-751022
**EMPANELMENT OF ACCOUNTANT FOR PSU, OTELP PLUS & EXECUTIVE ASSISTANT, PROJECT ASSISTANT (MIS) FOR PMU, OPELIP**
**No. CAD-1130:-** Programme Director, OTELP Plus/ OPELIP invites applications from eligible candidates for empanelment of Accountant to be positioned at PSU OTELP PLUS & Executive Assistant, Project Assistant (MIS) to be positioned at PMU, OPELIP purely on contractual basis. Application form along with the detail ToR for each post can be downloaded from the website i.e. www.otelp.org. Last date of receipt of applications by Speed Post / Registered Post / Courier Service only is dt. 24.12.2018 upto 5.00 PM. Only short listed candidates will be called for interview for empanelment.
Programme Director, OTELP Plus / OPELIP reserves the right to accept or reject the applications without assigning any reason thereof.
26019/11/0010/1819 *Sd./- Programme Director*



**TENDER CALL NOTICE**
**Office of the Director, Vigilance, Odisha, Cuttack**
**No. 948-D:-** Sealed tenders are invited from the OEM or Authorised / Registered Dealers / Suppliers / Resellers for purchase of the items for Cyber Cells of Odisha Vigilance as listed below:

| Sl. No. | Name of items to be purchased | Quantities to be purchased |
|---|---|---|
| 1. | FTK Software (Forensic Analysis Tool alongwith password recovery, Data Encryption Tool & Data Recovery and Analysis of Digital Evidences) | 1 set |
| 2. | CDR Analysis Software | 6 Nos. (For 6 Vigilance Divisions) |

1. Name of item along with detail technical Specifications, probable requirement etc. may be seen from the website of the Odisha Vigilance i.e. http://odishavigilance.gov.in and in Govt. of Odisha website i.e. www.odisha.gov.in.
2. Date of issue of Tender documents from dtd.11.12.2018 at 11AM to dtd.04.01.2019 upto 5.00PM.
3. Last date for receipt of sealed tender on dtd.05.01.2019 upto 5.00PM.
4. Date for opening of sealed Tenders / Technical Bids on dtd.08.01.2019 at 11.00AM at the Office of the A.I.G. of Police, Vigilance, Odisha, Cuttack.

*Sd./- A.I.G. of Police, Vigilance Odisha, Cuttack (Tender Calling Authority)*
09006/11/0006/1819



No.937-A
**Government of Odisha**
**Department of Water Resources**
**N O T I C E**
**Simplified Procedure on Water Allocation and Payment for use of water by industrial, commercial & other establishments.**
It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.
Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.
Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.
**Chief Engineer, Water Services**
**Department of Water Resources**

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
**ବିଜ୍ଞପ୍ତି**
**ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା**
ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ।
ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର-୧ ସହିତ ଯୋଗାଯୋଗ କରିପାରିବେ।
32031/11/0006/1819 **ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ**



**GOVT.OF ODISHA**
**OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA,KANDHAMAL-762103**
Tel: - 06846-243249, Fax:-06846-243066, e-mail:- dfo_balliguda@yahoo.co.in
**TENDER SALE NOTICE OF CONFISCATED VEHICLES**
Notification No. Dated. 10.12.2018
No. 116-MM: Sealed tenders are invited for auction sale of the following confiscated vehicles seized in commission of forest offence cases of this division on "as is where is basis" to be held on dated. 26.12.2018 at 5.00 PM in the office of the undersigned. The details of vehicles with its location are mentioned against each vehicle below. The Tender Form along with the terms and conditions for Tender sale of the vehicles will be available in this office on any working day during office hours from 11.00 AM to 4.00 up to 26.12.2018 P.M. from the date of publication of sale notice on payment of Rs.100/-(Rupees one hundred) only which is non-refundable. The intending tenderers are required to deposit the earnest money (EMD) of Rs. 10,000/- (Rupees Ten Thousand) only for heavy vehicle (Tractor with Trolley & Truck) & Rs.5,000/- (Rupees Five Thousand) only for light vehicle (Ambassador Car, Tempo & Motor Cycle) in shape of Bank Draft in favour of Divisional Forest Officer, Balliguda to be drawn at S.B.I, Balliguda and should be enclosed with Sealed Tender. The EMD will be returned in case of unsuccessful tenderers after announcement of result. The undersigned reserves the right to either accept or reject any tender without assigning any reason thereof.
**List of Vehicles to be sold on Auction by sealed Tender**

| Sl. No. | Name of the confiscated vehicle | Registration No. | Location of the vehicle available for inspection | EMD (in Rs.) |
|---|---|---|---|---|
| 01 | Mini Truck (UD No 01 of 2006-07) | OSF-1171 | Bramhunigaon Range Office Campus | 10,000/- |
| 02 | Hero Honda Motor Cycle (UD No 01 of 2006-07) | OR-07D-4433 | | 5000/- |
| 03 | Ambassador Car (OR No 27 of 2005-06) | OR-07B-8491 | | 5000/- |
| 04 | Bajaj Maxima Auto (OR No 06 of 2015-16) | OD-07C-8210 | | 5000/- |
| 05 | Tata ACE Pick up (OR No 09 of 2014-15) | OD-07D-8149 | | 10000/- |
| 06 | Tata LPT 709 Mini Truck (OR No 09 of 2013-14) | OR-07C-3800 | Tumudibandha Range Office Campus | 10000/- |
| 07 | Hero Honda Passion Pro (OR No 29 of 2015-16) | OR 07U-0873 | | 5000/- |
| 08 | Tata Sumo (OR No 42 of 2006-07) | OR-02G-5205 | Division Office Campus at Balliguda | 5000/- |
| 09 | Maruti Omni (UD No 21 of 2002-03) | AP-30-6363 | | 5000/- |
| 10 | Tata 407 Pick up (OR No 77 of 2016-17) | OD-07N-5515 | Simonbadi Range Office Campus | 10000/- |
| 11 | Sonalika Tractor (OR No 11 of 2015-16) | OR-12-7244(Tractor) OR-12-7245(Trolly) | | 10000/- |
| 12 | Maruti Car (UD No 01 of 2006-07) | KA-04-N-2408 | Balliguda Range Office Campus | 5000/- |
| 13 | Tractor (OR No 08 of 2012-13) | OR-05-AH-0490 | | 10000/- |
| 14 | APE Auto (OR No 16 of 2010-11) | OR- 25A-6474 | Balliguda Range Office Campus | 5000/- |
| 15 | Truck (UD No 04 of 2002-03) | ORG-8045 | | 10000/- |
| 16 | Bajaj Discover Motor Cycle (OR No 01 of 2016-17) | OR-07M-9302 | Belghar Range Office Campus | 5000/- |
| 17 | Mini Truck (OR No 24 of 2008-09) | OR- 08-1720 | | 10,000/- |
| 18 | Tractor OR No.18 of 2009-10 | OR-12A-8561(Tractor) OR-12A-8562(Trolly) | Balliguda Range Office Campus | 10,000/- |

08047/11/0002/1819 **Sd./- Divisional Forest Officer, Balliguda Forest Division**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI**
No. 653-E
**No. 10789/XIV-DBCS-02/2018, Dated Malkangiri the :11.12.2018**
Sealed tender are invited from reputed manufactures/ importer/authorized distributors/ DGS&D rate contract for supply of spectacles for DBCS, Malkangiri. The tender papers in details along with term & condition of tender are available THROUGH DISTRICT WEBSITE www.malkangiri.nic.in. Bidders can download the tender papers from the website and such bidders have to enclose a non refundable demand draft of Rs. 1000/- ( Rupees One thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID documents and subscribe the BID documents that it has been downloaded from the website. The sealed tender should reach to the undersigned on or before 31.12.2018 up to 5.00PM through Speed Post/ Regd. Post only.
The technical bid of the tender will be opened on 02.01.2019 at 11.00AM by the Chairman of the purchase committee i.e., the CDM&PHO, Malkangiri in the presence of tenderer or their authorized representative.
**Sd/- Chief District Medical & Public Health Officer, Malkangiri**
10086/11/0030/1819



**GOVT.OF ODISHA**
**OFFICE OF THE DIVISIONAL FOREST OFFICER,BALLIGUDA FOREST DIVISION, BALLIGUDA,KANDHAMAL-762103**
Tel: -06846-243249, Fax:-06846-243066, e-mail:- dfo_balliguda@yahoo.co.in
No. 117-MM
**TENDER NOTICE FOR PURCHASE OF UNIFORM ARTICLES**
**Notification Dated.10.12.2018**
Sealed tenders are hereby invited by the undersigned from the Registered firms / authorised dealers/DGS&D rate contract holders having GST registration number for supply of the following Uniform Articles so as to reach this office on or before 27.12.2018 by 3.00 P.M. by Registered post/Speed Post only superscribed as "Tender for Uniform Articles" on the top of the Envelope which will be opened on the same day at 5.00 P.M. The price of each article should be specifically mentioned inclusive of GST and the delivery of the articles should be at Division Office, Balliguda at their own cost. The tender must be accompanied by registration certificate and VAT/ST/GST Clearance for the year 2017-18. The undersigned reserves the right to accept or reject any or all tenders without assigning any reason thereof. No sub-letting in the tender will be entertained.
List of Articles(Shoe specifications as follows )
(Shoe of Wild Craft Brand and Wood Land brand)
Specification: ART:GC 2082116 or Similar (Woodland)
Specification Item Code :51582 or Similar (Wild Craft)
**Sd./- Divisional Forest Officer**
08047/11/0003/1819 **Baliguda Forest Division**



"ଦେଶରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଥିବାବେଳେ ଭାଜପା ରାମମନ୍ଦିର ପ୍ରସଙ୍ଗ ଉଠାଉଛି । ଧ୍ରୁବୀକରଣ ରାଜନୀତି ଆଉ ଚାଲିବ ନାହିଁ ବୋଲି ସଦ୍ୟ ଜନାଦେଶ ପ୍ରମାଣିତ କରିଛି ।

- ଯଶୱନ୍ତ ସିହ୍ନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୧୨(ପି.ଟି.)**-ଅସ୍ଥିର ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ନିରୋଧୀ ଅଭିଯାନ ଚଳାଇଥିବା ସୁରକ୍ଷା ବାହିନୀଙ୍କ ସହ ଗୁଳି ବିନିମୟରେ ଆଉ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଦ୍ୱୟଙ୍କ ମଧ୍ୟରୁ ଜଣେ ଓୱେସ ଅହମ୍ମଦ ଭଟ୍ଟ ଓରଫ ଅବୁ ବକର ଓ ଅନ୍ୟଜଣେ ଅହମ୍ମଦ ଦର୍ ଓରଫ ଅବୁ ଅବ୍ଦୁଲ୍ଲା ଚିହ୍ନଟ ହୋଇଛନ୍ତି। ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସେମାନେ ସକ୍ରିୟ ସଦସ୍ୟ ଥିଲେ ବୋଲି କୁହାଯାଉଛି। ପୋଲିସ ଗାର୍ଡ ପୋଷ୍ଟ ଓ ସୁରକ୍ଷା ଶିବିର ଉପରେ ଆକ୍ରମଣ ସହ ଏକାଧିକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ନେଇ ସେମାନଙ୍କୁ ୱାଣ୍ଟେଡ୍ ତାଲିକାଭୁକ୍ତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବାରମୁଲ୍ଲା ଜିଲାର ସୋପୋର ଅଞ୍ଚଳରେ କେତେକ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା ଚଳାଇଥିବା ଗୋଇନ୍ଦା ସୂତ୍ରରୁ ସୂଚନା କ୍ରମେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ।

### ତୁଲସୀ ଗାବାର୍ଡ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରନ୍ତି

**ୱାଶିଂଟନ,୧୩।୧୨(ପି.ଟି.)**-ଆମେରିକା କଂଗ୍ରେସର ପ୍ରଥମ ହିନ୍ଦୁ ସଦସ୍ୟା ତୁଲସୀ ଗାବାର୍ଡ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ନେଇ ଗୁରୁତ୍ୱର ସହ ଚିନ୍ତା କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାୱାଇରୁ ସେ ଡେମୋକ୍ରାଟିକ୍ ପାର୍ଟିରୁ ୪ ଥର



ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଛନ୍ତି। ଯଦି ସେ ନିଜକୁ ପ୍ରାର୍ଥୀ ଘୋଷଣା କରନ୍ତି ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦୌଡରେ ସେ ପ୍ରଥମ ହିନ୍ଦୁ ହେବେ ଏବଂ ନିର୍ବାଚନ ଜିତିଲେ ସର୍ବକନିଷ୍ଠ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।

### ଟ୍ରେନ ଦୁର୍ଘଟଣା: ୯ ମୃତ

**ଆଙ୍କାରା,୧୩।୧୨(ପି.ଟି.)**-ତୁର୍କୀ ରାଜଧାନୀ ଆଙ୍କାରାରେ ଗୁରୁବାର ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୯ଜଣଙ୍କ ମୃତ ହୋଇଛି। ପ୍ରାୟ ୫୦ ଯାତ୍ରୀ ଆହତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ମୃତକଙ୍କ ମଧ୍ୟରେ ଟ୍ରେନର ୩ ଚାଳକ ରହିଥିବା ପରିବହନ ମନ୍ତ୍ରୀ କାହିତ୍ ତୁରହାନ୍ କହିଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଆଙ୍କାରା ମୁଖ୍ୟ ଷ୍ଟେଶନରୁ ତୁର୍କୀର କେନ୍ଦ୍ରାଞ୍ଚଳ କୋନିଆ ଅଭିମୁଖେ ବାହାରିଥିବା ଟ୍ରେନରେ ୨୦୬ ଯାତ୍ରୀ ରହିଥିଲେ। ମର୍ଶାନ୍ଦିଜ୍ ଷ୍ଟେଶନ ଦେଇ ଟ୍ରେନ ଦ୍ରୁତଗତିରେ ଯାଉଥିବା ବେଳେ ରେଳପଥରେ ରହିଥିବା ଏକ ଇଞ୍ଜିନକୁ ଏହା ଧକ୍କା ଦେଇଥିଲା। ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### କୋଇଲା ଖଣିରେ ଚାପି ହୋଇଗଲେ ୧୩ ଶ୍ରମିକ

**ଶିଲଂ,୧୩।୧୨(ପି.ଟି.)**-ମେଘାଳୟର ପୂର୍ବ ଜୟନ୍ତିଆସ୍ଥିତ ପାହାଡ଼ିଆ ଇଲାକାରେ ରହିଥିବା କୋଇଲା ଖଣିରେ ଗୁରୁବାର ଦୁର୍ଘଟଣା ଘଟିଛି। ୧୩ ଶ୍ରମିକ କୋଇଲା ତଳେ ଚାପି ହୋଇ ମୃତ ହୋଇଥିବା ଜଣାଯାଇଛି। କୋଇଲା ଖାଦାନରେ ଫସି ରହିଥିବା ଅନ୍ୟମାନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ୩ ରୁ ୪ ଦିନ ଧରି ଶ୍ରମିକମାନେ କୋଇଲା ଖନନ କାର୍ଯ୍ୟରେ ନିୟୋଜିତ ରହିଥିଲେ। କୋଇଲା ଖାଦାନରେ ପାଣି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଦେଖାଦେଇଛି। ଜେନେରେଟର ଦ୍ୱାରା ପାଣି ନିଷ୍କାସନ ପ୍ରକ୍ରିୟା ବଳବତ୍ତର ରହିଛି।

### [ଇତିହାସର ଆଇନାରେ]

### ଡିସେମ୍ବର ୧୪ର ପ୍ରମୁଖ ଘଟଣା

୧୭୯୯ ଡିସେମ୍ବର ୧୪ରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନଙ୍କର ପରଲୋକ ହୋଇଥିଲା। ସେ ଆମେରିକା ବୈପ୍ଳବିକ ସଂଗ୍ରାମରେ ପାଟ୍ରିଅଟ ବାହିନୀର ନେତୃତ୍ୱ ନେଇ, ବ୍ରିଟିଶ ବିରୋଧରେ ବିଜୟ ହାସଲ କରିଥିଲେ। ନୂତନ ସଂଘୀୟ ସରକାର ପ୍ରତିଷ୍ଠା ଲାଗି ୧୭୮୭ରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ସେ ଅଧ୍ୟକ୍ଷତା କରିଥିଲେ।

୧୯୪୭ ଡିସେମ୍ବର ୧୪ରେ ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଡିଲ୍‌ମା ଭାନା ରୌସେଫଙ୍କ ଜନ୍ମ। ସେ ବ୍ରାଜିଲର ୩୬ତମ ରାଷ୍ଟ୍ରପତି ଭାବେ ୨୦୧୧ରୁ ୨୦୧୬ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରହିଥିଲେ। ସେ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ବିଶ୍ୱରେ ପ୍ରଥମ ମହିଳା ରାଷ୍ଟ୍ରପତି ଯାହାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇ ତାଙ୍କୁ ବହିଷ୍କାର କରାଯାଇଥିଲା।

## ସିରିସେନାଙ୍କୁ ସୁପ୍ରିମକୋର୍ଟ ଝଟକା

# ପାର୍ଲାମେଣ୍ଟ ଭଙ୍ଗ ବେଆଇନ

**କଲମ୍ବୋ,୧୩।୧୨(ପି.ଟି.)**



ରାନିଲ ୱିକ୍ରମସିଂଘେ



ମୈତ୍ରୀପାଳ ସିରିସେନା



ମହିନ୍ଦ୍ରା ରାଜପାକ୍ସେ

ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରିବା ଅସାମ୍ବିଧାନିକ ବୋଲି ଗୁରୁବାର ଶ୍ରୀଲଙ୍କା ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ରାନିଲ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଛନ୍ତି। କୋର୍ଟଙ୍କ ଏହି ରାୟ ସିରିସେନାଙ୍କ ପ୍ରତି ଶକ୍ତ ଝଟକା ସଦୃଶ ହୋଇଛି। ରାଷ୍ଟ୍ରପତିଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁ ଶ୍ରୀଲଙ୍କାରେ ଅଭୂତପୂର୍ବ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଫଳରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ନେଇ ସୃଷ୍ଟ ଏକାଧିକ ସଙ୍କଟର ଅବସାନ ଘଟିଛି।

ପାର୍ଲାମେଣ୍ଟ ଏହାର ସାଢ଼େ ୪ ବର୍ଷ କାର୍ଯ୍ୟକାଳ ଶେଷ ନ କରିବା ପର୍ଯ୍ୟନ୍ତ ଏହାକୁ ରାଷ୍ଟ୍ରପତି ଭଙ୍ଗ କରିପାରିବେ ନାହିଁ ବୋଲି ୭ ସଦସ୍ୟ ବିଶିଷ୍ଟ ସୁପ୍ରିମକୋର୍ଟ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାୟ ପ୍ରକାଶ ବେଳେ କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଷ୍ଟ୍ରପତି ସିରିସେନା ଗତ ଅକ୍ଟୋବର ୨୬ ତାରିଖରେ ରାନିଲ ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେଙ୍କୁ ନିଯୁକ୍ତି ଦେଇଥିଲେ। ରାଜପାକ୍ସେ ଗୃହରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ରାଷ୍ଟ୍ରପତି ୨୨୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ। ଅନ୍ୟ ପକ୍ଷରେ ୱିକ୍ରମସିଂଘେଙ୍କ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବା ସେ ବୁଧବାର ଗୃହରେ ପ୍ରମାଣ ଦେଇଛନ୍ତି। ତାଙ୍କ ନେତୃତ୍ୱକୁ ନେଇ ଆସିଥିବା ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୧୭ ଏମ୍‌ପି ଭୋଟ ଦେଇଥିଲେ।

ଅନ୍ୟପକ୍ଷରେ ସିରିସେନା କହିଛନ୍ତି, ସେ ସର୍ବଦା ଶ୍ରୀଲଙ୍କା ଏବଂ ଦେଶବାସୀଙ୍କ ହିତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି। ତେବେ ସେ କୋର୍ଟଙ୍କ ରାୟକୁ ସମ୍ମାନ ଦେବେ ବୋଲି କହିଛନ୍ତି। ପାର୍ଲାମେଣ୍ଟ କାର୍ଯ୍ୟକାଳ ପୂରିବାକୁ ଆଉ ୨୦ ମାସ ବାକି ଥିଲାବେଳେ ଗତ ନଭେମ୍ବର ୯ ତାରିଖରେ ସିରିସେନା ଏହାକୁ ଭଙ୍ଗ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସିରିସେନାଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ୧୩ଟି ପିଟିସନ ଦାଏର ହୋଇଥିଲା। ଅନ୍ତତଃ ପକ୍ଷେ ୨୦୨୦ ଫେବୃୟାରୀ ପୂର୍ବରୁ ଆଗୁଆ ପାର୍ଲାମେଣ୍ଟ ନିର୍ବାଚନ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରୁ ସ୍ପଷ୍ଟ ହୋଇଯାଇଛି। ତେବେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ଯଦି ପ୍ରସ୍ତାବ ଗୃହୀତ ହୁଏ ତେବେ ଆଗୁଆ ନିର୍ବାଚନ କରାଯାଇପାରିବ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟ ସିରିସେନାଙ୍କ ଗେଜେଟ ବିଜ୍ଞପ୍ତି ଉପରେ ଅନ୍ତରୀଣ ରାୟ ଦେଇ ଏହାକୁ ସାମୟିକ ଭାବେ ବେଆଇନ କହିବା ସହ ଆଗୁଆ ନିର୍ବାଚନ ପ୍ରସ୍ତୁତି ଉପରେ ରୋକ ଲଗାଇଥିଲେ। ସେତେବେଳେ ଖଣ୍ଡପୀଠରେ ୩ ବିଚାରପତି ଥିଲାବେଳେ ଏହାକୁ ୭କୁ ବୃଦ୍ଧି କରାଯାଇଥିଲା। ଗତ ସପ୍ତାହରେ ୪ ଦିନ ଧରି ଦୀର୍ଘ ଶୁଣାଣି ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ।

ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି ବରଖାସ୍ତ କରିଥିଲେ ମଧ୍ୟ ସେ ସରକାରୀ ବାସଭବନ ଛାଡି ନ ଥିଲେ। ସମ୍ବିଧାନର ୧୯ତମ ସଂଶୋଧନ ଅନୁଯାୟୀ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କୁ ବିତାଡିତ କରିବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ। ସଙ୍କଟ ପୂର୍ବରୁ ପାର୍ଲାମେଣ୍ଟରେ ୱିକ୍ରମସିଂଘେଙ୍କ ୟୁଏନପି ପଛରେ ୧୦୬ ଏମ୍‌ପିଙ୍କ ସମର୍ଥନ ଥିଲା ବେଳେ ରାଜପାକ୍ସେ ଏବଂ ସିରିସେନାଙ୍କ ପଛରେ ମିଳିତ ଭାବେ ୯୫ ଏମ୍‌ପିଙ୍କ ସମର୍ଥନ ଥିଲା। ବ୍ୟକ୍ତିଗତ ମତପାର୍ଥକ୍ୟ ଯୋଗୁ ୱିକ୍ରମସିଂଘେଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବା ଲାଗି ସିରିସେନା ରାଜି ହୋଇ ନ ଥିଲେ।

**ଶ୍ରୀଲଙ୍କା ସଙ୍କଟ**

- ୱିକ୍ରମସିଂଘେଙ୍କୁ ହଟାଇ ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ ରାଷ୍ଟ୍ରପତି
- ପାର୍ଲାମେଣ୍ଟ ଭଙ୍ଗ କରି ନିର୍ବାଚନ ପାଇଁ ଦେଇଥିଲେ ନିର୍ଦ୍ଦେଶ
- ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱ ବଜାୟ ରଖିଲେ ସର୍ବୋଚ୍ଚ ଅଦାଲତ

# ଆସ୍ଥା ଜିଣିଲେ ଥେରେସା

**ଲଣ୍ଡନ,୧୩।୧୨(ପି.ଟି.)**

ଶାସକ କଞ୍ଜରଭେଟିଭ ପାର୍ଟିରେ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ନେତୃତ୍ୱକୁ ନେଇ ହୋଇଥିବା ଆସ୍ଥାଭୋଟରେ ସେ ବିଜୟୀ ହୋଇଛନ୍ତି। ଆଗାମୀ ୨୦୨୨ ସାଧାରଣ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବେନି ବୋଲି ପ୍ରତିଶ୍ରୁତି ଦେଇ ବିଦ୍ରୋହୀ ଏମ୍‌ପିମାନଙ୍କୁ ମନାଇବାରେ ସଫଳ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ରହିବା ଲାଗି ଦଳର ସମର୍ଥନ ମିଳିଥିବାବେଳେ ଏକତୃତୀୟାଂଶ ଦଳୀୟ ଏମ୍‌ପି ତାଙ୍କ ବିରୋଧରେ ଭୋଟ ଦେଇଥିଲେ। ଫଳରେ ବ୍ରେକ୍‌ଜିଟ ଚୁକ୍ତିନାମାକୁ ନେଇ ତାଙ୍କୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡିପାରେ। ବୁଧବାର ହୋଇଥିବା ଗୁପ୍ତ ଭୋଟରେ ଥେରେସାଙ୍କୁ ୬୩ ପ୍ରତିଶତ ଭୋଟ ମିଳିଥିଲା। ୩୧୭ କଞ୍ଜରଭେଟିଭ ପାର୍ଟି ଏମ୍‌ପିଙ୍କ ମଧ୍ୟରୁ ୨୦୦ ଜଣ ତାଙ୍କ ସପକ୍ଷରେ ଭୋଟ ଦେଇଥିଲା ବେଳେ ୧୧୭ ଭୋଟ ତାଙ୍କ ବିପକ୍ଷରେ ଯାଇଥିଲା। ୨୦୧୬ ଜୁନ୍‌ରେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରିଯିବା ଲାଗି ନିଷ୍ପତ୍ତି ନେବା ପରେ ଥେରେସା ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ବର୍ଷେ ହେଲା ସେ ଦଳ ଭିତରେ ନେତୃତ୍ୱ ଚାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ବ୍ରେକ୍‌ଜିଟ ନୀତିକୁ ବିରୋଧ କରି ୪୮ କଞ୍ଜରଭେଟିଭ ପାର୍ଟି ଏମ୍‌ପି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

ଆଗାମୀ ଜାନୁୟାରୀରେ ବ୍ରିଟିଶ୍ ଏମ୍‌ପିମାନେ ଥେରେସାଙ୍କ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଭୋଟ ଦେବେ। ଆସନ୍ତା ସପ୍ତାହରେ ଅନ୍ୟ ଟିଠା ବିଧେୟକ ସହିତ ବ୍ରେକ୍‌ଜିଟ ଚୁକ୍ତିନାମା ଉପସ୍ଥାପନ କରାଯିବ। ଏହା ପରେ ପାର୍ଲାମେଣ୍ଟ ଜାନୁୟାରୀ ୭ ପର୍ଯ୍ୟନ୍ତ ଛୁଟି ରହିବ। ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ ଭୋଟ ହେବ ବୋଲି ଥେରେସା ପ୍ରତିଶ୍ରୁତି ଦେଇଛନ୍ତି।

**ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ୍ ଭୋଟ**



# ଅଚଳାବସ୍ଥା ଜାରି

**ଉଭୟ ଗୃହ ମୁଲତବୀ**



**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ରାଫାଲ ଚୁକ୍ତିନାମା, ରାମମନ୍ଦିର ନିର୍ମାଣ ଏବଂ କାବେରୀ ଜଳ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡିକ ହଟ୍ଟଗୋଳ କରିବା ଫଳରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରହିଛି। ଗୁରୁବାର କ୍ରମାଗତ ଦ୍ୱିତୀୟ ଦିନ ଲାଗି ଉଭୟ ଗୃହକୁ ମୁଲତବୀ ରଖାଯାଇଛି। ଶୀତ ଅଧିବେଶନର ପ୍ରଥମ ଦିନ ପରଲୋକଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାର ଏବଂ କେତେକ ଏମ୍‌ପିଙ୍କୁ ଶ୍ରଦ୍ଧାଞ୍ଜଳି ପରେ ଗୃହ ମୁଲତବୀ କରାଯାଇଥିଲା ବେଳେ ବୁଧବାର ଦ୍ୱିତୀୟ ଦିନରେ ବିରୋଧୀ ଦଳଗୁଡିକର ହଟ୍ଟଗୋଳ ଯୋଗୁ ଲୋକ ସଭାରେ କୌଣସି କାର୍ଯ୍ୟ ଚାଲିପାରି ନ ଥିଲା। ରାଜ୍ୟ ସଭାରେ ହଟ୍ଟଗୋଳ ମଧ୍ୟରେ ଗୋଟିଏ ବିଲ୍ ଗୃହୀତ ହେବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଗୁରୁବାର ତାମିଲନାଡୁ ଏମ୍‌ପିମାନେ କାବେରୀ ଜଳ ପ୍ରସଙ୍ଗ ଉଠାଇ ଗୃହର ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ସେହିପରି ଆନ୍ଧ୍ରପ୍ରଦେଶର ଦୁଇ ସାଂସଦ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି କରିଥିଲେ। ଅଚଳାବସ୍ଥା ଜାରି ରହିବାରୁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଲୋକ ସଭାରେ ବିରୋଧୀ ଦଳ ସହ ଏନଡିଏ ସହଯୋଗୀ ଶିବସେନା ମଧ୍ୟ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଅଧ୍ୟାଦେଶ ଦାବିରେ ହଟ୍ଟଗୋଳ କରିଥିଲା। ଫଳରେ ପ୍ରଶ୍ନୋତ୍ତର କାଳରେ ଦୁଇଥର ଗୃହକୁ ମୁଲତବୀ କରାଯିବା ପରେ ଶୂନ୍ୟକାଳରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ସୁପ୍ରିମକୋର୍ଟଙ୍କ ରାଫାଲ ରାୟ ଆଜି

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**



ବିବାଦୀୟ ରାଫାଲ ଚୁକ୍ତିନାମାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କ ରାୟ ଶୁଣାଇବେ। ଫ୍ରାନ୍ସରୁ ୫୯ ହଜାର କୋଟି ଟଙ୍କାରେ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଅନିୟମିତତା ଅଭିଯୋଗର ତଦନ୍ତ କୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ଲାଗି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହା ବ୍ୟତୀତ ଉକ୍ତ ରାଜିନାମାରେ ଠିକ୍ ପଦ୍ଧତି ଅବଲମ୍ବନ କରାଯାଇଛି କି ନାହିଁ ତାହା ଉପରେ ମଧ୍ୟ ସର୍ବୋଚ୍ଚ ଅଦାଲତ ତାଙ୍କ ନିଷ୍ପତ୍ତି ଶୁଣାଇବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ଖଣ୍ଡପୀଠ ଶୁକ୍ରବାର ସକାଳ ୧୦ଟା ୩୦ ମିନିଟରେ ରାୟ ଶୁଣାଇବେ। ଗତ ନଭେମ୍ବର ୧୪ରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। ରାଫାଲ ଚୁକ୍ତିନାମାରେ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଅନିଲ ଅମ୍ବାନୀଙ୍କ ଋଣଗ୍ରସ୍ତ କମ୍ପାନୀକୁ ସହାୟତା କରିବା ଲାଗି ଭାରତରେ ରାଫାଲ ଜେଟ୍ ନିର୍ମାଣରେ ତାକୁ ଡାସଲ୍ଟ କମ୍ପାନୀର ସହଯୋଗୀ ରଖାଯାଇଥିବା କଂଗ୍ରେସ କହୁଛି।

## ନିର୍ଭୟା ମାମଲାରେ ତୁରନ୍ତ ଫାଶୀ ଆବେଦନ ଖାରଜ

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**–ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ତୁରନ୍ତ ଫାଶୀ ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗି ଚାଲିଯାଇଥିଲେ। ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଫୁର୍‌ସତ

### ୧୮୧ ପାଇଲଟ୍‌ଙ୍କଠାରେ ଆଲକହଲ୍ ପଜିଟିଭ୍

**ନୂଆଦିଲ୍ଲୀ:** ବିମାନ ଯାତ୍ରା ସମୟରେ ପାଇଲଟ୍‌ଙ୍କ ଆଲକହଲ୍ ସେବନ ଉପରେ ଲଗାମ୍ ଲଗାଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ୧୮୧ (ସ୍ଥାୟୀ ଏବଂ ଅସ୍ଥାୟୀ) ପାଇଲଟ୍ ଆଲକ୍‌ହଲ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୁରୁବାର ଲୋକ ସଭାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା ଏହା ଜଣାଇଛନ୍ତି। ସେ କହିଛନ୍ତି ଯେ, ୨୦୧୫ରେ ୪୩, ୨୦୧୬ରେ ୪୪, ୨୦୧୭ରେ ୪୫ ଏବଂ ୨୦୧୮ ନଭେମ୍ବର ସୁଦ୍ଧା ୪୯ ପାଇଲଟଙ୍କଠାରେ ଆଲକହଲ୍ ପଜିଟିଭ୍ ଚିହ୍ନଟ କରାଯାଇଛି। ନଭେମ୍ବରରେ ଏୟାର ଇଣ୍ଡିଆ କ୍ୟାପ୍‌ଟେନ ଅରବିନ୍ଦ କାଠପାଲିଆଙ୍କ 'ବ୍ରେଥ୍ ଆନାଲାଇଜର ଟେଷ୍ଟ'ରୁ ଆଲକହଲ୍ ନମୁନା ମିଳିଥିଲା। ଏ ନେଇ ଡାଇରେକ୍ଟର ଜେନେରାଲ୍ ଅଫ୍ ସିଭିଲ୍ ଆଭିଏଶନ ପକ୍ଷରୁ ତାଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା ବୋଲି ସେ ତାଙ୍କୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଜଣାଇଛନ୍ତି।

### ସାଟେଲାଇଟ୍ କ୍ୟାମେରାରେ ଆଣ୍ଟାର୍କଟିକା

**ୱାଶିଂଟନ୍:**



ନାସା ସାଟେଲାଇଟ୍ ପ୍ରଥମଥର ପାଇଁ ଆଣ୍ଟାର୍କଟିକା ବରଫର ସ୍ପଷ୍ଟ ଫଟୋଚିତ୍ର ପ୍ରେରଣ କରିଛି। ଏହା ଆଣ୍ଟାର୍କଟିକାର ବରଫ ପାହାଡର ଉଚ୍ଚତା ମାପ କରିପାରିବ ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଉକ୍ତ ସାଟେଲାଇଟ୍ ମହାକାଶକୁ ଲଞ୍ଚ ହେବାର ପାଖାପାଖି ୩ ମାସ ହେଲାଣି। ଏହାକୁ 'ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨' ବା ସଂକ୍ଷେପରେ 'ଆଇସ୍‌ସାଟ୍-୨' ନାମକରଣ କରାଯାଇଛି। ସାମାନ୍ୟ ଇଞ୍ଚେ ବହଳର ବରଫ ଉଚ୍ଚତା ମାପ କରିବାକୁ ଏହା ସମର୍ଥ। ଏହା ସମୁଦ୍ରରେ ଭାସମାନ ବରଫ, ଜଙ୍ଗଲର ଘନତା ଏବଂ ଉପକୂଳ ସମୁଦ୍ରର ଗଭୀରତା ମାପ କରିପାରିବ।

ପୃଥିବୀର ବରଫ ଆସ୍ତରଣ, ହିମସ୍ରୋତ, ସମୁଦ୍ରରେ ଭାସମାନ ବରଫ ଏବଂ ଜଙ୍ଗଲର ସ୍ଥିତି ଅନୁଧ୍ୟାନ ପାଇଁ ଆଇସ୍‌ସାଟ୍-୨କୁ ସେପ୍ଟେମ୍ବର ୧୫ରେ ଲଞ୍ଚ୍ କରାଯାଇଥିଲା। ଗବେଷଣା ଓ ଆବିଷ୍କାର କ୍ଷେତ୍ରରେ ଆଇସ୍‌ସାଟ୍-୨ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ ବୋଲି ମେରୀଲାଣ୍ଡସ୍ଥିତ ନାସାର ଗଡ୍ଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ପ୍ରକଳ୍ପ ବୈଜ୍ଞାନିକ ଟମ୍ ନ୍ୟୁମ୍ୟାନ୍ ପ୍ରକାଶ କରିଛନ୍ତି।



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୫.୧ |
| ଚାନ୍ଦବାଲି | ୨୭.୩ | ୧୭.୦ |
| କଟକ | ୨୮.୦ | ୧୫.୨ |
| ପାରାଦ୍ୱୀପ | ୨୮.୬ | ୧୮.୦ |
| ଭୁବନେଶ୍ୱର | ୩୦.୨ | ୧୬.୫ |
| ଗୋପାଳପୁର | ୩୧.୦ | ୧୯.୧ |
| ପୁରୀ | ୨୯.୨ | ୧୮.୬ |
| ଅନୁଗୋଳ | ୨୫.୭ | ୧୩.୦ |
| ବାରିପଦା | ୨୬.୬ | ୧୫.୬ |
| ଝାରସୁଗୁଡ଼ା | ୨୪.୭ | ୧୫.୦ |
| କେନ୍ଦୁଝର | ୨୬.୧ | ୧୩.୫ |
| ସମ୍ବଲପୁର | ୨୪.୫ | ୧୬.୦ |
| ସୁନ୍ଦରଗଡ଼ | ୨୮.୦ | ୧୧.୦ |
| ହୀରାକୁଦ | ୨୩.୯ | ୧୬.୬ |
| ତାଳଚେର | ୨୮.୫ | ୧୪.୮ |
| ଭବାନୀପାଟଣା | ୨୩.୮ | ୧୭.୫ |
| ବଲାଙ୍ଗୀର | ୨୬.୦ | ୧୬.୨ |
| କୋରାପୁଟ | ୨୪.୦ | ୧୪.୦ |
| ଫୁଲବାଣୀ | ୨୩.୬ | ୧୩.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୨ | ୧୯.୮ |
| ସୋନପୁର | ୨୬.୬ | ୧୭.୯ |
| ଦାରିଙ୍ଗିବାଡ଼ି | ୨୩.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସଙ୍କୁଚିତ ହୋଇପାରୁଥିବା ଡ୍ରୋନ୍

**ଜେନେଭା:**



ବୈଜ୍ଞାନିକମାନେ ଏକ ଡ୍ରୋନ୍ ବିକାଶ କରିଛନ୍ତି। ଏହା ଆବଶ୍ୟକସ୍ଥଳେ ଡେଣାକୁ ଜାକିଜୁକି ସଂକୁଚିତ ହୋଇପାରିବ ଏବଂ ସଂକୀର୍ଣ୍ଣ ସ୍ଥାନରେ ପ୍ରବେଶ କରିବାକୁ ସମର୍ଥ ହେବ। ଏହି ଉଡନ୍ତା ରୋବୋ ଅନୁସନ୍ଧାନ ଓ ଉଦ୍ଧାରକାରୀ ଟିମ୍‌କୁ ସହାୟକ ହୋଇପାରିବ। ଏଥିସହିତ ଭୂକମ୍ପ, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ପରେ ବିଧ୍ୱସ୍ତ ଅଟ୍ଟାଳିକା ତଳେ ଫସି ରହିଥିବା ଲୋକଙ୍କୁ ଅନୁସନ୍ଧାନ କରିପାରିବ। ସୁଇଜରଲାଣ୍ଡସ୍ଥିତ ଇକୋଲ ପଲିଟେକନିକ୍ ଫେଡେରାଲେ ଡି ଲାଉସାନେ ଏବଂ ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକମାନେ ଏଭଳି ଏକ ଡ୍ରୋନ୍ ବିକାଶ କରିଛନ୍ତି। ସଂକୀର୍ଣ୍ଣ ସ୍ଥାନରେ ପ୍ରବେଶ କରିବାକୁ ପକ୍ଷୀ ଏହାର ଡେଣା ଜାକିଦିଏ। ଏହାଠୁ ପ୍ରେରଣା ପାଇ ଏଭଳି ଡ୍ରୋନ୍ ବିକାଶ କରାଯାଇଥିବା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ନୂତନ ଭାବରେ ବିକଶିତ ଡ୍ରୋନ୍ ଆବଶ୍ୟକ ସ୍ଥଳେ ସଂକୁଚିତ ହୋଇ କୌଣସି ଗଳି ବା କନ୍ଦିରେ ପ୍ରବେଶ କରିବା ସହିତ ଏହାର ପୂର୍ବାବସ୍ଥାକୁ ମଧ୍ୟ ଫେରିପାରିବ। ଏହାକୁ ବହୁମୁଖୀ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହା ସ୍ୱୟଂକ୍ରିୟ ଭାବରେ ପରିଚାଳିତ ହେଉଥିଲେ ହେଁ ଏହାକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିଛି ବୋଲି ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକ ଡ୍ୟାଭିଡେ ଫାଲାଙ୍ଗା ପ୍ରକାଶ କରିଛନ୍ତି। ଅନ୍ୟ ଡ୍ରୋନ୍ ତୁଳନାରେ ଏହା ସ୍ୱତନ୍ତ୍ର କାରଣ ଏହା ନିରନ୍ତର ଉଡାଣ ପ୍ରକ୍ରିୟା ଜାରି ରଖେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଦେବଗଡ଼ କଲେଜରେ ପିଜି ଖୋଲିବା ପାଇଁ ପ୍ରକ୍ରିୟା

**ଦେବଗଡ଼,୧୩।୧୨(ସ୍ୱ.ପ୍ର.)-** ଆଗାମୀ ଶିକ୍ଷାବର୍ଷଠାରୁ ଦେବଗଡ କଲେଜରେ ସ୍ନାତକୋତ୍ତର (ପିଜି) ଶ୍ରେଣୀ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କଲେଜ ପରିଚାଳନା କମିଟିର ସଭାପତି ସୁଧିର କପରଦାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ପରିଚାଳନା କମିଟି ପ୍ରସ୍ତାବ ଅନୁଯାୟୀ ବିଜ୍ଞାନ ବିଭାଗରେ ପଦାର୍ଥ ବିଜ୍ଞାନ ଓ କଳା ବିଭାଗରେ ଓଡିଆ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯିବା ପାଇଁ ନିର୍ଦ୍ଧାରିତ ଫିସ ଦାଖଲ କରି ଉଚ୍ଚଶିକ୍ଷ ବିଭାଗରେ ଆବେଦନା କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମତି ମିଳିବା ପରେ ଉପରୋକ୍ତ ବିଭାଗଗୁଡିକରେ ପି.ଜି ଶ୍ରେଣୀରେ ଛାତ୍ରୀଛାତ୍ର ଆଗାମୀ ବର୍ଷଠାରୁ ନାମ ଲେଖାଇ ପାରିବେ ବୋଲି କପରଦାର ପ୍ରକାଶ କରିଛନ୍ତି।

# ଫେବୃୟାରୀରେ ଉତ୍ସବ ପ୍ରଧାନପାଟ

**ଦେବଗଡ଼,୧୩।୧୨ (ସ୍ୱ.ପ୍ର)**

ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଉତ୍ସବ ପ୍ରଧାନପାଟ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦେବଗଡ ଜିଲା ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ଅବସରରେ ୨୦୧୯ ଉତ୍ସବ ପ୍ରଧାନପାଟକୁ ୩ ଦିନ ପରିବର୍ତ୍ତେ ୫ ଦିନ କରିବା ପାଇଁ ସ୍ଥିର କରାଯିବା ସହିତ ଏହି ଅବସରରେ ପଲ୍ଲୀଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟମେଳା, କୃଷିମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନ ମଧ୍ୟ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ସାମଲ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉନ୍ନତମାନରେ ଶବ୍ଦ ଓ ଆଲୋକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଉତ୍ସବ ପୂର୍ବରୁ ଜିଲାର ସମସ୍ତ ଅଞ୍ଚଳର ଲୋକମାନଙ୍କର ସମ୍ପୃକ୍ତି ପାଇଁ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଉତ୍ସବ ପ୍ରଧାନପାଟ ପାଇଁ ଏକ ସ୍ଥାୟୀ ଲୋଗୋ ବ୍ୟବହାର କରିବା ପାଇଁ କହିଥିଲେ। ଉତ୍ସବର ଆୟୋଜନ ପାଇଁ ବିଭିନ୍ନ ଜିଲାର ଶ୍ରେଷ୍ଠ ଲୋକନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶରୁ ମଧ୍ୟ ଭିନ୍ନ ଭିନ୍ନ ଶୈଳୀର ଲୋକନୃତ୍ୟ ଦଳ ସହିତ ଯୋଗାଯୋଗ କରାଯିବା ପାଇଁ ସ୍ଥିର କରାଯାଇଛି। ଏହା ବ୍ୟତୀତ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକ ସଙ୍ଗୀତ ଓ ଲୋକବାଦ୍ୟକୁ ମଧ୍ୟ ସ୍ଥାନ ଦେବା ପାଇଁ ସ୍ଥିର କରାଯାଇଛି। ଲୋଗୋ ଚୟନ ପାଇଁ ଜନସାଧାରଣଙ୍କଠାରୁ ଲୋଗୋ ଆହ୍ୱାନ କରାଯିବ, ଯାହାକି ଏକ କମିଟି ଦ୍ୱାରା ଚୟନ କରାଯିବ। ଉତ୍ସବର ବିଭିନ୍ନ କାର୍ଯ୍ୟର ସୁପରିଚାଳନା ପାଇଁ ଭିନ୍ନଭିନ୍ନ ସବ-କମିଟି ଗଠନ କରାଯିବ। ପ୍ରତ୍ୟେକ ବର୍ଷଭଳି ଉତ୍ସବ ସମୟରେ କବିତା ପାଠୋତ୍ସବ ଆୟୋଜନ କରାଯିବ ଏବଂ ଏକ ସ୍ମରଣୀକା ମଧ୍ୟ ପ୍ରକାଶନ କରାଯିବା ପାଇଁ ସ୍ଥିର କରାଯାଇଛି। ଜାନୁୟାରୀ ୧ତାରିଖ ଜିଲା ପ୍ରତିଷ୍ଠା ଦିବସ ଅବସରରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ଉକ୍ତଦିନ କବିତା ପାଠୋତ୍ସବ ଓ ସାଧାରଣ ସଭା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷୀକା ଅନୁପମା ଜେମ୍ସ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭୀନସେଣ୍ଟ ପୁନମକାନ୍ତ ଏକ୍କାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାଜନୈତିକ ଦଳର କର୍ମକର୍ତ୍ତା, ଜିଲା ସଂସ୍କୃତି ପରିଷଦର ସଦସ୍ୟ, ଉତ୍ସବ ପ୍ରଧାନପାଟ ୨୦୧୮ର ବିଭିନ୍ନ ସବ-କମିଟିର ଅଧ୍ୟକ୍ଷ ଏବଂ ଆବାହକମାନେ ଯୋଗଦେଇଥିଲେ।



ବୈଠକରେ ଜିଲାପାଳ ସୁଧାଂଶୁମୋହନ ସାମଲଙ୍କ ସମେତ ଅନ୍ୟ ଅଧିକାରୀ ମଞ୍ଚାସୀନ।

## ଜିଲା ବିଜେଡିର କାର୍ଯ୍ୟକାରିଣୀ କମିଟି ବୈଠକ

**ଦେବଗଡ଼,୧୩।୧୨(ସ୍ୱ.ପ୍ର.)**

ବିଜେଡିର ଜିଲା କାର୍ଯ୍ୟକାରିଣୀ କମିଟି ବୈଠକ ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତ ନିବାସ ଡାକବଙ୍ଗଳାଠାରେ ଜିଲା ସଭାପତି ସୁଧୀର କୁମାର କପରଦାରଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କର୍ମକର୍ତ୍ତାଙ୍କ ସହ ସାଙ୍ଗଠନିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ କିଭଳି ଆସନ୍ତା ଦିନରେ ପ୍ରତି ପଞ୍ଚାୟତସ୍ତରରେ ସଙ୍ଗଠନକୁ ସମ୍ପ୍ରସାରଣ କରିବା ସହ ମଜବୁତ କରିବା ସେ ବିଷୟରେ ପରାମର୍ଶ ଦେଇଥିଲେ। ସୋସିଆଲ ମିଡ଼ିଆରେ ନିଜକୁ ସାମିଲ କରି ବିଜେଡିର ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କୁ ଅବଗତ କରାଇବା ଓ ଅପପ୍ରଚାର ରୋକିବା, ନିଜକୁ ସାମାଜିକ କାର୍ଯ୍ୟରେ ଉତ୍ସର୍ଗ କରିବା ପାଇଁ ପ୍ରେରଣା ଦିଆଯାଇଥିଲା। ବୈଠକରେ ଦେବେନ୍ଦ୍ର ବେହେରା, ଭୂପେନ୍ଦ୍ର ପ୍ରସାଦ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଅମାତ୍ୟ, ଆଲୋକ ଅମାନ୍ତ, ବିଭୂତି ଗଙ୍ଗଦେବ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଚନ୍ଦ୍ରଶେଖର ଭୁକ୍ତା, ଲଳିତ ମୋହନ ପ୍ରଧାନ, ରାକେଶ କୁମାର ପାଣି, ନିଶାନୀ ବେହେରା, ଲିଙ୍ଗରାଜ ସାହୁ, ବାବୁଲାଲ ପୃଷେଠ, ଅମରେନ୍ଦ୍ର ଗଙ୍ଗଦେବ, ହିମାଂଶୁ ବଡପଣ୍ଡା, ପଞ୍ଚୁ ସାହୁ, ପ୍ରଭାତ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡିର ଜିଲା କାର୍ଯ୍ୟକାରିଣୀ କମିଟି ବୈଠକରେ ଉପସ୍ଥିତ ନେତା, କର୍ମୀ।

# ପୋଲିସ ଜନସମ୍ପର୍କ ଶିବିର

**ଦେବଗଡ଼,୧୩।୧୨(ସ୍ୱ.ପ୍ର.)**

ଜିଲାର ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ ଅଧୀନ ଉପାନ୍ତ ଅଞ୍ଚଳ କନ୍ଦର୍ପ ଗ୍ରାମରେ ଜିଲା ପୋଲିସ ବିଭାଗ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଆରକ୍ଷୀ ଅଧୀକ୍ଷକ (ଏସ୍.ପି.) ଅନୁପମା ଜେମସ ଯୋଗଦାନ କରିଥିଲେ। ସମାଜରେ ଘଟୁଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ପୋଲିସକୁ ସାହାଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହା ସହ ଯୁବକ ସଂଘ ତଥା ଗ୍ରାମବାସୀଙ୍କୁ କ୍ରୀଡା ସାମଗ୍ରୀ ଯଥା ହକି, ଫୁଟବଲ, ନୋଟ ବୁକ୍, ପେନସିଲ, ବହି ଉପକରଣ, କମ୍ବଳ, ଶାଢୀ, ସଙ୍ଗୀତ ଉପକରଣ ଏବଂ ସ୍କୁଲ ପିଲାଙ୍କୁ ସ୍କୁଲ ବ୍ୟାଗ ଆଦି ପ୍ରଦାନ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଭିମସେନ କିଷାନ, ସିଆରପିଏଫର ସହକାରୀ କମାଣ୍ଡର ତ୍ରିଲୋଚନ ବେହେରା, ରିଜର୍ଭ ଇନ୍ସପେକ୍ଟର କାଳିଚରଣ ମାଝି, ଏସଡିପିଓ ସୁନେମାନ ଏକ୍କା, ଦେବଗଡ ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ, ଆରଓ ପ୍ରଶାନ୍ତ କୁମାର ମୁଦୁଲି, ଲଇମୁରା ଫାଣ୍ଡିର ଏସ.ଆଇ ଅଜୟ କୁମାର ରାଉଳ, ପୋଲିସ କର୍ମଚାରୀ ସଞ୍ଜୀବ ବେହେରା, ମାଧବ ବେହେରାଙ୍କ ସମେତ ପୋଲିସ ଷ୍ଟାଫ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଲୋକଙ୍କୁ ସଚେତନ ପୂର୍ବକ ସେଠାରେ ନୃତ୍ୟ ଓ ସଙ୍ଗୀତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଜେତା ଟିମକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ରିଜର୍ଭ ପୋଲିସ ପକ୍ଷରୁ ମାଓବାଦୀ ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।



ପୋଲିସ ଜନସମ୍ପର୍କ ଶିବିରରେ ଗ୍ରାମବାସୀଙ୍କୁ ଉପକରଣ ପ୍ରଦାନ କରାଯାଉଛି।

# ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପରାମର୍ଶ ଶିବିର

**ଦେବଗଡ଼,୧୩।୧୨ (ସ୍ୱ.ପ୍ର.)**

ଆଗାମୀ ୨୦୨୦ ସୁଦ୍ଧା ଗ୍ରାମାଞ୍ଚଳର ବେକାର ଯୁବତୀଯୁବକଙ୍କୁ ଉପଯୁକ୍ତ ଉନ୍ନତ ତାଲିମ ପ୍ରଦାନ ପୂର୍ବକ ବିଭିନ୍ନ କାମଧନ୍ଦା ପାଇଁ ସେମାନଙ୍କର ଦକ୍ଷତା ବଢାଇ ରୋଜଗାରକ୍ଷମ କରିବାର ଉଦ୍ଦେଶ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ଜୀବିକା ମିଶନ ଓରମାସ୍ ଏବଂ ପଞ୍ଚାୟତ ସମିତି ତିଲେଇବଣି ମିଳିତ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପରମାନନ୍ଦ ନାଏକ, ଓଏଲଏମ ଡି.ପି.ଏମ. ସ୍ମାରଣିକା ମହାପାତ୍ର, ଓରମାସର ସହକାରୀ ନିର୍ଦ୍ଦେଶକ ସୁବଳ କୁମାର ଜେନାମଣୀ, ଏପିଡି ଟ୍ରେନିଂ ଡିଆରଡିଏର ଡିସି ସ୍କିଲ୍‌ର ଶୁଭାଶୀଷ ରାଉତ, ଦୀପକ ବେହେରା ପ୍ରମୁଖ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିମାନେ ଏଥିରେ ୧୧ ଜଣ ପିଆଇଏ ଏବଂ ପାଖାପାଖି ୪୦୦ ଜଣ ବେକାର ଯୁବତୀଯୁବକଙ୍କୁ ଏହି ଯୋଜନାର ସାମିଲ କରିବା ସହ ସେମାନେ କିଭଳି କେଉଁ ପ୍ରକାର ତାଲିମ ନେବାକୁ ଚାହୁଁଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କର ମାତାପିତାଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବା ଏବଂ ତାଲିମ ସହ କର୍ମସଂସ୍ଥାନ ପାଇବା ପର୍ଯ୍ୟନ୍ତ ସେମାନଙ୍କୁ ସମସ୍ତ ପ୍ରକାର ପରାମର୍ଶ ଏବଂ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ତଥା ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ନିଯୁକ୍ତି ଏବଂ ଉପାଦେୟ ବୈଷୟିକଜ୍ଞାନର ଅଭିବୃଦ୍ଧି ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଶିବିର ପରିଚାଳନାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ତିଲେଇବଣି ବ୍ଲକର ଅଧିକାରୀମାନେ ସହାୟତା କରିଥିଲେ।



ପରାମର୍ଶ ଶିବିରରେ ଯୋଗଦେଇଥିବା ଯୁବତୀ ଯୁବକ।



ବିଦ୍ୟାଳୟର ଛାତ୍ରୀଛାତ୍ର ନଗର ପରିକ୍ରମା କରୁଛନ୍ତି।

## ଶିଶୁ ବିଦ୍ୟା ମନ୍ଦିରରେ ସ୍ୱଦେଶୀ ସପ୍ତାହ

**ଦେବଗଡ଼,୧୩।୧୨(ସ୍ୱ.ପ୍ର)**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱଦେଶୀ ସପ୍ତାହ ସମାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ନଗର ପରିକ୍ରମା କରି ସ୍ୱଦେଶୀ ଜିନିଷ ଗ୍ରହଣ କରନ୍ତୁ ଏବଂ ବିଦେଶୀ ଜିନିଷକୁ ବର୍ଜନ କରନ୍ତୁ ସ୍ଲୋଗାନ ଦେଇ ସ୍ୱଦେଶୀ ଜିନିଷର ତାଲିକାପତ୍ର ବଣ୍ଟନ କରିଥିଲେ। ପରେ ବିଦେଶୀ ଜିନିଷକୁ ନିଆଁରେ ପୋଡି ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ ନାୟକ ସ୍ୱଦେଶୀ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ସ୍ୱଦେଶୀ ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଶେଷରେ ଗୁରୁଜୀ ବାଂଛାନିଧି ସାହୁ ଧନ୍ୟବାଦ ଦେଇଥିଲେ।

## ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ସମ୍ବଲପୁର,୧୩।୧୨(ବ୍ୟୁରୋ)**

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ଶ୍ରୀଅରବିନ୍ଦ ସ୍କୁଲ)ର ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ପରିଚାଳନା ସଭାପତି କୃଷ୍ଣ ଚନ୍ଦ୍ର ବାବୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ବ୍ରଜକିଶୋର ହୋତାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ ସମ୍ମାନିତ

**ସମ୍ବଲପୁର,୧୩।୧୨(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) କାର୍ମିକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ରଙ୍କୁ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଗୁରୁବାର ସମ୍ମାନିତ କରାଯାଇଛି। ସାମାଜିକ ଓ ସାହିତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ନିର୍ଦ୍ଦେଶକଙ୍କୁ ଏମ୍‌ସିଏଲ ଅଧିକାରୀ, କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଉତ୍ସବରେ ପବ୍ଲିକ ଲାଇବ୍ରେରି ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ସୁରୁବାବୁ ମେହେର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଓ ପବ୍ଲିକ ଲାଇବ୍ରେରି ସଭ୍ୟ ସଚିବ ରଘୁନାଥ ମିଶ୍ର, ହୁସେନ୍ ରବି ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ଏମ୍‌ସିଏଲ କାର୍ମିକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ରଙ୍କୁ ସମ୍ମାନୀତ କରାଯାଉଛି।

### କାର୍ଯ୍ୟାଦେଶକୁ ନେଇ ହତ୍ୟା

# ଜଣେ ମୃତ, ୫ ଗୁରୁତର

**ଭଦ୍ରକ ଅଫିସ,୧୩।୧୨**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ରାମନବମୀ ବେତଡ଼ା ପଞ୍ଚାୟତ ଗୋହିରାଣୀ ଗାଁରେ ଖେଳପଡ଼ିଆର ଉନ୍ନତୀକରଣ କାର୍ଯ୍ୟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ଲୋକନାଥ ସେଠୀ(୩୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଉଭୟ ପକ୍ଷର ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ୧ ପ୍ଲାଟୁନ ପୋଲିସ ମୁତୟନ ଅଛନ୍ତି। ମୃତ ଲୋକନାଥଙ୍କ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ପୋଲିସ ୨୦ ଜଣଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୬୦୦/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଗୋହିରାଣୀ ଗାଁ ଶେଷମୁଣ୍ଡରେ ଥିବା ଏକ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗାଁର ହରେକୃଷ୍ଣ ସେଠୀ ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ବର୍ଷକ ତଳେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟାଦେଶକୁ ସ୍ଥାନୀୟ ସରପଞ୍ଚଙ୍କ ଗୋଷ୍ଠୀ ବିରୋଧ କରୁଥିଲେ। ଉକ୍ତ ଖେଳପଡ଼ିଆର ସମତୁଲ ପାଇଁ ଗୁରୁବାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସରପଞ୍ଚ ଓ ତାଙ୍କ ପୁଅଙ୍କ ସମେତ ସମର୍ଥକମାନେ ମାରଣାସ୍ତ୍ର ଧରି କାର୍ଯ୍ୟ ହେଉଥିବା ସ୍ଥାନରେ ପହଞ୍ଚି ବିରୋଧ କରିବାରୁ ସେଠାରେ କାର୍ଯ୍ୟ କରୁଥିବା ଲୋକନାଥ ଓ ତାଙ୍କ ସମର୍ଥକଙ୍କ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଥାନାରେ ଦିଆଯାଇଥିବା ଏତଲା ଅନୁସାରେ ସରପଞ୍ଚ ବିମ୍ବାଧର ଦାସ ଓ ତାଙ୍କ ପୁଅ ଚନ୍ଦନଙ୍କ ସମେତ ସମର୍ଥକମାନେ ଭୁଜାଲିରେ ଲୋକନାଥଙ୍କ ପେଟକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଲୋକନାଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫଟୋରେ ଖବର








ଗୁରୁବାର ବୀରସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ (ବାମ)। ସମ୍ବଲପୁରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରଶାସନିକ ଅଫିସ ଗୃହ ଶିଳାନ୍ୟାସ ଉତ୍ସବରେ ଅତିଥିମାନେ (ମଝି)। ସମ୍ବଲପୁର କ୍ଷେତରାଜପୁର ଅଗ୍ରସେନ ଭବନଠାରେ ଉତ୍କଳ ମାରୱାଡି ସମ୍ମେଳନ, ମହିଳା ସମ୍ମେଳନ ଓ ଯୁବାମଞ୍ଚ ପକ୍ଷରୁ ୧୦ହଜାର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ବୃଦ୍ଧାଙ୍କୁ କମ୍ବଳ ଦେଉଛନ୍ତି।

❝ ଆଜିକାଲି ୱେଷ୍ଟଇଣ୍ଡିଜ ଦଳର ପ୍ରଦର୍ଶନ, କ୍ଲାଇଭ ଲୟଡ୍ସ, ଭିଭିଆନ ରିଚାର୍ଡ ଏବଂ ଗ୍ୟାରି ସୋବର୍ସଙ୍କ ଭଳି କ୍ରିକେଟ କିମ୍ବଦନ୍ତୀଙ୍କୁ ଖୁବ୍ ବ୍ୟଥିତ କରୁଥିବ ନିଶ୍ଚୟ।

– ଫିଲ୍ ସିମନ୍ସ, ୱେଷ୍ଟଇଣ୍ଡିଜ ଓପନର



❝ ଏକ ଡବ୍ଲ୍ୟୁଟିଏ ଇଭେଣ୍ଟ ଆୟୋଜନ ପାଇଁ ଭାରତକୁ ୫୦ ମହିଳା ସିଙ୍ଗଲ୍ସ ଖେଳାଳି ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଷ୍ଟାଡିୟମକୁ ଦର୍ଶକ ଆକର୍ଷିତ କରିହେବ।

– ମହେଶ ଭୂପତି, ଏକାଧିକ ଗ୍ରାଣ୍ଡସ୍ଲାମ ବିଜେତା



## ସଂକ୍ଷେପରେ

### ସିନ୍ଧୁ, ସମୀର ବିଜୟୀ

ଗୁଆଙ୍ଗଝୋ, ୧୩।୧୨ (ପି.ଟି.)- ଚଳିତ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଗୁରୁବାର ଭାରତର ପି. ଭି. ସିନ୍ଧୁ ଏବଂ ସମୀର ବର୍ମା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ ବିଶ୍ୱର ନମ୍ବର ୱାନ ତାଇ ତିଜୁ ୟିଙ୍ଗଙ୍କ ବିପକ୍ଷରେ ତାଙ୍କ ପରାଜୟ ଧାରାକୁ ରୋକି ପାରିଛନ୍ତି। ଗ୍ରୁପ୍ ଏ'ରେ ସେ ଚାଇନିଜ ତାଇପେର ଏହି ଖେଳାଳିଙ୍କୁ ୧୪-୨୧, ୨୧-୧୬, ୨୧-୧୮ରେ ହରାଇ ଦେଇଛନ୍ତି। ଦୁଇ ଖେଳାଳି ପରସ୍ପରକୁ ୧୩ଥର ଭେଟିଛନ୍ତି। କ୍ରମାଗତ ୬ ଥର ପରାଜୟ ପରେ ସିନ୍ଧୁଙ୍କର ଏହି ଖେଳାଳି ବିପକ୍ଷରେ ଏହା ପ୍ରଥମ ବିଜୟ। ଶେଷ ମୁହୂର୍ତ୍ତରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବିଶ୍ୱର ୧୪ ନମ୍ବର ଖେଳାଳି ସମୀର ୧୦ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ଗ୍ରୁପ୍ ବି'ର ଏକ ମୁକାବିଲାରେ ୨୧-୧୬, ୨୧-୭ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ମାତ୍ର ୪୦ ମିନିଟ୍‌ରେ ଶେଷ ହୋଇଥିଲା। ୨୪ ବର୍ଷୀୟ ଭାରତୀୟ ତାଙ୍କ ଓପନିଂ ମ୍ୟାଚରେ ବିଶ୍ୱର ନମ୍ବର ୱାନ ତଥା ବିଶ୍ୱ ଚାମ୍ପିୟନ କେଣ୍ଟୋ ମୋମୋତାଙ୍କଠାରୁ ହାରିଯାଇଥିଲେ। ସୂଚନାଯୋଗ୍ୟ, ସିନ୍ଧୁ ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣରେ ରନର୍ସ ଅପ୍ ହୋଇଥିଲେ।

### ମାନିକାଙ୍କୁ ବ୍ରେକ୍‌ଥ୍ରୁ ଷ୍ଟାର ଆୱାର୍ଡ



ନୂଆଦିଲ୍ଲୀ, ୧୩।୧୨ (ପି.ଟି.)- ମାନିକା ବାତ୍ରା ପ୍ରଥମ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଭାବେ 'ବ୍ରେକ୍‌ଥ୍ରୁ ଟେବୁଲ ଟେନିସ ଷ୍ଟାର' ପୁରସ୍କାର ଜିତିଛନ୍ତି। ଇଞ୍ଚିଅନଠାରେ ସମ୍ମାନଜନ ଇଣ୍ଟରନ୍ୟାଶନାଲ ଟେବୁଲ ଟେନିସ ଫେଡେରେଶନ ଷ୍ଟାର ଆୱାର୍ଡ୍ସ ଉତ୍ସବରେ ସେ ସମ୍ମାନିତ ହୋଇଛନ୍ତି। ସୂଚନାଯୋଗ୍ୟ, ମାନିକାଙ୍କ ନେତୃତ୍ୱରେ ଭାରତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଟିମ୍ କାଟେଗୋରିରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିଲେ। ଟାଇଟଲ ମୁକାବିଲାରେ ଭାରତ ୪ଥର ସ୍ୱର୍ଣ୍ଣ ବିଜେତା ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଥିଲା। ମହିଳା ସିଙ୍ଗଲ୍ସ କାଟେଗୋରିରେ ସେ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ। ଫାଇନାଲରେ ସେ ବିଶ୍ୱର ପୂର୍ବତନ ୪ ନମ୍ବର ଖେଳାଳି ଫେଙ୍ଗ ଟିଆନ ୱେଁ'କୁ ପରାସ୍ତ କରିଥିଲେ। ଏତଦବ୍ୟତୀତ ସେ ମହିଳା ଡବଲ୍ସରେ ଏକ ରୌପ୍ୟ ଏବଂ ମିକ୍ସଡ ଡବଲ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ୨୩ ବର୍ଷୀୟା ଅର୍ଜୁନ ପୁରସ୍କାର ବିଜୟିନୀ ପରେ ଭାରତର କିମ୍ବଦନ୍ତୀ ଶରଥ କମଲଙ୍କୁ ସାଥୀ କରି ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ଗେମ୍ସ ମିକ୍ସଡ ଡବଲ୍ସ କାଟେଗୋରିରେ ଏକ ବ୍ରୋଞ୍ଜ ଜିତିଥିଲେ।

# ଆଜିଠାରୁ ପର୍ଥରେ ଭାରତ–ଅଷ୍ଟ୍ରେଲିଆ ଲଢ଼େଇ

**ପର୍ଥ, ୧୩।୧୨(ପି.ଟି.)**

ପର୍ଥର ନୂଆ ଓପ୍ଟସ୍ ଷ୍ଟାଡିୟମରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ଟେଷ୍ଟ। ପର୍ଥର ଏହି ନୂଆ ପିଚ୍‌ରେ ବଲ୍ ଦ୍ରୁତ ହେବା ସହିତ ବାଉନ୍ସ କରିବ। ଅବଶ୍ୟ ପର୍ଥରେ ବଲ ସବୁବେଳେ ବହୁ ପରିମାଣରେ ଦ୍ରୁତ ହେବା ସହ ବାଉନ୍ସ ହୋଇଥାଏ ଓ ଏହା ଭାରତୀୟ ଦଳ ପାଇଁ ଆଦୌ ନୂଆ ନୁହଁ। ଏହି ସବୁଜ ଉଇକେଟରେ ଖେଳିବାକୁ ଯାଉଥିବାରୁ ଆମେ କିଛି ପରିମାଣରେ ନର୍ଭସ ଅଛୁ। ତେବେ ତା'ଠାରୁ ଅଧିକ ଉତ୍ସାହିତ ଅଛୁ ବୋଲି କୋହଲି କହିଛନ୍ତି। ଭାରତୀୟ ଦଳରେ ମଧ୍ୟ କେତେଜଣ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ଅଛନ୍ତି। ତେଣୁ ଏହି ପିଚ୍‌ରେ ଉଭୟ ଦଳ ସମାନ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଡିଲେଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୩୧ ରନରେ ବିଜୟୀ ହୋଇ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ୧–୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଭାରତର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ଘଟିଛି। ଏବେ ଉଭୟ ଦଳ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି।

କ୍ୟୁରେଟର ବ୍ରେଟ୍ ସିପଥୋର୍ପ ଏକ ବାଉନ୍ସ ଉଇକେଟ ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରିଛନ୍ତି। ଉଇକେଟରେ ପ୍ରବଳ ଘାସ ରହିଛି। ଫଳରେ ଉଭୟ ଦଳର ଦ୍ରୁତ ବୋଲରମାନେ ଫାଇଦା ଉଠାଇ ପ୍ରତିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇପାରିବେ। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୨–୦ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିଛି।



ଅଧିନାୟକ ବିରାଟ କୋହଲି ଗୁରୁବାର ପର୍ଥ ପିଚ୍‌କୁ ନିରୀକ୍ଷଣ କରୁଛନ୍ତି।

ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ କେତୋଟି ପରିବର୍ତ୍ତନ ହେବା ଏକ ପ୍ରକାର ନିଶ୍ଚିତ। କାରଣ ଏକାଧିକ ଭାରତୀୟ କ୍ରିକେଟର ଆଘାତ ସମସ୍ୟାର ସମ୍ମୁଖୀନ ହୋଇ ଦଳରୁ ବାଦ୍ ପଡିଛନ୍ତି। ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷିତ ୧୩ ଜଣିଆ ଭାରତୀୟ ଦଳରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରୋହିତ ଶର୍ମା ବାଦ୍ ପଡିଛନ୍ତି। ଏହି ଦୁଇ ଖେଳାଳି ଇଞ୍ଜୁରିର ଶିକାର ହୋଇଛନ୍ତି। ବାମ ତଳିପେଟରେ ଯନ୍ତ୍ରଣା କାରଣରୁ ଅଶ୍ୱିନ୍ ବାଦ୍ ପଡିଛନ୍ତି। ସେ ପ୍ରଥମ ଟେଷ୍ଟ ଅବସରରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ସେହିପରି ପ୍ରଥମ ଟେଷ୍ଟ ଖେଳିବା ଅବସରରେ ରୋହିତ୍ ପିଠି ଯନ୍ତ୍ରଣାର ଶିକାର ହୋଇଥିଲେ। ଦୁଇ ଦିନଧରି ହୋଇଥିବା ଅଭ୍ୟାସ ସେସନରେ ଏହି କାରଣରୁ ସେ ଅନୁପସ୍ଥିତ ଥିଲେ। ଅଶ୍ୱିନ ମଧ୍ୟ ବୁଧବାର ଟ୍ରେନିଂରେ ସାମିଲ ହୋଇ ନ ଥିଲେ। ତେବେ ଗୁରୁବାର ଅଭ୍ୟାସ ଅବସରରେ ସେ ଉପସ୍ଥିତ ଥିଲେ। ସେ ନେଟ୍ସରେ ବ୍ୟାଟିଂ କିମ୍ବା ବୋଲିଂ କରି ନ ଥିଲେ। ଯୁବ ଓପନର ପୃଥ୍ୱୀ ଶ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇନାହାନ୍ତି। ଫଳରେ ଭାରତ ଓପନିଂ ଯୋଡି ଭାବେ ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ଖେଳାଇବା ନିଶ୍ଚିତ ହୋଇଛି। ୧୩ ଜଣିଆ ଭାରତୀୟ ଦଳରେ ହନୁମା ବିହାରୀ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର ଓ ଉମେଶ ଯାଦବଙ୍କୁ ସାମିଲ କରାଯାଇଛି। ଫଳରେ ଭାରତ ଏକ ନୂଆ କ୍ରମପରିବର୍ତ୍ତନ ଓ ସଂଯୋଜନ ନେଇ ପଡିଆକୁ ଓହ୍ଲାଇବ। ତେଣୁ ଭାରତ ଦ୍ରୁତ ବୋଲରଙ୍କ ଉପରେ ଭରସା କରିବ। ପୂର୍ବରୁ ମଧ୍ୟ କୋହଲି ଦ୍ରୁତ ବୋଲରଙ୍କୁ ନେଇ ଏ ଭଳି ପରୀକ୍ଷା ନିରୀକ୍ଷା କରିଛନ୍ତି। ଗତ ଜୋହାନ୍ସବର୍ଗ ଟେଷ୍ଟରେ କୋହଲି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ୪ଜଣ ଦ୍ରୁତ ବୋଲରଙ୍କୁ ଖେଳାଇଥିଲେ।

ଏହାପୂର୍ବରୁ ୨୦୧୨ରେ ପର୍ଥରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏକ ସମ୍ପୂର୍ଣ୍ଣ ପେସ୍ ବାହିନୀ ସହ ପଡିଆକୁ ଓହ୍ଲାଇଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦ୍ରୁତ ବୋଲର ଜାହିର ଖାଁ, ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ଆର. ବିନୟ କୁମାରଙ୍କୁ ସେତେବେଳେ ୱାକା ଗ୍ରାଉଣ୍ଡରେ ଖେଳାଇଥିଲେ। ସେହିବେଳେ ଏହି ଟେଷ୍ଟରେ ବୀରେନ୍ଦ୍ର ସେହ୍ୱାଗ୍ ୭.୨ ଓଭର ଅଫ୍ ସ୍ପିନ ବୋଲିଂ କରିଥିଲେ।

ରୋହିତଙ୍କ ଅନୁପସ୍ଥିତିରେ ବିହାରୀ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ପୂର୍ବରୁ ଇଂଲଣ୍ଡର ଓଭାଲରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ବିହାରୀ ପଦାର୍ପଣ କରିଥିଲେ ଓ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିହାରୀ ମଧ୍ୟ ଭଲ କାମଚଳା ଅଫ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି। ତେଣୁ ବିହାରୀଙ୍କୁ ବ୍ୟବହାର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଦୌ ପଛାଇବ ନାହିଁ। ଗତ ଓଭାଲ ଟେଷ୍ଟରେ ମଧ୍ୟ ବିହାରୀ ୧୦.୩ ଓଭର ବୋଲିଂ କରିଥିଲେ। ସିଡନୀରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ସେ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିରୋଧରେ ୧୨ ଓଭର ବୋଲିଂ କରିଥିଲେ। ତେଣୁ ବିଜୟଙ୍କ ସହ ବିହାରୀଙ୍କୁ ଭାରତ ଖେଳାଇବ। ପୁଣି ଅଶ୍ୱିନଙ୍କ ବଦଳରେ ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଭୁବନେଶ୍ୱର କୁମାରଙ୍କୁ ଖେଳାଯିବା ଏକପ୍ରକାର ନିଶ୍ଚିତ ମନେହେଉଛି।

ଗତ ନଭେମ୍ବରରେ ଏହି ଉଇକେଟରେ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ଓ ନ୍ୟୁ ସାଉଥ ୱେଲ୍ସ ମଧ୍ୟରେ ଏକ ୪ ଦିନିଆ ମ୍ୟାଚ୍ ଖେଳାଯାଇଥିଲା। ୪ ଦିନ ମଧ୍ୟରେ ୪୦ଟି ଉଇକେଟର ପତନ ଘଟିଥିଲା। ସ୍ପିନରମାନେ ୮ ଉଇକେଟ ହାସଲ କରିଥିବା ବେଳେ ବାକି ଉଇକେଟ ସବୁ ପେସ ବୋଲର ଅକ୍ତିଆର କରିଥିଲେ। ଅଭିଜ୍ଞ ସ୍ପିନର ବାଉନ୍ସ ଉଇକେଟର ଫାଇଦା ଉଠାଇ ୭ଟି ଉଇକେଟ ନେଇଥିଲେ। ତେଣୁ ଅଶ୍ୱିନ ଫିଟ୍ ଥିଲେ କୋହଲି ତାଙ୍କୁ ଖେଳାଇବା ସମ୍ଭାବନା ରହିଥିଲା। ଜାଡେଜା ଦଳରେ ସାମିଲ ଥିବାରୁ ତାଙ୍କୁ ଖେଳାଇବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଭାରତୀୟ ବ୍ୟାଟିଂ ଲାଇନରେ ସେଭଳି କୌଣସି ପରିବର୍ତ୍ତନ ହେବନାହିଁ।

ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆ ଦଳ ବ୍ୟାଟିଂ ଲାଇନ୍‌ରେ ପରିବର୍ତ୍ତନ କରିବା ଆଶା କରାଯାଉଛି। ପ୍ରଥମ ଟେଷ୍ଟରେ ଶଟ୍ ଚୟନ ନେଇ ଆରୋନ ଫିଞ୍ଚ୍ ସମାଲୋଚନାର ଶିକାର ହୋଇଥିଲେ। ତାଙ୍କ ସ୍ଥାନରେ ଉସ୍‌ମାନ ଖ୍ୱାଜା କିମ୍ବା ଶନ ମାର୍ସଙ୍କୁ ଖେଳାଯିବା ଆଶା କରାଯାଉଛି। ଅନ୍ୟପଟେ ଫିଞ୍ଚ୍‌ଙ୍କୁ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯାଇପାରେ। ଅଲରାଉଣ୍ଡର ମିଚେଲ ଷ୍ଟାର୍କଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା କମ ରହିଛି। ପ୍ରଥମ ଟେଷ୍ଟରେ ସାମାନ୍ୟ ଆହତ ହୋଇଥିବା ଅଧିନାୟକ ଟିମ ପେନ୍ ଇତିମଧ୍ୟରେ ସମ୍ପୂର୍ଣ୍ଣ ଫିଟ୍ ଘୋଷିତ ହୋଇଛନ୍ତି। ବୋଲିଂ ଲାଇନ୍‌ରେ ଅଷ୍ଟ୍ରେଲିଆ ପରିବର୍ତ୍ତନ କରିବ ନାହିଁ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଏକ ବର୍ଷ ପାଇଁ ବାସନ୍ଦ ହୋଇଥିବା ନିୟମିତ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ , ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଫାଇଦା ଉଠାଇବ ବୋଲି ଆଶା କରାଯାଇଛି।

### ଦ୍ୱିତୀୟ ଟେଷ୍ଟ

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୁରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର ଓ ଉମେଶ ଯାଦବ।
- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), ମାର୍କସ ହାରିସ୍, ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା, ଟ୍ରେଭିସ୍ ହେଡ, ଶନ ମାର୍ଶ, ପିଟର ହ୍ୟାଣ୍ଡ୍ସକମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଜୋଶ ହାଜେଲଉଡ।

**ମ୍ୟାଚ୍ ଆରମ୍ଭ: ସକାଳ ୭ଟା ୫୦** | **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

# ଭାରତ ଫାଇନାଲରେ

**କଲମ୍ବୋ, ୧୩।୧୨ (ପି.ଟି.)**

ଏଠାରେ ଚାଲିଥିବା ଏସିସି ଇମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳକୁ ଜିତାଇବାରେ ନୀତୀଶ ରାଣା ଓ ହିମତ ସିଂଙ୍କ ବିଶେଷ ଭୂମିକା ରହିଥିଲା। ଉଭୟେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ୧୭୩ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଦିଲ୍ଲୀର ଏହି ବ୍ୟାଟ୍ସମ୍ୟାନଦ୍ୱୟ ଚତୁର୍ଥ ଉଇକେଟରେ ୧୨୬ ରନ ଯୋଗ କରିଥିଲେ। ରାଣା ୬୦ ବଲ୍‌ରୁ ୬୦ ରନ କରିଥିବାବେଳେ ହିମତ ୫୮ ବଲ୍‌ରୁ ୫୯ ରନ କରିଥିଲେ। ଭାରତ ୨୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଂ ଲଗାତର ୩ଟି ସମେତ ମୋଟ ୫ ଛକା ଲଗାଇଥିବା ବେଳେ ରାଣା ୩ ଛକା ମାରିଥିଲେ। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ ନେଇଥିଲା। ଦଳ ୪୪.୪ ଓଭରରେ ପାକିସ୍ତାନକୁ ୧୭୨ ରନରେ ଅଲଆଉଟ କରିଦେଇଥିଲା। ଟପ୍ ସ୍କୋରର ତଥା ପାକିସ୍ତାନ ଅଧିନାୟକ ତଥା ଉଇକେଟକିପର ମହମ୍ମଦ ରିଜୱାନ ୬୭ ରନ କରିଥିବାବେଳେ ସୌଦ ସକିଲ ୬୨ରନ କରିଥିଲେ। ଓପନର ଜିଶାନ ମଲିକ ମାତ୍ର ୧୭ ରନ କରିଥିଲେ। ଭାରତୀୟ ଦଳର ସବୁଠାରୁ ସଫଳ ବୋଲର ଭାବେ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ତାଙ୍କ ୯.୪ ଓଭର ବୋଲିଂରେ ୩୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟର ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ଓପନିଂ ମ୍ୟାଚରେ ଆଫଗାନିସ୍ତାନକୁ ୮୪ ରନରେ ପରାସ୍ତ କରିଥିଲା। ପରେ ଓମାନକୁ ୬ ଉଇକେଟ ଏବଂ ଶ୍ରୀଲଙ୍କାକୁ ୪ ଉଇକେଟରେ ପରାସ୍ତ କରି ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା।

# ଝାଡ଼ଖଣ୍ଡକୁ ହରାଇ ଫାଇନାଲରେ ଓଡ଼ିଶା

**କଟକ ଅଫିସ,୧୩।୧୨**

ଅରୁଣାଚଳପ୍ରଦେଶଠାରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ୬–୨ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଗତ ୨୦୧୫ରେ ଓଡ଼ିଶା ଶେଷଥର ନିମନ୍ତେ ଫାଇନାଲକୁ ଯାଇଥିଲା। ଦିଲ୍ଲୀଠାରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଓଡ଼ିଶା ୦–୧ ଗୋଲରେ ବେଙ୍ଗଲଠାରୁ ହାରି ରନର୍ସଅପ ହୋଇଥିଲା। ଏହାଛଡ଼ା ଗତ ସଂସ୍କରଣରେ ଓଡ଼ିଶା ସେମିଫାଇନାଲରେ ହାରି ବିଦା ହୋଇଥିଲା। ଚଳିତ ସିଜନ୍‌ରେ ଓଡ଼ିଶା ଫାଇନାଲକୁ ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମିଜୋରାମ ଓ ଘରୋଇ ଅରୁଣାଚଳ ପ୍ରଦେଶ ମଧ୍ୟରେ ଖେଳାଯିବ। ଏହାର ବିଜେତା ସହ ଓଡ଼ିଶା ଫାଇନାଲ ମ୍ୟାଚ୍ ଖେଳିବ। ଗୁରୁବାର ଅପରାହ୍ନରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଖେଳାଳିମାନେ ଦମଦାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୨ୟ ମିନିଟରେ ପ୍ରଥମ ଗୋଲ ଦେଇଥିଲା ଝାଡ଼ଖଣ୍ଡ। ୩୮ତମ ମିନିଟରେ ଅଜୟ ଟପ୍ପୋ ଗୋଲ ଦେଇ ପ୍ରଥମାର୍ଦ୍ଧର ଖେଳକୁ ୧–୧ ସ୍ଥିତିରେ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୭୨ତମ ମିନିଟରେ ଝାଡ଼ଖଣ୍ଡ ପକ୍ଷରୁ ଦ୍ୱିତୀୟ ଗୋଲ ହୋଇଥିବା ବେଳେ ଏହାର ମାତ୍ର ୩ ମିନିଟ ପରେ ଓଡ଼ିଶାର ଅନିଲ ଟପ୍ପୋଙ୍କ ଗୋଲ ସହାୟତାରେ ଓଡ଼ିଶା ପୁନର୍ବାର ମ୍ୟାଚ୍‌ରେ ତିଷ୍ଠି ରହିଥିଲା। ନିର୍ଦ୍ଧାରିତ ୯୦ମିନିଟ ମଧ୍ୟରେ ସ୍କୋର ୨–୨ ସ୍ଥିତିରେ ରହିଥିଲା। ଫଳରେ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଅତିରିକ୍ତ ସମୟରେ ଓଡ଼ିଶା ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ମାତ୍ର ଖେଳାଯାଇଥିବା ଅତିରିକ୍ତ ମିନିଟରେ ଓଡ଼ିଶା ପକ୍ଷରୁ ୪ଟି ଗୋଲ ହୋଇଥିଲା। ୯୫ତମ ମିନିଟରେ ହରି ହେମ୍ବ୍ରମ ଗୋଟିଏ, ୧୦୯ତମ ଓ ୧୧୧ତମ ମିନିଟରେ ଅରବିନ ଲାକ୍ରା ୨ଟି, ୧୧୪ତମ ମିନିଟରେ ଅଜୟ ଟପ୍ପୋ ଗୋଟିଏ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।



ଓଡ଼ିଶା ପକ୍ଷରୁ ଗୋଲ ସ୍କୋର କରିଥିବା ଖେଳାଳିମାନେ।

# ଆଇଜଲକୁ ଭେଟିବ ଇଣ୍ଡିଆନ୍ ଆରୋଜ



ବାରବାଟୀ ଷ୍ଟାଡିୟମରେ ଗୁରୁବାର ଇଣ୍ଡିଆନ ଆରୋଜ ଦଳର ଅଭ୍ୟାସ।

**କଟକ ଅଫିସ,୧୩।୧୨**

ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟ ଆଇ–ଲିଗ୍‌ରେ ଶୁକ୍ରବାର ସନ୍ଧ୍ୟାରେ ଇଣ୍ଡିଆନ ଆରୋଜ ଓ ଆଇଜଲ ଏଫସି ମଧ୍ୟରେ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ବାରବାଟୀ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ କରିଥିବା ଇଣ୍ଡିଆନ ଆରୋଜ ଦଳ ଚଳିତ ସିଜିନ୍‌ରେ ବାରବାଟୀରେ ୩ୟ ମ୍ୟାଚ୍ ଖେଳିବ। ବର୍ତ୍ତମାନ ସୁଦ୍ଧା ଆରୋଜ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୫ଟି ପରାଜୟ ସହ ୩ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ତେବେ ଏକମାତ୍ର ବିଜୟ ଆରୋଜକୁ ବାରବାଟୀରେ ମିଳିଥିଲା। ଗତ ନଭେମ୍ବର ୫ ତାରିଖରେ ଆରୋଜ ୧–୦ ଗୋଲରେ ସିଲଂ ଲାଜଂକୁ ପରାସ୍ତ କରିଥିବା ବେଳେ ୯ ତାରିଖରେ ଏଠାରେ ଖେଳାଯାଇଥିବା ପରବର୍ତ୍ତୀ ମ୍ୟାଚ୍‌ରେ ୦–୨ ଗୋଲରେ ମୋହନବାଗାନ ଠାରୁ ହାରିଥିଲା। ବିପକ୍ଷ ଆଇଜଲ ଏଫ୍‌ସି ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ଓ ୫ଟି ପରାଜୟ ସହ ୫ ପଏଣ୍ଟ ପାଇଁ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି । ଉଭୟ ଦଳ ଗୁରୁବାର ବାରବାଟୀରେ ଅଭ୍ୟାସ କରିଛନ୍ତି। ଆଇଜଲ ବିପକ୍ଷ ମ୍ୟାଚ୍‌ରେ ଆରୋଜ ଦଳ ଜିତିବା ପାଇଁ ଚେଷ୍ଟା କରିବ ବୋଲି ଆରୋଜ ଦଳର କୋଚ୍ ଫ୍ଲୋଏଡ ପିଣ୍ଟୋ କହିଛନ୍ତି।

# ଓଡ଼ିଶା-ରାଜସ୍ଥାନ ମୁକାବିଲା ଆଜିଠାରୁ

**ଭୁବନେଶ୍ୱର, ୧୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫିର ୬ ରାଉଣ୍ଡ ଖେଳ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଓଡ଼ିଶା ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଦୁଇଥର ରଣଜୀ ଟ୍ରଫି ଚାମ୍ପିୟନ ରାଜସ୍ଥାନକୁ ଭେଟିବ। ଭୁବନେଶ୍ୱର ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଉଭୟ ରାଜସ୍ଥାନ ଓ ଘରୋଇ ଓଡ଼ିଶା କ୍ରିକେଟ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଏଲିଟ୍ ଗ୍ରୁପ୍–ସି ପଏଣ୍ଟ ଟେବୁଲରେ ରାଜସ୍ଥାନ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୬ଷ୍ଠ ସ୍ଥାନରେ ରହିଛି। ଚଳିତ ସିଜନରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରିଛି। ଅପରପକ୍ଷରେ ୨୦୧୦–୧୧ ଓ ୨୦୧୧–୧୨ ଲଗାତର ୨ଟି ସିଜନରେ ଚାମ୍ପିୟନ ରହିଥିବା ରାଜସ୍ଥାନ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍‌ରୁ ୪ ବିଜୟ ଓ ଗୋଟିଏ ଡ୍ର ସହ ୨୮ ପଏଣ୍ଟ ପାଇ ଗ୍ରୁପ୍–ସି'ରେ ଶୀର୍ଷ ସ୍ଥାନରେ ରହିଛି। ତେଣୁ ଦୁଇ ଦଳର ପ୍ରଦର୍ଶନକୁ ନଜର କଲେ ମୋହିପାଲ ଲୋମ୍‌ରାଙ୍କ ନେତୃତ୍ୱାଧୀନ ରାଜସ୍ଥାନର ପଲା ଭାରି ରହିଛି। ଓଡ଼ିଶା ରାଞ୍ଚିରେ ଖେଳିଥିବା ତା'ର ପୂର୍ବ ମ୍ୟାଚ୍‌ରେ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍‌ରେ ଘରୋଇ ଝାଡ଼ଖଣ୍ଡ ୨ ରନରେ ଓଡ଼ିଶାକୁ ପରାସ୍ତ କରିଥିଲା। ଅପରପକ୍ଷରେ ରାଜସ୍ଥାନ ଘରୋଇ ଗ୍ରାଉଣ୍ଡରେ ଆସାମକୁ ଏକ ଇନିଂସ ଓ ୪୩ ରନର ବୃହତ ବ୍ୟବଧାନରେ ପରାସ୍ତ କରି ଏଠାକୁ ଖେଳିବାକୁ ଆସିଛି।

ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ଓଡ଼ିଶାର ଏହା ୪ର୍ଥ ମ୍ୟାଚ୍ ହେବ। ଏଥିପୂର୍ବରୁ ଓଡ଼ିଶା କିଟ୍‌ରେ ହରିୟାଣା ବିପକ୍ଷରେ ଇନିଂସ ପଛୁଆ ରହି ମ୍ୟାଚ୍ ଡ୍ର ରଖିଥିଲା। ଏହାପରେ ପୁଣି ସେହି କିଟ୍ ଗ୍ରାଉଣ୍ଡରେ ଖେଳିଥିବା ୨ୟ ମୁକାବିଲାରେ ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲା। ତେବେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ତ୍ରିପୁରା ବିପକ୍ଷ ମ୍ୟାଚରେ ଓଡ଼ିଶା ବିଜୟ ସ୍ୱାଦ ଚାଖିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ତେଣୁ ବିକାଶ ଗ୍ରାଉଣ୍ଡରେ ବିପ୍ଳବ ସାମନ୍ତରାୟଙ୍କ ଦଳ ରାଜସ୍ଥାନ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

**ଓଡ଼ିଶା ଦଳ:** ଅନୁରାଗ ଷଡ଼ଙ୍ଗୀ, ରଣଜିତ୍ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ପି. ରୋଶନ କୁମାର ରାଓ (ଉଇକେଟ୍‌କିପର), ଧୀରାଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ, କୋଚ୍–ରଶ୍ମିରଞ୍ଜନ ପରିଡ଼ା।

### ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ

- ହରିୟାଣା ବିପକ୍ଷରେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ଡ୍ର'
- ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାସ୍ତ
- ଆସାମ ବିପକ୍ଷରେ ୯ ଉଇକେଟ୍‌ରେ ବିଜୟୀ
- ତ୍ରିପୁରା ବିପକ୍ଷରେ ୫ ଉଇକେଟ୍‌ରେ ବିଜୟୀ
- ଝାଡ଼ଖଣ୍ଡଠାରୁ ୨ ରନରେ ପରାସ୍ତ




Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***All questions are compulsory. There are 30 questions in all.***

*ii.* ***This question paper has four sections : Section A, Section B, Section C and Section D.***

*iii.* ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

*iv.* ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

*v.* ***Use of calculators is not permitted.***

### SECTION-A

1. Find the HCF of 96 and 404 by prime factorization method. Hence, find their LCM.
2. If the first term of an A.P. is 2 and common difference is 4, then find the sum of its 40 terms.
3. In figure APB is a tangent to a circle with centre O at point P. If $\angle QPB = 50^0$, then find the measure of $\angle POQ$.




4. If $\alpha$ and $\beta$ are the zeros of the quadratic polynomial $p(x) = 4x^2 - 5x - 1$, find the value of $\alpha^2\beta + \alpha\beta^2$.
5. The mean of first n odd natural numbers is $\frac{n^2}{81}$, then find n.
6. Suppose you drop a die at random on the rectangular region shown in figure. What is the probability that it will land inside the circle with diameter 1 m ?




### SECTION-B

7. Find the greatest number of 6 digits exactly divisible by 24, 15 and 36.
8. If –4 is a root of the quadratic equation $x^2 + px - 4 = 0$ and the quadratic equation $x^2 + px + k = 0$ has equal roots, find the value of k.
9. If P(x, y) is any point on the line joining the points A (a, 0) and B(0, b), then show that $\frac{x}{a} + \frac{y}{b} = 1$
10. The mean of n observations is $\overline{x}$. If the first observation is increased by 1, the second by 2, the third by 3, and so on, then find the new mean.
11. A rhombus of side 20 cm has two angles of $60^0$ each. Find the length of the diagonals.
12. A number x is selected from the numbers 1, 2, 3 and then a second number y is randomly selected from the numbers 1, 4, 9. What is the probability that the product xy of the two numbers will be less than 9 ?

### SECTION-C

13. Prove that one of every three consecutive positive integers is divisible by 3.
14. Solve: $2(3u - v) = 5uv$, $2(u + 3v) = 5uv$
15. Prove that the equation $x^2(a^2 + b^2) + 2x(ac + bd) + (c^2 + d^2) = 0$ has no real root, if $ad \neq bc$
16. Which term of the A.P. 3, 15, 27, 39,......... will be 120 more than its 21st term ?
17. In figure, BC is a tangent to the circle with centre O. OE bisects AP. Prove that $\Delta AEO \sim \Delta ABC$.




**OR**

In figure, O is the centre of the circle and BCD is tangent to it at C. Prove that $\angle BAC + \angle ACD = 90^0$




18. O is any point inside a triangle ABC. The bisector of $\angle AOB$, $\angle BOC$ and $\angle COA$ mneet the sides AB, BC and CA in point D, E and F respectively. Show that AD x BE x CF = DB x EC x FA

**OR**

ABC is a triangle in which AB = AC and D is a point on AC such that $BC^2 = AC \times CD$. Prove that BD = BC.

19. Draw a $\Delta ABC$ with side BC = 6 cm, AB = 5 cm and $\angle ABC = 60^0$. Then construct a triangle whose sides are $(3/4)^{th}$ of the corresponding sides of $\Delta ABC$.
20. If $\angle B$ and $\angle Q$ are acute angles such that sinB = sinQ, then prove that $\angle B = \angle Q$
21. PQRS is a diameter of a circle of radius 6 cm. The lengths PQ, QR and RS are equal. Semi-circles are drawn on PQ and QS as diameters as shown in figure. Find the perimeter and area of the shaded region.




22. A right circular cone is of height 8.4 cm and the radius of its base is 2.1 cm. It is melted and recast into a sphere. Find the radius of the sphere.

### SECTION-D

23. If two zeros of the polynomial $f(x) = x^4 - 6x^3 - 26x^2 + 138x - 35$ are $2 \pm \sqrt{3}$, find other zeros.
24. The sum of the third and seventh terms of A.P. is 6 and their product is 8. Find the sum of first sixteen terms of the A.P.
25. Three vertices of a parallelogram ABCD are A(3, –4), B(–1, –3) and C(–6, 2). Find the coordinates of vertex D and find the area of parallelogram ABCD.

**OR**

If the point (x, y) is equidistant from the points (a + b, b – a) and (a – b, a + b), prove that bx = ay

26. In trapezium ABCD, AB || DC and DC = 2AB.EF drawn parallel to AB cuts AD is F and BC in E such that $\frac{BE}{EC} = \frac{3}{4}$. Diagonal DB intersects EF at G. Prove that 7FE = 10 AB.
27. From the top of a building 60 m high the angles of depression of the top and the bottom of a tower are observed to be $30^0$ and $60^0$. Find the height of the tower.

**OR**

A 1.2 m tall girl spots a balloon moving with the wind in a horizontal line at a height of 88.2 m from the ground. The angle of elevation of the balloon from the eyes of the girl at any instant is $60^0$. After some time, the angle of elevation reduces to $30^0$. Find the distance travelled by the balloon during the interval.

28. Prove that $(\sin A + \sec A)^2 + (\cos A + \operatorname{cosec} A)^2 = (1 + \sec A \operatorname{cosec} A)^2$.
29. A solid consisting of a right cone standing on a hemisphere is placed upright in a right circular cylinder full of water and touches the bottom. Find the volume of water left in the cylinder, if the radius of the cylinder is 60 cm and its height is 180 cm, the radius of the hemisphere is 60 cm and height of the cone is 120 cm, assuming that the hemisphere and the cone have common base.

**OR**

The height of a right circular cone is trisected by two planes drawn parallel to the base. Show that the volumes of the three portions starting from the top are in the ratio 1 : 7 : 19.

30. The mean of the following frequency table is 50. But the frequencies $f_1$ and $f_2$ in class 20-40 and 60-80 are missing. Find the missing frequencies.

| Class | 0–20 | 20–40 | 40–60 | 60–80 | 80–100 | Total |
|---|---|---|---|---|---|---|
| Frequency | 17 | $f_1$ | 32 | $f_2$ | 19 | 120 |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

**ସେଲ୍ଫି କର୍ଣ୍ଣର**



@ ମୋହିତ



@ ଅନ୍ସୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଝାରସୁଗୁଡ଼ାର ୨ ଶିଶୁଯତ୍ନ କେନ୍ଦ୍ରରେ ଏନ୍‌ସିପିସିଆର୍ ଯାଞ୍ଚ

**ଝାରସୁଗୁଡ଼ା ଅଫିସ,୧୩।୧୨**

ଢେଙ୍କାନାଳ ଗୁଡ୍ ନିଉଜ୍ ଇଣ୍ଡିଆ ଯୌନ କେଳେଙ୍କାରୀ ସାମ୍ନାକୁ ଆସିବା ପରେ ରାଜ୍ୟର ସମସ୍ତ ଶିଶୁଯତ୍ନ କେନ୍ଦ୍ରରେ ଯାଞ୍ଚ ଚାଲିଛି। କେନ୍ଦ୍ରରୁ ଅସିଥିବା ଟିମ୍ ରାଜ୍ୟ ସାରା ଏହି ଯାଞ୍ଚ କରୁଛି। ଗୁରୁବାର ଜାତୀୟ ଶିଶୁ ଅଧିକାର ଆୟୋଗ(ଏନ୍‌ସିପିସିଆର୍) ସଦସ୍ୟ ପରେଶ ଶାହା ଏବଂ ରାଜ୍ୟ ଶିଶୁ ଅଧିକାର ଆୟୋଗ (ଓସିପିସିଆର୍) ସଦସ୍ୟା ନିବେଦିତା ନାୟକଙ୍କ ସମେତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲ ଏବଂ ଶିଶୁ ସୁରକ୍ଷା ସମିତି ଅଧକ୍ଷା ଆନନ୍ଦିନୀ ପାଢ଼ୀଙ୍କୁ ନେଇ ୫ ଜଣିଆ ଟିମ୍ ଜିଲାର ଦୁଇଟି ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ବ୍ରଜରାଜନଗରସ୍ଥିତ ମର୍ସି ମେମୋରିଆଲ ଚାଇଲ୍ଡ ହୋମ ଏବଂ ବେଲପାହାଡ଼ ସ୍ଥିତ ଠକ୍କର ବାପା ସେବା ସଦନ ଯାଇଥିଲେ। ସେଠାରେ ରହୁଥିବା ଅନ୍ତେବାସୀ ଏବଂ କର୍ମଚାରୀଙ୍କ ସହ ଜାତୀୟ ଓ ରାଜ୍ୟ ଆୟୋଗର ସଦସ୍ୟ ଏକାନ୍ତରେ ଆଲୋଚନା କରିଥିଲେ। ଏହାସହ ଶିଶୁଯତ୍ନ ଅନୁଷ୍ଠାରରେ ଉପଲବ୍ଧ ଭିତ୍ତିଭୂମି ଏବଂ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ମର୍ସି ମେମୋରିଆଲ ଚାଇଲ୍ଡ ହୋମରେ ୨୩ ଓ ଠକ୍କର ବାପା ସେବା ସଦନରେ ୪୧ ଅନ୍ତେବାସୀ ରହୁଛନ୍ତି। ଟିମ୍ ସଦସ୍ୟମାନେ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ଯାଞ୍ଚ ଏବଂ ଅନୁଧ୍ୟାନ ଜନିତ ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଘଟଣା ସାମ୍ନାକୁ ଆସିବା ପରେ ଝାରସୁଗୁଡ଼ା ପଞ୍ଚପଡ଼ାଠାରେ ଥିବା ଗୁଡ୍ ନିଉଜ୍ ଇଣ୍ଡିଆର ଡ୍ରିମ୍ ସେଣ୍ଟରକୁ ସିଲ୍ କରାଯାଇଥିଲା। ଏଠାରେ ରହି ପାଠ ପଢୁଥିବା ୧୫୬ ବାଳିକା ବାଳକଙ୍କୁ ସେମାନଙ୍କ ଘରକୁ ପଠାଯାଇଥିଲା। ଏହା ପରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠିଲେଖି ଢେଙ୍କାନାଳ ଘଟଣାର ତଦନ୍ତ କରିବା ସହ ରାଜ୍ୟରେ ଚାଲିଥିବା ଶିଶୁଯତ୍ନ କେନ୍ଦ୍ରଗୁଡ଼ିକୁ ନିୟମାବଳୀ ମୁତାବକ ଯାଞ୍ଚ କରିବାକୁ କହିଥିଲେ।



ଯାଞ୍ଚ ପାଇଁ ଶିଶୁଯତ୍ନ କେନ୍ଦ୍ରରେ ଏନ୍‌ସିପିସିଆର ଏବଂ ଓସିପିସିଆର ଟିମ୍।

ଗରିବ୍‌କୁ ଉପହାସ କରୁଛେ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା

# ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍ ସୁଦର୍ଶନ

**ସେରଗଡ଼,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ବାଲସିଂଙ୍ଗା ପଁଚେତର ସାଲେପଡ଼ା ଗାଁର ବାସିନନ୍ଦା ହେଉଛନ୍ କିଚକ ହରିଜନ। ତାକର ଗୁଟେବଲି ପୁଓ ସୁଦର୍ଶନ ହରିଜନ(୧୫) ମସ୍ତିଷ୍କ ରୋଗ୍‌ରେ ପୀଡ଼ିତ ଅଛନ୍। ପରିବାରଟା ନିହାତି ଗରିବ୍ ଆର ଦରିଦିରିଆ ସୀମାରେଖା ତଲେ ଥିଲାବେଲେ ମା'ବାପ୍ ଯାହା ପାରଲେ ପୁଓକେ ଇନ୍‌କେ ସେନ୍‌କେ ନେଇ ଚିକିତ୍ସା କରି ଶେଷେ ହିଆ ହାରିଦେଛନ୍। ସୂଚ୍‌ନା ଅନ୍‌ସାରେ ବଲାସିଂଙ୍ଗା ପଁଚେତ ସାଲେପଡ଼ା ଗାଁର କିଚକ ହରିଜନକର ପୁଓ ସୁଦର୍ଶନ ମସ୍ତିଷ୍କ ରୋଗ୍‌ରେ ପୀଡ଼ିତ ଅଛନ୍। ଯେତେବେଲେ ସୁଦର୍ଶନକେ ୫ ବଛର ହେଉଥିଲା ତାକରନେ ଇ ମସ୍ତିଷ୍କ ରୋଗ୍‌ର ଲକ୍ଷନ ଦେଖିବାକେ ମିଲିଥିଲା। ସେ ନିଜେ ପିଟିମାରି ହେବାର ସଂଗେ ଘରର ଜିନିସପାତି ଫିଙ୍କାପକା, କାଁଥିକୁଡ଼େ ଲାତ୍‌ବିଧା ମାରିବସ୍‌ଲେ। ଏନ୍‌ତାଥି ମା'ବାପ୍ ଉପେ ଶୁଇନ୍ ହେଇ ପୁଓର ଗୋଡ଼ହାତ୍ ଶିଁକ୍‌ଲାଥି ବାଁଧିକରି ରଖିଥିବାର କହିଛନ୍। କୁଲି ମଜୁରି କରି ପେଟ ପୁଷୁଥିବାର ମା'ବାପ୍ ନିଜର ପେଟ କାଟି ଯେନ୍ ଟିକେଟେଁଚେ ଟଁକା ସଁଚିଥିଲେ ସେଥିରେ ପୁଓକେ ଭବାନୀପାଟଣା, ବିଶମକଟକ, ବୁର୍ଲା, ବାଙ୍ଗାଲୋର, ରାଞ୍ଚି ନେଇ ଚିକିତ୍ସା କରାଲେ। ହେଲେ ଡାକ୍‌ତରକଁର କହେବାର ହେଲା ସୁଦର୍ଶନକେ ଭଲ କରବାକେ ହେଲେ ତାକର ମୁଡର ଅପରେଶନ କରବାକେ ପଡ଼ବା ଆର ସେଥିରଲାଗି ବହୁତ୍ ଟଁକା ଦରକାର। ହେଲେ ଇ ଗରିବ୍ ମା'ବାପ୍ ପକ୍ଷେ ଏତେ ଟଁକା ଯୁଗାଡ଼ କରବାର ସମ୍ଭବ ନୁହେ। ସଖାଲ ପାଏଲେ ବାହା ମାଜ୍‌ଲେ ଯାଇ ପରିବାରର ଚୁଲି ଜଲୁଛେ। ନିହାତି ଗରିବ୍ ଆର ଦରିଦିରିଆ ସୀମାରେଖା ତଲେ ଥିବାର ଇ ପରିବାର ପୁଓର ଚିକିତ୍ସା ସାହାଯ୍ ଲାଗି ବ୍ଲକ୍ ପରଶାସନରୁ ଆରମ୍ କରି ଜିଲା ପରଶାସନ ତକ୍ ସମ୍‌କୁ ଗୁହାରି କରିଛନ୍। ସଭେ ଖାଲି ଶୁଖା ପରତିଶୁରତି ଛଡା କିଛି ନାଇଁଦେଇ ବଲି କିଚକ ମୁହୁଁ ଶୁଖେଇ କହିଥିଲେ। ଇ ବାବ୍‌ଦେ ସରପଁଚ୍ ପଦ୍ମାବତୀ ହରିଜନକୁଁ ପଚରାଲାରୁ ସାହାଯ୍ ଲାଗି ବିଡିଓକୁଁ କହିଛେଁ। ପଁଚେତ୍ ତରଫୁ ପରିବାରକେ ଭତା ଆର ଚାଉଲ ଯୁଗେଇ ଦିଆଯାଇଛେ ବଲି କହିଥିଲେ। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍‌ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଜନସାଧାରନରେ ଦାବି ହେଉଛେ।



ଶିଁକ୍‌ଲା ବାଁଧା ଅବସ୍ତାରେ ସୁଦର୍ଶନ।


DSPL - 289




DADLS-219



ରାଜ୍ୟସ୍ତରୀୟ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ଜୟନ୍ତୀ ସମାରୋହ
୧୪ ଡ଼ିସେମ୍ବର, ୨୦୧୮

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ମାନ୍ୟବର ବିଧାୟକ ତଥା ସ୍ମୃତି ସଂସଦର ସଭାପତି
ମୁଖ୍ୟ ବକ୍ତା – ପ୍ରାଧ୍ୟାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ – ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସ୍ମୃତି ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଭଜନ ଏକାମ୍ର ଜ୍ୟୋତି ଅନୁଷ୍ଠାନର ସଙ୍ଗୀତ ନିର୍ଦ୍ଦେଶକ ଦୀନବନ୍ଧୁ ମଲିଆ, ବିଶିଷ୍ଟ ଗାୟିକା ସୋହିନୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭୟ ମଲିଆ, ମଳୟ ରଞ୍ଜନ ମହନ୍ତ, ନିର୍ମଳା ସୁବୁଦ୍ଧି, ଶକୁନ୍ତଳା ବିଶ୍ୱାଳ, ଅଜୟ, ଶିଶୁ ପ୍ରତିଭା ଶ୍ରୀବାଲି ଦାସ ଓ ରିତୁପର୍ଣ୍ଣା ନନ୍ଦଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0494/1819

Dollar 71.68 (33) | Sensex 35,929.64 (150.57) | Nifty 10,791.55 (53.95) | Gold 32,220.00 (`320) | Silver 38,800.00 (`250)

"ରପ୍ତାନିରେ ବୃଦ୍ଧି ହେଲେ ୨୦୨୫ ବେଳକୁ ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ହୋଇପାରିବା।
– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



"ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ସହ ଯୋଡିହେବା ଲାଗି ବିଗ୍ ଡାଟା ଉପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି।
– ପୁନିତ୍ ଆନନ୍ଦ, ସିନିୟର ଜେନେରାଲ ମ୍ୟାନେଜର, ହ୍ୟୁଣ୍ଡାଇ ମୋଟର୍ସ



## ସଂକ୍ଷେପରେ

### ଚୋକ୍ସୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ

**ନୂଆଦିଲ୍ଲୀ,୧୩-୧୨:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ମେହୁଲ ଚୋକ୍‌ସୀଙ୍କ ବିରୋଧରେ ଇଣ୍ଟରପୋଲ ରେଡ୍‌କର୍ନର ନୋଟିସ ଜାରି କରିଛି। ଚୋକ୍‌ସୀ ନିଜ ଭଣଜା ତଥା ଏହାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ସହ ମିଶି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ମେହୁଲ ଚଳିତ ବର୍ଷ ଜାନୁୟାରୀରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଛନ୍ତି। ସିବିଆଇ ଆବେଦନକୁ ଇଣ୍ଟରପୋଲ ଗ୍ରହଣ କରିନେଇଛି ବୋଲି ମୁଖପାତ୍ର ଅଭିଷେକ ଦୟାଲ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଭାରତ ଫେରିପାରିବେ ନାହିଁ ବୋଲି ଚୋକ୍‌ସୀ ବହୁ ବାର କାରଣ ଦର୍ଶାଇସାରିଛନ୍ତି।

### ଆଇପିଓ ଆଣିବ ପତଞ୍ଜଳି

**ନୂଆଦିଲ୍ଲୀ,୧୩-୧୨:** ପତଞ୍ଜଳି ଆୟୁର୍ବେଦ ଖୁବଶୀଘ୍ର ଷ୍ଟକ୍ ମାର୍କେଟରେ ପ୍ରବେଶ କରିବାକୁ ଯାଉଛି। ଏ ସଂକ୍ରାନ୍ତରେ କମ୍ପାନୀ ଆଇପିଓ ଆଣିବ ବୋଲି ଯୋଗ ଗୁରୁ ରାମଦେବ ସୂଚନା ଦେଇଛନ୍ତି। ଚଳିତ ମାସରେ ସମସ୍ତଙ୍କୁ ଶୁଭ ଖବର ଦିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଚେରମୂଳିରୁ ନିର୍ମିତ ଔଷଧକୁ ଏକ ଛୋଟ୍ ଦୋକାନରେ ରଖି ବିକ୍ରି କରୁଥିବା ପତଞ୍ଜଳି ଆୟୁର୍ବେଦ ଆଜି ଦେଶର ମଲ୍ଟି ନ୍ୟାଶନାଲ ଏଫ୍‌ଏମ୍‌ସିଜି କମ୍ପାନୀଙ୍କୁ କଡ଼ା ଟକ୍କର ଦେଉଛି। ଆସନ୍ତା ୩ରୁ ୫ ବର୍ଷ ଭିତରେ ବାର୍ଷିକ ୨୦ ହଜାର କୋଟି ଟଙ୍କାର ବ୍ୟବସାୟ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି।

### ୨୨ରେ ଜିଏସ୍‌ଟି କାଉନସିଲ ବୈଠକ

**ନୂଆଦିଲ୍ଲୀ,୧୩-୧୨:** ଚଳିତ ମାସ ୨୨ରେ ଜିଏସ୍‌ଟି କାଉନସିଲ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ସିମେଣ୍ଟ, ଅଟୋମୋବାଇଲ ସହ ଜଡିତ ସାମଗ୍ରୀକୁ ୨୮% ସ୍ଲାବ୍‌ରୁ କାଢ଼ି ଆଣିବା ନେଇ ଆଲୋଚନା ହେବ। ଏ ଦିଗରେ ନିଷ୍ପତ୍ତି ହେଲେ ଏଗୁଡିକ ଶସ୍ତା ହେବ। ଏହାଛଡ଼ା ୨୮% ସ୍ଲାବ୍‌କୁ ଅଧିକ ତର୍କସଙ୍ଗତ କରିବା ନେଇ ମଧ କାଉନସିଲ ବିଚାର କରିବେ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ଗତ ଦେଢ଼ ବର୍ଷ ଭିତରେ ସରକାର ୧୯୧ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ କରିଥିଲେ। କେବଳ ସିମେଣ୍ଟ, ଗାଡ଼ି ଯନ୍ତ୍ରାଂଶ, ଟାୟାର, ଗାଡ଼ି ଉପକରଣ, ମୋଟର ଗାଡ଼ି, ବିମାନ, ସଙ୍ଖା ଖେଳ ତଥା ତମାଖୁ, ସିଗାରେଟ ଓ ପାନ ମସଲା ଭଳି ୩୫ ପ୍ରକାର ସାମଗ୍ରୀକୁ ୨୮% ସ୍ଲାବ୍‌ରେ ରଖାଯାଇଛି। ଜିଏସ୍‌ଟିରେ ଏହା ସର୍ବାଧିକ ଟିକସ ଶ୍ରେଣୀ ହୋଇଥିବାରୁ ଏହା ପୂର୍ବାପେକ୍ଷା ମହଙ୍ଗା ହୋଇଛି।

## ଆଜି ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ

# ନଗଦ ସଙ୍କଟ ଦୂର ଉପରେ ରହିବ ଜୋର୍



■ ଗଭର୍ନର ଭାବେ ପ୍ରଥମଥର ଯୋଗଦେବେ ଶକ୍ତିକାନ୍ତ
■ ସଂସ୍କାର ନେଇ ଗଠନ ହୋଇପାରେ କମିଟି
■ ୩-୪ଟି ପ୍ରସଙ୍ଗରେ ଆଲୋଚନା ସମ୍ଭବ

**ମୁମ୍ବାଇ,୧୩-୧୨**

ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବୋର୍ଡ ବୈଠକ ବସିବାକୁ ଯାଉଛି। ଗଭର୍ନର ହେବା ପରେ ଶକ୍ତିକାନ୍ତ ଦାସ ପ୍ରଥମ ଥର ଏହି ବୈଠକରେ ଯୋଗ ଦେବେ। ବଜାରରେ ଏବେ ନଗଦ ସଙ୍କଟ ଉତ୍କଟ ହୋଇଥିବା ବେଳେ ଏହାକୁ ଦୂର କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେବ। ତେବେ ଆର୍‌ବିଆଇର ଶାସନ ପଦ୍ଧତିରେ ସଂସ୍କାର ଆଣିବା ନେଇ ବୋର୍ଡ ପକ୍ଷରୁ ଏକ କମିଟି ଗଠନ କରିବା ସଂକ୍ରାନ୍ତରେ ଘୋଷଣା ହୋଇପାରେ। ସରକାରଙ୍କ ପ୍ରତିନିଧି ଆର୍ଥିକ ସେବା ସଚିବ ରାଜୀବ କୁମାର ଓ ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି.ଗର୍ଗ ପୂର୍ବରୁ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲେ। ଫେବୃୟାରୀ ସର୍କୁଲାର ଓ ପିସିଏକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ନେତୃତ୍ୱରେ ଆର୍‌ବିଆଇ ନେଇଥିବା ନିଷ୍ପତ୍ତିରେ କେନ୍ଦ୍ର ସରକାର ଅସନ୍ତୁଷ୍ଟ ଥିଲେ। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତବିରୋଧରେ ଏହା ପ୍ରମୁଖ କାରଣ ଥିଲା। ଏଥିଯୋଗୁ ଋଣ ନେଇଥିବା ବହୁ କମ୍ପାନୀ ଏନ୍‌ପିଏରେ ପରିବର୍ତ୍ତିତ ହୋଇଗଲେ ଏବଂ ଋଣ ଦେଇଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ କଟକଣା ଲାଗୁ ହୋଇଗଲା। ସେମାନେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଋଣ ଦେଇପାରିଲେ ନାହିଁ। ତେବେ ନୂଆ ଗଭର୍ନରଙ୍କ ସମ୍ମୁଖରେ ଏହି ଦୁଇଟି ସମସ୍ୟା ରହିଛି, ଯାହାର ସମାଧାନ ନିହାତି ଆବଶ୍ୟକ। ତେବେ ବଜାରରେ କେତେ ପରିମାଣରେ ନଗଦ ସଙ୍କଟ ରହିଛି, ସେ ସମ୍ପର୍କରେ ଜାଣିବା ପରେ ହିଁ ଶକ୍ତିକାନ୍ତ ନିଷ୍ପତ୍ତି ନେଇପାରିବେ। ଏହାଛଡ଼ା ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ପ୍ରଦାନକୁ ନେଇ କମିଟି ଗଠନ କରିବାକୁ ନଭେମ୍ବର ୧୪ ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଶକ୍ତିକାନ୍ତ ପଚାରି ବୁଝିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧକ୍ଷରେ କମିଟି ଗଠନ କରାଯିବ। ଏ ନେଇ ଉର୍ଜିତ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ମଧରେ ସହମତି ପ୍ରକାଶ ପାଇଛି। ଏହି କମିଟିରେ ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର ରାକେଶ ମୋହନ ଉପ ସଭାପତି ରହିବେ। କମିଟି ଗଠନ ହେବା ମାତ୍ରେ ଏହା ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବେ। ଏହି କାରଣରୁ ଉକ୍ତ ବୈଠକରେ ଆର୍‌ବିଆଇର ବଳକା ଅର୍ଥ ନେଇ ଆଲୋଚନା ହେବାର ସମ୍ଭାବନା କ୍ଷୀଣ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟତଃ ୩/୪ଟି ପ୍ରସଙ୍ଗରେ ଶୁକ୍ରବାର ବୋର୍ଡ ବୈଠକରେ ଆଲୋଚନା ହେବ। ପିସିଏରୁ ୩/୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାହାର କରିବା ନେଇ ବୋର୍ଡ ଫର୍ ଫାଇନାନ୍ସିଆଲ ସୁପରଭିଜନର ମତାମତ କ'ଣ ସେ ସମ୍ପର୍କରେ ଆଲୋଚନା ହୋଇପାରେ। କାରଣ ଗତ ୬ ତାରିଖରେ ଉର୍ଜିତଙ୍କ ନେତୃତ୍ୱରେ ଏହାର ବୈଠକ ବସିଥିଲା।

## ଆର୍‌ବିଆଇ ସହ ବିବାଦ ଥିବା ଜେଟ୍‌ଲୀଙ୍କ ସ୍ୱୀକାର

ଚାରିଆଡୁ ସମାଲୋଚନାର ଶିକାର ହେବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ସହ ସରକାରଙ୍କ ମତଭେଦ ଥିବା ପ୍ରଥମଥର ସ୍ୱୀକାର କରିଛନ୍ତି। ଗୁରୁବାର ସେ କହିଛନ୍ତି ଯେ, ପ୍ରାୟତଃ ୨/୩ଟି ପ୍ରସଙ୍ଗରେ ଆର୍‌ବିଆଇ ସହ କେନ୍ଦ୍ରର ମତଭେଦ ରହିଛି। ଏ ସଂକ୍ରାନ୍ତରେ ଏକ ନିୟମ( ଆର୍‌ବିଆଇ ଆଇନର ଧାରା ୭) ଅଧୀନରେ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଅର୍ଥାତ୍ ସରକାର ଉକ୍ତ ଧାରାର ପ୍ରୟୋଗ କରିଛନ୍ତି ବୋଲି ପରୋକ୍ଷରେ ମାନିଛନ୍ତି। ଏହାଦ୍ୱାରା କ'ଣ ଆର୍‌ବିଆଇର ସ୍ୱାୟତ୍ତତା ଛଡାଇ ନିଆଗଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ମତଭେଦ କାରଣରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀ ସେତେବେଳେ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ କହିଥିଲେ ବୋଲି ସେ ସ୍ମରଣ କରାଇ ଦେଇଥିଲେ। ସେ କହିଛନ୍ତି ଯେ, ଅର୍ଥନୀତିର ପରିଚାଳନାରେ ସରକାର ଏକ ବଡ଼ ଅଂଶୀଦାର ହୋଇଥିବାରୁ ଏଥିପ୍ରତି ଚିନ୍ତିତ ହେବା ସ୍ୱାଭାବିକ। ଋଣ ପ୍ରଦାନ ଓ ଆର୍ଥିକ ସଙ୍କଟ ଦୂର କରିବା ରିଜର୍ଭ ବ୍ୟାଙ୍କର ଦାୟିତ୍ୱ। ଏହାକୁ ସରକାର ଛଡ଼ାଇ ନେଉ ନାହାନ୍ତି। ନିୟମ ପ୍ରୟୋଗ କରି କେବଳ ଆର୍‌ବିଆଇ ସହ ଆଲୋଚନା କରାଯାଉଛି। ଅର୍ଥନୀତି ପ୍ରତି ଥିବା ବିପଦର ସମାଧାନ ଲାଗି ସରକାର ଏକ ସ୍ୱାଧୀନ, ନିରପେକ୍ଷ ସଂସ୍ଥାକୁ କହିପାରିବେ। ଏହା କରି ନ ପାରିଲେ ସରକାର ନିଜ ଦାୟିତ୍ୱ ପାଳନରେ ବିଫଳ ବୋଲି ଧରାଯିବ।



## ପିସିଏ କୋହଳ ଉପରେ ଦାବି ଦୋହରାଇଲେ ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ଗୁରୁବାର ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଏଠାରେ ଭେଟିଛନ୍ତି। ଫେବୃୟାରୀ ୧୨ ସର୍କୁଲାର ଓ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ ନିୟମ କୋହଳ କରିବା ଲାଗି ସେମାନେ ଗଭର୍ନରଙ୍କ ନିକଟରେ ଦାବି କରିଛନ୍ତି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବ୍ୟାଙ୍କ ମୁଖ୍ୟ କହିଛନ୍ତି ଯେ, ପ୍ରାୟ ୯୦ ମିନିଟ ଧରି ଚାଲିଥିବା ବୈଠକରେ ଗଭର୍ନର ଦାସ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ବୈଠକରେ ଗଭର୍ନରଙ୍କ ବ୍ୟତୀତ ରିଜର୍ଭ ବ୍ୟାଙ୍କର ଅନ୍ୟ ୪ ଡେପୁଟି ଗଭର୍ନର ମଧ ଉପସ୍ଥିତ ଥିଲେ। ଏଥିରେ ଏସ୍‌ବିଆଇ, ଆଇଡିବିଆଇ ବ୍ୟାଙ୍କ, ପିଏନ୍‌ବି, ୟୁବିଆଇ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟମାନେ ଯୋଗ ଦେଇଥିଲେ। ଅନ୍ୟ ଜଣେ ବ୍ୟାଙ୍କ ମୁଖ୍ୟ କହିଥିଲେ ଯେ, ଗଭର୍ନର ସବୁ କଥା ଶୁଣିଥିଲେ ହେଁ ପରବର୍ତ୍ତୀ ବୈଠକ କେବେ ହେବ ସେ ନେଇ କିଛି ଜଣାଇ ନ ଥିଲେ। ତେବେ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ସମ୍ପର୍କରେ ସେ ପଚାରି ବୁଝିଥିଲେ। ସୂଚନାଥାଉ କି, ପିସିଏ, ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର, ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ଆଦି ମୁଖ୍ୟ ପ୍ରସଙ୍ଗରେ ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ବଢ଼ିଥିଲା। ଏହି କାରଣରୁ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯାଉଛି।

## ନେପାଳରେ କୁଟିନା ଶୋ'ରୁମ

**ଭୁବନେଶ୍ୱର, ୧୩-୧୨**

ପ୍ରମୁଖ କମ୍ପାନୀ କୁଟିନା ପକ୍ଷରୁ ନେପାଳର କାଠମାଣ୍ଡୁ ସହରରେ ଏକ ସ୍ୱତନ୍ତ୍ର ଆଉଟଲେଟ ଖୋଲିଛି। ଏହାକୁ କୁଟିନାର ପ୍ରତିଷ୍ଠାତା ନମିତ ବଜୋରିଆ ଉଦ୍‌ଘାଟନ କରିଥିଲେ। ଗ୍ଲୋବାଲ ପ୍ଲାଟଫର୍ମରେ ଏହାର ଉପସ୍ଥିତିକୁ ଦୃଢ କରିବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ୫୦୦ ବର୍ଗଫୁଟ ସ୍ଥାନରେ ଏହି ମଡ୍ୟୁଲାର କିଚେନ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହାକୁ କୁଟିନାର ପ୍ରିମିୟମ ପାର୍ଟନର ମୁଡିତ୍ ମୁରାର୍କା ପରିଚାଳନା କରୁଛନ୍ତି। ଗ୍ରାହକଙ୍କୁ କିଚେନ ଆପ୍ଲାଏନ୍ସ ବର୍ଗରେ ବିଭିନ୍ନ ସାମଗ୍ରୀ ଏହି ଷ୍ଟୋର ଦ୍ୱାରା କମ୍ପାନୀ ପ୍ରଦାନ କରିବାର ଯୋଜନା ରଖିଛି।

## ନାଲ୍‌କୋ ଖଣି ଡିଭିଜନ ପୁରସ୍କୃତ

**ଭୁବନେଶ୍ୱର ,୧୩-୧୨**



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ପଞ୍ଚପଟମାଳୀସ୍ଥିତ ବକ୍ସାଇଟ ଖଣିକୁ ୩୬ତମ ବାର୍ଷିକ ମେଟାଲିକ ରେସ୍ ମାଇନ୍ସ ସୁରକ୍ଷା ସପ୍ତାହ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯାଇଛି। ସୁକିନ୍ଦାଠାରେ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ନାଲ୍‌କୋ ଖଣିକୁ ପୁରସ୍କୃତ କରାଯାଇଛି। ଏଥିରେ ବକ୍ସାଇଟ ଖଣିର ଦକ୍ଷିଣ ବ୍ଲକ ମାଇନ୍ସକୁ ସାଧାରଣ କାର୍ଯ୍ୟକ୍ରମ ପରିଚାଳନା ସହ ମେକାନିକାଲ ମେଣ୍ଟେନାନ୍ସ, ସେଫଟି ଆଣ୍ଡ କ୍ଲିଅରାନ୍ସ, ସେଫଟି ଷ୍ଟଲ ରିନୋଭେଶନ ଭଳି ବିଭିନ୍ନ ବର୍ଗରେ ଅନ୍ୟ କେତେକ ବ୍ଲକକୁ ପୁରସ୍କୃତ କରାଯାଇଛି। ନାଲକୋର ପଞ୍ଚପଟମାଳୀ ବକ୍ସାଇଟ ଖଣି ସୁରକ୍ଷା ଏବଂ ଉତ୍ପାଦନକୁ ନେଇ ବିଶ୍ୱ ସ୍ତରରେ ଉତ୍କର୍ଷତା ଲାଭ କରିଛି ବୋଲି ଚାନ୍ଦ କହିଛନ୍ତି।

## ରାଜ୍ୟରେ ୧୨,୧୫୧ କୋଟିର ଆୟକର ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର, ୧୩-୧୨**

ରାଜ୍ୟରେ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ମୋଟ ଟିକସଦାତାଙ୍କ ସଂଖ୍ୟାରେ ବୃଦ୍ଧି ଘଟି ୧୦,୨୭,୭୯୬ ଛୁଇଁଛି। ଗତ ବର୍ଷ ତୁଳନାରେ ଟିକସଦାତାଙ୍କ ସଂଖ୍ୟାରେ ୨୦% ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୫୦ ହଜାର ନୂଆ ଟିକସଦାତା ଯୋଡିବାର ଯୋଜନା ରହିଛି। ଗତ ଆର୍ଥିକ ବର୍ଷରେ ଓଡ଼ିଶା ରିଜିୟନ ପାଇଁ ୯,୭୨୮ କୋଟି ଟଙ୍କାର ଟିକସ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ଟପିବା ସହ ୧୦,୨୧୫ କୋଟି ରହିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ସଦସ୍ୟ ପ୍ରସନ୍ନ କୁମାର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ରିଜିଅନ ୫,୮୮୦.୯ କୋଟି ଟଙ୍କାର ଟିକସ ସଂଗ୍ରହ କରିପାରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୨୭.୩୨% ରହିଛି। ଚଳିତ ବର୍ଷ ୧୨,୧୫୧ କୋଟି ଟଙ୍କାର ଟିକସ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସିବିଡିଟି ଧାର୍ଯ୍ୟ କରିଥିବା ଲକ୍ଷ୍ୟର ୪୮.୪% ଟିକସ ସଂଗ୍ରହ କରିବାକୁ ଓଡ଼ିଶା ରିଜିଅନ ସକ୍ଷମ ହୋଇଛି ବୋଲି ଦାସ କହିଛନ୍ତି।

## କୁମ୍ଭମେଳା ପାଇଁ ୮୦୦ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୧୩-୧୨**

କୁମ୍ଭମେଳା ସମୟରେ ତୀର୍ଥଯାତ୍ରୀ ଏବଂ ଶ୍ରଦ୍ଧାଳୁଙ୍କ ସମାଗମକୁ ଧାନରେ ରଖି ଆଲ୍ଲାହାବାଦ ପ୍ରୟାଗକୁ ଗମନାଗମନ ସୁବିଧା ଯୋଗାଣ ଲାଗି ରେଲୱେ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଏହି ସମୟରେ ରେଲୱେ ୮୦୦ ସ୍ୱତନ୍ତ୍ର ଟ୍ରେନ ଚଳାଇବ ବୋଲି ସୂଚନା ଦେଇଛି। ସେହିଭଳି ଭିତ୍ତିଭୂମି ସଂଯୋଗ, ଅଗ୍ରିମ ସଂରକ୍ଷିତ ଟିକେଟ କ୍ରୟ ସୁବିଧା, ଅଭିନବୀକରଣ ଏବଂ ସୂଚନା ପ୍ରଯୁକ୍ତି ବ୍ୟବସ୍ଥା, ଯାତ୍ରୀମାନଙ୍କୁ ସୁରକ୍ଷା ଏବଂ ନିରାପତ୍ତା ଦିଗରେ ରେଲୱେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଛି।


# ନିୟନ୍ତ୍ରିତ ବଜାର କମିଟି, ଦେବଗଡ଼

## ଖରିଫ ଇସ୍ତାହାର ୨୦୧୮-୧୯

ଏତଦ୍ୱାରା ଦେବଗଡ଼ ଜିଲ୍ଲାର ସମସ୍ତ ଧାନଚାଷୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଖରିଫ ୨୦୧୮-୧୯ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା ୦୭।୧୨।୨୦୧୮ଠାରୁ ଧାନକ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ।

**ସେବା ସମବାୟ ସମିତି (ଯୋଗାଣ ବିଭାଗ ତରଫରୁ)**

| ବ୍ଲକ୍‌ର ନାମ | ସମବାୟ ସମିତିର ନାମ | କ୍ର. ସଂ. | ଧାନ ସଂଗ୍ରହ କେନ୍ଦ୍ର ନାମ | ବାର | ସଂଲଗ୍ନ ଗ୍ରାମପଞ୍ଚାୟତ |
|---|---|---|---|---|---|
| ରିଆମାଳ | ରିଆମାଳ ସେବା ସମବାୟ ସମିତି | ୧ | ରିଆମାଳ | ଶନିବାର, ସୋମବାର | ରିଆମଳ, ମଳେହିପଡା (ଅଂଶ) ଆଡସ (ଅଂଶ) |
| | ନାଉଲିପଡା ସେବା ସମବାୟ ସମିତି | ୨ | ନାଉଲିପଡା | ମଙ୍ଗଳବାର, ଶନିବାର | ନାଉଲିପଡା, ଲୁଲଙ୍ଗ, ବୁଡିଦୋ (ଅଂଶ), ମଳେହିପଡା (ଅଂଶ) |
| | ଟିଙ୍କବୀର ସେବା ସମବାୟ ସମିତି | ୩ | ଟିଙ୍କବୀର | ମଙ୍ଗଳବାର, ଶୁକ୍ରବାର | ଟିଙ୍କବୀର |
| | ତାବଡା ସେବା ସମବାୟ ସମିତି | ୪ | ତାବଡା | ମଙ୍ଗଳବାର, ଶନିବାର | ତାବଡା, ଗୁଣ୍ଡେଇପାଲି, ବୁଡିଦୋ (ଅଂଶ), ଆଡସ (ଅଂଶ) ଏ |
| | ତାରଙ୍ଗ ସେବା ସମବାୟ ସମିତି | ୫ | ତାରଙ୍ଗ | ସୋମବାର, ବୁଧବାର | ତୁହିଲାମାଳ, ମଳେହିପଡା, ତାରଙ୍ଗ |
| | ନୂଆଡିହି ସେବା ସମବାୟ ସମିତି | ୬ | ନୂଆଡିହି | ସୋମବାର | ନୂଆଡିହି |
| | | ୭ | ଖିଲେଇ | ଶୁକ୍ରବାର | ଖିଲେଇ |
| | ବୁଢାପାଳ ସେବା ସମବାୟ ସମିତି | ୮ | ବୁଢାପାଳ | ସୋମବାର, ବୁଧବାର | ବୁଢାପାଳ, ପରା |
| | ଚଢ଼େଇମରା ସେବା ସମବାୟ ସମିତି | ୯ | ଚଢ଼େଇମରା | ସୋମବାର, ବୁଧବାର | ଚଢ଼େଇମରା |
| | ପଳସମା ସେବା ସମବାୟ ସମିତି | ୧୦ | ପଳସମା | ଶୁକ୍ରବାର | ପଳସମା, ବାଗବର |
| | | ୧୧ | କଣ୍ଟାବାହାଲ | ମଙ୍ଗଳବାର | ଉତୁଣିଆ, କରଲଗା (ଅଂଶ), କଣ୍ଟାବାହାଲ (ଅଂଶ) |
| | କୁଣ୍ଡେଇଗୋଳା ସେବା ସମବାୟ ସମିତି | ୧୨ | କୁଣ୍ଡେଇଗୋଳା | ବୁଧବାର, ଶନିବାର | କୁଣ୍ଡେଇଗୋଳା |
| ବାରକୋଟ | କଣ୍ଢେଳ ସେବା ସମବାୟ ସମିତି | ୧୩ | କଣ୍ଢେଳ | ମଙ୍ଗଳବାର, ଶୁକ୍ରବାର | କଣ୍ଢେଳ, ବଳମ, ରଣ୍ଡେଇ |
| | କଣ୍ଟାପାଲି ସେବା ସମବାୟ ସମିତି | ୧୪ | କଣ୍ଟାପାଲି | ମଙ୍ଗଳବାର, ଶୁକ୍ରବାର | କଣ୍ଟାପାଲି, ଦନ୍ତାରିବାହାଲ |
| | ବସାଲଇ ସେବା ସମବାୟ ସମିତି | ୧୫ | ବସାଲଇ | ମଙ୍ଗଳବାର, ଶନିବାର | ବସାଲଇ |
| | ଦଣ୍ଡାସିଂହ ସେବା ସମବାୟ ସମିତି | ୧୬ | ଦଣ୍ଡାସିଂହ | ମଙ୍ଗଳବାର, ଶନିବାର | ଦଣ୍ଡାସିଂହ, କାଉଁସିବାହାଲ |
| | କାଦୋପଡା ସେବା ସମବାୟ ସମିତି | ୧୭ | କାଦୋପଡା | ବୁଧବାର | କାଦୋପଡା |
| | | ୧୮ | ଝରାକଣ୍ଢେଳ | ସୋମବାର | ଝରାକଣ୍ଢେଳ |
| | | ୧୯ | କେଲଡା | ଶୁକ୍ରବାର | କେଲଡା |
| | ଡଅଁରା ସେବା ସମବାୟ ସମିତି | ୨୦ | ଡଅଁରା | ସୋମବାର, ଶୁକ୍ରବାର | ଡଅଁରା, ବିଜୟନଗର (ଅଂଶ) |
| | କଲା ସେବା ସମବାୟ ସମିତି | ୨୧ | କଲା | ସୋମବାର | କଲା |
| | | ୨୨ | କାଲିଆପାଳ | ଶୁକ୍ରବାର | କାଲିଆପାଳ |
| | ସିଂଙ୍ଗସାଲ ସେବା ସମବାୟ ସମିତି | ୨୩ | ସିଂଙ୍ଗପାଲ | ମଙ୍ଗଳବାର | ସିଂଙ୍ଗପାଲ |
| | | ୨୪ | ବଲଣ୍ଡା | ଶୁକ୍ରବାର | ବଲଣ୍ଡା |
| | ଖଜୁରିଖମଣ ସେବା ସମବାୟ ସମିତି | ୨୫ | ଖଜୁରିଖମଣ | ବୁଧବାର | ଖଜୁରିଖମଣ |
| | | ୨୬ | ମଧ୍ୟପୁର | ଶନିବାର | ମଧ୍ୟପୁର |
| | ରାଇତାବାହାଲ ସେବା ସମବାୟ ସମିତି | ୨୭ | ରାଇତାବାହାଲ | ଶୁକ୍ରବାର, ସୋମବାର | ରାଇତାବାହାଲ |
| | ଗୁରୁସଙ୍ଗ ସେବା ସମବାୟ ସମିତି | ୨୮ | ଗୁରୁସଙ୍ଗ | ବୁଧବାର | ଗୁରୁସଙ୍ଗ, ସରୁଆଳି |
| | | ୨୯ | ବମପରଡା | ଶନିବାର | ବମପରଡା |
| ତିଲେଇବଣୀ | କଂସର ସେବା ସମବାୟ ସମିତି | ୩୦ | କଂସର | ସୋମବାର, ବୁଧବାର | କଂସର, ଢୋଲପଡା |
| | କେନ୍ଦେଇକୁରୀ ସେବା ସମବାୟ ସମିତି | ୩୧ | କେନ୍ଦେଇକୁରୀ | ସୋମବାର, ଶୁକ୍ରବାର | କେନ୍ଦେଇକୁରୀ, ସାଡୋ |
| | ଦୁଧିଆନାଳୀ ସେବା ସମବାୟ ସମିତି | ୩୨ | ମୁଣ୍ଡଗୋହିରା | ଶନିବାର, ମଙ୍ଗଳବାର | ଦୁଧିଆନାଳୀ, ତାଳକୁଣ୍ଡି |
| | ଲଇମୁରା ସେବା ସମବାୟ ସମିତି | ୩୩ | ଲଇମୁରା | ସୋମବାର | ଲଇମୁରା |
| | | ୩୪ | ଡିମିରିକୁଦର | ଶନିବାର | ଡିମିରିକୁଦର |
| | କୁରୋଡ ସେବା ସମବାୟ ସମିତି | ୩୫ | ଟାଇଁସର | ବୁଧବାର | ଟାଇଁସର, ତିଲେଇବଣି |
| | | ୩୬ | ଦେବଗଡ଼ ମ୍ୟୁନିସିପାଲିଟି | ଶନିବାର | ଦେବଗଡ଼ ମ୍ୟୁନିସିପାଲିଟି |
| | ଗାଙ୍ଗନନ୍ ସେବା ସମବାୟ ସମିତି | ୩୭ | ଗାଙ୍ଗନନ୍ | ଶୁକ୍ରବାର, ମଙ୍ଗଳବାର | ଛେପିଲିପାଲି (ଅଂଶ), ବଡଛାପଲ |
| | ସୁଗୁଡା ସେବା ସମବାୟ ସମିତି | ୩୮ | ସୁଗୁଡା | ମଙ୍ଗଳବାର, ଶନିବାର | ସୁଗୁଡା, ବଣିଆକିଲିଣ୍ଡା, ଛେପିଲିପାଲି (ଅଂଶ) |
| | ଝରାଗୋଗୁଆ ସେବା ସମବାୟ ସମିତି | ୩୯ | ଝରାଗୋଗୁଆ | ମଙ୍ଗଳବାର | ଝରାଗୋଗୁଆ |
| | | ୪୦ | ପାରପୋଶି | ଶୁକ୍ରବାର | ପାରପୋଶି |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**
ସାଧାରଣ ଶ୍ରେଣୀ (F.A.Q.) ଟ.୧୭୫୦.୦୦ (କ୍ୱିଣ୍ଟାଲ ପ୍ରତି)
କ ଶ୍ରେଣୀ ଧାନ ଟ.୧୭୭୦.୦୦ (କ୍ୱିଣ୍ଟାଲ ପ୍ରତି)

ଜିଲ୍ଲା ପ୍ରଶାସନ, ଦେବଗଡ଼



**ତହସିଲ କାର୍ଯ୍ୟାଳୟ, ନରସିଂହପୁର, କଟକ**
**ଗାଡ଼ି ନିଲାମ ଇସ୍ତାହାର**
ବିଜ୍ଞାପନ ନଂ: 5349 ତାରିଖ: 13.12.18
ନରସିଂହପୁର ତହସିଲ କାର୍ଯ୍ୟାଳୟର ଜିପ୍ ନଂ.-OR-05-D-4337ଟି ଆସନ୍ତା ତା 29.12.2018 ରିଖ ଘ. 4.30 ମି.ରେ ତହସିଲ କାର୍ଯ୍ୟାଳୟରେ ନିଲାମ କରାଯିବାକୁ ସ୍ଥିରୀକୃତ ହୋଇଅଛି। ଏହି ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ଓ ସମ୍ପୂର୍ଣ୍ଣ ବିବରଣୀ www.cuttack.nic.in ରେ ଉପଲବ୍ଧ ଅଟେ। ଇଚ୍ଛୁକ ଆବେଦନକାରୀମାନେ ସମ୍ପୂର୍ଣ୍ଣ ବିବରଣୀ ଏହି ୱେବସାଇଟରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ନରସିଂହପୁର ସହିତ ଯୋଗାଯୋଗ କରି ପାଇପାରିବେ।
ସ୍ୱାକ୍ଷର/-
ତହସିଲଦାର, ନରସିଂହପୁର



**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/CIV/T&E/E-4423/01/2018/24859 Date: 11.12.2018
**EXPRESSION OF INTEREST**
Expression of Interest is invited from renowned Architects for providing Architectural Planning & Design Services for "Construction of Sports Complex for Sambalpur University at Jyoti Vihar, Burla"
The detail EOI notice can be seen in our web site **www.idco.in** (in tenders EOI/REP/Others). Corrigendum or Addendum if any will not be published in newspapers and can be seen in IDCO website.
The bid document can be downloaded from 5.00 PM of 14.12.18. The last date of submission of the EOI is 24.12.2018 by 3.00 P.M.
Sd/-
**Chief General Manager (Civil) I/C**
**IDCO, Bhubaneswar**



**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in
**ADVERTISMENT TO EXECUTE WORK UNDER OSIC**
Ref No.412/OSIC Date:13.10.2018
Odisha Small Industries Corporation Ltd(OSIC), a profit making Sate PSU receiving/Contemplating to receive orders from Districts , Govt. Departments and State PSU s related to Rural Electrification, Procurement of different items for marketing of Govt, Departments under Consortium Marketing policy as per IPR & MSME Development Policy of Government of Odlsha.
MSMEs duly empanelled with OSIC for specific work may refer to OSIC web site and Notice Board from time to time to submit their willingness to execute different Electrification, Solar, procurement of items etc on behalf of OSIC
MANAGING DIRECTOR



**PARADIP PORT TRUST**
**e-TENDER CALL NOTICE**
Name of the work : "Water sprinkling on roads & berths from Gate No.4 to NQ-I Junction near Coal Berth via Dock Canteen area for 2019 (Zone-I)". **EMD cost : Rs.2,02,863/-.** Last Date & time of submission of Bid : **01.01.2019 upto 17:15 Hrs.** For details please refer our website https://eprocure.gov.in/eprocure/app.
Executive Engineer
Harbour Works Division No.I
PPT/PR/518/18-19, DT.13.12.2018



**PARADIP PORT TRUST**
**CORRIGENDUM TO E-TENDER NO. EM/MM/P/IOHP-24/2018/1811TDR201 DT.09.11.18 FOR SUPPLY OF HORIZONTAL CENTRIFUGAL/VACCUM/OTHER PUMPS.**
The due date of submission of Tender & opening of Technical Bid is hereby extended as below.
1. Last Date of submission of tender up to 5.00 PM of **Dt.18.12.2018**. 2. Opening of EMD Bid at 3.30 PM of **Dt.20.12.2018**.
All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.
PPT/PR/519/18-19 Date 13.12.2018
Sr. Dy. Materials Manager



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**
e-TENDER NOTICE NO.: CPC-49/2018-19 Date: 14.12.2018
ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning for 220KV SC line on DC tower from 220/33KV Grid Substation at Laxmipur to proposed RTSS Laxmipur along with 220KV feeder bay extensions at Laxmipur Grid Sub-station at an Estimated Cost of the Package for Rs.10.73 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(14.12.2018) / (11:00)AM** up to Dt.**(07.01.2019) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.
**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.
Sd/-
Chief General Manager (CPC)
e-Mail: sgm.cpc@optcl.co.in
CR Advt. No. 65/2018-19
Please connect us: optcl.odisha optcl_odisha energyodisha

## କଳିଙ୍ଗ କର୍ନର

### ସେହ୍ୱାଗ, ସର୍ଦ୍ଦାର ଖେଳାଳି ଅତିଥି



ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଦୁଇଜଣ କିମ୍ବଦନ୍ତୀ ଖେଳାଳି ଅତିଥି ଥିଲେ। ଜର୍ମାନୀ-ବେଲଜିୟମ ପ୍ରଥମ ମ୍ୟାଚରେ ଅତିଥିଭାବେ ଯୋଗ ଦେଇଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ବୀରେନ୍ଦ୍ରଙ୍କ ସହ ସର୍ଦ୍ଦାର ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ। ସେହିଭଳି ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ ସମୟରେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ବୀରେନ୍ଦ୍ର ଯୋଗ ଦେଇଥିଲେ। ଭାରତ-ନେଦରଲାଣ୍ଡ୍ସ ଦ୍ୱିତୀୟ ମ୍ୟାଚରେ ମଧ୍ୟ ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉତ୍ସାହ

ଭାରତ-ନେଦରଲାଣ୍ଡ୍ସ ମ୍ୟାଚକୁ ଉପଭୋଗ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ଉପସ୍ଥିତି ଖେଳାଳି ଏବଂ କର୍ମକର୍ତ୍ତାମାନଙ୍କୁ ବେଶ୍ ଉତ୍ସାହିତ ମଧ୍ୟ କରିଥିଲା। ଭାରତୀୟ ଦଳର ଆରମ୍ଭ ମଧ୍ୟ ବେଶ୍ ଭଲ ହୋଇଥିଲା। ମାତ୍ର ପରେ ନେଦରଲାଣ୍ଡ୍ସ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲା।

### ଭାରତୀୟ ସମର୍ଥକ ନିରାଶ

ଗୁରୁବାର ଜର୍ମାନୀ-ବେଲଜିୟମ ମ୍ୟାଚ ବେଳେ କଳିଙ୍ଗ ଷ୍ଟାଡିୟମ ଦର୍ଶକ ଗ୍ୟାଲେରି କିଛି ପରିମାଣରେ ଫାଙ୍କା ରହିଥିଲେ ହେଁ ଭାରତ-ନେଦରଲାଣ୍ଡ୍ସ ମ୍ୟାଚର କିଛି ସମୟ ପୂର୍ବରୁ ଭରି ଯାଇଥିଲା। ଭାରତୀୟ ଦଳକୁ ସମର୍ଥନ ଜଣାଇବା ପାଇଁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ଓଡ଼ିଶା ଦର୍ଶକ। ଭାରତୀୟ ଦଳର ପ୍ରତିଟି ମୁଭ୍‌ରେ ଇଣ୍ଡିଆ ଇଣ୍ଡିଆ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଷ୍ଟାଡିୟମ। ନର୍ଥ ଷ୍ଟାଣ୍ଡରେ ପାଖାପାଖି ୨୦ ଜଣ ନେଦରଲାଣ୍ଡ୍ସର ସମର୍ଥକ ଟିମ୍ ଜର୍ସି ରଙ୍ଗର ପୋଷାକ ପିନ୍ଧି ମ୍ୟାଚ ଉପଭୋଗ କରୁଥିବା ଦେଖା ଯାଇଥିଲା। ମାତ୍ର ମ୍ୟାଚ ଶେଷରେ ଭାରତ ପରାଜିତ ହୋଇଥିବାରୁ ଘରୋଇ ଦର୍ଶକ ମନଦୁଃଖରେ ଫେରିଥିଲେ।

### ଓଲି କଲା ମନୋରଞ୍ଜନ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚର ମଧ୍ୟାନ୍ତର ୧୦ ମିନିଟରେ ମାସ୍କଟ ଓଲି ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ପଡ଼ିଆ ଚାରିପାଖ ପରିକ୍ରମା କରିବା ସହ ବିଭିନ୍ନ ଗୀତର ତାଳେତାଳେ ନାଚିଥିଲା ଓଲି। ଏହି ଅବସରରେ ସେ ପ୍ରତି ଷ୍ଟାଣ୍ଡରେ ଥିବା ଦର୍ଶକଙ୍କ ଉଦ୍ଦେଶ୍ୟରେ ପାଖାପାଖି ୧୨ଟି ଜର୍ସି ଉପହାର ଦେଇଥିଲା। ବନ୍ଧୁକ ସଦୃଶ ଯନ୍ତ୍ରରେ ଜର୍ସି ରୂପକ ଗୁଳି ରହିଥିଲା। ଓଲି ଏହି ଯନ୍ତ୍ରକୁ ବ୍ୟବହାର କରି ଦର୍ଶକଙ୍କୁ ଝୁମାଇବାରେ ସକ୍ଷମ ହୋଇଥିଲା।



ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ବିଜୟ ହାସଲ ପରେ ନେଦରଲାଣ୍ଡ୍ସ ଖେଳାଳିଙ୍କ ସେଲିବ୍ରେସନ।

# ନେଦରଲାଣ୍ଡ୍ସଠାରୁ ହାରି ଭାରତର ବିଦାୟ

**ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)**

ଘରୋଇ ପରିବେଶ ଏବଂ ଭରପୂର ଦର୍ଶକ ସମର୍ଥନ ସତ୍ତ୍ୱେ ଭାରତର ହକି ବିଶ୍ୱକପ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଭାରତ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ମ୍ୟାଚର ୧୨ତମ ମିନିଟରେ ଗୋଲ ସ୍କୋର କରି ଅଗ୍ରଣୀ ନେଇଥିଲେ ହେଁ ପରବର୍ତ୍ତୀ ଭାଗରେ ମୋମେଣ୍ଟମ୍‌କୁ ବଜାୟ ରଖି ନ ପାରି ଭାରତ ପରାଜୟ ସ୍ୱାଦ ଚାଖିଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଧୂଳିସାତ ହୋଇଛି। ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା ଏବଂ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ ହୋଇଥିଲା। ମାତ୍ର ଏଥର ଦଳକୁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଭାରତ-ନେଦରଲାଣ୍ଡ୍ସ ମ୍ୟାଚ ସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ୧୫ ତାରିଖର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ସେହିଦିନ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ ନେଦରଲାଣ୍ଡ୍ସ।

ଘରୋଇ ପରିବେଶ ଏବଂ ଦର୍ଶକଭରା ଷ୍ଟାଡିୟମର ଦର୍ଶକଙ୍କ ସମର୍ଥନରେ ସ୍ୱାଭାବିକ ଭାବେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ତେବେ ବିଶ୍ୱର ୪ ନମ୍ବର ଦଳ ନେଦରଲାଣ୍ଡ୍ସ ମଧ୍ୟ ଦକ୍ଷତା ଦେଖାଇଥିଲା। ପ୍ରଥମ ୧୧ ମିନିଟର ସଂଘର୍ଷପରେ ୧୨ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ ସିଂଙ୍କ ଶୁଟ୍ ସେଭ୍ ହୋଇ ଫେରିଆସିଥିବାବେଳେ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ତାହାକୁ ଗୋଲରେ ପରିଣତ କରିଥିଲେ ଆକାଶଦୀପ ସିଂ। ଚଳିତ ବିଶ୍ୱକପରେ ଏହା ଥିଲା ତାଙ୍କର ଦ୍ୱିତୀୟ ଓ ଓଭରଅଲ୍ ବିଶ୍ୱକପରେ ୭ମ ଗୋଲ। ତେବେ ଭାରତର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ପ୍ରଥମ କ୍ୱାର୍ଟର ଶେଷହେବାକୁ ଅଳ୍ପ କିଛି ସମୟ ଥିବାବେଳେ ନେଦରଲାଣ୍ଡ୍ସର ଥିଏରି ବ୍ରିଙ୍କ୍‌ମ୍ୟାନ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ନେଦରଲାଣ୍ଡ୍ସକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଖେଳାଳି ତାହାକୁ ପୋଷ୍ଟ ବାହାରେ ମାରିଥିଲେ। ୧୯ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହା ସେଭ୍ ହୋଇ ଯାଇଥିଲା। ସେହି ୧୯ତମ ମିନିଟରେ ଆକାଶଦୀପ ବଲ୍‌ନେଇ ନେଦରଲାଣ୍ଡ୍ସର ଡି ଏରିଆରେ ପ୍ରବେଶ କରିଥିଲେ। ଗୋଲ କରିବାର ସୁବର୍ଣ୍ଣ ସୁଯୋଗ ଥିଲେ ହେଁ ଆକାଶଦୀପ ତରବରିଆ ହୋଇ ମାରିଥିବା ଶଟ ଗୋଲପୋଷ୍ଟର ବହୁ ଉପରେ ଚାଲି ଯାଇଥିଲା। ୪୭ତମ ମିନିଟରେ ନେଦରଲାଣ୍ଡ୍ସ ଖେଳାଳି ଗୋଲ ଦାବିକରି ଖୁସି ମନାଇଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ତେବେ ୫୦ତମ ମିନିଟରେ ନେଦରଲାଣ୍ଡ୍ସର ମିଙ୍କ୍ ଭାନ ଡର ୱିର୍ଡେନ ଦେଇଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୫୫ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ହରମନପ୍ରୀତ ମାରିଥିବା ଶଟ୍ ସେଭ୍ ହୋଇ ଯାଇଥିଲା। ଶେଷ ୫ ମିନିଟ ଭାରତ ବିନା ଗୋଲକିପରରେ ଖେଳିଥିଲା, ମାତ୍ର କିଛି ଲାଭ ହୋଇ ନ ଥିଲା। ୫୮ତମ ମିନିଟରେ ନେଦରଲାଣ୍ଡ୍ସ ପେନାଲ୍ଟି କର୍ନର ପାଇଥିଲା। ଭାରତ ବିନା ଗୋଲକିପରରେ ତାହାକୁ ସେଭ୍ କରିବାରେ ସକ୍ଷମ ହୋଇଥିଲା। ଭାରତ ହାରିଥିଲେ ହେଁ ପୂରା ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବାରୁ ସୁରେନ୍ଦର କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁଣି ପ୍ରତୀକ୍ଷା

**ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଘରୋଇ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଯାହା ଆଶା କରାଯାଉଥିଲା ତାହା ଅଧୁରା ରହି ଯାଇଛି। ଏବେ ଭାରତକୁ ପୁଣି ୪ ବର୍ଷ ପ୍ରତୀକ୍ଷା କରିବାକୁ ପଡ଼ିବ।

ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ, ପ୍ରତିଯୋଗିତାର ଏହି ତୃତୀୟ ସଂସ୍କରଣରେ ଦଳ ଚାମ୍ପିୟନ ହୋଇ ଇତିହାସ ମଧ୍ୟ ରଚିଥିଲା। ପୂର୍ବରୁ ଭାରତ ୧୯୭୧ ପ୍ରଥମ ସଂସ୍କରଣରେ ବ୍ରୋଞ୍ଜ ଏବଂ ୧୯୭୩ ଦ୍ୱିତୀୟ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲା। ମାତ୍ର ଏହା ମଧ୍ୟରେ ୪୩ ବର୍ଷ ବିତିଯାଇଥିଲେ ହେଁ ଦଳ କେବେହେଲେ ଶୀର୍ଷ ୪ ସ୍ଥାନ ମଧ୍ୟରେ ରହିପାରି ନ ଥିଲା। ୧୯୭୮ ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା ୫-୬ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସ୍ପେନଠାରୁ ୦-୨ ଗୋଲରେ ହାରି ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୧୯୮୨ ବିଶ୍ୱକପ ବମ୍ବେର ଘରୋଇ ପରିବେଶରେ ଆୟୋଜନ ହୋଇଥିଲେ ମଧ୍ୟ ଅନୁରୂପ ପ୍ରଦର୍ଶନ ଯୋଗୁ ଦଳକୁ ୫-୬ ପୋଜିଶନରେ ମ୍ୟାଚ ଖେଳିବାକୁ ପଡ଼ିଥିଲା। ମାତ୍ର ଏଥିରେ ସୋଭିଏଟ୍ ୟୁନିୟନକୁ ୫-୧ ଗୋଲରେ ହରାଇ ଦଳ ୫ମ ସ୍ଥାନ ହାସଲ କରିଥିଲା। ୧୯୮୬ ବିଶ୍ୱକପରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦଳ ସର୍ବନିମ୍ନ ୧୨ତମ ସ୍ଥାନରେ ରହିଥିଲା। ୧୯୯୦ ବିଶ୍ୱକପରେ ଦଳକୁ ୧୦ମ



ପରାଜୟ ପରେ ଦୁଃଖରେ ମ୍ରିୟମାଣ ଭାରତୀୟ ଖେଳାଳି।

ସ୍ଥାନ ମିଳିଥିଲା। ଲିଗ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ୯-୧୦ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୦-୧ ଗୋଲରେ ହାରିଯାଇଥିଲା। ୧୯୯୪ ବିଶ୍ୱକପରେ ଦଳର ପ୍ରଦର୍ଶନ ପୂର୍ବ ୪ ସଂସ୍କରଣ ତୁଳନାରେ ଅପେକ୍ଷାକୃତ ଉନ୍ନତ ଥିଲା। ଲିଗ୍ ପର୍ଯ୍ୟାୟରେ ଭଲ ଖେଳିଥିଲେ ହେଁ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିବା ଭାରତୀୟ ଦଳ ପ୍ଲେସିଂ ପାଇଁ କ୍ରସ୍ ଓଭରରେ ଇଂଲଣ୍ଡକୁ ୧-୦ ଗୋଲରେ ହରାଇ ୫ମ ସ୍ଥାନ ଦଖଲ କରିଥିଲା। ୧୯୯୮ ବିଶ୍ୱକପରେ କିନ୍ତୁ ଦଳ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲା। ଲିଗ୍ ଓ କ୍ରସ୍ ଓଭରପରେ ୯-୧୦ମ ସ୍ଥାନ ପାଇଁ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଫଳରେ ଦଳ ୯ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୦୨ ବିଶ୍ୱକପରେ ମଧ୍ୟ ଦଳର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ପ୍ଲେସିଂ ମ୍ୟାଚରେ ନ୍ୟୁଜିଲାଣ୍ଡଠାର ୧-୨ ଗୋଲରେ ହାରି ଦଳ ୧୦ମ ସ୍ଥାନ ପାଇଥିଲା। ୨୦୦୬ ବିଶ୍ୱକପରେ ୧୧ତମ ସ୍ଥାନ ପାଇବାପରେ ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ଘରୋଇ ପରିବେଶରେ ଦଳ ସାମାନ୍ୟ ଉନ୍ନତ ପ୍ରଦର୍ଶନ ଦେଇଥିଲା। ମାତ୍ର ତାହା ସେମିଫାଇନାଲରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଲିଗ୍ ପର୍ଯ୍ୟାୟ ପରେ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା। ୭-୮ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୨-୪ ଗୋଲରେ ହାରି ୮ମ ସ୍ଥାନ ପାଇଥିଲା। ୨୦୧୪ ବିଶ୍ୱକପରେ ମଧ୍ୟ ଦଳର ପ୍ରଦର୍ଶନ ଅନୁରୂପ ରହିଥିଲା।

# 'ପାକିସ୍ତାନରେ ହକି ମୃତ ପ୍ରାୟ ଅବସ୍ଥାରେ'

**ଭୁବନେଶ୍ୱର, ୧୩।୧୨(ପି.ଟି.)**

ହକିରେ ପାକିସ୍ତାନ ପୂର୍ବ ଗୌରବ ଫେରିପାଇବା ପାଇଁ ସଂଘର୍ଷ କରୁଥିବା ବେଳେ ଏସିଆନ ହକି ଫେଡେରେଶନ (ଏଏଚ୍‌ଏଫ୍) ମୁଖ୍ୟ କାର୍ଯ୍ୟନିର୍ବାହୀ ତାୟାବ ଇକ୍ରାମ ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପାକିସ୍ତାନରେ ହକି ଏବେ ମୃତ ପ୍ରାୟ ଅବସ୍ଥାରେ ରହିଛି ବୋଲି ସେ ମତ ଦେଇଛନ୍ତି। ପାକିସ୍ତାନରେ ରାଜନୈତିକ, ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାରେ ଅସ୍ଥିରତା ଲାଗି ରହିଥିବାରୁ ହକିର ପୁନରୁତ୍ଥାନ ହେବା କଷ୍ଟକର ବୋଲି ସେ କହିଛନ୍ତି। ଇକ୍ରାମ ଜଣେ ପାକିସ୍ତାନ ନାଗରିକ ହୋଇଥିଲେ ମଧ୍ୟ ଏବେ ସେ ହଂକଂରେ ରହୁଛନ୍ତି।

ଦୀର୍ଘ ବର୍ଷ ହେବ ପାକିସ୍ତାନରେ ଆନ୍ତର୍ଜାତିକ ହକି ଖେଳାଯାଉନାହିଁ। ପୁଣି ଏହି ଦେଶରେ ହକିକୁ ମଧ୍ୟ ପୂର୍ବ ଭଳି ଗୁରୁତ୍ୱ ଦିଆଯାଉନାହିଁ। ପୂର୍ବରୁ ପାକିସ୍ତାନ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫିରେ ଏକାଧିକ ବାର ଟାଇଟଲ ହାସଲ କରିଥିଲା। ତେବେ ହକିରେ ସେତେବେଳର ଚମକ ଏବେ ଦେଖିବାକୁ ମିଳୁନାହିଁ। ସେତେବେଳେ ହକିକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଥିଲା। ଏବେ କିନ୍ତୁ କଥା ଅଲଗା ହୋଇଛି। ଏବେ ପାକିସ୍ତାନରେ ହକି ପ୍ରାୟ ମୃତ ବୋଲି କହିଲେ ଭୁଲ ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ପୁଣି ଥରେ ଆନ୍ତର୍ଜାତିକ ହକି ମ୍ୟାଚ୍ ଖେଳାଯିବା ନେଇ ପ୍ରଶଂସକ ଆଶା କରି ରହିଛନ୍ତି।

ପାକିସ୍ତାନରେ ପୁଣି ଥରେ ହକିର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଏଏଚ୍‌ଏଫ୍ ପ୍ରାଧାନ୍ୟ ଦେଉଛି। ଭାରତର ଉଦାହରଣ ଦେଇ ସେ କହିଛନ୍ତି ଯେ, ପାକିସ୍ତାନରେ ମଧ୍ୟ ହକିର ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍।

ଭାରତ-ପାକିସ୍ତାନ ହକି ପ୍ରତିଦ୍ୱନ୍ଦ୍ୱିତାକୁ ପୁଣି ଥରେ ଉଜ୍ଜୀବିତ କରିବା ପାଇଁ ଉଭୟ ଦେଶ ତରଫରୁ ପ୍ରୟାସ ଆରମ୍ଭ ହେବା ଉଚିତ୍ ଓ ଏହା ବିଶ୍ୱ ହକି ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।



ପରାଜୟ ପରେ ଭାରତୀୟ ଦର୍ଶକ ଭାଙ୍ଗିପଡ଼ିଛନ୍ତି।

# ହକି ସହ ନୂଆ ଦେଶ ଯୋଡ଼ିବ ଏଫ୍‌ଆଇଏଚ୍

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ହକିର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହକି ଯେଉଁଠି ଲୋକପ୍ରିୟତା ଅର୍ଜନ କରିଛି ସେଠାରେ ଯେପରି ତାହା ବଜାୟ ରହିବ ତାକୁ ଦେଖିବା ସହ ଏହି ଗେମ୍ ସହ ନୂଆ ଦେଶକୁ ଯୋଡ଼ାଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଅନେକ ସମୟରେ ଦେଖାଯାଉଛି ଯେ, କେତେକ ଦେଶ ହକି ପ୍ରତି ଆକୃଷ୍ଟ ହେଉଛନ୍ତି, ମାତ୍ର କିଛି ବର୍ଷ ପରେ ସେଠାରେ ଆଉ ହକି ଦେଖିବାକୁ ମିଳୁନାହିଁ। ଆଗାମୀ ଦିନରେ ତାହାର ଯେପରି ପୁନରାବୃତ୍ତି ନ ହେବ ଏବଂ ସେହି ଦେଶ ଗୁଡ଼ିକରେ ଯେପରି ହକିର ସ୍ଥିତି ବଜାୟ ରହିପାରିବ ତାହା ଉପରେ ମଧ୍ୟ ଏଫ୍‌ଆଇଏଚ୍ ଗୁରୁତ୍ୱାରୋପ କରୁଛି ବୋଲି କଳିଙ୍ଗ ଷ୍ଟାଡିୟମ କନ୍‌ଫରେନ୍ସ ହଲ୍‌ରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଏଫ୍‌ଆଇଏଚ୍ କାର୍ଯ୍ୟକାରିଣୀ ସଦସ୍ୟ ତଥା ଏସିଆନ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ତୟାବ ଇକରାମ ଏବଂ ହକି ଫାଉଣ୍ଡେଶନ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମାଇକ୍ ଜୋୟସ। ହକି ଯେପରି ବିଶ୍ୱର ଅଧିକରୁ ଅଧିକ ଦେଶରେ ଖେଳାଯାଇପାରିବ ତା ଉପରେ ଧ୍ୟାନ ଦିଆଯାଉଛି ବୋଲି ଏଫ୍‌ଆଇଏଚ୍ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଗତ ନଭେମ୍ବର ପ୍ରଥମ ଭାଗରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ 'ହକି ୨୦୨୪' ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି। ଏହାର ଅଂଶବିଶେଷଭାବେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ପାକିସ୍ତାନରେ ହକି ଏବେ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ପାକିସ୍ତାନ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଥିଲା। ବିଶ୍ୱକପ ଇତିହାସରେ ପାକିସ୍ତାନ ସର୍ବାଧିକ ସଫଳ ଦଳ ବିବେଚିତ ହେଉଥିଲେ ହେଁ ଏଥର ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏହାକୁ ନେଇ ଏଫ୍‌ଆଇଏଚ୍ କର୍ମକର୍ତ୍ତାମାନେ ଚିନ୍ତା ମଧ୍ୟ ପ୍ରକଟ କରିଛନ୍ତି। ସେଠାରେ ଦେଶ ପକ୍ଷରୁ ହକିର ଉନ୍ନତି ପାଇଁ ବିଶେଷ କିଛି ପଦକ୍ଷେପ ନିଆ ଯାଉନାହିଁ। ଏଫ୍‌ଆଇଏଚ୍ ଏ ସମ୍ପର୍କରେ ଅବଗତ ଅଛି, ସେଠାରେ ହକି କିପରି ପୁଣି ଲୋକପ୍ରିୟତା ଲାଭ କରିପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



ଦୁଇ ଭାରତୀୟ ସମର୍ଥକ।

# ଇତିହାସ ରଚିଲା ବେଲଜିୟମ

## ପୂର୍ବତନ ଚାମ୍ପିୟନ ଜର୍ମାନୀର ବିଦାୟ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ବେଲଜିୟମ ପାଇଁ ସ୍ମରଣୀୟ ହୋଇଛି। ପ୍ରଥମଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି ଏହି ଦଳ। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ ୨-୧ ଗୋଲରେ ହରାଇ ଏହାର ବିଶ୍ୱକପ୍ ଇତିହାସରେ ନୂଆ ଅଧ୍ୟାୟ ସଂଯୋଗ କରିଛି। ପୂର୍ବରୁ ବେଲଜିୟମ କେବେହେଲେ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଗତ ୨୦୧୪ ଅଲିମ୍ପିକ୍ସରେ ଦଳ ସର୍ବାଧିକ ୫ମ ସ୍ଥାନ ପାଇଥିଲା। ଅନ୍ୟପକ୍ଷରେ ୨ଥର ସ୍ୱର୍ଣ୍ଣ ଏବଂ ୨ ଥର ରୌପ୍ୟ ପଦକ ବିଜେତା ଜର୍ମାନୀର ଅଭିଯାନ ଏଥର କ୍ୱାର୍ଟର ଫାଇନାଲରୁ ଶେଷ ହୋଇ ଯାଇଛି। ୨୦୦୨ ଓ ୨୦୦୬ରେ ସ୍ୱର୍ଣ୍ଣ ଏବଂ ୧୯୮୨ ଓ ୨୦୧୦ରେ ରୌପ୍ୟ ପଦକ ଜିତିଥିବା ଜର୍ମାନୀ ଏଥର ବେଲଜିୟମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛି। ୧୫ତାରିଖ ପ୍ରଥମ ସେମିଫାଇନାଲରେ ବେଲଜିୟମ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ।

ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ସେହ୍ୱାଗଙ୍କ ସହ ବିଧାୟକ ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ବେଲଜିୟମ ଦଳର ୪ ନମ୍ବର ଜର୍ସି ପରିହିତ ଆର୍ଥର ଭାନ୍ ଡୋରେନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱର ୫ ନମ୍ବର ଦଳ ଜର୍ମାନୀ ଓ ୩ ନମ୍ବର ବେଲଜିୟମ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ତୁଳନାତ୍ମକଭାବେ ବେଲଜିୟମ ଅଧିକ ସୁଯୋଗ ସୃଷ୍ଟିକରି ଫାଇଦାରେ ରହିଥିଲା। ଆକ୍ରମଣାତ୍ମକ ରଣନୀତିରେ ଖେଳ ଆରମ୍ଭ କରିଥିବା ବେଲଜିୟମକୁ ୭ମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଦଳ ତାହାର ସଦୁପଯୋଗ କରିପାରି ନ ଥିଲା। ଅନ୍ୟପକ୍ଷରେ ୧୪ତମ ମିନିଟରେ ଡିଏଟର ଲିନେକୋଗେଲ



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ବେଲଜିୟମ ଖେଳାଳି।

ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିବା ସହ ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମ କ୍ୱାର୍ଟର ଶେଷ ହ୍ୱିସିଲ ବାଜିବାର କିଛି କ୍ଷଣ ପୂର୍ବରୁ ବେଲଜିୟମ ନିକଟରେ ଗୋଲ ପରିଶୋଧ ପାଇଁ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହା ଲଗାତର ୩ଟି ପେନାଲ୍ଟି କର୍ନରରେ ପରିଣତ ହୋଇଥିଲା। ମାତ୍ର ଜର୍ମାନୀ ଗୋଲକିପର ଟୋବିୟାସ ୱାଲ୍ଟର ଚମତ୍କାର ସେଭ୍ କରି ବେଲଜିୟମ ଆଶାରେ ପାଣି ଭରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ଆକ୍ରମଣ ରଣନୀତିକୁ ଅଧିକ ତୀବ୍ର କରିଥିଲା। ଜର୍ମାନୀ ଡିଫେନ୍ସରେ ତ୍ରୁଟି ଯୋଗୁ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମକୁ ୩ଟି ପେନାଲ୍ଟି କର୍ନର ମିଳିଥିଲା। ୧୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଦଳକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହାର ସଦୁପଯୋଗ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଜର୍ମାନୀ ଅଗ୍ରଣୀ ନେବାପାଇଁ ପୁରା ଦମ୍ ଲଗାଇ ଦେଇଥିଲେ ହେଁ ବେଲଜିୟମ ଖେଳାଳିଙ୍କ ସତର୍କତା ଯୋଗୁ ଗୋଟିଏ ହେଲେ ପେନାଲ୍ଟିକର୍ନର ସୁଯୋଗ ସୃଷ୍ଟି କରିପାରି ନ ଥିଲା। ଅନ୍ୟପକ୍ଷରେ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମ ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ୩୭ତମ ମିନିଟରେ ବେଲଜିୟମ ଖେଳାଳିଙ୍କ ଶଟ୍‌କୁ ଜର୍ମାନୀ ଗୋଲକିପର ୱାଲ୍ଟର ସେଭ୍ କରି ଦେଇଥିବାବେଳେ ୪୩ତମ ମିନିଟରେ ଦୁର୍ବଳ ଶଟ୍ ଗୋଲକିପରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଲଢ଼େଇ ଅଧିକ ଜୋରଦାର ହୋଇଥିଲା। ଉଭୟ ଦଳ ଗୋଲ ଦେଇ ଅଗ୍ରଣୀ ପାଇଁ ଉଦ୍ୟମରେ ଥିବାବେଳେ ୫୦ତମ ମିନିଟରେ ଟମ୍ ବୁନ୍‌ଙ୍କ ଫିଲ୍ଡ ଗୋଲ ବେଲଜିୟମକୁ ଅଗ୍ରଣୀ କରାଇଥିଲା। ଅବଶିଷ୍ଟ ୧୦ ମିନିଟରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ଶେଷ ୫ ମିନିଟରେ ଗୋଲକିପରଙ୍କୁ କାଢ଼ି ଦଳ ୧୧ ଜଣ ଖେଳାଳିଙ୍କୁ ନେଇ ଗୋଲ ପରିଶୋଧ ଉଦ୍ୟମ କରିଥିଲା। ମାତ୍ର ଇତିହାସ ସୃଷ୍ଟିର ଦ୍ୱାରଦେଶରେ ପହଞ୍ଚି ଯାଇଥିବା ବେଲଜିୟମ କୌଣସି ପରିସ୍ଥିତିରେ ବାଟ ଛାଡ଼ି ନ ଥିଲା। ଶେଷ ୧୦ ମିନିଟର ଖେଳରେ ବଲ୍ ପ୍ରାୟତଃ ବେଲଜିୟମ ହାଫ୍‌ରେ ରହିଥିଲେ ହେଁ ଦଳର ଖେଳାଳିମାନେ କୌଣସି ପ୍ରକାରେ ଜର୍ମାନୀର ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲେ। ଶେଷ ହ୍ୱିସିଲ ବାଜିବା କ୍ଷଣି ବେଲଜିୟମ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଜଣକ ପରେ ଜଣେ ଖେଳାଳି ଆସି ଗୋଲକିପର ଭିନସେଣ୍ଟ ଭାନାସ୍କଙ୍କ ଉପରକୁ କୁଦି ପଡ଼ିଥିଲେ। ଭିନସେଣ୍ଟ ମଧ୍ୟ ଖୁସିରେ ସମସ୍ତଙ୍କୁ ଟେକି ଧରୁଥିଲେ।

ବଲ୍ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଜର୍ମାନୀକୁ ପଛରେ ପକାଇ ଦେଇଥିଲା ବେଲଜିୟମ। ବଲ୍ ୫୫.୫୦ ପ୍ରତିଶତ ବେଲଜିୟମ ନିୟନ୍ତ୍ରଣରେ ରହିଥିବାବେଳେ ଜର୍ମାନୀ ୪୪.୫୦ ପ୍ରତିଶତ ନିଜ ପାଖରେ ରଖିବାରେ ସକ୍ଷମ ହୋଇଥିଲା। ଜର୍ମାନୀ ୫ଥର ଶୁଟ୍ କରିଥିବାସ୍ଥଳେ ବେଲଜିୟମ ୧୦ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ତେବେ ସର୍କଲ ଏଣ୍ଟ୍ରିରେ ଜର୍ମାନୀ ଆଗରେ ରହିଥିଲା। ବେଲଜିୟମର ୨୦ ତୁଳନାରେ ଜର୍ମାନୀ ୨୧ଥର ପ୍ରତିପକ୍ଷ ଦଳର ସର୍କଲ ଏଣ୍ଟ୍ରି କରିଥିଲା। ଜର୍ମାନୀ ଆଦୌ ପେନାଲ୍ଟି କର୍ନର ପାଇ ନ ଥିବାବେଳେ ବେଲଜିୟମ ୯ଟି ପେନାଲ୍ଟି କର୍ନର ପାଇ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିପାରିଥିଲା। ମ୍ୟାଚରେ ଏକମାତ୍ର ଗ୍ରୀନ୍ କାର୍ଡ ପାଇଥିଲେ ବେଲଜିୟମର ସେବାଷ୍ଟିଆନ ଡୋକେର।









# ଜୀବନମରଣ ସହିତ ସଂଘର୍ଷ କରୁଛନ୍ତି ଚିନ୍ତାମଣି

**ଟେନ୍ସା, ୧୩।୧୨ (ଡି.ଏନ.ଏ)** ସୁନ୍ଦରଗଡ ଜିଲା କୋଇଡା ବ୍ଲକ ପାଟମୁନଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କ୍ରିୟାକୁଦର ଗାଁର ଦିନ ମଜୁରିଆ ଚିନ୍ତାମଣି ବାରିକ (୪୬) ଜୀବନମରଣ ସହିତ ସଂଘର୍ଷ କରୁଛନ୍ତି। ଯେଉଁଠି ଓଳିଏ ଖାଇବା ପାଇଁ ତାଙ୍କୁ ପ୍ରତ୍ୟେକ ଦିନ ସଂଘର୍ଷ କରିବାକୁ ପଡେ । ସେହି ପରିସ୍ଥିତିରେ ନିଜର ଚିକିତ୍ସା ଯେମିତି ସାତସପନ ହୋଇପଡିଛି।



୬ମାସ ପୂର୍ବରୁ ଏମଜି ମାଇନ୍ସରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ ଚିନ୍ତାମଣି। ହଠାତ ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ ରାଉରକେଲା ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। କିଛି ଦିନ ଚିକିତ୍ସା ହେବା ପରେ ଡାକ୍ତରଙ୍କ କହିବା ଅନୁଯାୟୀ କିଡନୀ ରୋଗରେ ସେ ଆକ୍ରାନ୍ତ ହୋଇଥିଲେ। ଅଧିକ ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଡାକ୍ତର କିଛି ଦିନ ଚିକିତ୍ସା କଲାପରେ ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଏହି ଚିକିତ୍ସା ଭିତରେ ଚିନ୍ତାମଣିଙ୍କ ଜମିବାଡି ବନ୍ଧା ପଡିବା ସହିତ ବନ୍ଧୁବାନ୍ଧବ ମାନଙ୍କଠାରୁ ମଧ ଉଧାରି କରି ସାରିଥିଲେ। ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଦରକାର ଥିଲାବେଳେ ଦିନ ମଜୁରିଆ ଚିନ୍ତାମଣି ଏତେ ଟଙ୍କା କେଉଠୁଁ ଆଣି ଚିକିତ୍ସା ହେବେ ଏହି ଚିନ୍ତାରେ ଦିନ କାଟୁଛନ୍ତି। ଚିନ୍ତାମଣିଙ୍କର ଦୁଇ ପୁଅ ଗୋଟିଏ ଝିଅ। ଗୋଟିଏ ପୁଅ ପାଠ ପଢୁଥିବାବେଳେ ଅନ୍ୟ ଜଣକ ମଜୁରି ଲାଗି ଘର ଚଳାଉଛନ୍ତି। ଚିନ୍ତାମଣିଙ୍କ ପେଟର ଆକାର ଧିରେ ଧିରେ ବଢୁଥିବାରୁ ଭୟ ଆଶଙ୍କା ଭିତରେ ଦିନ କାଟୁଛନ୍ତି ପରିବାର ଲୋକେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



# ଚାଷୀଙ୍କୁ ଭୟ ମେଘୁଆ ପାଗ

**ବରଗଡ଼ ଅଫିସ୍/ଅତାବିରା, ୧୩।୧୨**

## ବରଗଡ଼ ଜିଲା




ଝିଲିମିଣ୍ଡା ମଣ୍ଡିର ଖୋଲା ଆକାଶତଳେ ଧାନ ପଡିରହିଛି ।

- ବିକ୍ରି ନ ହୋଇ ମଣ୍ଡିରେ ଲକ୍ଷାଧିକ ପ୍ୟାକେଟ୍ ଧାନ
- କଟ୍‌ନୀ ଛଟ୍‌ନୀକୁ ନେଇ ବଢ଼ୁଛି ଚାଷୀ ଅସନ୍ତୋଷ
- ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର, ବେପାରୀ ନିର୍ବିକାର
- ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ପୂର୍ବାପେକ୍ଷା ହ୍ରାସ

ବରଗଡ଼ ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ମାତ୍ର ୫ଦିନ ପରେ ଦେଢ଼ମାସ ବିତିଯିବ । ତଥାପି ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ । ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ଉଠୁନାହିଁ । ଫଳରେ ଖୋଲା ଆକାଶତଳେ ବିକ୍ରି ହୋଇ ନ ଥିବା ଧାନ ପଡ଼ି ରହୁଛି । ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆରଏମସିର ବିଭିନ୍ନ ମଣ୍ଡିରେ ଏଭଳି ପ୍ରାୟ ୩ଲକ୍ଷ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଗତ ଦୁଇଦିନ ହେଲା ମେଘୁଆ ପାଗ ଯୋଗୁ ଯେ କୌଣସି ମୁହୂର୍ତ୍ତରେ ବର୍ଷା ସମ୍ଭାବନା ରହିଛି । ତେବେ ବର୍ଷା ହୋଇ ନ ଥିଲେ ମଧ ନାନା ଆଳ ଦେଖାଇ କଟ୍‌ନୀ ଛଟ୍‌ନୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।

ଗତ ନଭେମ୍ବର ୫ତାରିଖରୁ ଜିଲାରେ ଧାନ କିଣାବିକା ଆରମ୍ଭ ହୋଇଥିଲା। ଜିଲାର ଉପରୋକ୍ତ ଆରଏମସି ଅଧୀନରେ ମଣ୍ଡି ଗୁଡ଼ିକ ଖୋଲିଥିଲେ ମଧ ଆବଶ୍ୟକ କାଗଜାତ୍, ଆନୁସଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଧାନ କିଣାବିକା ବିଳମ୍ବିତ ହୋଇଥିଲା। ଏଭଳି ସ୍ଥିତିରେ ବେପାରୀମାନଙ୍କୁ ଅଭାବୀ ବିକ୍ରିର ସୁଯୋଗ ମିଳିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲେ ମଧ ମଣ୍ଡିରୁ ଆଶାନୁରୂପ ପରିମାଣରେ ଧାନ ଉଠି ନ ଥିଲା । ଗୁରୁବାର ସୁଦ୍ଧା କେବଳ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷ ୫୬ହଜାର ୩୨୭ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି । ସେହିପରି ବରଗଡ଼ ଆରଏମସି ଅଧୀନ ମଣ୍ଡିଗୁଡ଼ିକରେ ୧ଲକ୍ଷ ୩୨ହଜାର ୨୯୦ ପ୍ୟାକେଟ୍ ଧାନ ମଣ୍ଡିରେ ପଡ଼ିଥିବାବେଳେ ପଦ୍ମପୁର ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ମଧ୍ୟ ଅନୁରୂପ ସମସ୍ୟା ଲାଗି ରହିଛି ।

କଟ୍‌ନୀଛଟ୍‌ନୀ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଜିଲାର କେତେକ ମଣ୍ଡିରେ ତାକୁ ବେପାରୀମାନେ ଖାତିର୍ କରୁନାହାନ୍ତି । ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୩ରୁ ୪ କି.ଗ୍ରା ଲେଖାଏଁ ଧାନ କାଟ୍‌ଛାଟ୍ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନିଆ ନ ଗଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ପଚାରିବାରୁ ବର୍ଷା ସମ୍ଭାବନା ଥିବାରୁ ଧାନ ଭିଜି ନଷ୍ଟ ହୋଇଯିବା ଆଶଙ୍କା ନେଇ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହକୁ ପୂର୍ବାପେକ୍ଷା ହ୍ରାସ କରାଯାଇଛି । କିନ୍ତୁ ଧାନ ଉଠାଣ ସ୍ୱାଭାବିକ ଚାଲିଛି । ଚାଷୀ ଯେଭଳି କଟ୍‌ନୀଛଟ୍‌ନୀର ସମ୍ମୁଖୀନ ନ ହେବେ, ସେଥିପ୍ରତି ନଜର ରଖାଯାଇଛି । ସେଭଳି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ ।

# ମାର୍କେଟରେ ଧାନ ଏଣ୍ଟ୍ରି ବନ୍ଦ



ସାଲେପାଲି ମାର୍କେଟରେ ଧାନକୁ ପଲିଥିନରେ ଘୋଡ଼ାଇ ରଖାଯାଇଛି ।

**ଭେଡ଼େନ, ୧୩।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଧାନ ଅମଳ ଜୋରସୋର ଚାଲିଥିବା ବେଳେ ଲଘୁଚାପ ଜନିତ ମେଘୁଆ ପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବୁଧବାର ଠାରୁ ମେଘୁଆ ପାଗ ଲାଗି ରହିଥିବା ବେଳେ ଗୁରୁବାର ସାମାନ୍ୟ ବର୍ଷା ହୋଇଛି । ଅପରପକ୍ଷେ ମାର୍କେଟ ୟାର୍ଡ଼ ଗୁଡ଼ିକରେ ଧାନ ଏଣ୍ଟ୍ରି ବୁଧବାର ଠାରୁ ବନ୍ଦ ରଖାଯାଇଛି । ଫଳରେ ଚାଷୀମାନେ କ୍ଷେତ ଓ ଖଳାରେ ଅମଳ ଧାନକୁ ସୁରକ୍ଷିତ ଭାବେ ରଖିବା ପାଇଁ ପଲିଥିନ କିଣାରେ ବ୍ୟସ୍ତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ମାର୍କେଟ ମାନଙ୍କରେ ଖୋଲାରେ ଥିବା ଧାନ ସବୁକୁ ବିକ୍ରି କରିବା ପରେ ନୂତନ ଧାନ କିଣାଯିବାକୁ ମାର୍କେଟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏପରି ଅବସ୍ଥା ଆଉ କିଛି ଦିନ ଲାଗି ରହିବାର ସମ୍ଭାବନା ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି ।

# ଶୁଖିଲା ପଡ଼ିଛି ଜୀରା ନଦୀ



ଜୀରା ନଦୀରେ ଜଳଯୋଗାଣ ପାଇଁ ଅସ୍ଥାୟୀ ବାଲି ବନ୍ଧ କରାଯାଇଛି ।

**ଭେଡ଼େନ, ୧୩।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସଦର ଗାଁ ଭେଡ଼େନର ଦୁଇ ପଟରେ ଦନ୍ତା ଓ ଜୀରା ନଦୀ ପ୍ରବାହିତ ହୋଇଛି। ଏହାସତ୍ତ୍ୱେ ଏହି ଗାଁରେ ପାନୀୟ ଜଳ ସମସ୍ୟା ସର୍ବଦା ଲାଗି ରହିଛି । ଦନ୍ତା ନଦୀ ପଟରୁ ଭେଡ଼େନର ପୁରୁଣା ବସ୍ତିକୁ ଜଳ ଯୋଗାଣ ପାଇଁ ହୋଇଥିବା ବ୍ୟବସ୍ଥା ଏବେ ବିଫଳ ହୋଇଛି । ଏହି ପଟରୁ ଇନଟେକ ୱେଲ ଭାଙ୍ଗି ଯାଇଥିବାରୁ ଜଳଯୋଗାଣ ହୋଇପାରୁନାହିଁ । ଏହାର ମରାମତି ଆଉ ସମ୍ଭବ ହୋଇ ନ ଥିବାରୁ ଏହାକୁ ନୂତନ ଭାବେ କରିବାକୁ ସ୍ଥାନୀୟ ସରପଞ୍ଚ ଜଳଯୋଗାଣ ବିଭାଗକୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଅପରପକ୍ଷରେ ଜୀରା ନଦୀ ବର୍ତ୍ତମାନ ଶୁଖିଲା ପଡ଼ିଥିବାରୁ ପାଣିଧାର ନାହିଁ। ଏଣୁ ପମ୍ପ ଯୋଗେ ଜଳଯୋଗାଣ ସମ୍ଭବ ହୋଇପାରୁନାହିଁ। ପଞ୍ଚାୟତ ପକ୍ଷରୁ ନଦୀରେ ବାଲିବନ୍ଧ

### ଜଳଯୋଗାଣରେ ସମସ୍ୟା

କରି ପାଣିକୁ ଅଟକାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଆଗକୁ ଖରା ମାସରେ ଏହି ସମସ୍ୟା ଆହୁରି ଉତ୍କଟ ରୂପ ନେବାର ଆଶଙ୍କା ରହିଛି। ତେଣୁ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଖୁବଶୀଘ୍ର ବିକଳ୍ପ ବ୍ୟବସ୍ଥା କରିବାକୁ ଭେଡ଼େନ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ



### କୁଜାପାଲିରେ ବିଶ୍ୱଶାନ୍ତି ମହାଯଜ୍ଞ

**ଜାମଟିକ୍ରା, ୧୩।୧୨ (ଡି.ଏନ.ଏ):** ଅତାବିରା ବ୍ଲକ କୁଜାପାଲି ଗ୍ରାମରେ ବିଶ୍ୱାଶନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ମହାଯଜ୍ଞରେ ୧୧ ଯୋଡି ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ମହିଳାମାନେ ଗୋଡଭଗା ଶିବ ମନ୍ଦିର ପୋଖରୀରୁ ପୂର୍ଣ୍ଣଜଳ କଳସ ଧରି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୂତି ପଡିବ। ପଦ୍ମପାଣି ମହାପାତ୍ର ଓ ସାଥି ପୂଜା ପରିଚାଳନା କରିଥିଲେ । ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ଜିଲା ପରିଷଦ ସଭ୍ୟା ମୀରା ବଘାର ଅତିଥି ଭାବେ ଯୋଗ ଦେଇଥିଲେ ।

### ଶିଶୁ ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର

**ପଦ୍ମପୁର, ୧୩।୧୨ (ଡି.ଏନ.ଏ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃରୁ ସମସ୍ତ ଶିଶୁ ଧର୍ମଗ୍ରନ୍ଥ ପାଲିଙ୍କି ବୋହି ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରି ଶିଶୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୁବରାଜ ପ୍ରଧାନ ସେମାନଙ୍କୁ ସ୍ୱାଗତ କରିଥିଲେ । ପରେ ବୈଦିକ ଯଜ୍ଞ ହୋଇଥିଲା । ଗୁରୁଜୀ ଅନ୍ତର୍ଯାମୀ ମେହେର ପୌରୋହିତ୍ୟ କରିଥିବା ବେଳେ ନବକିଶୋର ବରିହା, ଭାଗବତିଆ ବଗର୍ତ୍ତି, ବିରେନ୍ଦ୍ର ପ୍ରଧାନ, ବଦ୍ରିନାରାୟଣ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ୧୦୮ ସରସ୍ୱତୀ ବୀଜମନ୍ତ୍ର ଜପ ପରେ ଖଡିଛୁଆଁ ହୋଇଥିଲା । ସଭାପତି ଦ୍ୱାଦଶ କୁମାର ପ୍ରଧାନ ଦୀପ ପ୍ରଜ୍ୱଳନ କରିଥିଲେ ।

### ଦୁର୍ଘଟଣା ଆହତଙ୍କ ଚିକିତ୍ସା ପାଇଁ ସହାୟତା

**ଅତାବିରା/ ଭେଡେନ, ୧୩।୧୨ (ଡି.ଏନ.ଏ):** ବରଗଡ-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ପିସି ବ୍ରିଜ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ଅନନ୍ତ ମଲିକ ଦୀର୍ଘ ୩ମାସ ହେଲା ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଖଟିଆରେ ପଡିରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଖବର ପାଇ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ତାଙ୍କ ପରିବାର ଲୋକଙ୍କୁ ଧରି ବରଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭେଡେନ ବିଡିଓ ମୁରଲିଧର ନାୟକ, ବକଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଦାସ ଅନନ୍ତ ମଲ୍ଲିକଙ୍କ ବାସଭବନକୁ ବୁଧବାର ପହଞ୍ଚି ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ରାଶି ଆହତଙ୍କ ପିତା ଦିଲୀପ ଭୋରାସାଗରଙ୍କୁ ପ୍ରଦାନ କରିଛନ୍ତି ।



### ଆର୍ତ୍ତତ୍ରାଣ ଏଥର ଉଗ୍ରସେନ

**ବରଗଡ଼ ଅଫିସ୍, ୧୩।୧୨:** ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏଥର ତୁରୁଙ୍ଗା ନିବାସୀ ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ ଭୂମିକାରେ ଅଭିନୟ କରିବେ। ଗତ ଧନୁଯାତ୍ରାବେଳେ ସେ ରିହର୍ସଲ କରିସାରିଥିଲେ ମଧ ମହୋତ୍ସବ ପୂର୍ବରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଫଳରେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଉଗ୍ରସେନ ଭୂମିକାରେ ଅଭିନୟ କରିଥିଲେ । ବରଡ଼ୋଲ ଭିଏଏସଏସ ହାଇସ୍କୁଲରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଆର୍ତ୍ତତ୍ରାଣ ଦୀର୍ଘ ୧୦ବର୍ଷ ଧରି ବରଗଡ଼ ଧନୁଯାତ୍ରାରେ ଅଭିନୟ କରିଆସୁଛନ୍ତି । ସେହିପରି ଗୋପପୁର ଯାତ୍ରାରେ ଯଶୋଦା କଳାକାର ଏଥର ବଦଳୁଥିବା ସୂଚନା ମିଳିଛି ।

# ଭୀମ୍‌ସାର ନିର୍ଦ୍ଦେଶକଙ୍କ ସମର୍ଥନରେ ଗଣଧାରଣା

**ଜାମଟିକ୍ରା/ଅତାବିରା, ୧୩।୧୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ (ଭୀମ୍‌ସାର) ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାହାରୀଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଯିବା ବିରୋଧରେ ଗୁରୁବାର ଅତାବିରା ତହସିଲ ଛକ ସ୍ଥିତ ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ନିର୍ଦ୍ଦେଶକଙ୍କ ସମର୍ଥନରେ ଗୁରୁବାର ୧୧ଟାରୁ ଗଣଧାରଣା ଓ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଧାରଣା ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅତାବିରା ବଣିକ ସଂଘ, ଓକିଲ ସଂଘ, ଯାଦବ ସଙ୍ଗଠନ, କୁଲତା ସମାଜ ଓ ବହୁ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇ ନିର୍ଦ୍ଦେଶକଙ୍କୁ ଛୁଟିରେ ପଠାଇବା ନିଷ୍ପତ୍ତି ରାଜ୍ୟ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଥିଲେ । ଏହି ଗଣଧାରଣାରେ ବରିଷ୍ଠ ନାଗରିକ କମିଟି ସଭାପତି ବେଣୁଧର ମିଶ୍ରଙ୍କ ସମେତ ଯାଚକେଶ୍ୱର ପଧାନ, ଓକିଲ ସଂଘ ସଭାପତି ତ୍ରିଲୋଚନ ବେହେରା, ଉପସଭାପତି ଉନ୍ନି ନାୟାର, ରାଜେଶ ପାଢ଼ୀ, ପୂର୍ବତନ ବିଧାୟକ କୁମର ବେହେରା, ପୂର୍ବତନ ଅତାବିରା ଏନଏସି ଅଧ୍ୟକ୍ଷା ସୁନୀତା ବାଗ ପ୍ରମୁଖ ଯୋଗ ଦେଇଥିଲେ।




ଭୀମ୍‌ସାର୍ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ହୋଇଥିବା ଅନ୍ୟାୟ ପ୍ରତିବାଦରେ ଅତାବିରା ତହସିଲ ଅଫିସ ନିକଟରେ ଗଣଧାରଣା ଚାଲିଛି ।

# ଟ୍ରଷ୍ଟଫଣ୍ଡ କଲେଜରେ ସ୍ୱଚ୍ଛତା ଅଭିଯାନ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ସ୍ଥାନୀୟ ୟୁଥ୍ ରେଡ଼କ୍ରସ ପକ୍ଷରୁ ବୁଧବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନୀଲ ଅଗସ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର କଲେଜ ପରିସର ସଫେଇ କରିଥିଲେ । ଅଧ୍ୟକ୍ଷ ସରୋଜ କୁମାର ଦେବତା, ସଞ୍ଜୀବ କୁମାର ଦାଶ, ସ୍ୱାଧୀନ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏଥିରେ କଲେଜର ସମସ୍ତ ଛାତ୍ରୀଛାତ୍ର ସାମିଲ ଥିଲେ।

# ଅସହାୟଙ୍କୁ କାନ୍ଧ ଦେଲା ବିଜୁ ଯୁବ ବାହିନୀ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ସହର ଉପକଣ୍ଠ ଖଲିଅପାଲି ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ରହୁଥିବା ଜଣେ ଅସହାୟ ଲୋକଙ୍କ ଶବକୁ ସ୍ଥାନୀୟ ବିଜୁ ଯୁବ ବାହିନୀର ସଦସ୍ୟମାନେ ସତ୍କାର କରିଥିଲେ । ଖଲିଅପାଲି ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ଏକ କୁଡ଼ିଆ ଘରେ ଅସହାୟ ବ୍ୟକ୍ତି ଜଣକ ରହୁଥିଲେ । ସେ ନିଜକୁ ସାଇବାବା ନାମରେ ପରିଚୟ ଦେଉଥିଲେ ହେଁ ତାଙ୍କ ସହିତ କେହି ଆତ୍ମୀୟସ୍ୱଜନ ରହୁ ନ ଥିଲେ । ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଶବ ସତ୍କାର ପାଇଁ କେହି ନ ବାହାରିବାରୁ ସ୍ଥାନୀୟ ବରଡ଼ୋଲ, ଖଲିଆପାଲି ବିଜୁ ଯୁବ ବାହିନୀର ସଦସ୍ୟମାନେ ମୃତକଙ୍କ ଶବ ସତ୍କାର କରିଥିଲେ । ଯୁବ ବାହିନୀର ରାଜେନ୍ଦ୍ର ମେହେର, ପ୍ରଶାନ୍ତ କୁମ୍ଭାର, କିରଣ ତାଣ୍ଡୀ, ରମେଶ ମେହେର, ଇଗ୍ନେଶ ଏକ୍କା ପ୍ରମୁଖ ସହଯୋଗ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ବିଜୟ ଲାକ୍ରା ଏବଂ ସମିତିସଭ୍ୟ ମନୋଜ ହାଜିରା ଉପସ୍ଥିତ ଥିଲେ ।



ବିଜୁ ଯୁବ ବାହିନୀ ସଦସ୍ୟମାନେ ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ନେଉଛନ୍ତି ।

# ରାମକୃଷ୍ଣଙ୍କୁ ୱାର୍ଲ୍ଡ କ୍ରାଫ୍ଟ କାଉନସିଲ ଆୱାର୍ଡ

**ବରଗଡ଼ ଅଫିସ୍, ୧୩।୧୨**

ସମ୍ବଲପୁରୀ ବାନ୍ଧଶାଢ଼ୀକୁ ଆନ୍ତର୍ଜାତୀୟ ମାନ୍ୟତା ଦେଇ ବରଗଡ଼ର ରାମକୃଷ୍ଣ ମେହେରଙ୍କୁ ୱାର୍ଲ୍ଡ କ୍ରାଫ୍ଟ କାଉନସିଲ ଚଳିତବର୍ଷ ପାଇଁ ଆୱାର୍ଡ଼ ଅଫ୍ ଏକ୍ସେଲେନ୍ସ ପ୍ରଦାନ କରିଛି । ଉକ୍ତ ପୁରସ୍କାର ପାଇଁ ଏକ ଜୁରୀ ଗଠନ ହୋଇଥିଲା । ତାଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଇକତ୍ ଶାଢ଼ିର ଉତ୍କର୍ଷତା, ପ୍ରାମାଣିକ ସତ୍ୟତା, ନୂତନତ୍ୱ ଓ ବିପଣନକୁ ଅନୁଧ୍ୟାନ କରିବା ସହିତ ମୂଳସର୍ତ୍ତ ଏବଂ ସାମାଜିକ ଦାୟିତ୍ୱବୋଧତାକୁ ବିଚାରକୁ ନେଇ ତାଙ୍କୁ ସେଥିପାଇଁ ମନୋନୀତ କରି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ମେହେର ଜଣାଇଛନ୍ତି। ୱାର୍ଲ୍ଡ କ୍ରାଫ୍ଟ କାଉନସିଲର ଆଞ୍ଚଳିକ କାର୍ଯ୍ୟାଳୟ, କୁଏତ୍‌ରୁ ତାଙ୍କ ପାଖକୁ ସେ ସମ୍ପର୍କିତ ପ୍ରମାଣପତ୍ର ବୁଧବାର ପହଞ୍ଚିଥିବା ସେ କହିଛନ୍ତି । ଏହା ପୂର୍ବରୁ ମେହେର ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି ।



ରାମକୃଷ୍ଣ ମେହେର ।

# ଧାରଣାରେ ବିଧାୟକ ସାମିଲ

**ବରଗଡ଼ ଅଫିସ୍, ୧୩।୧୨**

ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ପକ୍ଷରୁ ବରଗଡ଼ କୋର୍ଟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣାକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମର୍ଥନ ଜଣାଇଛନ୍ତି। ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରମୁଖ ଧାରଣାସ୍ଥଳକୁ ଆସି ଏଥିରେ ସାମିଲ ହୋଇଥିଲେ । ସ୍ଥାନୀୟ ଅଟୋରିକ୍ସା ମାଲିକ ସଂଘ ମଧ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା । ଶୁକ୍ରବାର ଏହି ଦାବି ନେଇ ପଶ୍ଚିମଓଡ଼ିଶାର ଓକିଲ ସଂଘ ସମୂହ ବରଗଡ଼ରେ ଏକାଠି ହୋଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେବାର କାର୍ଯ୍ୟକ୍ରମ ରହିଛି ।

# ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ



ପୋଡ଼ିଥିବା ଧାନଗଦା ନିକଟରେ କ୍ଷତିଗ୍ରସ୍ତ ଚାଷୀ ।

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଜିଲା କୁଣ୍ଡାଖାଇ ଗ୍ରାମର ନିରଞ୍ଜନ ଧରୁଆଙ୍କ ଏକ ଧାନଗଦା (ଧାନଖରି)ରେ ବୁଧବାର ରାତ୍ରିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ପ୍ରାୟ ୧୮ଏକର ଜମିର ଧାନ ପାଉଁଶ ପୋଡି ହୋଇଯାଇଛି। ସେଥିରୁ ପ୍ରାୟ ୨୦୦ କୁଇଣ୍ଟାଲ ଧାନ ଅମଳ ହୋଇଥାନ୍ତା ବୋଲି ଆକଳନ କରାଯାଉଛି। ଦମକଳ ଗାଡ଼ି ପହଞ୍ଚିବାବେଳକୁ ସବୁ ପୋଡ଼ି ଛାରଖାର୍ ହୋଇ ସାରିଥିଲା ।

## ■ ଚିନିକଳ କର୍ମଚାରୀଙ୍କ ସମସ୍ୟା

# ଜିଲାପାଳଙ୍କୁ ଫେରାଦ ହେଲା ଆପ୍

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ସମବାୟ ଚିନିକଳ କର୍ମଚାରୀଙ୍କ ସମସ୍ୟା ନେଇ ଗୁରୁବାର ଆମ୍ ଆଦମୀ ପାର୍ଟି(ଆପ୍)ର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଚିନିକଳ କର୍ମଚାରୀମାନେ ଗତ ୨୧ମାସର ଦରମା ପାଇନାହାନ୍ତି । ଫଳରେ ସେମାନଙ୍କ ପରିବାରକୁ ବହୁ ଅସୁବିଧାରେ ଜୀବନ ଅତିବାହିତ କରିବାକୁ ପଡୁଛି । ଦରମା ପ୍ରଦାନ କରା ନ ଯିବା ପ୍ରତିବାଦରେ ଚିନିକଳ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି । ଏହାସତ୍ତ୍ୱେ ସେମାନଙ୍କ ଦରମା ପ୍ରଦାନ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ବିଡ଼ମ୍ବନାର ବିଷୟ ବୋଲି ଆପ୍ ପ୍ରତିନିଧିମାନେ କହିଛନ୍ତି । ଆସନ୍ତା ସପ୍ତାହକ ମଧ୍ୟରେ ଚିନିକଳ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦରମା ପ୍ରଦାନ କରା ନ ଗଲେ ଆପ୍ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବ ବୋଲି ଆପ୍‌ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ପତି, ଅସିତ୍ ସାହୁ ପ୍ରମୁଖ ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି ।




ଆପ୍ ପ୍ରତିନିଧିମାନେ ଅତିରିକ୍ତ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି ।



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍‌ସପିଅର



# ଗୁଡ୍ ନ୍ୟୁଜ ଇଣ୍ଡିଆ ହୋମ୍‌ରେ ଛାନ୍‌ଭିନ୍

**ବୌଦ୍ଧ,୧୩।୧୨(ସ୍ୱ.ପ୍ର.)**

ଢେଙ୍କାନାଳର ଶେଲଟର ହୋମରେ ଅନ୍ତେବାସୀଙ୍କ ଯୌନଶୋଷଣ ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ବେଆଇନ ଭାବରେ ଚାଲିଥିବା ଏହି ଅନୁଷ୍ଠାନ ଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟ ରଜନିକାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୌଦ୍ଧ ଜିଲାରେ ଅବସ୍ଥିତ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ଗୁଡିକ ନିରୀକ୍ଷଣରେ ଆସି ପରିଦର୍ଶନ କରିଥିଲେ । ଏହି ଟିମ୍‌ରେ ଅନ୍ୟତମ ସଦସ୍ୟା ଭାବେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନ୍ଦାକିନି କର ଥିଲେ। ବୌଦ୍ଧର ରାମକୃଷ୍ଣ ବାଳାଶ୍ରମ ବିରନରସଂହପୁର,



ବୌଦ୍ଧଠାରେ ଥିବା ଶେଲ୍‌ଟର ହୋମ।

ବୁଟୁପାଲିସ୍ଥିତ ହାରଭେଷ୍ଟ ବ୍ଲେସିଂ ହୋମ ଓ ଗୁଡ ନ୍ୟୁଜ ଇଣ୍ଡିଆ ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନରେ ଯାଇ ଶିଶୁମାନଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ଶିଶୁଯତ୍ନ ଅନୁଷ୍ଠାନ ଗୁଡିକର ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ ଓ ଶିଶୁମାନଙ୍କ ପାଇଁ ଥିବା ଯତ୍ନର ମାନଦଣ୍ଡ ଗୁଡିକୁ ତଦାରଖ କରିଥିଲେ । ପରେ ଏହି କମିଟି ବୁଟୁପାଲି ପ୍ରାଥମିକ ବିଦ୍ୟାଳୟ ଓ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ହରେକୃଷ୍ଣପୁର ପରିଦର୍ଶନ କରି ଶିଶୁମାନଙ୍କ ସହ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କମିଟି ସେମାନଙ୍କର ପରିଦର୍ଶନ ବିବରଣୀ ଅଧକ୍ଷ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗକୁ ଦେବେ ବୋଲି ପ୍ରକାଶ କରିଥିଲେ । ପରିଦର୍ଶନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ, ସଦସ୍ୟ ସୀତାକାନ୍ତ ସାହୁ, ରାଧାକାନ୍ତ ବାଘ ଓ ସଦସ୍ୟା ଅନୁସୟା ହୋତା, ସମାଜ ମଙ୍ଗଳ ଅଧିକାର ବିନୋଦ ଚନ୍ଦ୍ର ନାଏକ, ଲିଗାଲ ପ୍ରବେସନ ଅଧିକାରୀ ସମରସେନ ସିଂ, ପରାମର୍ଶଦାତା ବସନ୍ତ ଦିସିରି ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ମନମୁଣ୍ଡା,୧୩।୧୨(ଡି.ଏନ.ଏ.)

ସରସ୍ୱତୀ ଶିଶୁ ମନ୍ଦିର ବିଳାସପୁରର ଅଷ୍ଟମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାକୁ ବିଳାସପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳୀ ଖମାରୀ ଉଦ୍‌ଘାଟନ କରିଥିଲେ । ଶିଶୁବାଟିକା ଓ ଶିଶୁ ମନ୍ଦିର ବିଭାଗର ୨୪୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ବର୍ଗରୁ ଆଲୋକ କର୍ଣ୍ଣ, ସୋନାଲିରାଣୀ ମିର୍ଦ୍ଧା, ନମିତା ସାହୁ, ସ୍ୱରୂପ ନାଏକ ଓ ପ୍ରିୟଦର୍ଶନୀ ମେହେର ପୁରସ୍କୃତ ହୋଇଥିଲେ । ବାଟିକା ବିଭାଗର କଲ୍ୟାଣ ନାଏକ, ଗୌରୀଶଙ୍କର ଦନାଏକ, ଗୁରୁମା ସଙ୍ଗୀତା ମେହେର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ କୃପାସିନ୍ଧୁ ବଘାର ସ୍ୱାଗତ ଭାଷଣ ଓ ବୃତ୍ତିକଥନ କରିଥିବାବେଳେ ଗୁରୁମା ପଦ୍ମିନୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ପୂର୍ବତନ ସଭାପତି ଯୋଗେଶ୍ୱର ବଗ୍ତିଆ, ସଭାପତି ସୁଦାମ ଚରଣ ଖମାରୀ, ଉପସଭାପତି ସରୋଜ କୁମାର ସାହୁ, କୋଷାଧକ୍ଷ ସୁରେନ୍ଦ୍ର ରଣା, ସମ୍ପାଦକ ହିତେନ୍ଦ୍ରଭୂଷଣ ମେଣ୍ଡିଲିଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା ।



କ୍ରୀଡା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଡୁଙ୍ଗୁରିପାଲିରେ ପହଞ୍ଚିଲା ରଞ୍ଜନଙ୍କ ପଦଯାତ୍ରା

**ଡୁଙ୍ଗୁରିପାଲି, ୧୩।୧୨(ଡି.ଏନ.ଏ.)** ଟିଟିଲାଗଡକୁ ଜିଲାର ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ରଞ୍ଜନ ଖୁଆସଙ୍କ ପଦଯାତ୍ରା ଗୁରୁବାର ଡୁଙ୍ଗୁରିପାଲିରେ ପହଞ୍ଚିଛି। ଏହି ଅବସରରେ ତାଙ୍କୁ ଡୁଙ୍ଗୁରିପାଲିରେ ସ୍ୱାଗତ କରାଯାଇଛି । ଶଙ୍ଖାଳି ସାହୁ, ଅମ୍ଲାନ ବାରିକ, ସୁରୁବାବୁ ନନ୍ଦ, ଭକ୍ତ ପଧାନ, ଶଶାଙ୍କ ଶିଖର ସିଂଦେଓ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି । ଶୁକ୍ରବାର ସକାଳେ ସେ ପୁଣି ତାଙ୍କ ଯାତ୍ରା ଆରମ୍ଭ କରିବେ । ଟିଟିଲାଗଡର ରଞ୍ଜନ ଖୁଆସ ଟିଟିଲାଗଡ କୁମୁଡା ପାହାଡ ଶିବ ମନ୍ଦିରଠାରୁ ଗତ ସୋମବାର ପଦଯାତ୍ରା ବାହାରି ଥିଲେ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

**ବୌଦ୍ଧ/ପୁରୁଣାକଟକ,୧୩।୧୨(ସ୍ୱ.ପ୍ର.):** ବୌଦ୍ଧର ବରିଷ୍ଠ ଖବରଦାତା, କବି, ଶିଶୁ ସାହିତ୍ୟିକ ରାମଚନ୍ଦ୍ର ପଣ୍ଡାଙ୍କ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ପରଲୋକ ହୋଇଛି। ଜିଲା ଖବରଦାତା ସଂଘର ବରିଷ୍ଠ ସଦସ୍ୟ ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ସଂଘ କାର୍ଯ୍ୟାଳୟଠାରେ ସଭାପତି ସମ୍ପଦ ଅଗ୍ରୱାଲାଙ୍କ ଅଧକ୍ଷତାରେ ଏକ ଶୋକସଭା ଆୟୋଜନ କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ସେ ଦୀର୍ଘଦିନ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ରାମଚନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକଟ କରିଥିବାବେଳେ ବିଭିନ୍ନ ଜିଲା ସଂଘ ପକ୍ଷରୁ ମଧ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ବୌଦ୍ଧ ଜିଲା ଖବବରଦାତା ସଂଘଠାରେ ସଂଘର ସମ୍ପାଦକ ଶଶାଙ୍କ ଶେଖର ମିଶ୍ର, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ରାଉତ, ଦେବାଶିଷ ପୁରୋହିତ, ମନୋରଞ୍ଜନ ଦାଶ, ପ୍ରମୋଦ ବାଘ, ବିଶ୍ୱଜିତ ପୃଷ୍ଟି, ଅଜିତ ବାରିକ, ପ୍ରଣତି ପଣ୍ଡା, ସଜ୍ଜନ ଅଗ୍ରୱଲା, ଧବଳେଶ୍ୱର ମହାପାତ୍ର, ରବୀନ୍ଦ୍ର ପଟ୍ଟନାୟକ, ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

**ସିଂଘିଯୁବା,୧୩।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାଙ୍କିଘିର୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ଅରିଗାଁ ଗ୍ରାମ ଯାତ୍ରା ପଡିଆଠାରେ ୧୩ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ଡିଏସ୍‌ପି ମନୋରଞ୍ଜନ ପଧାନ, ବିନିକା ଥାନାଧିକାରିଣୀ କଲ୍ୟାଣୀ ବେହେରା, ଯୁବ ସଂଗଠକ ବାବୁଲୁ ବିଶି ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଧନୁଯାତ୍ରା କମିଟିର ସଭାପତି ବିଶ୍ୱ ମିଶ୍ର ସଭାପତିତ୍ୱ କରିଥିବାବେଳେ ସଂଯୋଜନା କରିଥିଲେ ହିମାଂଶୁ ଶେଖର ପଣ୍ଡା । ସମ୍ବଲପୁର ରାଜବଗିଚା, ବାଲିବନ୍ଧର ସୁ-ପ୍ରସିଦ୍ଧ ପଶ୍ଚିମ ଓଡିଶା ଲୋକଗୀତ କଣ୍ଠଶିଳ୍ପୀ ପଦ୍ମିନି ଦୋରାଙ୍କର ଦ୍ୱାରା ପରିବେଶିତ କାହ୍ନୁ ଡାକ୍ ଦେଶୀ ଗୀତର ମଜା ନେଇଥିଲେ ଦର୍ଶକ ।

ବୀରମହାରାଜପୁର କଲେଜରେ ଓଡ଼ିଆ ଭାଷାସାହିତ୍ୟ ସଂପାନ

# ଓଡ଼ିଆ ପୁରାଣ-ସାହିତ୍ୟ ଓଡ଼ିଆ ଜାତିର ଜୀବନବେଦ

**ବୀରମହାରାଜପୁର, ୧୩।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଓଡିଆ ପୂରାଣ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ଡ. ହିମାଂଶୁ ଶେଖର ପାଢୀ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ସୂର୍ଯ୍ୟନାରାୟଣ ପଣ୍ଡା ସଂପାନର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ଅଧାପକ ସଞ୍ଜୟ କୁମାର ପଧାନ, ପ୍ରକାଶ କୁମାର ସେଠ୍ ଓ ଅଧାପିକା ଯାମିନୀ ଦାଶ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ତଥା ଆଲୋଚକମାନଙ୍କ ମତ ଥିଲା ଯେ ପୁରାଣ ସାହିତ୍ୟ ଭିତରେ ସମଗ୍ର ମଣିଷ ଜାତିର ଜୀବନ ଧାରା ପ୍ରତିଫଳିତ ହୋଇଥିବାରୁ ଯଥାର୍ଥରେ ଓଡିଆ ପୁରାଣ ସାହିତ୍ୟ ହିଁ ଓଡିଆ ଜାତିର ଜୀବନ ବେଦ ପଦବାଚ୍ୟ। ଉକ୍ତ ସଂପାନରେ ଓଡିଆ ସମ୍ମାନର ୧୦ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିବା ସଙ୍ଗେ ସଙ୍ଗେ ଆଲୋଚନା ମଧ କରିଥିଲେ। ଅଧାପିକା ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




ଓଡ଼ିଆ ପୁରାଣ ସାହିତ୍ୟ ଉପରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ମନମୋହିଲା ନାଟକ ବଂଶୀ ବିଳପିଲା ଯମୁନାତଟେ

**ବୌଦ୍ଧ,୧୩।୧୨(ସ୍ୱ.ପ୍ର.)**

ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବର ଗୁରୁବାର ଚତୁର୍ଥ ଦିବସ। ସ୍ଥାନୀୟ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଚାଲିଥିବା ଏହି ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ ଚଳିତ ବର୍ଷ ୮ଦିନ ହେବାକୁ ଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ ନାଟକ ବଂଶୀ ବିଳପିଲା ଯମୁନାତଟେ ମଞ୍ଚସ୍ଥ ହୋଇଛି । ନାଟକ ପ୍ରାରମ୍ଭରେ ନିର୍ବାକ ନୃତ୍ୟ ନାଟିକା, କେଶବ ଧୃତ, ନରହରି ରୂପ, ଜୟ ଜଗଦୀଶ ହରେ ଦର୍ଶକଙ୍କୁ ଦେଖିବା ପାଇଁ ବାନ୍ଧି ରଖିଥିଲା । ଏହି ନୃତ୍ୟ ନାଟିକାଟି ନୃସିଂହଙ୍କ ଉପରେ ଆଧାରିତ ଅଟେ। ଯାତ୍ରା ପଡିଆଠାରେ ମୀନାବଜାର ଓ ବାଣିଜ୍ୟମେଳା ଅନୁଷ୍ଠିତ ହେଉଛି। ଆଜିର ନାଟକରେ ପ୍ରମୁଖ ଭୂମିକାରେ ହରିଶଙ୍କର ମେହେର, କମ୍ଭୁ ସାହୁ, ବାଦଲ ସାହୁ, ବୃନ୍ଦାବନ ମେହେର, ନାରାୟଣ ରଣା, ପୀତବାସ ମେହେର, ବିଶ୍ୱରଞ୍ଜନ ସାହୁ, ସନୁବାରିକ, ବଷ୍ଟୁବନଛର ଓ ଶତୃଘ୍ନ କହଁର ଅଭିନୟ କରିଥିଲେ । ଏହି ନାଟ୍ୟସୋବ ବୌଦ୍ଧର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ପରିବେଷିତ ହେଉଛି ।

# ବିଭିନ୍ନ ସ୍ଥାନରେ କୁରାଳ ପଞ୍ଚମୀ

ଘଣ୍ଟାପଡା/ଜହ୍ନାପଙ୍କ, ୧୩।୧୨(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଲୁଣ୍ଡୁରୁବାହାଲ ଗ୍ରାମରେ ବରଗାଁ ଗ୍ରାମ ପଞ୍ଚାୟତ ଓ ନାରାୟଣପ୍ରସାଦ ଗ୍ରାମ ପଞ୍ଚାୟତର ସମସ୍ତ କୁରାଳ ସମାଜ ଦ୍ୱାରା ରୁଦ୍ରପାଳ ମା'ରତ୍ନେଶ୍ୱରୀଙ୍କ ପୂଜୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ନବମବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ମଙ୍ଗଳବାର କଳସଯାତ୍ରା ଆରମ୍ଭ କରି ଅଧିବାସ କରିଥିଲେ । ବୁଧବାର କୁରାଳ ପଞ୍ଚମୀରେ ଇଷ୍ଟଦେବାଦେବୀଙ୍କୁ ପଣ୍ଡିତ ସୁରେଶ ପାଣିଗ୍ରାହୀଙ୍କ ପୌରହିତ୍ୟରେ ପୂଜା ଓ ପାରାୟଣ ଗାନ କରିଥିଲେ । ସନ୍ଧ୍ୟାରେ ବଡଜୋର ଓ ଦେଢ଼େଣମାଲ ମଧରେ ସଂକୀର୍ତ୍ତନ ବୈଠକ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ତଥା ଆଦିବାସୀ ନେତା ସାମନ୍ତ ମାଝୀ ଯୋଗଦେଇ ବ୍ରତଧାରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସଂକୀର୍ତ୍ତନ୍ୟ ଦଳଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସେହିପରି କର୍ତ୍ତା ଦୀନମଣି ରଣା, କର୍ତ୍ତୀ ପଦ୍ମମୁଖୀ ରଣା ଦାୟିତ୍ୱ ତୁଲାଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ । କୁଲୁଡାଯୋର ଗ୍ରାମ ପଞ୍ଚାୟତ ଅଧୀନ ବରପଦର ଗ୍ରାମରେ ସ୍ଥାନୀୟ କଣ୍ଟାମାଳ ବିଧାୟକଙ୍କ ନେତୃତ୍ୱରେ କୁମ୍ଭକାର ସମାଜ ଦ୍ୱାରା କୁରାଳ ପଞ୍ଚମୀ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସେହିପରି ପଦ୍ମନପୁର ପଞ୍ଚାୟତର ବଡଖଲିଗାଁ କୁମ୍ଭକାରମାନଙ୍କ ପକ୍ଷରୁ କୁରାଳ ପଞ୍ଚମୀ ପାଳିତ ହୋଇଯାଇଛି । ଏହି ପୂଜାରେ ରାମଚନ୍ଦ୍ର ତ୍ରିପାଠୀ ପୁରୋହିତ କାର୍ଯ୍ୟ କରିଥିବାବେଳେ ଭୀମସେନ ରଣା ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ରଣା କର୍ତ୍ତାରୂପେ କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ଗାୟକ ରାଜେନ୍ଦ୍ର ତ୍ରିପାଠୀ ଲକ୍ଷ୍ମୀନାରାୟଣଙ୍କ ବ୍ରତ କଥା ଭକ୍ତମାନଙ୍କୁ ପଢ଼ି ଶୁଣାଇଥିଲେ । ଏଥିରେ ଉମ୍ବରୁଗାଡ ମଠ ମହନ୍ତ ଗିରିବର ଦାସ ମହାରାଜ ଓ ଅଯୋଧ୍ୟା ଗୁଜରାଟ (ରାଜସ୍ଥାନ) ଏବଂ ବୃନ୍ଦାବନରୁ ୨୧ଜଣ ସାଧୁ ମହନ୍ତ ଯଜ୍ଞ ଅନୁଷ୍ଠାନରେ ଯୋଗଦେଇଥିଲେ । ମୟସେନ ରଣା, ବିଦ୍ୟୁତ ରଣା, ମହେନ୍ଦ୍ର ରଣା, ରାମଚନ୍ଦ୍ର ରଣା, ସୁରୁବାବୁ ରଣା, ଭଗବାନ ରଣା, ରମ୍ଭୁ ରଣା, ଯଜ୍ଞ ରଣା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ପିସି ବିରୋଧରେ ଭାଜପାର ହରତାଳ

ସୋନପୁର,୧୩।୧୨(ନି.ପ୍ର.)




ଭାଜପା ପକ୍ଷରୁ ଆର୍‌ଡି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଯୁବକଙ୍କୁ ରୋଜଗାର ଓ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟରେ ପର୍ସେଣ୍ଟେଜ୍(ପିସି) ବିରୋଧରେ ଭାଜପା ପକ୍ଷରୁ ଗୁରୁବାର ହରତାଳ କରାଯାଇଥିଲା। ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ସରକାର ବିରୋଧି ନାରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାରୀ ଦଳ ପ୍ରୋତ୍ସାହନରେ ଜିଲାରେ ପିସି କାରବାର ଚାଲିଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଓ କାମ ନିମ୍ନମାନ ହେଉଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା । ଜିଲାରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ଟେଣ୍ଡର ମାଧମରେ କରାଯିବାକୁ ନେତୃବୃନ୍ଦ ଦାବି କରିଥିଲେ । ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ସୋନପୁରର ପ୍ରାକ୍ତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବଳରାମ ସୁନା, ଦୈତାରୀ ଥନାପତି, ନୀଳାମ୍ବର ସାହୁ, କିଶୋର ପାଣିଗ୍ରାହୀ, ଉତ୍ତମ ପୃଷ୍ଟି, ସୁରେଶ ବିଶ୍ୱାଳ, ସୁରୁବାବୁ ସାହୁ, ବାବୁଲୁ ଭୋରାସାଗର, ସୁରେଶ ବିଶ୍ୱାଳ, ଅଶୋକ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନମେଳା

**ବୀରମହାରାଜପୁର, ୧୩।୧୨(ଡି.ଏନ୍.ଏ)**

ଓଡିଶା ମାଧମିକ ଶିକ୍ଷକ ସଂଘ(ଓଷ୍ଟା) ବୀରମହାରାଜପୁର ଶାଖା ଆନୁକୂଲ୍ୟରେ ଗୁରୁବାର ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଣପତି ଆଦର୍ଶ ଶିକ୍ଷା ନିକେତନ ପରିସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଓଷ୍ଟାର ସୁବର୍ଣ୍ଣପୁର ଜିଲା ସଭାପତି ବଦ୍ୟନାଥ କର୍ଣ୍ଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ଅଖୋଜ ପଧାନ ଏବଂ ଧବଳେଶ୍ୱର ଅମାତ ଓ ତ୍ରିପୁରାରି ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକ୍ତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଶିଶୁ ମେଳାରେ ସଙ୍ଗୀତ, ଗଳ୍ପ ଲିଖନ, ଆବୃତ୍ତି, କାବ୍ୟ ରଚନା, ଚିତ୍ରାଙ୍କନ, କୁଇଜ, ତର୍କ, ସାଧାରଣ ଜ୍ଞାନ, ନୃତ୍ୟ ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ୧୦ଟି ହାଇସ୍କୁଲର ୭୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାଙ୍କ ମଧରୁ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିମାନଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଅଖୋଜ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବୀରମହାରାଜପୁର ଜୁନିୟର ମହିଳା କଲେଜ ଅଧକ୍ଷ ଅନିଲ କୁମାର ଦାନୀ ମୁଖ୍ୟବକ୍ତା ଏବଂ ନାରାୟଣ ଲୁହା ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷା ନିକେତନ ପରିଚାଳନା କମିଟି ସମ୍ପାଦକ ବିବସ୍ୱତି ପଣ୍ଡା ଏହି ଉତ୍ସବରେ ମଞ୍ଚାସୀନ ଥିଲେ। ଶିକ୍ଷକ ନାରାୟଣ ରଥ, ସନ୍ତୋଷ ରଥ, ଗୌରୀଶଙ୍କର ପୂଜାହାରୀ ଓ ସଚ୍ଚିଦାନନ୍ଦ ବରିହା ବିଚାରକ ଭାବେ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥବା ଶ୍ରେଷ୍ଠ ପ୍ରତିଯୋଗୀମାନେ ଆସନ୍ତା ୧୬ ତାରିଖ ବିନିକା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁମେଳାରେ ଅଂଶଗ୍ରହଣ କରିବେ ବୋଲି ସୂଚିତ କରାଯାଇଛି।




ଶିଶୁମେଳାର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

# ସରିଲା ରାମଚରିତ ମାନସ ସମାରୋହ

**ବୀରମହାରାଜପୁର, ୧୩।୧୨ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ମହକୁମାଠାରେ ମାରୱାଡି ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ରାମଚରିତ ମାନସ (ରାମକଥା) ଆଧ୍ୟାତ୍ମିକ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଗତ ୩ତାରିଖରେ ଉକ୍ତ ସମ୍ପ୍ରଦାୟର ମହିଳାମାନଙ୍କ କଳସ ଶୋଭାଯାତ୍ରା ମଧରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାରୱାଡି ସଂସ୍କୃତି ଓ ପରମ୍ପରାର ଅଭିବୃଦ୍ଧି ସହ ହିନ୍ଦୁ ଧର୍ମ ସମ୍ପର୍କରେ ଜ୍ଞାନ ଆହୋରଣ ଓ ସଚେତନତା ସୃଷ୍ଟି ଉଦେଶ୍ୟରେ ଅଭିପ୍ରେତ କାର୍ଯ୍ୟକ୍ରମରେ ବୃନ୍ଦାବନ ଧାମରୁ ଆସିଥିବା କଥା ବାଚକ ମୃଦୁଳକାନ୍ତ ଶାସ୍ତ୍ରୀଜୀ ପାରାୟଣ ଓ ପ୍ରବଚନ କରିଥିଲେ। ଏହି ଅବସରରେ ପ୍ରାର୍ଥନା ଓ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ନାଟ୍ୟାଭିନୟରେ ଶିବ ବିବାହ, ରାମଜନ୍ମ, ଶ୍ରୀରାମ ବିବାହ, ରାମ ବନବାସ ଓ ଭରତ ମେଳାପ, ରାମ-ସୁଗ୍ରୀବ-ହନୁମାନ ମିଳନ ଏବଂ ଅନ୍ତିମ ଦିବସରେ ସୁନ୍ଦରାକାଣ୍ଡ ତଥା ରାମଙ୍କ ରାଜ୍ୟାଭିଶେଷକ ପରିବେଷଣ କରାଯାଇଥିଲା। ମାରୱାଡି ସମ୍ପ୍ରଦାୟର ରାଧେଶ୍ୟାମ ଅଗ୍ରୱାଲାଙ୍କ ପୃଷ୍ଠପୋଷକତାରେ ୧୧ ଦିନ ଧରି ଚାଲିଥିବା ଉକ୍ତ ଆଧ୍ୟାତ୍ମିକ ସମାରୋହ ଏଠାରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା।



ନାଟ୍ୟାଭିନୟରେ ରାମକଥା।

# କଂସ ବଧ ସହ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୩।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସ ବଧ ଓ ଉଗ୍ରେସନଙ୍କ ରାଜ୍ୟଭିଷେକ ସହ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ରଜନୀରେ ଅତିଥିଭାବେ ଡିଏସପି ହେମସାଗର ନନ୍ଦ, ସୁବର୍ଣ୍ଣପୁର ଡିଡିଏ ସନ୍ତୋଷ ଜେନା, ଡୁଙ୍ଗୁରିପାଲି ଡିଏଓ ଶ୍ରୀନିବାସ ମଲ୍ଲିକ, ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏକଜୁକ୍ୟୁଟିଭ ଯନ୍ତ୍ରୀ ସତ୍ୟବ୍ରତ ବେହେରା ଯୋଗ ଦେଇଥିଲେ । ଯାତ୍ରା କମିଟି ସଭାପତି ରମେଶ ପୂଜାରୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଯାତ୍ରା କମିଟିର ଗୁରୁଚରଣ ବେହେରା, ପୂର୍ବତନ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଂସ ମହାରାଜ ନିଜ ଦରବାରରେ ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ମାନିତ କରିଥିଲେ । ମଥୁରା ସ୍ଥିତ କଂସ ମହାରାଜ ଦରବାରରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅକ୍ରୁରଙ୍କ ସହିତ କୃଷ୍ଣ ବଳରାମ ସୁସଜ୍ଜିତ ରଥରେ ପଡହଞ୍ଚିବା ପରେ ମଥୁରା ଭ୍ରମଣ,ଶିବଧନୁ ଭଗ୍ନ ଓ ସବା ଶେଷରେ ଅହଙ୍କାରୀ କଂସଙ୍କୁ କୃଷ୍ଣ ବଳରାମ ବଧ କରିବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । କଂସ ବଧ ପରେ ଶ୍ରୀକୃଷ୍ଣ କାରାଗାରାରେ ବନ୍ଦିଥିବା ବସୁଦେବ ଓ ଯଶୋଦାଙ୍କୁ ମୁକ୍ତ କରିବା ପରେ ଉଗ୍ରସେନଙ୍କୁ ରାଜ ସିଂହାସନରେ ଅବସ୍ଥାପିତ କରାଗଲା । ମଥୁରା ବାସୀ ଏହି ଅବସରରେ ବଜୟ ଉତ୍ସବ ପାଳନ କରି ଯାତ୍ରା ପଡିଆରେ ଆନନ୍ଦର ଲହରୀ ଦେଖିବାକୁ ମିଳିଥିଲା । କଂସ ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କମିଟି ସମ୍ପାଦକ ମନୋଜ ପୁରୋହିତ, ସରପଞ୍ଚ ସରୋଜ ମେହେର, ଉମେଶ ପୂଜାରୀ, ପ୍ରକାଶ ଅଗ୍ରୱାଲ, ଗୁରୁଚରଣ ବେହେରା ପ୍ରମୁଖ କମିଟିର ସମସ୍ତ ସଦସ୍ୟ ସହେଯାଗ କରିଥିଲେ । ସାତ ଦିନ ଧରି ଚାଲିଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିବାରୁ ମାନଭଞ୍ଜନ ମିଶ୍ର ଓ ଶ୍ରୀପଦା ଷଡଙ୍ଗୀଙ୍କୁ ମହାରାଜ କଂସ ଓ ଯାତ୍ରାକମିଟି ତରଫରୁ ମାନପତ୍ର ଓ ସମ୍ମାନିତ କରିଥିଲେ ।



କଂସ ବଧର ଦୃଶ୍ୟ।



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ୍।
- ସେକ୍‌ସପିଅର



## ସଂକ୍ଷେପରେ

### ଲୋଇସିଂହା କଂଗ୍ରେସର ବିଜୟ୍ ଉତ୍ସବ

**ଲୋଇସିଂହା,୧୩।୧୨(ଡି.ଏନ.ଏ):** ୫ଟି ରାଜ୍ୟର ଫଳାଫଳ ପରେ ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନରେ କଂଗ୍ରେସ ବହୁମତ ସଂଖ୍ୟା ଗରିଷ୍ଠତାରେ ସରକାର ଗଠନ କରିବ । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ନିର୍ଦ୍ଦେଶରେ ଲୋଇସିଂହା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ବିଜୟ୍ ଉତ୍ସବ ପାଳନ କରାଯାଇଛି । ନବକିଶୋର ନାଏକଙ୍କ ନେତୃତ୍ୱରେ ଜୋନସଭାପତି ସରୋଜ ସାହୁ, ମହେଶ୍ୱର, ଶିବକୁମାର ଅଗ୍ରୱାଲ, ସରୋଜ ବିଶ୍ୱାଳ, ଅରବିନ୍ଦ ସାହୁ, ପ୍ରହ୍ଲାଦ ସାହୁଙ୍କ ସମେତ ବହୁ କର୍ମୀ ଲୋଇସିଂହା ଷ୍ଟାଡିମଠାରେ ବିଜୟ୍ ଉତ୍ସବ ପାଳନ କରିଥିଲେ । ଏହି ଅବସରରେ କର୍ମମାନେ କଂଗ୍ରେସ ଆସିବ ଓଡିଶା ହସିବ ବ୍ୟାନର ଧରି ବିଜୟ୍ ଶୋଭାଯାତ୍ରା ଲୋଇସିଂହା ବସ୍ତି ପରିକ୍ରମା କରିଥିଲେ ।

### ମୁମୂର୍ଷୁ ଅବସ୍ଥାରେ ବୃଦ୍ଧା ଉଦ୍ଧାର

**ପାଟଣାଗଡ , ୧୩।୧୨(ଡି.ଏନ.ଏ.) :** ପାଟଣାଗଡ-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର କର୍ଲାକଟା ନିକଟରେ ବୁଧବାର ଜଣେ ବୃଦ୍ଧା ରାସ୍ତାକଡରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖାଯାଇଥିଲା। ସେହି ରାସ୍ତାରେ ଯାଉଥିବା ଲୋକେ କେହି ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ହେଲେ ଗାଁକୁ ଆସିଥିବା ବଲାଙ୍ଗୀର ଟାଉନ ଥାନା ଏଏସଆଇ ଶିବଲାଲ ତାଣ୍ଡି ମୁମୂର୍ଷୁ ଅବସ୍ଥାରେ ପଡିଥିବା ଉକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ବୃଦ୍ଧାଙ୍କୁ ଉଦ୍ଧାର କରିବା ପରେ ବିସ୍କୁଟ ଖୁଆଇ ଥିଲେ। ପାଟଣାଗଡ ଏସଡିଏମଓଙ୍କ ସହ ଯୋଗାଯୋଗ କରି ଆମ୍ବୁଲାନ୍ସରେ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ବୃଦ୍ଧାଙ୍କ ପାଖ ରେ କେହି ନ ଥିବାରୁ ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରାଙ୍କୁ ଯୋଗାଯୋଗ କରିଥିଲେ ଏଏସଆଇ ତାଣ୍ଡି। ନିର୍ବାହୀ ଅଧିକାରୀ ମଧ୍ୟ ନିଜ ମାନବିକତା ପ୍ରଦର୍ଶନ କରି ନିଜେ ଡାକ୍ତରଖାନାରେ ଉପସ୍ଥିତ ରହି ସହାୟତା କରିଥିଲେ । ପରେ ଉକ୍ତ ବୃଦ୍ଧାଙ୍କ ପରିଚୟ୍ ମିଳିଥିଲା। ସେ ବଲାଙ୍ଗୀର ବ୍ରାହ୍ମଣପଡାର ବାସିନ୍ଦା ବୋଲି ଜଣାପଡିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଗୁରୁବାର ତାଙ୍କ ପରିବାର ଲୋକେ ବୃଦ୍ଧାଙ୍କୁ ଡାକ୍ତରଖାନାରୁ ଘରକୁ ନେଇ ଯାଇଥିବା ଜଣାପଡିଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଙ୍ଗୋମୁଣ୍ଡା, ୧୩।୧୨(ଡି.ଏନ.ଏ.):** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ଜୟଶ୍ରୀ ସୀମାରେଡ୍ଡୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଟଫ୍ଲାଏ କିଡ୍ ସ୍କୁଲର ଚେୟାରମ୍ୟାନ ଅନୀଲ କୁମାର ଖମାରୀ, ଅଧପକ ଗରୁଡ଼ଧ୍ୱଜ ବେହେରା, ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧକ୍ଷା ମିନତି ରଥ ସଭାପତିତ୍ୱ କରିଥିଲେ। ଦୁଇଦିନ ଧରି ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଠୁଟୁନି ଝମେଲା :ପ୍ୟାକ୍ସ କିଣୁନାହିଁ ଧାନ

**ବଲାଙ୍ଗୀର ଅଫିସ, ୧୩।୧୨**



ଦଶପୁର ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ନହୋଇ ପଡିରହିଛି ।

**ବଲାଙ୍ଗୀର ଜିଲା**
- ଏଫ୍‌ଏକ୍ୟୁ ମାନକୁ ନେଇ ଚାଷୀ ଅଡୁଆରେ
- ଜିଲାପାଳଙ୍କୁ ଭେଟିବେ ଚାଷୀ

ଜିଲାସ୍ତରୀୟ ଧାନକିଣା କମିଟି ବୈଠକରେ ଚାଷୀଙ୍କ ଉପାର୍ଜିତ ଧାନକୁ ଉଚିତ୍ ମୂଲ୍ୟ ଦେଇ କିଣାଯିବା ସହ ଠିକଣା ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତେବେ ଏହି ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଦିଗରେ ପ୍ରଶାସନ ଏ ପର୍ଯ୍ୟନ୍ତ ସଫଳ ହୋଇନାହିଁ । ଜିଲାରେ ୧୫୮ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଧାନକିଣା ଯିବା ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇଛି । ଧାନ ବିକ୍ରୟ କରିବା ପାଇଁ ବହୁ ଚାଷୀ ସେମାନଙ୍କ ଧାନ ନେଇ ମଣ୍ଡିରେ ରଖିଥିଲେ ମଧ ଗତ ୫ଦିନ ହେଲା ମଣ୍ଡିରେ ଧାନ କିଣାବିକା ସୁଚାରୁରୂପେ ସମ୍ପାଦନ ହୋଇପାରି ନାହିଁ । ଫଳରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ମଣ୍ଡିରେ ଧାନ କିଣା ଅଚଳାବସ୍ଥା ଦେଖାଦେଇଛି । ନିୟମତଃ ଚାଷୀ ନିଜର ଉପାର୍ଜିତ ଧାନକୁ ମଣ୍ଡିରେ ବିକ୍ରି କରିବ । ପ୍ୟାକ୍ସ କମିଟି ଧାନର ମାନ ନିର୍ଦ୍ଧାରଣ କରି ପ୍ୟାକ୍ସରେ ଏଫ୍‌ଏକ୍ୟୁ ମାନର ଧାନ କିଣି ପାରିବା ନିୟମ ରହିଛି। ତେବେ ପ୍ୟାକ୍ସରେ ମାନର ଧାନ ନିର୍ଦ୍ଧାରଣ ପାଇଁ କୌଣସି ସୁବ୍ୟବସ୍ଥା ନାହିଁ । ଏହି କାରଣରୁ କିଛିବର୍ଷ ହେଲା ଚାଷୀ, ପ୍ୟାକ୍ସ ଓ ମିଲର୍ସ ସହମତିରେ କଟ୍‌ନୀ ଛଟ୍‌ନୀ କରି ଧାନକିଣା ଚାଲିଥିଲା। ଚଳିତବର୍ଷ ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରାଯିବନାହିଁ ଓ ଚାଷୀକୁ ଉଚିତ୍ ମୂଲ୍ୟ ପ୍ରଦାନ କରାଯିବ ବୋଲି କହୁଥିଲେ ମଧ ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣକୁ ନେଇ ଝାମେଲା ଦେଖାଦେଇଛି।

ନିୟମତଃ ମିଲର୍ସ ଚାଷୀଙ୍କଠାରୁ ସିଧାସଳଖ ଧାନ କିଣିପାରିବ ନାହିଁ । ପ୍ୟାକ୍ସ ହିଁ ଚାଷୀଙ୍କ ଧାନ କିଣି ଉଚିତ୍ ମୂଲ୍ୟ ପ୍ରଦାନେ କରିପାରିବ। ମାତ୍ର ମିଲର୍ସମାନେ ବିନା କଟ୍‌ନୀ ଛଟ୍‌ନୀରେ ପ୍ୟାକ୍ସରୁ ଧାନ ଉଠାଇବେ ନାହିଁ ବୋଲି କହିବା ପରେ ପ୍ୟାକ୍ସ କମିଟି ଆଉ ଚାଷୀଙ୍କଠାରୁ ଧାନ କିଣୁନାହିଁ । ମିଲର୍ସମାନେ ଏଫ୍‌ଏକ୍ୟୁ ମାନକୁ ଆଳ କରି ଚାଷୀ ଉପରେ କଟ୍‌ନୀ ଛଟ୍‌ନୀ ପାଇଁ ଚାପ ପକାଉଛନ୍ତି । ପ୍ୟାକ୍ସ ଚାଷୀଙ୍କ ଧାନକୁ ଗ୍ରେଡିଂ କରି ଏଥିରେ ବର୍ଜ୍ୟବସ୍ତୁ, ଆର୍ଦ୍ରତା ଓ ଅନ୍ୟାନ୍ୟ ବର୍ଗୀକରଣର ଆଳ ଦେଖାଇ ଚାଷୀକୁ କଟ୍‌ନୀ ଛଟ୍‌ନୀ କରିବାକୁ ବାଧ କରୁଛି । ଅନେକ ମଣ୍ଡିରେ ଚାଷୀ କଟ୍‌ନୀ ଛଟ୍‌ନୀକୁ ସିଧା ମନା କରିଦେଇଛନ୍ତି। ଫଳରେ ବହୁ ମଣ୍ଡିରୁ ମିଲର୍ସମାନେ ଧାନ ନ ଉଠାଇ ଫେରିଯାଇଛନ୍ତି । ମହୀମୁଣ୍ଡା, ଦଶପୁର, ମହଲେଇ, ବଡବନ୍ଧ, ଦେଓଗାଁ ସହ ଅନ୍ୟ ସ୍ଥାନରେ ଧାନ କଟ୍‌ନୀ ଛଟ୍‌ନୀକୁ ନେଇ ପ୍ୟାକ୍ସ କମିଟି, ଚାଷୀ ଓ ମିଲର୍ସ ମଧ୍ୟରେ ସହମତି ପ୍ରକାଶ ପାଇନାହିଁ । ସମବାୟ ବିଭାଗର ଆରସିଏସ୍ ଓ ଅନ୍ୟ ଅଧିକାରୀ, ପ୍ୟାକ୍ସ ସମ୍ପାଦକମାନେ ଚାଷୀଙ୍କଠାରୁ ଧାନ କିଣିବା ପରିବର୍ତ୍ତେ ମିଲର୍ସମାନଙ୍କ ତରଫରୁ କଟ୍‌ନୀ ଛଟ୍‌ନୀ ଉପରେ ବିଶେଷ ଧ୍ୟାନ ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଫ୍‌ଏକ୍ୟୁ ମାନର ଧାନ ଉପଲବ୍ଧ କରିବା ବ୍ୟବସ୍ଥା ନଥିବାବେଳେ ସରକାର ଏଫ୍‌ଏକ୍ୟୁ ମାନ ନିର୍ଦ୍ଧାରଣ କରି କାହିଁକି ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଜିଲାସ୍ତରୀୟ ଧାନକିଣା କମିଟି ନିଷ୍ପତ୍ତି ଅନୁସାରେ ପ୍ୟାକ୍ସ ହିଁ ଚାଷୀଙ୍କ ଠାରୁ ଧାନ କିଣିପାରିବା ନିୟମ ଥିଲେ ମଧ ପ୍ୟାକ୍ସ କାହିଁକି ଚାଷୀ ଆଣିଥିବା ଧାନକୁ କିଣୁନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଏପର୍ଯ୍ୟନ୍ତ ବିଭିନ୍ନ ମଣ୍ଡିରେ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୫କେଜି କାଟିବାକୁ ରାଜି ହୋଇଥିବାବେଳେ ଚାଷୀ ୩ କେଜି କାଟିବାକୁ ରାଜି ହୋଇଥିବା ଜଣାପଡିଛି । ତେବେ ଚାଷୀ ଆଣୁଥିବା ଧାନର ମାନ ଏଫ୍‌ଏକ୍ୟୁ ହୋଇନଥିବା ଦର୍ଶାଇ ପ୍ୟାକ୍ସ କମିଟି ଓ ମିଲର୍ସମାନେ ୩ କେଜି କାଟିବା ଉପରେ ରାଜି ହୋଇନାହାନ୍ତି । ଏଆରସିଏସ୍ ଗଜେନ୍ଦ୍ର ପଣ୍ଡା ବିଭିନ୍ନ ମଣ୍ଡି ବୁଲିଥିଲେ ମଧ କୌଣସି ସ୍ଥାନରେ ସମାଧାନ ବାଟ ବାହାରିନାହିଁ । ଏଭଳି ପରିସ୍ଥିତିରେ ଲଘୁଚାପଜନିତ ମେଘୁଆ ପାଗ ଚାଷୀକୁ ଅଧିକ ଚିନ୍ତିତ କରିଛି। ଯେଉଁ ଚାଷୀମାନେ ସେମାନଙ୍କ ଧାନକୁ ମଣ୍ଡିକୁ ଆଣି ରଖିଛନ୍ତି ସେମାନେ କେବେ ବିକ୍ରିୟ କରିପାରିବେ ଜାଣିପାରିନାହାନ୍ତି। ଦଶପୁର ମଣ୍ଡିରେ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୧ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ରହିଛି। ତାରପଲିନ୍ ଢ଼ାଙ୍କି ଧାନକୁ ରଖାଯାଇଛି । ସେହିପରି ମହୀମୁଣ୍ଡା, ମହଲଇେ, ଦେଓଗାଁରେ ମଧ ମଣ୍ଡିରେ ଚାଷୀଙ୍କ ସହସ୍ରାଧିକ ବସ୍ତା ଧାନ ପଡିରହିଛି । କୌଣସି ସମାଧାନ ବାଟ ବାହାରୁ ନଥିବାରୁ ୫ ଦିନ ହେଲା ଚାଷୀଙ୍କ ଧାନ କିଣା ହୋଇପାରୁନାହିଁ । ଏଭଳି ପରିସ୍ଥିତିରେ ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ସେମାନଙ୍କ ଅସୁବିଧା ଜଣାଇବେ ବୋଲି ଚାଷୀ ତଥା ଦଶପୁର ପଞ୍ଚାୟତ ସମିତି ସଭ୍ୟ ବ୍ରଜକିଶୋର ମେର୍ଲି ସୂଚନା ଦେଇଛନ୍ତି । ଘଟଣା ସମ୍ପର୍କରେ ଏଆରସିଏସ୍ ପଣ୍ଡାଙ୍କୁ ପଚରା ଯାଇଥିଲେ ମଧ ସେ ଫୋନ୍ ଉଠାଉ ନଥିବାରୁ ତାଙ୍କ ମତାମତ ମିଳିନାହିଁ।

### ବଡଟିକାରେ ଏସ୍‌ଏଚ୍‌ଜି ମିଟ୍ କାର୍ଯ୍ୟକ୍ରମ

**ଲୋଇସିଂହା,୧୩।୧୨(ଡି.ଏନ.ଏ)**

ଆଗଲପୁର ବ୍ଲକ ଅନ୍ତର୍ଗତ ବଡଟିକା ଗ୍ରାମର ଗାୟତ୍ରୀ କ୍ଲବଠାରେ ଏସଏଚଜି ମିଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ନାବାର୍ଡ ସହାୟତା ତଥା ଭରସୁଜା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଏବଂ ପିଏପି ନଅଗାଁ(ଖ) ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ମହିଳାମାନେ ଅଂଶଗ୍ରହଣ କରିଥିଲେ । ଏଠାରେ ପରିଚାଳନା ସମ୍ବନ୍ଧୀୟ ଆଲୋଚନା ସହ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜାନ, ଅଟଳ ପେନସନ ଯୋଜନା, ସୁକନ୍ୟା ଯୋଜନା ସମ୍ପର୍କିତ ସୁବିଧା ଓ ଲାଭ ସମ୍ପର୍କରେ ମହିଳାମାନେ ଅବଗତ ହୋଇଥିଲେ । ଉକ୍ତ କାର୍ଯ୍ୟକମ୍ରରେ ଭରସୁଜା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଶ୍ୟାମସୁନ୍ଦର ସାହୁ ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନାବାର୍ଡ଼ ଡିଡିଏମ ତପନ ସାହୁ ଯୋଗଦେଇ ସମସ୍ତ ପ୍ରକାର ବୀମା ସମ୍ପର୍କରେ ଏସଏଚଜି ମହିଳାମାନଙ୍କୁ ଅବଗତ କରିଥିଲେ । ଗୋବିନ୍ଦ ବିଶି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ପ୍ରହ୍ଲାଦ ପଧାନ, ଅଚ୍ୟୁତ ସାହୁ, ପ୍ରଶାନ୍ତ କୁଅଁର,ତରଣୀ ପୁଟା ଏଥିରେ ସହଯୋଗ କରିଥିଲେ ।

# କୁଚ୍ ବିହାର ଟ୍ରଫି: ଓଡ଼ିଶା ବିଜୟୀ

**ବଲାଙ୍ଗୀର ଅଫିସ, ୧୩।୧୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ତୃତୀୟ ଦିବସରେ ଓଡିଶାଦଳ ପ୍ରତିପକ୍ଷ ତ୍ରିପୁରା ଦଳକୁ ଏକ ଇନିଂସ୍ ଏବଂ ୬୭ରନ୍‌ରେ ପରାସ୍ତ କରି ବିପୁଳ ବିଜୟ ଲାଭ କରିଛି । ତ୍ରିପୁରା ଦଳ ଗତକାଲିର ଅସମାପ୍ତ ଇଂନିସ୍ ୨ଉଇକେଟରେ ୫୧ରନ୍‌ରୁ ବୁଧବାର ପାଳି ଆରମ୍ଭ କରି ଆଉ ମାତ୍ର ୮୧ରନ୍ ଯୋଡି ୧୩୨ରନ୍‌ରେ ଅଲ୍‌ଆଉଟ ହୋଇ ପରାଜୟ ହୋଇଥିଲା । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବେ ବିଶ୍ୱଜିତ ମଲ୍ଲିକ ସର୍ବାଧିକ ୫ଉଇକେଟ, ଅଙ୍କିତକର ଜୟଶ୍ୱାଲ ୪ଟି ଓ ରଘୁନାଥ ମଲ୍ଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ରଘୁନାଥ ମଲ୍ଲଙ୍କ ଚିତାକର୍ଷକ ୧୦୧ରନ୍ ପାଇଁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଉଦ୍‌ଯାପନୀ ଉତ୍ସବ। ଏଥିରେ ମୁଖ୍ୟଅତିଥି ଭାବେ ସନ୍ଥ ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଡିନ ପ୍ରଫେସର ଡା. ଲଳିତ କୁମାର ମେହେର ଯୋଗଦେଇ ବିଜୟୀ ଓଡିଶା ଦଳକୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରୀଡାବିତ ରମେଶ ଚନ୍ଦ୍ର ପୁରୋହିତ, ସୁଧୀର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଠ୍, ଅରୁଣ ନାଏକ, ଡା. ସିଦ୍ଧେଶ୍ୱର ମିଶ୍ର, ଶତ୍ରୁଘ୍ନ ସିଂ, ହେମନ୍ତ ବେହେରା ଓ ମନୋରଞ୍ଜନ ଯୋଷୀ ଯୋଗଦେଇଥିଲେ । ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ଓ କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ରଘୁନାଥ ମଲ୍ଲଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

### ଦାଦନ ଶ୍ରମିକଙ୍କୁ ଉଦ୍ଧାର ଦାବି

**ବଲାଙ୍ଗୀର ଅଫିସ, ୧୩।୧୨**

ହାଇଦ୍ରାବାଦରେ ବନ୍ଧା ପଡିଥିବା ୧୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି ପାଟଣାଗଡ ବ୍ଲକ ତମିଆ ପଞ୍ଚାୟତ ଅନ୍ତର୍ଗତ ଅଏଲାତୁଙ୍ଗା ଗ୍ରାମର ୧୮ଜଣ ଦାଦନ ଶ୍ରମିକ ହାଇଦ୍ରାବାଦସ୍ଥିତ ମିର୍ଚେଲ ଗୋନପୁର ସ୍ଥାନକୁ ଇଟା ଗଢିବାକୁ ଯାଇଥିଲେ। ବନ୍ଧା ପଡ଼ିଥିବା ଶ୍ରମିକମାନଙ୍କ ଉଦ୍ଧାର ପାଇଁ ବଲାଙ୍ଗୀର ଶ୍ରମ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଛି। ହାଇଦ୍ରାବାଦରୁ ଫେରିଥିବା ଦାଦନ ଶ୍ରମିକ ଶ୍ରୀବତ୍ସ ସାହୁ, ଗୋଲାପୀ ସାହୁ, ଗ୍ରାମର କିଛି ଭଦ୍ରବ୍ୟକ୍ତି ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧକ୍ଷ ଡ. ବିପିନ କୁସୁଲିଆ, କାର୍ଯ୍ୟକାରୀ ଅଧକ୍ଷ କାଳିନ୍ଦ୍ରୀ ମାଝି ପ୍ରମୁଖ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବନ୍ଧାପଡିଥିବା ୧୫ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।




ଜିଲା ଦାବି ଆନ୍ଦୋଳନରେ ସାମିଲ କନ୍ଦେଇ ପଞ୍ଚାୟତର ଜନସାଧାରଣ ।

# ଜିଲା ଦାବି ଆନ୍ଦୋଳନ: ସାମିଲ ହେଲେ କନ୍ଦେଇ ପଞ୍ଚାୟତବାସୀ

**କଣ୍ଟାବାଞ୍ଜି, ୧୩।୧୨ (ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବିକୁ ସମର୍ଥନ ଜଣାଇ ଚାଲିଥିବା ଧାରଣାରେ ଗୁରୁବାର ତୁରେକେଲା ବ୍ଲକର ଉପାନ୍ତ କନ୍ଦେଇ ପଞ୍ଚାୟତର ଜନସାଧାରଣ ସାମିଲ ହୋଇଛନ୍ତି। ପୂର୍ବତନ ସରପଞ୍ଚ ସାଗର ବାଗଙ୍କ ନେତୃତ୍ୱରେ ଗୋପାଳ ମାଝି, ରାଜକିଶୋର ମାଝି, ପୂର୍ଣ୍ଣ ମାଝି, ରୂପାଧର ମସଗ୍ରୀଆ, କନିରାମ ବାଗ, ଅଭିରାମ ମାଝି, ପୁରଷୋତ୍ତମ ବାଗ, ବଳରାମ ବାଗଙ୍କ ସହ ଶତାଧିକ ସାମିଲ ହୋଇ କଣ୍ଟାବାଞ୍ଜି ଜିଲା ହେବାର ଯୋଗ୍ୟତା ରହିଛି କହିଛନ୍ତି। ଅପରପକ୍ଷରେ ଧାରଣାରେ ଜିଲା ସଂଘର୍ଷ ସମିତିର ରାମଚନ୍ଦ୍ର ସାହୁ, ରସିଆନନ୍ଦ ରାଏ, ନରେନ୍ଦ୍ର ସୁନା, ଦାମୋଦର ସାହୁ, ସତ୍ୟନାରାୟଣ ରାଏଙ୍କ ସହ ସମିତିସଭାପତି ଶେଷଦେବ ପୁଟେଲ ସାମିଲ ଥିଲେ ।

# ବିଭିନ୍ନ ସ୍ଥାନରେ କୁରାଳ ପଞ୍ଚମୀ ପାଳିତ

**ସଇଁତଲା, ୧୩।୧୨(ଡି.ଏନ.ଏ.)**

ସଇଁତଲା ବ୍ଲକ ବିବିନା ପଞ୍ଚାୟତର ତେନ୍ତୁଳିପଦରଠାରେ କୁମ୍ଭକାର ସମାଜର ଇଷ୍ଟଦେବ ରୁଦ୍ରପାଳ ଓ ରତ୍ନେଶ୍ୱରୀ ଦେବୀଙ୍କ ପୂଜନୋତ୍ସବ ପାଳିତ ହୋଇଯାଇଛି। ଦୁଇଦିନ ଧରି ହୋଇଥିବା ଏହି ପୂଜନୋତ୍ସବରେ ରମେଶ ଚନ୍ଦ୍ର ଦାଶ ପୂଜକ ଥିବାବେଳେ ଦିନ ରଣା, ହେମସାଗର ରଣା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ତେନ୍ତେଲପଦର ଗ୍ରାମ କୁମ୍ଭକାର ସମାଜ ସଭାପତି ଜଗଦୀଶ ରଣା, ସମ୍ପାଦକ ସୁଧିର ରଣା, ଅନନ୍ତ ରଣା, ବିଶ୍ୱମ୍ଭର ରଣା ପ୍ରମୁଖ ପୂଜାରେ ସହଯୋଗ କରିଥିଲେ । ସେହିପରି କୁମ୍ଭାରୀଠାରେ ମଧ୍ୟ କୁମ୍ଭକାର ସମାଜ ତରଫରୁ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୟାନିଧି ରଣା ଓ ଦୀନବନ୍ଧୁ ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

ବଙ୍ଗୋମୁଣ୍ଡା(ଡି.ଏନ୍.ଏ.): ବଙ୍ଗୋମୁଣ୍ଡା ଚାରିଛକଠାରେ କୁରାଳ ପୂଜାରେ କର୍ତ୍ତାଭାବେ କୃପା ରଣା ଦାୟିତ୍ୱ ତୁଲାଇଥିଲେ। ପୂଜା ଅବସରରେ ମହିଳାମାନଙ୍କ ଦ୍ୱାରା ଏକ କଳସ ଯାତ୍ରା ସ୍ଥାନୀୟ କିଆବନ୍ଧରୁ ଅଣାଯାଇ ପୂଜାସ୍ଥଳୀରେ ସ୍ଥାପନ କରାଯାଇଥିଲା । ପ୍ରତ୍ୟହ ରଜନୀରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । କୁମ୍ଭକାର ସମାଜ ସଭାପତି ହୃଦାନନ୍ଦ ରଣା, ଉପସଭାପତି ରମେଶ ରଣା, ସମ୍ପାଦକ ଡୋଳାମଣି ରଣାଙ୍କ ସମେତ ହରି ରଣା, ରାଜେନ୍ଦର ରଣା, ରମେଶ ରଣା, ଗୋବିନ୍ଦ ରଣଙ୍କ ସମେତ ସମାଜ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

ଗୁଡ଼ଭେଲା(ଡି.ଏନ.ଏ.): ଗୁଡଭେଲା ବ୍ଲକ ଅନ୍ତର୍ଗତ କପସିଲା, ଦେଓମୁହାନ, ରହେନମାଳ ଓ ଦେଲଗୁଡି ଗ୍ରାମରେ ତିନି ଦିନ ଧରି ଚାଲିଥିବା ରଣା(କୁମ୍ଭାର) ସମ୍ପ୍ରଦାୟର କୁରାଳ ଯାତ୍ରା ଗୁରୁବାର ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ପୋଖରୀରୁ ମହିଳାମାନେ ପୂର୍ଣ୍ଣ କଳସ ଜଳ ଆଣି ଅସ୍ଥାୟୀ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଆଦି ମାତା ରତ୍ନେଶ୍ୱରୀ, ଆଦି ପିତା ରୁଦ୍ରପାଳଙ୍କ ବିଗ୍ରହ ସ୍ଥାପନ କରାଯାଇ ବୁଧବାର କୁରାଳ ପଠନ କରାଯାଇଥିଲା । ଏହି ଉତ୍ସବରେ ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ବଲାଙ୍ଗୀର କୁମ୍ଭାର ମହାସଂଘର ସଭାପତି ଭିକାରୀ ରଣା, ବୀରବର ରଣା, ଅଚ୍ୟୁତ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ତୁଷୁରା ଏନଏସି ଅଫିସରେ କର୍ମଚାରୀ ଅଭାବ

**ଗୁଡ଼ଭେଲା,୧୩।୧୨(ଡି.ଏନ.ଏ.)**

ତୁଷୁରା ଏନଏସି ଅଫିସରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ଉନ୍ନୟନ କାମରେ ବାଧା ଉପୁଜୁଛି। ଅଫିସକୁ ଅଭିଯୋଗ କରିବାକୁ ଆସୁଥିବା ଲୋକମାନେ କର୍ମଚାରୀଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏହିଭଳି ଅଭିଯୋଗ କରିଛନ୍ତି ରାମେଶ୍ୱର ରଣା, ପ୍ରେମା ସାହୁ, ରାଜେଶ ରଣା, ସୌଭାଗ୍ୟ ରଣା, ତୁଳସୀ ରଣା ପ୍ରମୁଖ। ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ତଳସ୍ତରୀୟା କର୍ମଚାରୀ ମନ ଇଚ୍ଛା ଯିବା ଆସିବା କରିବା ସହ ଲୋକମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ଏପରି ଏକ ଘଟଣା ଗୁରୁବାର ଏନଏସି କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା । ତୁଷୁରାର ପ୍ରେମା ସାହୁ ନାମୀ ଜଣେ ମହଳା ପୂର୍ବାହ୍ନ ପ୍ରାୟ ୧୧ଟାରେ ନିଜ ଘର ଭାଙ୍ଗି ଯାଇଥିବା ନେଇ ଗୁହାରି କରିବା ପାଇଁ ଏନଏସି ଅଫିସକୁ ଆସିଥିଲେ। କାର୍ଯ୍ୟାଳୟରେ ୨/୩ ଜଣ ତଳସ୍ତରୀୟା କର୍ମଚାରୀଙ୍କୁ ଛାଡି ଦେଲେ ଆଉ କେହି ନଥିଲେ । ଏହି ସମୟରେ କପସିଲା ଗ୍ରାମର ରାମେଶ୍ୱର ରଣା ମଧ ଗ୍ରାମର ରାସ୍ତାରେ ଲାଇଟ ନଥିବାରୁ ବିଶେଷ କରି ମହିଳାମାନେ ଉକ୍ତ ରାସ୍ତାକୁ ସୁରକ୍ଷିତ ମାନୁ ନଥିବା ସହ ଆଉ କିଛି ସମସ୍ୟା ପାଇଁ ଏକ ଅଭିଯୋଗ ପତ୍ର ଦେବା ପାଇଁ ଆସିଥିଲେ । କିନ୍ତୁ ଅଭିଯୋଗ ପତ୍ରଗୁଡିକ ରଖିବାକୁ କେହିଁ ନଥିବାରୁ ଶେଷରେ ନିରାଶ ହେଇ ଫେରିବାକୁ ପଡିଛି। ଖବର ଜଣାପଡିବା ପରେ କେତେକ ସଚେତନ ଯୁବକ ଯାଇ କିଛି ସମୟ ପାଇଁ ଏନଏସି ଅଫିସର କର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗାଇ ଦେବାକୁ ଦାବି କରିଥିଲେ। ଏ ନେଇ ତୁଷୁରା ଏନଏସି ଅଧିକାରୀ ବିପିନ ବିହାରୀ ଦୀପ ସମସ୍ୟା କଣ ହୋଇଛି ବୁଝିଲା ପରେ ପଦକ୍ଷେପ ନେବି ବୋଲି କହିଥିଲେ।

ଟିଟିଲାଗଡ଼ ଜିଲା ଦାବି ଆନ୍ଦୋଳନ

# ସୁନ୍ନି ମୁସ୍‌ଲିମ ଜମାତର ସମର୍ଥନ

**ଟିଟିଲାଗଡ଼, ୧୩।୧୧ (ଡି.ଏନ.ଏ)**

ଟିଟିଲାଗଡ ଜିଲା ଦାବିକୁ ନେଇ ଗତ ମାସ ୧ ତାରିଖଠାରୁ ଉପଖଣ୍ଡବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିଛନ୍ତି। ଏନେଇ ଉପଖଣ୍ଡ ମୁଖ୍ୟାଳୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଦୀର୍ଘ ୪୩ ଦିନ ଧରି ବନ୍ଦ ରହିଛି। ଟିଟିଲାଗଡ ବାର ଆସୋସିଏଶନ ଏହି ଆନ୍ଦୋଳନରେ ସାମିଲ ହେବାରୁ ସମସ୍ତ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଗୁରୁବାର ରାଜ୍ୟ ସରକାରଙ୍କ ପିଠା ଯୋଜନା ନେଇ ବ୍ଲକ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଚାଲିଥିବା ଖବର ପାଇ ବରିଷ୍ଠ ଆଇନଜୀବୀ ପ୍ରଭାସ ବହିଦାର, ଶ୍ୟାମାପ୍ରସାଦ ଗରିଆ, ଆଲୋକ ନାୟକ, ତନ୍ମୟ ଠାକୁର, ପୃଥ୍ୱିରାଜ ସିଂ, ଟୁକୁ ଠାକୁର, ଜିତୁ ସାହୁ, ସୁଧିର ଘଡେଇ ପ୍ରମୁଖ ବହୁ ସଦସ୍ୟ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିଛନ୍ତି। ଉଲ୍ଲେଖନୀୟ ଘଟଣାକ୍ରମରେ ଗୁରୁବାର ଗଣଧାରଣାରେ ସୁନ୍ନି ମୁସଲିମ ଜମାତ(ସମାଜ)ର ସହସ୍ରାଧିକ ସଦସ୍ୟ ସାମିଲ ହୋଇଛନ୍ତି। ସମାଜ ସଭାପତି ରିୟାଜ ଖାନ, ସେଖ ପିରୁ, ବରିଷ୍ଠ ଆଇନଜୀବୀ ଏମଏମ ଖାନ, ଲୁକମନ ଖାନ, ହାସମ ଭାଇ, ଅତାଉଲ୍ଲା ଖାନ, ଏମଡି ଆରିଭ ଭାଇ, ଜାଭେଦ ଭାଇ, ପାୟାରେ ଭାଇ, ଜାନି ଭାଇ, ଭୁଟ୍ଟୋ ଭାଇ, ତୋଫିକ ଅହମ୍ମଦ, ଜାକିର ଭାଇ, ସତି ଭାଇ, ନିହାଲ ଭାଇ, ସଲିମ, ଗୁରଫାନ, ଅହମ୍ମଦ, ରାଜୁ, ଜୁମନା, ୟାକୁବ, ଫିରୋଜ, ସାମଦ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।




ଆନ୍ଦୋଳନରେ ସାମିଲ ସୁନ୍ନି ମୁସଲିମ ଜମାତ(ସମାଜ)ର ସଦସ୍ୟମାନେ।

### ଡୁଙ୍ଗୁରିପାଲିରେ ପହଞ୍ଚିଲା ରଞ୍ଜନଙ୍କ ପଦଯାତ୍ରା

**ଡୁଙ୍ଗୁରିପାଲି, ୧୩।୧୨(ଡି.ଏନ.ଏ.)**

ଟିଟିଲାଗଡକୁ ଜିଲାର ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ରଞ୍ଜନ ଖୁଆସଙ୍କ ପଦଯାତ୍ରା ଗୁରୁବାର ଡୁଙ୍ଗୁରିପାଲିରେ ପହଞ୍ଚିଛି। ତାଙ୍କୁ ଡୁଙ୍ଗୁରିପାଲିରେ ସ୍ୱାଗତ କରାଯାଇଛି । ଶଙ୍ଖାଳି ସାହୁ, ଅମ୍ଲାନ ବାରିକ, ସୁରୁବାବୁ ନନ୍ଦ, ଭକ୍ତ ପଧାନ, ଶଶାଙ୍କ ଶିଖର ସିଂଦେଓ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି । ଶୁକ୍ରବାର ସକାଳେ ସେ ପୁଣି ତାଙ୍କ ଯାତ୍ରା ଆରମ୍ଭ କରିବେ । ଟିଟିଲାଗଡର ରଞ୍ଜନ ଖୁଆସ ଟିଟିଲାଗଡ କୁମୁଡା ପାହାଡ ଶିବ ମନ୍ଦିରଠାରୁ ଗତ ସୋମବାର ପଦଯାତ୍ରା ବାହାରି ଥିଲେ।



"ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ତୁଳସୀ ଦାସ



## ସଂକ୍ଷେପରେ

### ଅଦିନିଆ ବର୍ଷାରେ ଭିଜିଲା ଫସଲ

**ସଇଁତଲା, ୧୩।୧୨(ଡି.ଏନ.ଏ.):** ସଇଁତଲା ବ୍ଲକ ଅଞ୍ଚଳରେ ଗୁରୁବାର ହଠାତ ବର୍ଷା ହେବା ଯୋଗୁଁ କ୍ଷେତରେ କଟା ହୋଇଥିବା ଧାନ ତଥା ଅମଳ ହେବାକୁ ଥିବା ଧାନ ଫସଲ ଓଦା ହୋଇଯାଇଛି। ଗତ ଚାରି ବର୍ଷ ହେଲା ଅଞ୍ଚଳରେ ମରୁଡ଼ି ପଡ଼ିଥିବାବେଳେ ଚଳିତ ବର୍ଷ ଭଲ ବର୍ଷା ଯୋଗୁଁ ଚାଷୀ ଭଲ ଅମଳ ଆଶା ରଖିଥିଲା। ହେଲେ ଆଜିର ବର୍ଷା ଚାଷୀକୁ ହତାଶା ମଧ୍ୟକୁ ନେଇଯାଇଛି। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ବର୍ଷା ନ ହେବାରୁ ବ୍ଲକର କେତେକ ପଞ୍ଚାୟତରେ ୩୦ରୁ ୭୦ ପ୍ରତିଶତ ଧାନ ଫସଲର ନଷ୍ଟ ହୋଇଥିଲା । ଗୁରୁବାରର ବର୍ଷା ଯୋଗୁଁ ଅଧିକ ଫସଲ ନଷ୍ଟ ହେବା ଚାଷୀ ମାନେ ଅଶଙ୍କା କରୁଛନ୍ତି। ଅମଳ ପାଇଁ କଟା ହୋଇ କ୍ଷେତରେ ପଡିଥିବା ପେଟା ଓ ଖଳାରେ ଥିବା ଖରି ଧାନ କୋହଲା ପାଗ ପାଇଁ ଗଜା ହେବା ନିଶ୍ଚିତ । ସେହିପରି କଟାଯାଇ ନ ଥିବା ପାଚିଲା ଧାନ କେଣ୍ଡା ବର୍ଷାରେ ଭିଜି ଯିବା ଫଳରେ ଏହାର ଗୁଣାତ୍ମକ ମାନ ନଷ୍ଟ ହୋଇଯିବା ଚାଟୀ ଆଶଙ୍କା କରୁଛି। ସେହିପରି ଚାଷୀ ବିଲରେ କରିଥିବା ବିରି, ମୁଗ, କାନ୍ଦୁଲ, ବନ୍ଧା କୋବି, ଫୁଲକୋବି, ବାଇଗଣ, ଶାଗ, ଟମାଟୋ, ଭେଣ୍ଡି ଇତ୍ୟାଦି ଫସଲ ପାଣି ଜମା ହୋଇଯିବାରୁ ନଷ୍ଟ ହେବା ସମ୍ଭାବନା ରହିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୩।୧୨:** ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଆଗଲପୁର ମଣ୍ଡଳ କଂଗ୍ରେସ କମିଟି ପୂର୍ବତନ ସଭାପତି ହରିବନ୍ଧୁ ନାୟକ (୯୨)ଙ୍କ ବୁଧବାର ପରଲୋକ ହୋଇଛି । ଜଣେ ମେଳାପୀ ବ୍ୟକ୍ତି, ଦୃଢ଼ ସଂଗଠକ ଓ ବିକାଶମୁଖୀ ସରପଞ୍ଚ ଭାବେ ଅଞ୍ଚଳରେ ସେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳେ ତାଙ୍କ ପୁତ୍ର ଶ୍ରୀକାନ୍ତ ନାୟକ, ଜୟନ୍ତ ନାୟକ, ଅନନ୍ତ ନାୟ, ରାଧାକାନ୍ତ ନାୟକ, ରମାକାନ୍ତ ନାୟକ ଓ ସୁକାନ୍ତ ନାୟକ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ଲୋକ, ବୁଦ୍ଧିଜୀବୀ ସ୍ୱର୍ଗତ ନାୟକଙ୍କ ଘରକୁ ଆସି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ସୁଲେକେଲାରେ କୁରାଳ ପଞ୍ଚମୀ

**ବେଲପଡା, ୧୩।୧୨(ଡି.ଏନ.ଏ.):** ବେଲପଡା ବ୍ଲକ ସୁଲେକେଲା ସାଗରପଡା ଠାରେ କୁରାଳ ପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଛି । ମଙ୍ଗଳବାର ଗ୍ରାମର ପୁଷ୍କରିଣୀରୁ ମହିଳା ପୁରୁଷ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ପୂଜା କର୍ତ୍ତାଭାବେ ସଂଯୁକ୍ତା ରଣା ଓ ନୀଳାଞ୍ଚଳ ରଣା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ରାଜକୁମାର ଦାଶ ପ୍ରବଚନ ଓ ଦିପିକା ଶତପଥୀ ପୁରାଣ ଗାୟନ କରୁଛନ୍ତି। କମିଟି ସମ୍ପାଦକ ଯଦୁମଣି ରଣା, ସମ୍ପାଦକ ଅଶୋକ ରଣା, ଶ୍ରୀମୁଖୀ ରଣା, ପୁରନ୍ଦର ରଣା ସମେତ ପଡାବାସୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଚାଲିଛି। ଶୁକ୍ରବାର ପୂଜାର ପୂର୍ଣ୍ଣାହୂତି ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଚେତନତା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୧୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଘୁନେଶ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବ୍ଲକସ୍ତରୀୟ ଜୀବିକା ବିକାଶ, ଦାରିଦ୍ର୍ୟ ଦୂରୀକରଣ ଓ ଏମଜିଏନଆରଇଜିଏସ ସମ୍ବନ୍ଧୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡିକ କିପରି ଠିକ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ, ଏମଜିଏନଆରଜିଏସର ଉତ୍ତମ ପରିଚାଳନା ହୋଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନଭାବେ ଆରମ୍ଭ ହୋଇଥିବା ପିଠା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ମହିଳା ଗୋଷ୍ଠୀର ସଭ୍ୟାମାନେ ବ୍ୟାଙ୍କ ସହିତ କିପରି ଜଡିତ ରହି ସ୍ୱାବଲମ୍ବୀ ହେବା ଉପରେ ସଚେତନତା କରାଯାଇଛି। ବଲାଙ୍ଗୀର ଗ୍ରାମ ଉଦ୍ୟୋଗ ସମିତି ଓ ଶ୍ରମିକ ଶକ୍ତି ସଂଗଠନ ବଡବାଙ୍କିଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ତୁରେକେଲା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ମନୋଜ କୁମାର ଦଲାଇ, ସମ୍ମାନିତ ଅତିଥି ବ୍ଲକ ଏପିଓ ସନ୍ତୋଷ ପଧାନ, ଆଇସିଡିଏସ ସୁପରଭାଇଜର ଟେଭାବତି ସୁନା, ସରପଞ୍ଚ ଛବିଲାଲ ଭୋଇ, ଧନସିଂ ମାଝି, ବିଜିଏସ କୋଅର୍ଡିନେଟର ଜୟନ୍ତ ବାଗ ମଞ୍ଚାସୀନ ଥିଲେ। ଶ୍ରମିକ ଶକ୍ତି ସଂଘ କୋଅର୍ଡିନେଟର ଗୁରୁଗୋବିନ୍ଦ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁରେଶ ଚଲାନ, ମହେନ୍ଦ୍ର କେତକି, ଆଶିଷ ପୁଟେଲ, ଘାସିରାମ ତାଣ୍ଡି, ବିନୋଦ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ।

---

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

# ଆନ୍ଦୋଳନରେ ଯୋଗଦେଲେ ମୁସଲିମ କମିଟି

**ବଲାଙ୍ଗୀର ଅଫିସ, ୧୩।୧୨**



ମୁସ୍‌ଲିମ୍ ସମାଜ ସଦସ୍ୟ ଓ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃପ୍ରତିଷ୍ଠା ଆନ୍ଦୋଳନ ୧୧ଦିନରେ ପହଞ୍ଚିଛି । ଆନ୍ଦୋଳନ ଯୋଗୁଁ ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛି । ଗତ ୧୧ଦିନ ହେଲା ଆନ୍ଦୋଳନ ଚାଲିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ କିଛି ବି ପ୍ରଭାବ ପଡିବା ଭଳି ଜଣାପଡିନାହିଁ । ଏଣୁ ଆନ୍ଦୋଳକାରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆଗାମୀ ୩୦ ଡିସେମ୍ବର ଯାଏ ଜାରି ରଖିବାକୁ ନିଷ୍ପତ୍ତି ଦେଇଛନ୍ତି । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ପରିଚାଳିତ ଏହି ଆନ୍ଦୋଳନରେ ଜିଲାର ଶତାଧିକ ସଂଗଠନ, ଅନୁଷ୍ଠାନ ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଇ ଆନ୍ଦୋଳନକୁ ତେଜିଆନ କରିଛନ୍ତି । ଗୁରୁବାର ବଲାଙ୍ଗୀର ମୁସଲିମ୍ କମିଟି ଏହି ଆନ୍ଦୋଳନରେ ଖାସ୍ ଦେଇଛି । ମୁସଲିମ୍ କମିଟି ସଭାପତି ନାଶିର ଖାନ୍, ସମ୍ପାଦକ ଶେଖ୍ ଜାବେଦ୍ ଇକ୍‌ବାଲଙ୍କ ନେତୃତ୍ୱରେ ଅବଦୁଲ ମୁଜିବ୍, ମସିଜିଦ୍ ଇମାମ୍ ଏମ୍‌ଡି ମୁସାହିଦ୍ ରଜା, ଅବଦୁଲ ରଜାକ୍, ଅବଦୁଲ ବାରି ଓ ଅନ୍ୟ ବହୁ ମୁସ୍‌ଲିମ୍ ସଦସ୍ୟ ଆନ୍ଦୋଳନସ୍ଥଳକୁ ଆସି ତାଙ୍କର ସମର୍ଥନ ଘୋଷଣା କରିଥିଲେ । ବଲାଙ୍ଗୀରରେ ସ୍ୱାଧୀନତା ପୂର୍ବରୁ ହାଇକୋର୍ଟ ରହିଥିଲା ଓ ଏବେ ଏଠାରେ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରି ବଲାଙ୍ଗୀରବାସୀଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ଫେରାଇ ଦିଅନ୍ତୁ ବୋଲି ଦାବି କରିଥିଲେ । ଗୁରୁବାର ବଲାଙ୍ଗୀର ନାଗରିକ କମିଟି ସଭାପତି ଭବାନୀ ଶତପଥୀ, ଉପସଭାପତି ଜୟରାମ ମିଶ୍ର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, କରଣ ସମାଜ ସଭାପତି ଅସୀମ ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ଅମନ୍ ନାଗ, ଆଡଭୋକେଟ୍ ସରୋଜ ଗୁପ୍ତା, ଶଶୀଭୂଷଣ ପୁରୋହିତ, ରତନ ମହାରଣା, ଦେବାଶିଷ ବିଶ୍ୱାଲ, ସତ୍ୟ ନାଏକ, ଅଶୋକ ରାଉତ୍, ଶୁଭ୍ରାଂଶୁ ଶେଖର ପଣ୍ଡା, ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର, ସମାଜସେବୀ ବିକ୍ରମାନନ୍ଦ ବହିଦାର, ପୁରାଣ ପଣ୍ଡା ଗାୟକ ସଂଘର ସୁରେନ୍ଦ୍ର ତ୍ରିପାଠୀ, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଡ ଅଭିମନ୍ୟୁ ମିଶ୍ର, ମଧୁବୈଶ୍ୟ ସମାଜର ମନୋରଞ୍ଜନ ସାହୁ, ଟିକଲ ପୁଟେଲ ଓ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇ ଧାରଣାରେ ବସିଥିଲେ । ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମ୍ପ୍ରସାରିତ କରାଗଲା ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ନାୟକ ସୂଚନା ଦେଇଛନ୍ତି ।

### ପଦୁଚେରୀ ସମ୍ମାନରେ ସମ୍ମାନିତ

**ଦେଓଗାଁ, ୧୩।୧୨(ଡି.ଏନ.ଏ)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ସରକାରୀ ନେତ୍ରଭାନୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ଭୋଇଙ୍କୁ ପ୍ରବାସୀ ଓଡିଆ ପଦୁଚେରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଚଳିତ ମାସ ୬ତାରିଖରେ ପଦୁଚେରୀସ୍ଥିତ ଜିପମର ଅଡିଟୋରିୟମଠାରେ ପ୍ରବାସୀ ଓଡିଆ ସମ୍ପର୍କ ମିଳନୀ ମହୋତ୍ସବ ହୋଇଥିଲା । ଏହି ଅବସରରେ ଉଦ୍‌ଘାଟକ ଭାବେ ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ମନୋଜ ଦାସ ଓ ମୁଖ୍ୟଅତିଥିଭାବେ ସ୍ଥାନୀୟ ମହାତ୍ମାଗାନ୍ଧୀ ମେଡିକାଲ କଲେଜ ଏଣ୍ଡ ରିସର୍ଚ୍ଚର କୁଳପତି ଡ. ସୁବାଷ ଚନ୍ଦ୍ର ପରିଡା ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଭୋଇଙ୍କୁ ଏକାଧାରାରେ ଜଣେ ଶିକ୍ଷକ, ଶିକ୍ଷା ପ୍ରଶାସକ, ସାମାଜିକକର୍ମୀ, ସଂସ୍କୃତି ଗବେଷକ, ନାଟ୍ୟକାର, ଅଭିନେତା, କବି, ଆକାଶବାଣୀ ଶିଳ୍ପୀ ତଥା କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ଭାବେ ପ୍ରବାସୀ ଓଡିଆ ପଦୁଚେରୀ ସମ୍ମାନ-୨୦୧୮ରେ ସମ୍ମାନିତ କରିଯାଇଛି ।

---

ବସନ୍ତ ପାଲ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ସେମିଫାଇନାଲରେ ବଲାଙ୍ଗୀର ଏଫ୍‌ସି

**ବଲାଙ୍ଗୀର ଅଫିସ,୧୩।୧୨**

ବଲାଙ୍ଗୀର ମିଶନ ପଡିଆରେ ଚାଲିଥିବା ବସନ୍ତ ପାଲ (ଘନା) ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚରେ ବଲାଙ୍ଗୀର ଏଫସି ୧-୦ ଗୋଲରେ ସମ୍ବଲପୁର ଚାରବାଟିକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି । ବିଜୟୀ ଦଳ ତରଫରୁ ମିଥୁନ ନାଏକ ଏକମାତ୍ର ଆକର୍ଷଣୀୟ ଗୋଲ ସ୍କୋର କରିଥିଲେ । ଖେଳକୁ ଦିଲୀପ କୁମାର ରାଉତ, ଶେଷଦେବ ବେହେରା, ଅରୁଣ କୁମାର ନାଏକ ଓ ଚତୁର୍ଥ ରେଫରୀ ଭାବେ ଖଲିଉର ରେହେମାନ ପରିଚାଳନା କରିଥିଲେ । ଅତିଥିଭାବେ ସାଇଟ ସମ୍ପାଦକ ମନୋଜ କୁମାର ମିଶ୍ର, କାଉନସିଲର ସରିତା ଦାସ, ନୂତନ ସେନ୍ଦ୍ରିଆ, ଉପେନ ଦୀପ ଓ ଉପଦେଷ୍ଟା ସୁବୋଧ ବାଗ ଯୋଗଦେଇ ଅଧ୍ୟକ୍ଷ ବିଶ୍ୱଜିତ ପାଲ ଓ ବୀରେନ୍ଦ୍ର ସୁନାଙ୍କ ସହ ପଡିଆକୁ ଯାଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସିସିଏଫ୍‌ଏ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ସଭାପତି ଜ୍ୟୋତିରାଜ ନାଗ ଓ ସାଙ୍ଗଠନିକ ସମ୍ପାଦକ ହେମନ୍ତ କୁମାର ବେହେରା ପରିଚାଳନା କରୁଥିବାବେଳେ କୋଷାଧ୍ୟକ୍ଷ ପ୍ରଭାତ କୁମାର ଦାସ, ପ୍ରଦୀପ ରାଜହଂସ, ନିଥନିଏଲ ଛତ୍ରିଆ, ସୌମ୍ୟରଞ୍ଜନ ନାଗ, ଚିନ୍ମୟ ନନ୍ଦ, ଅନୁପ ହରପାଲ ସହଯୋଗ କରିଛନ୍ତି। ଶୁକ୍ରବାର ପତାକା କ୍ଲବ ଅନୁଗୋଳ ବନାମ ଝାରସୁଗୁଡା ୟଙ୍ଗଷ୍ଟାର ଦଳ ମଧ୍ୟରେ ଖେଳ ହେବ ।


ଉଭୟ ଦଳର ଖେଳାଳି ସହ ଅତିଥି ଓ ଆୟୋଜକ ।

### ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ବୈଠକ

**ବଲାଙ୍ଗୀର ଅଫିସ,୧୩।୧୨**

ବଲାଙ୍ଗୀର ସହର ହାତୀଶାଳପଡାସ୍ଥିତ ଓଡେଶା ଭବନଠାରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ବଲାଙ୍ଗୀର ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁଦର୍ଶନ ନାୟକଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ଚୟନ ହୋଇଛି । ଏଥିରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀଧର ବାରିକ ଓ କେନ୍ଦ୍ରୀୟ ଅତିରିକ୍ତ ସମ୍ପାଦକ ପ୍ରଭାତ ନାୟକ ମଞ୍ଚାସୀନ ଥିଲେ । ବୈଠକରେ ସଂଘର ସୁବିଧା, ଅସୁବିଧା, ଆୟବ୍ୟୟ, କର୍ମକର୍ତ୍ତା ଚୟନ ଉପରେ ଆଲୋଚନା ହୋଇଥିଲା । ନୂତନ କର୍ମକର୍ତ୍ତା ଚୟନରେ ଉପଦେଷ୍ଟା ଭାବେ ବୃଷଭ ଚନ୍ଦ୍ର ହୋତା, ସଭାପତି ଭାବେ ସୁଦର୍ଶନ ନାୟକ, ଉପସଭାପତି ପ୍ରଦୀପ ଲାଲ, ସମ୍ପାଦକ ଦୁର୍ଗା ଶଙ୍କର ପୂଜାରୀ, ସହସମ୍ପାଦକ ଭାବେ ରାଜୀବ କିଶାନ, ପ୍ରଦୀପ ବେହେରା, ଅଡିଟର ଭାବେ ପ୍ରଭାତ ସେଠୀଙ୍କୁ ଚୟନ କରାଯାଇଛି। ବୈଠକରେ ବଲାଙ୍ଗୀର ଜିଲାର ବିଭିନ୍ନ ଇଞ୍ଜିନିୟରିଂ କାର୍ଯ୍ୟାଳୟର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

---

ମାଗଣା ପୋଷାକ ଯୋଜନା ବାଟବଣା

## ଛାତ୍ରୀଛାତ୍ରଙ୍କୁ ମିଳିନି ପୋଷାକ, ଜୋତା

**ଖପ୍ରାଖୋଲ,୧୩।୧୨(ଡି.ଏନ.ଏ.)**

**ଖପ୍ରାଖୋଲ ବ୍ଲକ**

ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମାଗଣାରେ ପୋଷାକ ଓ ଜୋତା ଯୋଗାଇଦେବା ପାଇଁ ଯୋଜନା କରିଛନ୍ତି । ହେଲେ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସମୟରେ ତାହା ମିଳୁ ନ ଥିବାରୁ ଏହାକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କେତେବେଳେ ଶିକ୍ଷାବର୍ଷ ମଝିରେ ତ ଆଉ କେତେବେଳେ ଶିକ୍ଷାବର୍ଷ ଶେଷରେ ଏହା ମିଳୁଥିବା ଦେଖିବାକୁ ମିଳିଛି । ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରୁ ନ ଥିବା ନଜରକୁ ଆସିଛି । ଏଭଳି ଅଭିଯୋଗ ହୋଇଛି ଖପ୍ରାଖୋଲ ବ୍ଲକରେ ।

୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଖପ୍ରାଖୋଲ ବ୍ଲକର ୧୬,୮୯୫ ଜଣ ଛାତ୍ରୀଛାତ୍ରଙ୍କ ଲାଗି ୧କୋଟି, ୧ଲକ୍ଷ, ୩୭ହଜାର ଟଙ୍କା ଡିପିସି ଅଫିସ ପକ୍ଷରୁ ମଞ୍ଜୁର ହୋଇଛି । ଜଣେ ପିଲା ପାଇଁ ଦୁଇ ହଳ ପୋଷାକ ବାବଦରେ ୪୦୦ଟଙ୍କା ରଖାଯାଇଛି। ସେହିପରି ଗୋଟିଏ ହଳ ଜୋତା ସହ ଦୁଇ ହଳ ମୋଜା ପାଇଁ ୨୦୦ଟଙ୍କା ସମୁଦାୟ ମୁଣ୍ଡ ପିଛା ୬୦୦ଟଙ୍କା ଖର୍ଚ୍ଚ ହେବ ବୋଲି ନିର୍ଦ୍ଦେଶନାମା ଆସିଥିବା ଜଣାପଡିଛି। କିନ୍ତୁ ଚଳିତ ବର୍ଷ ଶିକ୍ଷାବର୍ଷର ଅଧା ହୋଇଥିବାବେଳେ ନୂତନ ପୋଷାକ, ଜୋତା ମିଳିନାହିଁ । ଏଠି ପ୍ରଶ୍ନ ଉଠୁଛି ଜଣେ ଗରିବ ପିଲା ସରକାରଙ୍କ ଏହି ମାଗଣା ପୋଷାକକୁ ଅପେକ୍ଷା କରି ବିଦ୍ୟାଳୟକୁ ବିନା ୟୁନିଫର୍ମରେ ମାସ ମାସ ଧରି ଯିବ ନା ନିଜେ ପୋଷାକ କିଣି ବିଦ୍ୟାଳୟ ଯିବା ସହ ଖର୍ଚ୍ଚାନ୍ତ ହେବ । ଅନେକ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବା କର୍ମକର୍ତ୍ତା ଓ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଅସହଯୋଗ ଯୋଗୁ ଛାତ୍ରୀଛାତ୍ରମାନଙ୍କୁ ଡ୍ରେସ ବା ଜୋତା ମିଳିବାରେ ଅଧିକ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଏ ନେଇ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ପଚାରିବାରୁ କିଛି ଦିନ ହେବ ବିଦ୍ୟାଳୟଗୁଡିକର ଜମାଖାତାକୁ ଡିପିସି କାର୍ଯ୍ୟାଳୟରୁ ଟଙ୍କା ଟ୍ରାନ୍ସଫର ହୋଇଛି । ତୁରନ୍ତ ପିଲାଙ୍କୁ ପୋଷାକ, ଜୋତା ଯୋଗାଯିବାର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

---

## ଶେଲ୍‌ଟର ହୋମ୍‌ରେ ଏନ୍‌ସିପିସିଆର ଟିମ୍ ସଦସ୍ୟଙ୍କ ପରିଦର୍ଶନ

**ବଲାଙ୍ଗୀର ଅଫିସ,୧୩।୧୨**

ଢେଙ୍କାନାଳ ଗୁଡ ନିଉଜ୍ ଶେଲ୍‌ଟର ହୋମ କାଣ୍ଡ ପ୍ରଘଟ ହେବା ପରେ ଏବେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଓ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ସଦସ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶିଶୁଗୃହ (ସେଲଟର ହୋମ୍) ପରିଦର୍ଶନ କରିଛନ୍ତି । ଗୁରୁବାର ଏନ୍‌ସିପିସିଆର ଏବଂ ଓଏସ୍‌ସିପିସିଆର୍‌ର ଦୁଇଜଣ ସଦସ୍ୟଙ୍କ ସହ ସ୍ଥାନୀୟ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଦସ୍ୟମାନେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଶିଶୁଗୃହ ବୁଲି ଦେଖିଥିବା ଜଣାପଡିଛି । ପ୍ରଥମେ ଏହି ଟିମ୍ ଟିଁଆପାଲିଠାରେ ଥିବା ଆଦୃତ ଶିଶୁଗୃହକୁ ପରିଦର୍ଶନରେ ଯାଇଥିଲେ । ଏନ୍‌ସିପିସିଆରର ଅରୁଣ କୁମାର ଓ ଓଏସ୍‌ସିପିସିଆରର ଗୀତା ବସ୍ତିଆଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିନୋଦିନୀ ପ୍ରଧାନ, ସିଡବ୍ଲ୍ୟୁସିର ଅନିତା ତ୍ରିପାଠୀ, ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର, ସାମାଜିକ କର୍ମୀ ଅରୁଣ ଖୁଆସ ପରିଦର୍ଶନ କରିଥିଲେ । ଆଦୃତଠାରେ କିଛି ସମୟ ଧରି ରୁଦ୍ଧଦ୍ୱାର କଠୋରୀରେ ସେମାନେ ଆଲୋଚନା କରିଥିଲେ । ଏଠାରେ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବାରୁ ସେମାନଙ୍କୁ କିଛି ବି ସୁଯୋଗ ଦିଆଯାଇ ନ ଥିଲା । ଦୁଇଜଣ ସଦସ୍ୟ ଓଲଟା ଗଣମାଧ୍ୟମକୁ ଏଥିରୁ ଦୂରେଇ ରଖିଥିଲେ । ଫଳରେ ଏହି ଟିମ୍ ବାସ୍ତବରେ କ'ଣ ପରିଦର୍ଶନ କରୁଛନ୍ତି ତାହା ଜଣାପଡିନାହିଁ । ଢେଙ୍କାନାଳ ଗୁଡ ନିଉଜ୍ ସେଲଟର ହୋମ କାଣ୍ଡ ପ୍ରଘଟ ହେବା ପରେ ବଲାଙ୍ଗୀର ଜିଲା ବାଞ୍ଜିପାଲିଠାରେ ଥିବା ଏହି କେନ୍ଦ୍ରର ଏକ ସେଲଟର ହୋମରୁ ୭୧ଜଣ ଅନ୍ତେବାସୀଙ୍କୁ ଅନ୍ୟତ୍ର ନିଆଯାଇ ତାଲା ପକାଯାଇଥିଲା । ଏହି ଟିମ୍ ସଦସ୍ୟମାନେ ବାଞ୍ଜିପାଲି ଗୁଡ୍ ନିଉଜ୍ ସେଲଟର ହୋମକୁ ଯାଇଥିଲେ । ଏହାପରେ ଆଗଲପୁରଠାରେ ଥିବା ମାନବ କଲ୍ୟାଣ ସେବାଶ୍ରମର ଶିଶୁଗୃହ, ରାମପୁର ଅନୁସୂଚିତ ଜାତି, ଜନଜାତି ସ୍କୁଲ ହଷ୍ଟେଲ ପରିଦର୍ଶନ କରିଥିବା ଜଣାପଡିଛି। ଜିଲାରେ ଶିଶୁଗୃହମାନଙ୍କୁ ରହୁଥିବା ଶିଶୁମାନଙ୍କ ଅବସ୍ଥା ସମ୍ପର୍କରେ ଏହି ଟିମ୍ ଅନୁଧ୍ୟାନ କରୁଥିବା କୁହାଯାଇଥିଲେ ମଧ୍ୟ ଏନେଇ ଗଣମାଧ୍ୟମରେ କିଛି ବି କହିବାକୁ ଟିମ୍ ସଦସ୍ୟ ମନା କରିଦେଇଥିଲେ । ଫଳରେ ଏହି ଟିମ୍ ବାସ୍ତବରେ ଜିଲାରୁ କ'ଣ ରିପୋର୍ଟ ସଂଗ୍ରହ କରିଛନ୍ତି ଜଣାପଡିନାହିଁ । ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଛତାମଖନା ହାଇସ୍କୁଲରେ ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏଁ କିଛିବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଓଲଟା ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ଘଟିଥିଲେ ମଧ୍ୟ ଏନ୍‌ସିପିସିଆର ଓ ଓଏସ୍‌ସିପିସିଆର ଟିମ୍ ବଲାଙ୍ଗୀର ଜିଲାଗସ୍ତରେ ଆସି ଏଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡିଛି ।

## କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୧୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୮ତମ ବାର୍ଷିକ ଉତ୍ସବ ବୁଧବାର ରାତିରେ ପାଳିତ ହୋଇଛି । ମୁଖ୍ୟ ଅତିଥିଭାବେ ଶିକ୍ଷାବତ୍ ଶ୍ୟାମସୁନ୍ଦର ସାହୁ, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ନୂଆପଡା ବିଭାଗ ପ୍ରମୁଖ ତଥା ସିନାପାଲି ମହାବିଦ୍ୟାଳୟ ଅଧ୍ୟାପକ ଗୟାଧର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସମ୍ପାଦକ ଦୁଃଖିଶ୍ୟାମ ରାଏ, ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରିଚାଳନା ସମିତି ସହସମ୍ପାଦକ ଶୁଭେନ୍ଦୁ ନାରାୟଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ପରିଚାଳନା ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା।

---

ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

# ବିଜ୍ଞାନ ଜରିଆରେ ସମାଜର ଉନ୍ନତି ହୋଇପାରିବ

**ବଲାଙ୍ଗୀର ଅଫିସ, ୧୩।୧୨**

ବଲାଙ୍ଗୀର ପୁଇଁତଲା ବ୍ଲକ ଅନ୍ତର୍ଗତ କୁରୁଲସ୍ଥିତ ରାମଜୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ତିନିଦିବସୀୟ ବିଜ୍ଞାନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି । ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂ ଯୋଗଦେଇଥିଲେ । ବିଜ୍ଞାନ ଜରିଆରେ ସମାଜର କିଭଳି ଉନ୍ନତି କରାଯାଇପାରିବ ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥିଭାବେ ପୁଇଁତଲା ବିଇଓ ନେପାଳ ଚନ୍ଦ୍ର ବାଗ, ଆୟୋଜକ ସମ୍ପାଦକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ସନାତନ ଠାକୁର ଯୋଗଦେଇଥିଲେ। ମୁଖ୍ୟବକ୍ତା ଠାକୁର ତାଙ୍କ ବକ୍ତବ୍ୟରେ କୁନି ବୈଜ୍ଞାନିକମାନଙ୍କୁ ପ୍ରଶଂସା କରି ଦେଶର ଉନ୍ନତିରେ ନିଜକୁ ସମର୍ପିତ କରିବାକୁ କହିଥିଲେ । ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣୀ ପଟେଲ ୩ଦିନ ଧରି ଚାଲିଥିବା ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ଉପସ୍ଥାପନ କରିଥିଲେ । ବିଜ୍ଞାନ ପ୍ରଦର୍ଶନୀରେ ପ୍ରଥମ ଥର ପାଇଁ ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବେ ସରୋଜ କୁମାର ନାୟକଙ୍କୁ ପରିତୋଷ ମେମୋରିଆଲ ଟ୍ରଫି ଦିଆଯାଇଥିଲା । ଶିକ୍ଷକ ଜୟକୃଷ୍ଣ ନାଏକ ଓ ସଞ୍ଜୀବନୀ ପଣ୍ଡାଙ୍କୁ ଶ୍ରେଷ୍ଠ ଗାଇଡ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା । ଜିଲା ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ଏସ୍‌ଜେଡିଏଚ୍‌ଏସ୍ ମଣ୍ଡଳ ଛାତ୍ର ଡୋଲେଶ୍ୱର କୁଅଁର, ଏସ୍‌ଏସ୍‌ଏଚ୍‌ଏସ୍ ସାଉନ୍ତପୁରର ଛାତ୍ର ଅମରେନ୍ଦ୍ର ଭୋଇ, ଜିପିଏଚ୍‌ଏସ୍ ଛତାପିପଲର ଛାତ୍ରୀ ସୁରେଶ୍ୱରୀ ମହାକୁର, ଓଏଭି ମୁରିବାହାଲର ଛାତ୍ର ରୋହନ୍‌ରାଜ ଭୋଇ, ପିଏଚ୍‌ଏସ୍ ସିନ୍ଧେକେଲାର ଛାତ୍ର ଅଙ୍କିତ ସାହୁ ଓ ପିଏଚଏସ କୁଶଙ୍ଗର ଛାତ୍ରୀ ଝରଣା ମହଲା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଡିଏଲଇପିସିରେ ଅନିତା ପ୍ରଧାନ, ଇତିଶ୍ରୀ ସାହୁ, ସ୍ୱାଗତିକା ସେଠ, ହେମନ୍ତ କୁମାର ଦଳବେହେରା, ଅନିଶା ତ୍ରିପାଠୀ, ରେଶମାରାଣୀ ମିଶ୍ର, ପୀତାମ୍ବର ମେହେର, ସ୍ନିଗ୍ଧା ସନ୍ତୋଷିନୀ ନନ୍ଦ, ବୈବସ୍ୱତ ଜୁଗନିଆ, ସମ୍ବିତ ସାହୁ, ସନ୍ତୋଷ ନାୟକ ଓ ବର୍ଷା ଦାଶ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ମେଳାରେ ବିଚାରକ ଭାବେ ଗତିକୃଷ୍ଣ ଯୋଶୀ, ଭକ୍ତ ଚରଣ ମିଶ୍ର, ଡ. ବିଏନ ଶ୍ରୀକାନ୍ତ, ଶ୍ରୀକାନ୍ତ ପଟେଲ, ପ୍ରାଧ୍ୟାପକ ତରୁଣ ମିଶ୍ର, ଘନଶ୍ୟାମ ଯୋଶୀ, ଅଙ୍ଗିରା ସାହୁ ଓ ଶୁଭେନ୍ଦୁ ମେହେର ଯୋଗ ଦେଇଥିଲେ । କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଭୁବନେଶ୍ୱରର ସ୍ୱରାଜ ପରିଡା ଯୋଗଦେଇ ସମସ୍ତ ପ୍ରକଳ୍ପକୁ ପର୍ଯ୍ୟବେକ୍ଷଣ କରିଥିଲେ । ଦ୍ୱିତୀୟ ଦିବସ ସାନ୍ଧ୍ୟ ଅଧିବେଶନରେ ଅତିଥି ଭାବେ ଅକ୍ଷୟ କୁମାର ମିଶ୍ର , ଓଷ୍ଟା ସଭାପତି ବିନୋଦ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ଶିବପ୍ରସାଦ ନନ୍ଦ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶର୍ମିଷ୍ଠା ହୋତା, ଦିଗାମ୍ବର ନାଏକ ଓ ସଞ୍ଜିବନୀ ପଣ୍ଡା ସଂଯୋଜନା କରିଥିବାବେଳେ ବିଜ୍ଞାନ ସମିତିର ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ଜୁନିଅର ରେଡକ୍ରସ, ସ୍କାଉଟ, ଗାଇଡ, ଇକୋ କ୍ଲବର ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ବିଜ୍ଞାନମେଳାର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୪/୨୦୧୮



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



**ସଂକ୍ଷେପରେ**

## ଶିଶୁ ଅଧିକାର କାର୍ଯ୍ୟକ୍ରମ 'କଲ୍ଲୋଳ'

**ଝାରସୁଗୁଡ଼ା ଅଫିସ,୧୩।୧୨**-ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଆଇନା ସଂସ୍ଥା ସହାୟତାରେ ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସମ୍ମିଳନୀ କକ୍ଷରେ ଶିଶୁ ଅଧିକାର କାର୍ଯ୍ୟକ୍ରମ 'କଲ୍ଲୋଳ' ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିଶୁ ଅଧିକାର ସମ୍ବନ୍ଧୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିଶୁଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ସଚେତନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅତିଥି ଭବେ ଅତିରିକ୍ତ ଏସ୍‌ପି ପ୍ରମୋଦ ପଟେଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରଭା ସେଠ୍, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ମୀନାରାଣୀ ମଙ୍ଗଳ, ଚାଇଲ୍ଡଲାଇନ ସଂଯୋଜକ ଆଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଆଇନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ସମୀର ମିଶ୍ର, ଦୀପକ ପଟେଲ, ପଙ୍କଜ ମନୋହର, ଶୁଭଶ୍ରୀ ସାହୁ, ରଜତ ବିହାରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ତଥା ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

## ବୁଦିଆ ଛକ-କୁଦୋପାଲି ରାସ୍ତାର ଶିଳାନ୍ୟାସ

**ବ୍ରଜରାଜନଗର,୧୩।୧୨(ଡି.ଏନ୍.ଏ.)**- କୁଦୋପାଲି ପଞ୍ଚାୟତର ବୁଦିଆ କଲୋନୀ ପାଖ ଛକଠାରୁ କୁଦୋପାଲି ପଞ୍ଚାୟତକୁ ସଂଯୋଗ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ଗୁରୁବାର ଏହି ରାସ୍ତା ପାଇଁ ଶିଳାନ୍ୟାସ କରାଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ରାଧାରାଣୀ ପଣ୍ଡା ଓ ଇବ୍‌କ୍ଷେତ୍ର ପ୍ରବନ୍ଧକ ମଧୁସୂଦନ ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ସିଏସ୍ଆର୍ ପାଣ୍ଠିରୁ ୪୨ ଲକ୍ଷ ଟଙ୍କା ବିନିଯୋଗରେ ରାସ୍ତା ନିର୍ମାଣ କରାଯିବ।

## ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

**ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)**- କାମଧନ୍ଦା ଅନ୍ୱେଷଣରେ ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଆନ୍ତି। ସେଥିମଧ୍ୟରୁ ଅନେକେ ଅଘଟଣ କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ହରାଉଛନ୍ତି। ବୁଧବାର ସନ୍ଧ୍ୟାରେ ମହାରାଷ୍ଟ୍ରରେ ଦାଦନ ଖଟିବାକୁ ଯାଇ ଅଞ୍ଚଳର ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ସଦର ବ୍ଲକ ଇଚ୍ଛାପୁର ଗାଁର ପୀତବାସ ଦୁର୍ଗା। ପୀତବାସଙ୍କ ମୃତଦେହ ଗୁରୁବାର ଇଚ୍ଛାପୁର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ମହାରାଷ୍ଟ୍ର ପାଲଘର ଜିଲା ସୋରୋଲି ପଞ୍ଚାୟତସ୍ଥିତ ସନ୍ତୋସ କନଷ୍ଟ୍ରକ୍ସନରେ ଶ୍ରମିକ ଭାବରେ କାମ କରୁଥିଲେ। ପୀତବାସ କମ୍ପାନୀରେ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ଲାଗିଥିବା ପାଣି ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଥିଲା। ପୀତବାସଙ୍କ ୩ ପୁଅ ଓ ୨ ଝିଅ ଅଛନ୍ତି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅସହାୟ ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ପରିବାରବର୍ଗ ଦାବି କରିଛନ୍ତି।

# ୧୭ରେ କୋଶଳ ମହାବନ୍ଦ ସଫଳ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା ଅଫିସ,୧୩।୧୨**

କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଡିସେମ୍ବର ୧୭ ତାରିଖରେ କୋଶଳ ମହାବନ୍ଦ ପାଳନ ହେବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ମଧ୍ୟ ବନ୍ଦ ରହିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହାବନ୍ଦକୁ ସଫଳ କରିବା ପାଇଁ ଗୁରୁବାର ନାଗରିକ ସମ୍ମିଳନୀ ଆହ୍ୱାନ ଦେଇଛି। ଏଥିରେ ଯୋଗଦେଇ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ସଦସ୍ୟ, ବୁଦ୍ଧିଜୀବୀ ଏବଂ ସଂଘ ବନ୍ଦକୁ ସମର୍ଥନ ଜଣାଇଛନ୍ତି। ସମନ୍ୱୟ ସମିତିର ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସମିତି ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଯୋଗଦେଇ କୋଶଳ ଆନ୍ଦୋଳନକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ହେଲେ କୋଶଳ ମହାବନ୍ଦକୁ ସଫଳ କରାଇବାକୁ ପଡ଼ିବ ବୋଲି କହିଥିଲେ। ଆଇନଜୀବୀଙ୍କ ଆନ୍ଦୋଳନକୁ ସେ ସମର୍ଥନ ଜଣାଇବା ସହ ଆଇନଜୀବୀମାନେ କୋଶଳ ଆନ୍ଦୋଳନ ପାଇଁ ଲଢ଼େଇ କରିବାକୁ କହିଥିଲେ। ଏଥିରେ କୋଶଳବାଦୀ ନେତା ନାରାୟଣ ମହାପାତ୍ର, ଆଦିବାସୀ ନେତା ବୁନ୍ଦେ ଧୁରୁଆ, ଆଇନଜୀବୀ ସିଆରାମ ଦାସ, ଭାଜପା ନେତା ଦୀପକ ପଟେଲ, ଚନ୍ଦ୍ରଶେଖର ସିଂ, ଅଶୋକ ମିଶ୍ର, ସରଜୁ ଖମାରୀ, ନାରାୟଣ ଅଗ୍ରୱାଲ, ନୀଳାଦ୍ରି ପଣ୍ଡା, ରାଜକୁମାର ପଣ୍ଡା, ନେତ୍ରା ସାହୁ ପ୍ରମୁଖ ଯୋଗଦେଇ କୋଶଳ ମହାବନ୍ଦ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ମହାବନ୍ଦ ସଫଳ କରିବା ପାଇଁ ଉପସ୍ଥିତ ବ୍ୟକ୍ତିଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କୋଶଳ ନେତା।

■ ଶିଳାନ୍ୟାସ ରାଜନୀତି ବିବାଦ

# ବିଜେଡି ସମ୍ପାଦକଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ଝାରସୁଗୁଡ଼ା ଅଫିସ,୧୩।୧୨**

ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମାଣ ହେବାକୁ ଥିବା ଏକ ସେତୁର ଶିଳାନ୍ୟାସ କରିବାକୁ ଶନିବାର ଯାଇଥିବା ବିଜେଡି ସମ୍ପାଦକ ତ୍ରିନାଥ ଗୁଆଲଙ୍କୁ କଂଗ୍ରେସ କର୍ମୀ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବଡ଼ମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ହିର୍ମାର ବ୍ରିଜେଶ୍ କଣ୍ଡା (୨୮)।
ସୂଚନା ଅନୁଯାୟୀ, ବଡ଼ମାଲ ଥାନା ହିର୍ମା ପଞ୍ଚାୟତ, ମଲଦା, ପତ୍ରାପାଲିର ବିଜେଡି କର୍ମୀଙ୍କ ଅନୁରୋଧ କ୍ରମେ ଜିଲା ବିଜେଡି ସମ୍ପାଦକ ଗୁଆଲ ଝାରସୁଗୁଡ଼ା ସଦର ବ୍ଲକ ମଲଦା–ହିର୍ମାଠାରେ ନିର୍ମାଣ ହେବାକୁ ଥିବା ସେତୁ ଶିଳାନ୍ୟାସ କରିବାକୁ ଯାଇଥିଲେ। ଏଠାକୁ କାହିଁକି ଆସିଛୁ ଏବଂ କିଏ ଡାକିଛି ବୋଲି କହି କଂଗ୍ରେସ କର୍ମୀ ବ୍ରିଜେଶ୍ କଣ୍ଡା ଗୁଆଲଙ୍କୁ ଗାଳି ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ବ୍ରିଜେଶଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ବୋଲି ତ୍ରିନାଥ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୮୨) ରୁଜୁ କରିଥିଲା। ଘଟଣାର ତଦନ୍ତ କରି ବ୍ରିଜେଶଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହିର୍ମା ସରପଞ୍ଚ ଅନୀତା ଭଇଁଷାଙ୍କ ଅଭିଯୋଗକ୍ରମେ ବଡ଼ମାଲ ଥାନାରେ ତ୍ରିନାଥ ଗୁଆଲଙ୍କ ବିରୋଧରେ ମାମଲା (ନଂ.୧୮୩) ରୁଜୁ ହୋଇଛି।

■ ଆନ୍ତଃ କଲେଜ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# ବାଳିକା ବର୍ଗରେ ଭୁବନେଶ୍ୱର, ବାଳକରେ ରାଉରକେଲା ଚାମ୍ପିୟନ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଝାରସୁଗୁଡ଼ା ଅଫିସ,୧୩।୧୨**

ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିୟନ ପଡ଼ିଆରେ ଚାଲିଥିବା ୨ଦିନିଆ ୩୬ତମ ରାଜ୍ୟ ଇଣ୍ଟର କଲେଜ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଝାରସୁଗୁଡ଼ା ଏଲ୍.ଏନ୍. କଲେଜ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତର ବାଳିକା ବିଭାଗରେ ଭୁବନେଶ୍ୱର କଲେଜ ଏବଂ ବାଳକ ବିଭାଗରେ ରାଉରକେଲା କଲେଜ ଚାମ୍ପିୟନ ହୋଇଛି। ବାଳିକାରେ ପ୍ରିୟଙ୍କା ଟପ୍ପୋ ଏବଂ ବାଳକ ବିଭାଗରେ କ୍ରିଷ୍ଣା ମୁଣ୍ଡା ଓ ଦିଲୀପ ନାୟକ ଚାମ୍ପିୟନ ହୋଇଛନ୍ତି। ଏହି ଉଦ୍‌ଯାପନୀ ଦିବସରେ ୧୦୦, ୨୦୦, ୪୦୦, ୮୦୦ ଏବଂ ୩୦୦୦ ମିଟର ଦୌଡ଼, ୫୦୦୦ ମିଟର ୱାକ୍, ଲମ୍ବଡିଆଁ, ଉଚ୍ଚଡିଆଁ, ଟ୍ରିପଲ୍ ଜମ୍ପ, ଜାଭେଲିନ୍ ଥ୍ରୋ, ଡିସକସ୍ ଥ୍ରୋ, ଶଟ୍‌ପୁଟ୍, ହାମର୍ ଥ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦ୍ୱିତୀୟ ବାଟାଲିୟନର ଉପଦୁର୍ଗପତି ଲକ୍ଷ୍ମଣ ସିଂ ମୁଖ୍ୟଅତିଥି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଯଶୋବନ୍ତ ସାମଲ, ସହଦୁର୍ଗପତି ମାନଧାତା ସାଏ, ଝାରସୁଗୁଡ଼ା କ୍ରୀଡ଼ା ସଂଘ ସମ୍ପାଦକ ତାପସ ରାୟଚୌଧୁରୀ, ଉପସଭାପତି ଜୀବନ ମହାନ୍ତି, ଗଣେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଏଲ୍.ଏନ୍. କଲେଜ ଅଧ୍ୟକ୍ଷ ଚୀରବ୍ରତ ଦତ୍ତ ବିବରଣୀ ପାଠ କରିଥଲେ। ମାନସ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିର ଉଦ୍‌ଘାଟିତ

**ଲଖନପୁର,୧୩।୧୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ଚାରପାଲି ବରପାଲି ଗ୍ରାମରେ ଶିକ୍ଷାବିକାଶ ସମିତି ପକ୍ଷରୁ ଗୁରୁବାର ସରସ୍ୱତୀ ଶିଶୁମନ୍ଦିର ଉଦ୍‌ଘାଟନ ହୋଇଛି। ଏହି ଅବସରରେ ହୋମଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଅମରେଶ ନାୟକ ଦାୟିତ୍ୱ ତୁଲାଇଥିଲେ। ସଚ୍ଚିଦାନନ୍ଦ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ରେଙ୍ଗାଲି ସରସ୍ୱତୀ ଶିଶୁମନ୍ଦିର ପରିଚାଳନା ସମିତି ସଭାପତି ରାଜୀବ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ଣ୍ଣଚନ୍ଦ୍ର ନାୟକ, ରଘୁନନ୍ଦନ ପଣ୍ଡା, ବ୍ରଜରାଜନଗର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ଖମାରୀ, ଜଗଦୀଶ ପୂଜାରୀ, ସରୋଜ ନାଥ, ଡାକ୍ତର ସୌକତ୍‌ଅଲ୍ଲି ଖାଁ, ଲିଙ୍ଗରାଜ ବଢ଼େଇ, ସୁରେନ୍ଦ୍ର ତ୍ରିପାଠୀ, ଦୀନେଶ କୁମାର ଯାଦବ, ସତ୍ୟାନନ୍ଦ ଭୋଇ, ପ୍ରଦୀପ ପୁରୋହିତ, ସୁରେନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସନ୍ଧ୍ୟା ବେସନ ନାମକ ଜଣେ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମ ଲେଖାଇଛନ୍ତି। ରେଙ୍ଗାଲି ସରସ୍ୱତୀ ଶିଶୁମନ୍ଦିର ପରିଚାଳନା ସମିତି ସମ୍ପାଦକ ସରୋଜ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ସବ୍‌ଜୁନିୟର ଟେନିକଏଟ୍ ପ୍ରତିଯୋଗିତାରେ ବେଲପାହାଡ଼ର ୬ ଛାତ୍ରୀଛାତ୍ର।

# ଜାତୀୟ ସବ୍‌ଜୁନିୟର ଟେନିକଏଟ୍ ପ୍ରତିଯୋଗିତାରେ ବେଲପାହାଡ଼ର ୬ ଛାତ୍ରୀଛାତ୍ର

**ବେଲପାହାଡ଼,୧୩।୧୨(ଡି.ଏନ୍.ଏ.)**

ସୋମବାରଠାରୁ ପଶ୍ଚିମବଙ୍ଗ ବର୍ଦ୍ଧମାନ ଠାରେ ୩୩ତମ ଜାତୀୟ ସବ୍‌ଜୁନିୟର ଟେନିକଏଟ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ସିମରନ୍ ସିଂ, ଇଶା ଯାଦବ, ମୁସ୍କାନ ମହାକୁଡ଼, ପିୟୁଷ ପଣ୍ଡା, ସ୍ୱରାଜ ସିଂ ଓ ଏମ୍‌ଡ଼ି. ଉମରଉଲ୍ଲା। ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏହି ୬ ଛାତ୍ରୀଛାତ୍ରଙ୍କ ସହିତ ମ୍ୟାନେଜର ଭାବେ ଶିକ୍ଷୟିତ୍ରୀ ରେଖା ରାଏ ବର୍ଦ୍ଧମାନ ଯାଇଛନ୍ତି। ଟେନିକଏଟ୍ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ।

■ ନାଗପଞ୍ଚମୀ ଫୁଟବଲ ଟୁର୍ନାମେଣ୍ଟ

# କିର୍ମିରାକୁ ହରାଇ ରାଜପୁର ଚାମ୍ପିୟନ

**ବ୍ରଜରାଜନଗର,୧୩।୧୨ (ଡି.ଏନ୍.ଏ.)**

ରାଜପୁର ପଞ୍ଚାୟତ ଅମଦରହ ଗ୍ରାମରେ ଚାଲିଥିବା ଦୁଇଦିନିଆ ନାଗପଞ୍ଚମୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟାଇବ୍ରେକରରେ ୫-୪ ଗୋଲରେ କିର୍ମିରାକୁ ହରାଇ ରାଜପୁର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟଅତିଥି, ପୂର୍ବତନ ସମିତିସଭ୍ୟ ବିଶ୍ୱଲୋଚନ ଭୋଇ, ରାଜପୁର ସମିତିସଭ୍ୟ ଗଣେଶରାମ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଆର୍ଥିକ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ୱାର୍ଡସଭ୍ୟ ବିସଲେସ୍ ଏକ୍କା, ତ୍ରିମୂର୍ତ୍ତି କ୍ଲବ ସଦସ୍ୟ ମନୋଜ ନାଏକ, ଧର୍ମେନ୍ଦ୍ର ମାଝି, ହରିହର ମାଝି, ଶ୍ୟାମସୁନ୍ଦର ମାଝି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ଖେଳାଳି ବିଶ୍ରାମ ଗୃହ ଲୋକାର୍ପିତ

**ବ୍ରଜରାଜନଗର,୧୩।୧୨ (ଡି.ଏନ୍.ଏ.)**

ସ୍ଥାନୀୟ ଖଲିଆକାନି ଗ୍ରାମ ଖେଳପଡ଼ିଆରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ଖେଳାଳି ବିଶ୍ରାମ ଗୃହ ଓ ରୋଷେଇ ଘର ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲା ବିଜେଡି ସମ୍ପାଦକ ତ୍ରିନାଥ ଗୁଆଲ, ପୂର୍ବତନ ବ୍ରଜରାଜନଗର ପୌରାଧକ୍ଷ ନନ୍ଦକିଶୋର ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହେନ୍ଦ୍ର ନାଏକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ରାଧାକୃଷ୍ଣ ଉନ୍ନୟନ ପରିଷଦ ସଭାପତି ଚୈତନ୍ୟ ପ୍ରଧାନ, ଜଗଦୀଶ ପ୍ରଧାନ, ପବିତ୍ର ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**ବ୍ରଜରାଜନଗର,୧୩।୧୨(ଡି.ଏନ୍.ଏ.)**

ରାଜପୁର ପଞ୍ଚାୟତ ଏନ୍‌ଏମ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଛି। ଝାରସୁଗୁଡ଼ା ଜିଲାର ୫୯ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନରେ ମୁଖ୍ୟଅତିଥି ଏଡିଏମ୍ ତ୍ରିଲୋଚନ ମାଝି ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଜିଏମ୍ କଲେଜର ଅବସରପ୍ରାପ୍ତ ପ୍ରଫେସର ରବୀନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଜିଲା ମଙ୍ଗଳ ଅଧିକାରୀ ବିଜୟ ପଟେଲ, ବିଇଓ ଉଜାଗର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଯତୀନ ଦେଓ, ସମିତିସଭ୍ୟ ଗଣେଶରାମ ବାଗ, ଶିକ୍ଷକ ପ୍ରଶାନ୍ତ ପାଢ଼ୀଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଡ଼ମାଲ ବିଦ୍ୟାଳୟର ହରସତ୍ ଉର୍ମୁ, ଅଂଶୁମାନ ଗୋଏଲ ଓ ସାଇଶାଶ୍ୱତ ଗୁରୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଥିଲେ। ଓପିଏମ୍ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପ୍ରତିଭା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା, ଅରୁଣ ସେଠ, ଚାନ୍ଦୁରାମ ଭୋଇ, ସୁଶାନ୍ତ ପଟେଲ, ରବୀନ୍ଦ୍ର ସାହୁ, ତ୍ରିନାଥ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବିଜ୍ଞାନମେଳା ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଭିକମପାଲି ହାଇସ୍କୁଲ କୋଠା କାମ ନିମ୍ନମାନର

**ଲଖନପୁର,୧୩।୧୨(ଡି.ଏନ୍.ଏ.)**

- **ବର୍ଷକରେ କାନ୍ଥ ଫାଟି ଆଁ କଲାଣି**
- **ଛାତରୁ ଝରୁଛି ପାଣି, ପାଠପଢ଼ାରେ ବାଧା**
- **ଶୁଣୁନାହିଁ ଆର୍‌ଡି ବିଭାଗ, ରାଜପଥ ଅବରୋଧ ଚେତାବନୀ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଭିକମପାଲି ନୋଡାଲ ହାଇସ୍କୁଲର ନବନିର୍ମିତ କୋଠା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବର୍ଷେ ନ ପୂରୁଣୁ କାନ୍ଥ ଫାଟି ଆଁ କଲାଣି। ବର୍ଷା ହେଲେ ଛାତରୁ ପାଣି ଝରୁଛି। ବିପଦସଙ୍କୁଳ କୋଠାରେ ବସି ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହାଦ୍ୱାରା ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଭଳି ସ୍ଥିତିରେ ଗତ ସୋମବାର ଓ ମଙ୍ଗଳବାର ୨ଦିନ ବର୍ଷା ହେବା ଦ୍ୱାରା ଛାତରୁ ପାଣି ଝରି ଶ୍ରେଣୀ କୋଠରିରେ ଜମି ରହିଛି। ଛାତ୍ରୀଛାତ୍ର ବରଣ୍ଡାରେ ବସି ପାଠ ପଢୁଛନ୍ତି।
ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଶ୍ରେଣୀଗୃହ ଅଭାବ ଥିଲା। ଏହାକୁ ଦୃଷ୍ଟିରେ ରଖି ସ୍କୁଲ କର୍ତ୍ତୃପକ୍ଷ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି କରିଥିଲେ। ଆର୍‌ଡି ବିଭାଗ ପକ୍ଷରୁ ୨୦୧୬-୧୭ ଅର୍ଥିକବର୍ଷରେ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମାଣ ହୋଇଥିଲା। କାମ ନିମ୍ନମାନର ହେଉଥିବା ନେଇ ସେତେବେଳେ ସ୍କୁଲ କର୍ତ୍ତୃପକ୍ଷ ଆର୍‌ଡି କନିଷ୍ଠଯନ୍ତ୍ରୀ ଓ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ବିଭାଗୀୟ ଅଧିକାରୀ କର୍ଣ୍ଣପାତ ନ କରି ନିର୍ମାଣ କାମ ଜାରି ରଖିଥିଲେ। କାମ ସମ୍ପୂର୍ଣ୍ଣ ହେବା ପରେ ବିଭାଗ ୨୦୧୭ ଜୁଲାଇରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୋଠା ହସ୍ତାନ୍ତର କରିଥିଲା। ହେଲେ ଏହାର ୬ମାସ ପରେ କାନ୍ଥଗୁଡ଼ିକରେ ଫାଟ ଦେଖାଯାଇଥିଲା। ଗତ ବର୍ଷାଋତୁରେ ଛାତରୁ ପାଣି ଝରିଥିଲା। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ଗତ ଅଗଷ୍ଟ ୧୦ ତାରିଖରେ ପତ୍ରସଂଖ୍ୟା ୭୪ରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ନକଲ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଆର୍‌ଡି ଏକଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କୁ ପ୍ରଦାନ କରାଯାଇଥିଲା। ଅଭିଯୋଗ ପରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ କେତେଜଣ ଅଧିକାରୀ ସ୍କୁଲରେ ପହଞ୍ଚି କୋଠା ପରିଦର୍ଶନ କରି ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ୫ମାସ ବିତିଗଲାଣି କିନ୍ତୁ ମରାମତି କରାଯାଇନାହିଁ। ଫଳରେ ଅଦିନିଆ ବର୍ଷାରେ ଛାତରୁ ପାଣି ଝରି ଶ୍ରେଣୀଗୃହରେ ଜମା ହୋଇ ରହିଛି। ଏଭଳି ସ୍ଥିତି ଆଗକୁ ଜାରି ରହିଲେ ଛାତ୍ରୀଛାତ୍ର ଓ ଅଭିଭାବକ ୪୯ନଂ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆର୍‌ଡି ଏକଜିକ୍ୟୁଟିଭ୍ ଇଞ୍ଜିନିୟର ରଶ୍ମିରଞ୍ଜନ ମିଶ୍ର କହିଛନ୍ତି, ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଭିଯୋଗ ମିଳିଛି। ଏହାର ମରାମତି ପାଇଁ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ହୋଇନାହିଁ ତାହାଲେ ତୁରନ୍ତ କରାଯିବ ବୋଲି ସେ କହିଛନ୍ତି।



ଭିକମପାଲି ନୋଡାଲ ସ୍କୁଲ୍ ନବନିର୍ମିତ କୋଠା।



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ନାଟ୍ୟ ପୁସ୍ତକ ସଞ୍ଜ ସକାଳ ଉନ୍ମୋଚିତ

**ରାଉରକେଲା ଅଫିସ,୧୩।୧୨**-ଗାୟତ୍ରୀ ସାଧକ ରବୀନ୍ଦ୍ରନାଥ ଦାସଙ୍କ ରଚିତ ନାଟ୍ୟ ପୁସ୍ତକ ସଞ୍ଜ ସକାଳ ଗୁରୁବାର ଛେଣ୍ଡ ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଛି। ଏହାକୁ ଅଧକ୍ଷ ଭବେଶ ସାହୁ ଉନ୍ମୋଚନ କରିଥିଲେ। ଲେଖକଙ୍କ ଏଭଳି ପ୍ରୟାସକୁ ସାହୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଅଧାପକ ଜିତେନ୍ଦ୍ରନାଥ ଦାସ ଏହି ପୁସ୍ତକ ରଚନା ପଛରେ ଥିବା ଅନେକ ପ୍ରଚ୍ଛଦ ତଥା ଅନାଲୋଚିତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଗାୟତ୍ରୀ ସାଧକ ନିତ୍ୟାନନ୍ଦ ଦାସ ନାଟ୍ୟ ପୁସ୍ତକର ଲେଖକୀୟ ଶୈଳୀ ବେଶ ଉଚ୍ଚକୋଟୀର ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିଥ ଅତିଥି ସ୍ୱାମୀ ପ୍ରଦୀପାନନ୍ଦ ସରସ୍ୱତୀ, ସମ୍ମାନିତ ବକ୍ତା ଜ୍ଞାନରଞ୍ଜନ ମିଶ୍ର, ଅନ୍ୟତମ ଅତିଥି ପ୍ରଭାତନଳିନୀ ସାହୁ ଓ ସାମାଜିକ କର୍ମୀ ସରୋଜ ଦାସ ପ୍ରମୁଖ ବକ୍ତବ୍ୟ ରଖି ନାଟ୍ୟ ପୁସ୍ତକ ସଞ୍ଜ ସକାଳ ଏକ ଯୁଗୋପଯୋଗୀ ରଚନା ବୋଲି କହିଥିଲେ। ଅଧାପକ ରଜନୀକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ସତ୍ୟନାରାଣ ଦୁବେ, କାମାକ୍ଷାପ୍ରସାଦ ରଣା, ହରିଶ୍ଚନ୍ଦ୍ର ମିଶ୍ର, ପ୍ରଦୀପ ମହାନ୍ତି, ଛାତ୍ରୀ ଶିବାନୀ ଜେନା ଓ ପ୍ରିୟଦର୍ଶିନୀ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁଜିଏମ୍ କଲେଜର ୨୯ତମ କ୍ରୀଡ଼ା ଉତ୍ସବ

**ରାଉରକେଲା ଅଫିସ,୧୩।୧୨**-ସେକ୍ଟର-୨୦ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରୁ ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି। କଲେଜ ଅଧକ୍ଷ ବ୍ରଜେଶ ପାଠକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ୨ଦିନିଆ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ରୂପେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ପାଠକ ଅତିଥିଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧାପକ ପ୍ରଦୀପ ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରାଉତ ବକ୍ତବ୍ୟ ରଖି କହିଥିଲେ, ଛାତ୍ରୀଛାତ୍ର ପାଠପଢ଼ା ସହ ଖେଳକୁଦ ପ୍ରତି ଆଗ୍ରହୀ ହେବା ଉଚିତ। ଏହା ଦ୍ୱାରା ଶାରୀରିକ ଦକ୍ଷତା ବୃଦ୍ଧି ଓ ମାନସିକ ଦୃଢ଼ତା ବଜାୟ ରହିବ। ଅଧକ୍ଷ ପାଠକ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇବା ପରେ ଖେଳ ଆରମ୍ଭ ହୋଇଥିଲା। ଛାତ୍ରଙ୍କ ନିମନ୍ତେ ୮୦୦ମିଟର ଦୌଡ଼ ଓ ମନ୍ଥର ଗତିରେ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଛାତ୍ରୀଛାତ୍ର ୪ଶହ, ୨ଶହ ଓ ଶହେ ମିଟର ଦୌଡ଼, ଲମ୍ଫ ଏବଂ ଉଚ୍ଚଡିଆଁ ଆଦି ଖେଳରେ ଭାଗନେଇଥିଲେ। ଶୁକ୍ରବାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅଧାପକ ସୁଶାନ୍ତ ମହାନ୍ତି, ଅଧାପିକା ଶାନ୍ତିରାଣୀ ପଣ୍ଡା, ଏମ୍.ଏଲ୍. ଦେହୁରୀ ଏବଂ ଏସ୍.ଆର. ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଏସ୍. ପାଣିଗ୍ରାହୀ, ଆର୍. ରାୟ, ରୀତା ଦାସ, ଏସ୍.ଆର. ଚୌଧୁରୀ, ଏସ୍. ପାଠକ, ଆର୍.କେ. ପ୍ରଧାନ, ଆର୍.ସି. ପ୍ରଧାନ, ଏସ୍.ଆର୍. ଦାସ, ପି. ଦାସ, ବି. ପଣ୍ଡା, ଜେ. ବିଶ୍ୱାଳ, ଆର୍. ସାମଲ ଏବଂ ଏସ୍. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ

# ଜମି ଅଧିଗ୍ରହଣବେଳେ ଉତ୍ତେଜନା

**ରାଉରକେଲା ଅଫିସ,୧୩।୧୨**

ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଜମି ଅଧିଗ୍ରହଣକୁ ନିକଟସ୍ଥ ଝିରପାଣି ବିସ୍ଥାପିତ ପରିବାର ତୀବ୍ର ବିରୋଧ କରିଥିଲେ। ଏଠାରେ ୪ଏକର ୩୨ଡିସିମିଲ ପରିତ୍ୟକ୍ତ ଆର୍‌ଏସ୍‌ପି ଜମିରେ ଦୈନିକ ୮ମିଲିୟନ ଲିଟର କ୍ଷମତା ବିଶିଷ୍ଟ ସ୍ୱେରଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ବେଳେ ଏଭଳି ଉତ୍ତେଜନା ସୃଷ୍ଟି ହୋଇଥିଲା। କୋଏଲନଗର ଡି ବ୍ଲକ ସଂଲଗ୍ନ ଏହି ଜାଗାରେ ସ୍ଥାନୀୟ ଆଦିବାସୀ ନିଜ ହକ୍ ଜାହିର କରିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଶତାଧିକ ୩୨ ମୌଜା ବିସ୍ଥାପିତ ପରିବାର ସଦସ୍ୟ ପହଞ୍ଚି ଏହାକୁ ବିରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ଆର୍‌ଏସ୍‌ପି ପାଇଁ ଆମେ ଜମି ପ୍ରଦାନ କଲୁ। କାରଖାନା ନିର୍ମାଣ ପରେ ବଳକା ଜମି ଆଦିବାସୀଙ୍କୁ ଫେରାଇ ଦେବାକୁ ଜାତୀୟ ଜନଜାତି କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସତ୍ତ୍ୱେ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ଯେଉଁଠି ଖାଲି ଜାଗା ପଡୁଛନ୍ତି ତାହାକୁ ନିର୍ବିଚାରରେ ଦଖଲ କରାଯାଉଛି। କୋଏଲନଗର ଅଞ୍ଚଳରେ ରହିଥିବା ୫ ଏକର ବଳକା ଜମି ଆଦିବାସୀଙ୍କ ଦଖଲରେ ରହିଛି। ଏହାକୁ କେଉଁ ପରିସ୍ଥିତିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କଲେ ତାହା ଆମକୁ ଅବଗତ କରାଯାଉନି। ଜମିବାଡ଼ି ହରାଇ ନିଃସ୍ୱ ପାଲଟିଥିବା ଆଦିବାସୀ ପରିବାରକୁ ଆଜିପର୍ଯ୍ୟନ୍ତ ନିଯୁକ୍ତି ମିଳିନାହିଁ। ଏ ନେଇ ଆନ୍ଦୋଳନ ଶେଷ ହୋଇନି। ଏମିତି ଅବସ୍ଥାରେ ଦୀର୍ଘ ୫୦ବର୍ଷ ପରେ ପୁନର୍ବାର ଆମ ବଳକା ଜମି ଅଧିଗ୍ରହଣ କରାଯିବା କେତେ ନ୍ୟାୟ ସଙ୍ଗତ ତାହା କର୍ତ୍ତୃପକ୍ଷ ବିଚାର କରିବା ଆବଶ୍ୟକତା ରହିଛି। ଏବେ ରାଉରକେଲା ସହରକୁ ମହାନଗର ଓ ସ୍ମାର୍ଟ ସିଟି ମାନ୍ୟତା ମିଳି ସାରିଥିବା ବେଳେ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଦିବାସୀଙ୍କ ଜମି ଉପରେ ପ୍ରଶାସନର ଲୋଲୁପ ଦୃଷ୍ଟି ପଡ଼ିଛି। ତେବେ ଅବିଚାରିତ ଭାବେ ଏହି ଦଖଲ ପ୍ରକ୍ରିୟାକୁ ଆମେ କେବେ ସମର୍ଥନ କରିବୁ ନାହିଁ ବୋଲି ସେମାନେ କହିଥିଲେ। ଘଟଣାସ୍ଥଳରେ ମୁତୟନ ପୋଲିସ, ତହସିଲଦାର ଓ ଆର୍‌ଏସ୍‌ପି ଅଧିକାରୀଙ୍କ ବୁଝାଶୁଝା ପରେ ବି ଲୋକେ ହଟି ନ ଥିଲେ। ଜମି ଅଧିଗ୍ରହଣ ପ୍ରତିବାଦରେ ବହୁ ମହିଳା ପୁରୁଷ ସେଠାରେ ବସି ରହିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଶେଷରେ ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥ, ଆର୍‌ଏମ୍‌ସି ଲ୍ୟାଣ୍ଡ ବିଭାଗ ଓ ଆର୍‌ଏସ୍‌ପି ଅଧିକାରୀ ଘଟଣାସ୍ଥଳରୁ ଫେରିବାକୁ ବାଧ ହୋଇଥିଲେ।



ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ନେଇ କୋଏଲନଗର ଅଞ୍ଚଳରେ ଜମି ଅଧିଗ୍ରହଣ ବେଳେ ଉତ୍ତେଜନା।

## ଶକ୍ତିନଗର ହାଇସ୍କୁଲରେ କ୍ୟାରିୟର କାଉନସେଲିଂ

**ରାଉରକେଲା ଅଫିସ,୧୩।୧୨**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବାଳିକା କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଶକ୍ତିନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ ମହାନ୍ତି, ଡିଏଭି ପଲିଟେକ୍ନିକ ଅଧ୍ୟାପିକା ପ୍ରେମଲତା କୁଜୁର, ଡାକ୍ତର ଦର୍ଶନ ପଟେଲ, କବି କୁଞ୍ଜବିହାରୀ ରାଉତ ଓ ଶିକ୍ଷାବିତ୍ ଅମୂଲ୍ୟ ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପଣ୍ଡା ପ୍ରାରମ୍ଭିକ ସୂଚନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହାନ୍ତି ବକ୍ତବ୍ୟ ରଖି କହିଥିଲେ, ଶିକ୍ଷାର ସଦୁପଯୋଗ ଜୀବନର ମୂଳ ଉଦ୍ଦେଶ୍ୟ ହେବା ଆବଶ୍ୟକ। କେବେ ସୁଯୋଗକୁ ହାତଛଡ଼ା ନ କରିବାକୁ ସେ ପରାମର୍ଶ ଦେଇଥିଲେ। କର୍ମ ପ୍ରତିବଦ୍ଧତା ସହ କଠିନ ଶ୍ରମ ଉପରେ ବିଶ୍ୱାସ ରହିଲେ ଜଣେ ନିଶ୍ଚିତ ସଫଳ ହୋଇପାରିବ ବୋଲି ଅଧାପିକା କୁଜୁର କହିଥିଲେ। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଜଣେ କିପରି ଉଚ୍ଚ ସ୍ତରକୁ ଯାଇପାରିବ ସେ ସମ୍ପର୍କରେ କବି ରାଉତ ଆଲୋଚନା କରିଥିଲେ। ଡାକ୍ତର ପଟେଲ ବିଦ୍ୟାର୍ଥୀଙ୍କ ଚରିତ୍ର ଉପରେ ଗୁରୁତ୍ୱାରୋପ କରିବା ସହ କ୍ୟାରିୟର ଗଠନ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ପଣ୍ଡା ମହିଳା ସଶକ୍ତିକରଣ ଓ ନାରୀଶକ୍ତି ଉପରେ ଆଲୋଚନା କରି ପ୍ରାରମ୍ଭରୁ ଛାତ୍ରୀମାନେ ନିଜ ଦକ୍ଷତା ପ୍ରମାଣିତ କରିବା ଦିଗରେ ଚେଷ୍ଟା ଜାରି ରଖିବାକୁ କହିଥିଲେ। ବରିଷ୍ଠ ଶିକ୍ଷକ ଗଙ୍ଗାଧର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ୍ ଯୋଜନା: ୪ ସନ୍ଦିଗ୍ଧ ଗିରଫ

**ରାଉରକେଲା ଅଫିସ,୧୩।୧୨**

ମ୍ୟାନେଜରଙ୍କଠାରୁ ଲୁଟ୍ ଯୋଜନା କରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ବିସ୍ରା ଥାନା ପୋଲିସ ୪ ସନ୍ଦିଗ୍ଧଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଘଟଣା ସ୍ଥଳରୁ ବାଇକରେ ଖସି ଯାଇଥିବା ପୋଲିସ କହିଛି। ଗିରଫ ସନ୍ଦିଗ୍ଧମାନେ ହେଲେ ଝାଡ଼ଖଣ୍ଡ ଧାନବାଦ ଅଞ୍ଚଳର କିଷାନ ଗୋରାଇ (୩୮), ଚାନ୍ଦିପୋଷର ଗୁନ୍ଦଲା ଓରାମ (୩୫), ମେଲାନ ହେମ୍ବରମ (୪୮) ଓ ରାଉରକେଲା ସେକ୍ଟର -୬ର କୁମୁଦମଣି ସାହା (୩୯)। କିଷାନ ଗୋରାଇ ବିସ୍ରା ରେଲୱେ କ୍ୟାମ୍ପରେ ଲାବରେଟୋରି ଟେକ୍ନିସିଆନ ଭାବେ କାମ କରନ୍ତି। ଗୁନ୍ଦଲା ଓରାମ ସମ୍ପୃକ୍ତ ଠିକାସଂସ୍ଥା ଆଚାର୍ଯ୍ୟ କନଷ୍ଟ୍ରକଶନ ଅଧୀନରେ ରହି ବିସ୍ରା ଓ ଚାନ୍ଦିପୋଷ କ୍ୟାମ୍ପରେ ସୁପରଭାଇଜର କାମ କରୁଥିଲେ। ଏମାନେ ବିସ୍ରା କ୍ୟାମ୍ପରେ ପଶି ନିଜକୁ ମାଓବାଦୀ ପରିଚୟ ଦେଇ ଠିକାସଂସ୍ଥା ମ୍ୟାନଜେରଙ୍କଠାରୁ ଟଙ୍କା ଲୁଟ୍ କରିବାକୁ ଯୋଜନା କରୁଥିଲେ। ଖବରପାଇ ପୋଲିସ ଏମାନଙ୍କୁ ସନ୍ତୋଷପୁର ବ୍ରିଜ ନିକଟରୁ ଗିରଫ କରିଥିଲା।



ଲୁଟ୍ ଯୋଜନା କରୁଥିବା ଅଭିଯୋଗରେ ଗିରଫ ୪ ସନ୍ଦିଗ୍ଧ।




ନିଷ୍ଠା ପକ୍ଷରୁ ରାଉରକେଲା କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

## ନିଷ୍ଠା ପକ୍ଷରୁ ଲାଡ୍‌ଲୀ ପରୀ ସନ୍ଧାନ

**ରାଉରକେଲା ଅଫିସ,୧୩।୧୨**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ ମଲ୍‌ଟି ଟାଲେଣ୍ଟ ଶୋ ୪ର୍ଥ ଲାଡଲୀ ପରୀ ୨୦୧୮ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାରଉକେଲା କ୍ଲବଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ଏ ନେଇ ସୂଚନା ଦେଇଥିଲେ। ଦେଶରେ ଦେଖାଦେଇଥିବା କନ୍ୟାଭ୍ରୂଣ ହତ୍ୟା ବିରୋଧରେ ଏଭଳି ଏକ କାର୍ଯ୍ୟକ୍ରମକୁ ଗତ ୪ ବର୍ଷ ହେବ ଅନୁଷ୍ଠାନ ପ୍ରୋତ୍ସାହିତ କରିଆସୁଛି ବୋଲି କୁହାଯାଇଥିଲା। ଆସନ୍ତା ୧୬ ତାରିଖ ରବିବାର ସକାଳ ୯ଟାରେ ରାଉରକେଲା କ୍ଲବଠାରେ ଅଡିଶନ ପର୍ଯ୍ୟାୟ ଆରମ୍ଭ କରାଯିବ। ଏଥିରେ ୧୦ରୁ ୧୨ ବର୍ଷର ଝିଅମାନେ ଭାଗନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ ବୋଲି କହିଥିଲେ ଅନୁଷ୍ଠାନ କର୍ମକର୍ତ୍ତା। ଏମାନଙ୍କ ମଧ୍ୟରୁ ୨୫ଜଣ ସେମି ଫାଇନାଲିଷ୍ଟଙ୍କୁ ମନୋନୀତ କରାଯିବ। ଆସନ୍ତା ୨୩ରୁ ୩୦ ପର୍ଯ୍ୟନ୍ତ ସେକ୍ଟର-୧୬ ଡିଏଭି ପବ୍ଲିକ ସ୍କୁଲରେ ଦ୍ୱିତୀୟ ସାକ୍ଷାତକାର ଅନୁଷ୍ଠିତ ହେବ। ଜାନୁୟାରୀ ୧୩ ସନ୍ଧ୍ୟା ୫ଟାରେ ସେକ୍ଟର-୫ ଭଞ୍ଜଭବନରେ ୧୫ ଜଣ ପ୍ରତିଯୋଗୀଙ୍କୁ ନେଇ ଗ୍ରାଣ୍ଡଫିନାଲେ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଜାଗରଣ ମଞ୍ଚ ସଭାପତି ଅମିତାଭ ସାମଲ, ସମ୍ପାଦକ ଆଫ୍ରୋଜ ଅହମ୍ମଦ, ଗୌରାଙ୍ଗ ପରିଜା, ବିଶ୍ୱରଞ୍ଜନ ସାମଲ, ଆବ୍ରାହମ ଲିଙ୍କନ, ପ୍ରଶାନ୍ତ ଦାସ, ସୁଶାନ୍ତ ମହାନ୍ତି, ପ୍ରଭାତ ଜେନା, ଧନଞ୍ଜୟ ଦଣ୍ଡପାଟ, ସନ୍ଦୀପ ଜେନା, ଦୀପକ ପରିଡ଼ା, ବଣ୍ଟି ସିଂ, ପ୍ରିୟଙ୍କା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲାରେ ୨ ଗିରଫ

**ରାଉରକେଲା ଅଫିସ,୧୩।୧୨**

ପ୍ଲାଣ୍ଟ ସାଇଟ୍ ପୋଲିସ ଗୁରୁବାର ଦୁଇଟି ଭିନ୍ନ ଚୋରି ମାମଲାରେ ୨ଜଣଙ୍କୁ କୋର୍ଟଚାଲାଣ କରିଛି। ନୟାବଜାରର ଜଗନ୍ନାଥ ଲାକ୍ରା (୨୦) ଓ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଫଟା ପାଇପ ଅଞ୍ଚଳର ନିରଞ୍ଜନ ସାହୁ (୨୨)ଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୧୫ ଗ୍ରାମର ଏକ ସୁନା ଚେନ, ହଳେ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଉଦ୍ଧାର କରାଯାଇଛି। ଦଫା ୪୫୪, ୩୮୦, ୪୧୧/୩୪ ଆଇପିସିରେ ୨୨୯/୨୦୧୮ନଂ ମାମଲା ରୁଜୁ କରିଛି। ଅକ୍ଟୋବର ୨୬ରେ ନୟାବଜାର ରାମେଶ୍ୱରପାଲିର ତ୍ରିନାଥ ନାୟକଙ୍କ ଝରକା ଭାଙ୍ଗି ଚୋରି ହୋଇଥିଲା। ଅନ୍ୟ ଏକ ମାମଲା ଅନୁଯାୟୀ ମଧ ଜଗନ୍ନାଥ ଓ ନିରଞ୍ଜନଙ୍କଠାରୁ ଏକ ପାୱାର ବ୍ୟାଙ୍କ ଜବତ କରାଯାଇଛି। ଅନ୍ୟ ଚୋରି ସାମଗ୍ରୀ ମିଳିପାରି ନାହିଁ। ଦ୍ୱିତୀୟ ଘଟଣା କ୍ରମେ ଗତ ଅକ୍ଟୋବର ୧୯ରେ ନୟାବଜାର ଏନ୍‌ଏସି ଷ୍ଟାଫ କଲୋନୀର ଜୟନ୍ତ ମିଶ୍ରଙ୍କ ଘର ତାଲା କାଟି ଗୋଟିଏ ଡେସ୍କ ଟପ ମନିଟର, ଗୋଟିଏ ଏଲ୍‌ଇଡି ଟିଭି, ଆଲୁମିନିୟମ ବକେଟ ଓ ପାୱାର ବ୍ୟାଙ୍କ ଆଦି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ୩୧୯/୨୦୧୮ନଂ ମାମଲା ରୁଜୁ କରି ତଦନ୍ତ କରୁଥିଲା।

## ସ୍କୁଟି-ସାଇକେଲ ଧକ୍କା, ୨ ଆହତ

**ରାଉରକେଲା ଅଫିସ,୧୩।୧୨**

ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୯ ରିଂ ରୋଡ୍‌ରେ ଗୁରୁବାର ସନ୍ଧ୍ୟାରେ ଏକ ସ୍କୁଟି ଓ ସାଇକେଲ ମଧରେ ଧକ୍କା ହେବାରୁ ଦୁଇ ଚାଳକ ଆହତ ହୋଇଛନ୍ତି। ସେମାନଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଉଭୟ ବାଇକ ଓ ସାଇକେଲ ଚାଳକ ଛେଣ୍ଡ ଆଡ଼କୁ ଆସୁଥିବା ବେଳେ ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟିଥିଲା। ପୋଲିସ ସହାୟତା ଟିମ ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଆହତଙ୍କ ପରିଚୟ ମିଳିନାହିଁ। ପୋଲିସ ସ୍କୁଟି ଜବତ କରି ତଦନ୍ତ କରୁଛି।



ଚଢ଼ାଉ ବେଳେ ଜବତ ପ୍ଲାଷ୍ଟିକ ବ୍ୟାଗ।

ପ୍ଲାଷ୍ଟିକ ଫ୍ରି ଅଭିଯାନ

## ଚଢ଼ାଉ: ୬୦ହଜାର ଟଙ୍କା ଜରିମାନା ଆଦାୟ

**ରାଉରକେଲା ଅଫିସ,୧୩।୧୨**

ପ୍ଲାଷ୍ଟିକ ଫ୍ରି ରାଉରକେଲା ପାଇଁ ମହାନଗର ନିଗମ ପକ୍ଷରୁ ପ୍ରୟାସ ଜାରି ରହିଛି। ତେବେ ଏହି କଟକଣାକୁ କେତେକ ବ୍ୟବସାୟୀ ଉଲ୍ଲଂଘନ କରୁଥିବା ନଜରକୁ ଆସିଥିଲା। ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ କୁଇଣ୍ଟାଲରୁ ଅଧିକ ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯିବା ସହ ୪ ବ୍ୟବସାୟୀଙ୍କଠାରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରର ଡେଲି ମାର୍କେଟ ଓ ବିର୍ସା ଛକ ଅଞ୍ଚଳରେ ଏହି ଚଢାଉ କରାଯାଇଥିଲା। ମହାନଗର ନିଗମ ଡେପୁଟି କମିଶନର ସୁଷମା ବିଲୁଙ୍ଗ ଏହାର ନେତୃତ୍ୱ ନେଇଥିଲେ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ସମେତ ନିଗମ କର୍ମଚାରୀ ସାମିଲ ହୋଇଥିଲେ।

## ଦିବ୍ୟାଙ୍ଗଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

**ରାଉରକେଲା ଅଫିସ,୧୩।୧୨**

ସାମାଜିକ ସଂଗଠନ ଆଶିଷ ଫାଉଣ୍ଡେଶନ ଦ୍ୱାରା ଲାଠିକଟା ପଞ୍ଚାୟତ କର୍ଲାଖମଣସ୍ଥିତ ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟ ଅନ୍ତେବାସୀଙ୍କୁ ନେଇ ଆଧାତ୍ମିକ, ଆତ୍ମନିର୍ଭରଶୀଳ ଓ ଆତ୍ମବିଶ୍ୱାସ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ନାଟ୍ୟ ନିର୍ଦ୍ଦେଶକ କେଦାରନାଥ ଆଚାର୍ଯ୍ୟ, ସମ୍ମାନିତ ଅତିଥି ରୂପେ ଲାଠିକଟା ନାଏବ ସରପଞ୍ଚ ସତନାମ ସିଂ, ବିଦ୍ୟାଳୟ ଅଧକ୍ଷ ଗୋପୀନାଥ ନାୟକ ଯୋଗଦେଇଥିଲେ। ପ୍ରଫେସର ବସନ୍ତ ଦାସ କର୍ମଶାଳା ପରିଚାଳନା କରିଥିଲେ। ଫାଉଣ୍ଡେଶନ ଅଧକ୍ଷ ରାକେଶ ଆଶିଷ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦୃଷ୍ଟିହୀନ ଛାତ୍ରୀଛାତ୍ର ସାମାଜିକ ଜୀବନରେ ଯେମିତି ଅବହେଳାର ଶିକାର ନ ହେବେ ସେ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ମିଳିତ ଚେଷ୍ଟା ଜାରି ରହିଲେ ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ ବୋଲି ଏହି ଅବସରରେ ସେ କହିଥିଲେ। ଏଥିରେ ତବଲା ବାଦକ ଗୁରୁ ସୁରେନ୍ଦ୍ର ଜେନା ଭଜନ, ଶାସ୍ତ୍ରୀୟ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ପରିଚାଳନା ନେଇ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ସଂସ୍ଥା ସଦସ୍ୟ ଅକ୍ଷୟ ନାୟକ ଓ ଦିବାକର ସାହୁ ପିଲାଙ୍କୁ ଆଧାତ୍ମିକ, ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସ ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ କ୍ରୀଡ଼ା କୌତୁକ ମାଧମରେ ଦୃଷ୍ଟିହୀନ ପିଲାଙ୍କ ମାନସିକ ଏକାଗ୍ରତା କିପରି ବୃଦ୍ଧି ପାଇବ ସେ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କ ସାମାଜିକ ଅଧିକାର ଭଳି ଦିବ୍ୟାଙ୍ଗଙ୍କର ଏହି ଅଧିକାର ରହିଛି। ଏ ଦିଗରେ ସାମଗ୍ରିକ ପ୍ରଚେଷ୍ଟା ପିଲାଙ୍କ ଭାଗ୍ୟ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି ମୁଖ୍ୟଅତିଥି ଆଚାର୍ଯ୍ୟ କହିଥିଲେ। କାର୍ଯ୍ୟକ୍ରମରେ ପ୍ରେମ କୁମାର, ସନ୍ତୋଷ ଶର୍ମା, ପ୍ରଭୁ ଚୌଧୁରୀ, ରଞ୍ଜନ ମହାନ୍ତି, ସଞ୍ଜୟ ସିଂ, ରବୀନ୍ଦ୍ର ମିତ୍ତଲ, ପବନ ରାୟ, ଦିଲୀପ ଲେଙ୍କା, ଜି.ଏଲ୍. ସତ୍ୟ ଓ ବିଜୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବି. ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

### ଷ୍ଟ୍ରଙ୍ଗମ୍ୟାନ ଚାମ୍ପିୟନଶିପ୍ ୧୬ରେ

**ରାଉରକେଲା ଅଫିସ,୧୩।୧୨**

ଉତ୍ତରାଖଣ୍ଡ କାଶୀପୁରଠାରେ ଆସନ୍ତା ୧୬ ଓ ୧୭ ତାରିଖରେ ଜାତୀୟ ଷ୍ଟ୍ରଙ୍ଗମ୍ୟାନ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ରାଉରକେଲାରୁ ୨ ପ୍ରତିଯୋଗୀ ଭାଗ ନେବାକୁ ଉତ୍ତରାଖଣ୍ଡ ଯାତ୍ରା କରିଛନ୍ତି। ସେମାନେ ହେଲେ କୃତିକା ନାୟକ ଓ ରୂପନାରାୟଣ ସିଂ। ଏହି ଅବସରରେ ସୁନ୍ଦରଗଡ଼ ଜିଲା ଷ୍ଟ୍ରଙ୍ଗମ୍ୟାନ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ସମ୍ପାଦକ ନୀରଜ ଗୁପ୍ତା, ଓ.ପି. ସିଂ, ମୋନିକା ସିଂ ପ୍ରମୁଖ ପ୍ରତିଯୋଗୀଙ୍କୁ ବିଦାୟ ଜଣାଇବା ଉଦ୍ଦେଶ୍ୟରେ ରେଳ ଷ୍ଟେଶନରେ ଉପସ୍ଥିତ ଥିଲେ।



ଷ୍ଟ୍ରଙ୍ଗମ୍ୟାନ ଚାମ୍ପିୟନଶିପ ପାଇଁ ରାଉରକେଲାରୁ ମନୋନୀତ ୨ ପ୍ରତିଯୋଗୀଙ୍କ ଉତ୍ତରାଖଣ୍ଡ ଯାତ୍ରା।

### ଜିଲା କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଘୋଷଣା

**ରାଉରକେଲା ଅଫିସ,୧୩।୧୨**

ପିସିସି ଅନୁମୋଦନ କ୍ରମେ ଗୁରୁବାର ରାଉରକେଲା ଜିଲା କଂଗ୍ରେସ କମିଟି ସଭାପତି ରବି ରାୟ ଏକ ଖବରଦାତା ସମ୍ମିଳନୀରେ ଦଳର ପୂର୍ଣ୍ଣାଙ୍ଗ ଜିଲା କମିଟି ଘୋଷଣା କରିଛନ୍ତି। ବରିଷ୍ଠ ନେତାଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଯାଇଛି ବୋଲି ରାୟ କହିବା ସହ ଏହି ସନ୍ତୁଳିତ କମିଟି ମାଧମରେ ଦଳ ଆଗାମୀ ଦିନରେ ସ୍ଥିତିକୁ ଅଧିକ ଶକ୍ତିଶାଳୀ କରିବାକୁ ସକ୍ଷମ ହେବ ବୋଲି ରାୟ ଆଶା ବ୍ୟକ୍ତ କରିଥିଲେ। କମିଟିରେ କାର୍ଯ୍ୟକାରୀ ସଭାପତି ଭାବେ ସବିର ହୁସେନ, ଉପସଭାପତି ଭାବେ ଅଜିତ ସାମଲ, ଅଜୟ ଖାଲକୋ, ବାସୁ ବାନାର୍ଜୀ, ବି. ରୀନା, ଦୀନବନ୍ଧୁ ଭୋଇ, ଦେବକାନ୍ତ ନାୟକ, ଇଜାଜ ଅଖତର, ଘନଶ୍ୟାମ ସୁନା, ଜେ.ଏନ୍. କୁମାର କୀର୍ତ୍ତନ ଦାସ, ରବି ଭଞ୍ଜ ରହିଛନ୍ତି। ଆଶିଷ ମହାନ୍ତିଙ୍କ ସମେତ ଅନ୍ୟ କେତେଜଣଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ୱିଲିୟମ ସିଂ କୋଷାଧକ୍ଷ ରହିଥିବା ବେଳେ ଅନୀଲ ସାହୁଙ୍କ ସମେତ ଅନ୍ୟ କେତେଜଣଙ୍କୁ ସମ୍ପାଦକ ପଦରେ ରଖାଯାଇଛି। ପ୍ରେମଲାଲ ନାଗଙ୍କୁ ମୁଖପାତ୍ର କରାଯାଇ। ସୋସିଆଲ ମିଡିଆ ଦାୟିତ୍ୱରେ ଅଛନ୍ତି ସନ୍ଦୀପନ ମହାପାତ୍ର। ଏହାବ୍ୟତୀତ ସ୍ୱତନ୍ତ୍ର ଆମନ୍ତ୍ରିତ ଓ ସ୍ଥାୟୀ କମିଟି ସଦସ୍ୟ ରୂପେ ଅନେକ ବରିଷ୍ଠ ନେତାଙ୍କୁ କମିଟିରେ ଗ୍ରହଣ କରାଯାଇଥିବା ସଭାପତି ରାୟ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### କୁଜାପାଲିରେ ବିଶ୍ୱଶାନ୍ତି ମହାଯଜ୍ଞ

**ଜାମଟିକ୍ରା, ୧୩।୧୨ (ଡି.ଏନ.ଏ):** ଅତାବିରା ବ୍ଲକ କୁଜାପାଲି ଗ୍ରାମରେ ବିଶ୍ୱାଶନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ମହାଯଜ୍ଞରେ ୧୧ ଯୋଡି ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ମହିଳାମାନେ ଗୋଡଭଗା ଶିବ ମନ୍ଦିର ପୋଖରୀରୁ ପୂର୍ଣ୍ଣଜଳ କଳସ ଧରି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୂତି ପଡିବ। ପଦ୍ମପାଣି ମହାପାତ୍ର ଓ ସାଥି ପୂଜା ପରିଚାଳନା କରିଥିଲେ । ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁ, ଜିଲା ପରିଷଦ ସଭ୍ୟା ମୀରା ବଘାର ଅତିଥି ଭାବେ ଯୋଗ ଦେଇଥିଲେ ।

### ଶିଶୁ ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର

**ପଦ୍ମପୁର, ୧୩।୧୨ (ଡି.ଏନ.ଏ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃରୁ ସମସ୍ତ ଶିଶୁ ଧର୍ମଗ୍ରନ୍ଥ ପାଲିଙ୍କି ବୋହି ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରି ଶିଶୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୁବରାଜ ପ୍ରଧାନ ସେମାନଙ୍କୁ ସ୍ୱାଗତ କରିଥିଲେ । ପରେ ବୈଦିକ ଯଜ୍ଞ ହୋଇଥିଲା । ଗୁରୁଜୀ ଅନ୍ତର୍ଯାମୀ ମେହେର ପୌରୋହିତ୍ୟ କରିଥିବା ବେଳେ ନବକିଶୋର ବରିହା, ଭାଗବତିଆ ବଗର୍ତି, ବିରେନ୍ଦ୍ର ପ୍ରଧାନ, ବଦ୍ରିନାରାୟଣ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ୧୦୮ ସରସ୍ୱତୀ ବୀଜମନ୍ତ୍ର ଜପ ପରେ ଖଡିଛୁଆଁ ହୋଇଥିଲା । ସଭାପତି ଦ୍ୱାଦଶ କୁମାର ପ୍ରଧାନ ଦୀପ ପ୍ରଜ୍ୱଳନ କରିଥିଲେ ।

### ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ସହାୟତା

**ଅତାବିରା/ ଭେଡେନ, ୧୩।୧୨ (ଡି.ଏନ.ଏ):** ବରଗଡ-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ପିସି ବ୍ରିଜ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ଅନନ୍ତ ମଲିକ ଦୀର୍ଘ ୩ମାସ ହେଲା ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଖଟିଆରେ ପଡିରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଖବର ପାଇ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ତାଙ୍କ ପରିବାର ଲୋକଙ୍କୁ ଧରି ବରଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭେଡେନ ବିଡିଓ ମୁରଲିଧର ନାୟକ, ବକଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଦାସ ଅନନ୍ତ ମଲ୍ଲିକଙ୍କ ବାସଭବନକୁ ବୁଧବାର ପହଞ୍ଚି ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ରାଶି ଆହତଙ୍କ ପିତା ଦିଲୀପ ଭୋରାସାଗରଙ୍କୁ ପ୍ରଦାନ କରିଛନ୍ତି ।



### ଆର୍ତ୍ତତ୍ରାଣ ଏଥର ଉଗ୍ରସେନ

**ବରଗଡ଼ ଅଫିସ୍,୧୩।୧୨:** ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏଥର ତୁରୁଙ୍ଗା ନିବାସୀ ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ ଭୂମିକାରେ ଅଭିନୟ କରିବେ। ଗତ ଧନୁଯାତ୍ରାବେଳେ ସେ ରିହର୍ସାଲ କରିସାରିଥିଲେ ମଧ ମହୋତ୍ସବ ପୂର୍ବରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଫଳରେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଉଗ୍ରସେନ ଭୂମିକାରେ ଅଭିନୟ କରିଥିଲେ । ବରଡ଼ୋଲ ଭିଏଏସଏସ ହାଇସ୍କୁଲରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଆର୍ତ୍ତତ୍ରାଣ ଦୀର୍ଘ ୧୦ବର୍ଷ ଧରି ବରଗଡ଼ ଧନୁଯାତ୍ରାରେ ଅଭିନୟ କରିଆସୁଛନ୍ତି । ସେହିପରି ଗୋପପୁର ଯାତ୍ରାରେ ଯଶୋଦା କଳାକାର ଏଥର ବଦଳୁଥିବା ସୂଚନା ମିଳିଛି ।

# ଚାଷୀଙ୍କୁ ଭୟ ମେଘୁଆ ପାଗ

**ବରଗଡ଼ ଅଫିସ୍/ଅତାବିରା,୧୩।୧୨**

## ବରଗଡ଼ ଜିଲା



ଝିଲିମିଣ୍ଡା ମଣ୍ଡିର ଖୋଲା ଆକାଶତଳେ ଧାନ ପଡିରହିଛି ।

- ବିକ୍ରି ନ ହୋଇ ମଣ୍ଡିରେ ଲକ୍ଷାଧିକ ପ୍ୟାକେଟ୍ ଧାନ
- କଟ୍‌ନୀ ଛଟ୍‌ନୀକୁ ନେଇ ବଢୁଛି ଚାଷୀ ଅସନ୍ତୋଷ
- ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର, ବେପାରୀ ନିର୍ବିକାର
- ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ପୂର୍ବାପେକ୍ଷା ହ୍ରାସ

ବରଗଡ଼ ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ମାତ୍ର ୫ଦିନ ପରେ ଦେଢ଼ମାସ ବିତିଯିବ । ତଥାପି ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ । ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ଉଠୁନାହିଁ । ଫଳରେ ଖୋଲା ଆକାଶତଳେ ବିକ୍ରି ହୋଇ ନ ଥିବା ଧାନ ପଡ଼ି ରହୁଛି । ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ଆରଏମସିର ବିଭିନ୍ନ ମଣ୍ଡିରେ ଏଭଳି ପ୍ରାୟ ୩ଲକ୍ଷ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଗତ ଦୁଇଦିନ ହେଲା ମେଘୁଆ ପାଗ ଯୋଗୁ ଯେ କୌଣସି ମୁହୂର୍ତ୍ତରେ ବର୍ଷା ସମ୍ଭାବନା ରହିଛି । ତେବେ ବର୍ଷା ହୋଇ ନ ଥିଲେ ମଧ ନାନା ଆଳ ଦେଖାଇ କଟ୍‌ନୀ ଛଟ୍‌ନୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।

ଗତ ନଭେମ୍ବର ୫ତାରିଖରୁ ଜିଲାରେ ଧାନ କିଣାବିକା ଆରମ୍ଭ ହୋଇଥିଲା। ଜିଲାର ଉପରୋକ୍ତ ଆରଏମସି ଅଧୀନରେ ମଣ୍ଡି ଗୁଡ଼ିକ ଖୋଲିଥିଲେ ମଧ ଆବଶ୍ୟକ କାଗଜାତ୍, ଆନୁସଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଧାନ କିଣାବିକା ବିଳମ୍ବିତ ହୋଇଥିଲା। ଏଭଳି ସ୍ଥିତିରେ ବେପାରୀମାନଙ୍କୁ ଅଭାବୀ ବିକ୍ରିର ସୁଯୋଗ ମିଳିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲେ ମଧ ମଣ୍ଡିରୁ ଆଶାନୁରୂପ ପରିମାଣରେ ଧାନ ଉଠି ନ ଥିଲା । ଗୁରୁବାର ସୁଦ୍ଧା କେବଳ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷ ୫୬ହଜାର ୩୨୭ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ସେହିପରି ବରଗଡ଼ ଆରଏମସି ଅଧୀନ ମଣ୍ଡିଗୁଡ଼ିକରେ ୧ଲକ୍ଷ ୩୨ହଜାର ୨୯୦ ପ୍ୟାକେଟ୍ ଧାନ ମଣ୍ଡିରେ ପଡ଼ିଥିବାବେଳେ ପଦ୍ମପୁର ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ମଧ୍ୟ ଅନୁରୂପ ସମସ୍ୟା ଲାଗି ରହିଛି ।

କଟ୍‌ନୀଛଟ୍‌ନୀ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଜିଲାର କେତେକ ମଣ୍ଡିରେ ତାକୁ ବେପାରୀମାନେ ଖାତିର୍ କରୁନାହାନ୍ତି । ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୩ରୁ ୪ କି.ଗ୍ରା ଲେଖାଏଁ ଧାନ କାଟ୍‌ଛାଟ୍ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନିଆ ନ ଗଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ପଚାରିବାରୁ ବର୍ଷା ସମ୍ଭାବନା ଥିବାରୁ ଧାନ ଭିଜି ନଷ୍ଟ ହୋଇଯିବା ଆଶଙ୍କା ନେଇ ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହକୁ ପୂର୍ବାପେକ୍ଷା ହ୍ରାସ କରାଯାଇଛି । କିନ୍ତୁ ଧାନ ଉଠାଣ ସ୍ୱାଭାବିକ ଚାଲିଛି । ଚାଷୀ ଯେଭଳି କଟ୍‌ନୀଛଟ୍‌ନୀର ସମ୍ମୁଖୀନ ନ ହେବେ, ସେଥିପ୍ରତି ନଜର ରଖାଯାଇଛି । ସେଭଳି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ ।

# ମାର୍କେଟରେ ଧାନ ଏଣ୍ଟ୍ରି ବନ୍ଦ



ସାଲେପାଲି ମାର୍କେଟରେ ଧାନକୁ ପଲିଥିନରେ ଘୋଡ଼ାଇ ରଖାଯାଇଛି ।

**ଭେଡ଼େନ,୧୩।୧୨(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଧାନ ଅମଳ ଜୋରସୋର ଚାଲିଥିବା ବେଳେ ଲଘୁଚାପ ଜନିତ ମେଘୁଆ ପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବୁଧବାର ଠାରୁ ମେଘୁଆ ପାଗ ଲାଗି ରହିଥିବା ବେଳେ ଗୁରୁବାର ସାମାନ୍ୟ ବର୍ଷା ହୋଇଛି । ଅପରପକ୍ଷେ ମାର୍କେଟ ୟାର୍ଡ଼ ଗୁଡ଼ିକରେ ଧାନ ଏଣ୍ଟ୍ରି ବୁଧବାର ଠାରୁ ବନ୍ଦ ରଖାଯାଇଛି । ଫଳରେ ଚାଷୀମାନେ କ୍ଷେତ ଓ ଖଳାରେ ଅମଳ ଧାନକୁ ସୁରକ୍ଷିତ ଭାବେ ରଖିବା ପାଇଁ ପଲିଥିନ କିଣାରେ ବ୍ୟସ୍ତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ମାର୍କେଟ ମାନଙ୍କରେ ଖୋଲାରେ ଥିବା ଧାନ ସବୁକୁ ବିକ୍ରି କରିବା ପରେ ନୂତନ ଧାନ କିଣାଯିବାକୁ ମାର୍କେଟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏପରି ଅବସ୍ଥା ଆଉ କିଛି ଦିନ ଲାଗି ରହିବାର ସମ୍ଭାବନା ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି ।

# ଶୁଖିଲା ପଡ଼ିଛି ଜୀରା ନଦୀ

**ଭେଡ଼େନ,୧୩।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସଦର ଗାଁ ଭେଡ଼େନର ଦୁଇ ପଟରେ ଦନ୍ତା ଓ ଜୀରା ନଦୀ ପ୍ରବାହିତ ହୋଇଛି। ଏହାସତ୍ତ୍ୱେ ଏହି ଗାଁରେ ପାନୀୟ ଜଳ ସମସ୍ୟା ସର୍ବଦା ଲାଗି ରହିଛି । ଦନ୍ତା ନଦୀ ପଟରୁ ଭେଡ଼େନର ପୁରୁଣା ବସ୍ତିକୁ ଜଳ ଯୋଗାଣ ପାଇଁ ହୋଇଥିବା ବ୍ୟବସ୍ଥା ଏବେ ବିଫଳ ହୋଇଛି । ଏହି ପଟରୁ ଇନଟେକ ୱେଲ ଭାଙ୍ଗି ଯାଇଥିବାରୁ ଜଳଯୋଗାଣ ହୋଇପାରୁନାହିଁ । ଏହାର ମରାମତି ଆଉ ସମ୍ଭବ ହୋଇ ନ ଥିବାରୁ ଏହାକୁ ନୂତନ ଭାବେ କରିବାକୁ ସ୍ଥାନୀୟ ସରପଞ୍ଚ ଜଳଯୋଗାଣ ବିଭାଗକୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଅପରପକ୍ଷରେ ଜୀରା ନଦୀ ବର୍ତ୍ତମାନ ଶୁଖିଲା ପଡ଼ିଥିବାରୁ ପାଣିଧାର ନାହିଁ। ଏଣୁ ପମ୍ପ ଯୋଗେ ଜଳଯୋଗାଣ ସମ୍ଭବ ହୋଇପାରୁନାହିଁ। ପଞ୍ଚାୟତ ପକ୍ଷରୁ ନଦୀରେ ବାଲିବନ୍ଧ କରି ପାଣିକୁ ଅଟକାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଆଗକୁ ଖରା ମାସରେ ଏହି ସମସ୍ୟା ଆହୁରି ଉତ୍କଟ ରୂପ ନେବାର ଆଶଙ୍କା ରହିଛି। ତେଣୁ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଖୁବଶୀଘ୍ର ବିକଳ୍ପ ବ୍ୟବସ୍ଥା କରିବାକୁ ଭେଡ଼େନ ଗ୍ରାମବାସୀ ଦାବି କରିଛନ୍ତି ।

**ଜଳଯୋଗାଣରେ ସମସ୍ୟା**

## ■ ମହିଳା ସଂରକ୍ଷଣ ପ୍ରସଙ୍ଗ
# ଅକାଳୀ ଦଳକୁ ଭେଟିଲା ବିଜେଡି



କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କ ସହ ବିଜେଡି ଏମ୍‌ପି ତଥାଗତ ସତପଥୀ ଏବଂ ରାଜ୍ୟ ସମବାୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର।

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧି ଦଳ ଗୁରୁବାର ଶିରୋମଣୀ ଅକାଳୀ ଦଳକୁ ନୂଆଦିଲ୍ଲୀଠାରେ ଭେଟିଛନ୍ତି। ବିଜେଡି ତରଫରୁ ଦଳର ଉପସଭାପତି ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଅକାଳୀ ଦଳର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କୁ ଭେଟିଛନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ବିଜେଡି ପ୍ରତିନିଧି ଅକାଳୀ ଦଳର ସମର୍ଥନ ଲୋଡ଼ିଛନ୍ତି। କେନ୍ଦ୍ରମନ୍ତ୍ରୀ ବାଦଲ ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ଓଡ଼ିଶା ବିଧାନସଭାରେ ଆଗତ କରାଇଥିଲେ। ଏହା ପରବର୍ତ୍ତୀ ସମୟରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା।

# ଲାଞ୍ଚ: ବନ ଉନ୍ନୟନ ନିଗମ କ୍ଷେତ୍ର ସହକାରୀ ଗିରଫ

**କଟକ ଅଫିସ, ୧୩।୧୨**

୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୟାଗଡ଼ ଜିଲା ବନ ଉନ୍ନୟନ ନିଗମର କ୍ଷେତ୍ର ସହକାରୀ ବ୍ରଜକିଶୋର ବେଉରା। ଗୁରୁବାର ବେଉରା ଏହି ଲାଞ୍ଚ ଇଟାମାଟି ଥାନା ଅଧୀନ ନଛିପୁର ଗ୍ରାମର ଭଗବାନ ନାହାକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଦୁଇଟି କାଠଗଣ୍ଡି ଦେବା ପାଇଁ କ୍ଷେତ୍ର ସହକାରୀ ବେଉରା ଖଇରପଟି ଗ୍ରାମରେ ଭଗବାନଙ୍କଠାରୁ ଏହି ଗ୍ରହଣ କରୁଥିବା ସମୟରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ବେଉରାଙ୍କ ଶାର୍ଟ ପକେଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହା ପରେ ବେଉରାଙ୍କ ଦଶପଲ୍ଲାସ୍ଥିତ ବାସଭବନକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୪/୨୦୧୮ରେ ମାମଲା ରୁଜୁ କରାଯାଇ ବେଉରାଙ୍କୁ ଗିରଫ କରାଯାଇଛି।

## ଚିଟ୍‌ଫଣ୍ଡ ସ୍ୱତନ୍ତ୍ର କୋର୍ଟ ଆଦେଶ
# ୨ ଲକ୍ଷ ୩୮ହଜାର ୪୭୭ କ୍ଷୁଦ୍ର ଜମାକାରୀ ଫେରିପାଇବେ ଟଙ୍କା

**କଟକ ଅଫିସ, ୧୩।୧୨:** ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଟଙ୍କା ଜମା କରିଥିବା କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ। ଓଡ଼ିଶା ପ୍ରୋଟେକ୍ସନ ଅଫ୍ ଇଣ୍ଟେରେଷ୍ଟ ଅଫ୍ ଡିପୋଜିଟର୍ସ ଆଇନ ଅନୁଯାୟୀ ସ୍ୱତନ୍ତ୍ର କୋର୍ଟ ରାଜ୍ୟ ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ଏହି ଅନୁଯାୟୀ ରୋଜଭ୍ୟାଲି ସଂସ୍ଥାରେ ଟଙ୍କା ଜମା ରଖିଥିବା ୨ ଲକ୍ଷ ୩୮ହଜାର ୪୭୭ ଜଣ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀ ୯୨ କୋଟି ୮ ଲକ୍ଷ ୯୬ହଜାର ୯୮୨ ଟଙ୍କା ଫେରସ୍ତ ପାଇବେ। କ୍ଷେତ୍ର ଅନୁଧ୍ୟାନକାରୀ ଦଳ ୧୦ହଜାର କିମ୍ବା ଏହା ତଳକୁ ଜମା ରଖିଥିବା ଜମାକାରୀମାନଙ୍କୁ ଚିହ୍ନଟ କରିବା ପରେ କୋର୍ଟରେ ତାଲିକା ଦାଖଲ କରାଯାଇଥିଲା। ଏହି ଜମାକାରୀମାନେ ୯୫ କୋଟି ୮୪ ଲକ୍ଷ ୧୨ ହଜାର ୮୯୩ ଟଙ୍କା ଜମା କରିଥିଲେ। ଯେଉଁମାନଙ୍କର ୭ ହଜାର କିମ୍ବା ଏହା ତଳକୁ ଟଙ୍କା ଜମା ରହିଛି, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ୭ ହଜାରରୁ ୧୦ ହଜାର ମଧ୍ୟରେ ଜମା ରଖିଥିବା ଜମାକାରୀମାନେ ୭ ହଜାର ଟଙ୍କା ସହିତ ଅବଶିଷ୍ଟ ଟଙ୍କାର ୫୨ ପ୍ରତିଶତ ଟଙ୍କା ଫେରସ୍ତ ପାଇବେ ବୋଲି ସ୍ୱତନ୍ତ୍ର କୋର୍ଟରେ ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଜମାକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯିବ ବୋଲି ମହାନ୍ତି କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ମୃତ

**ପାରାଦୀପ,୧୩।୧୨(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଇଣ୍ଡିଆନ ଅଏଲ ଟର୍ମିନାଲ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଲମ୍ବା ତର୍ଜମା ହୋଇଥିବାବେଳେ ଏହାର ଘଣ୍ଟାଏ ପରେ ଏକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ସ୍କୁଟିରେ ଯାଉଥିବା ୨ ଯୁବକଙ୍କୁ ଏକ ତେଲ ଟାଙ୍କି ଗାଡ଼ି ମାଡ଼ିଯାଇଛି। ସେମାନେ ହେଲେ ଇଫ୍‌କୋ ସାର କାରଖାନାର କର୍ମଚାରୀ ଦଶରଥ ସିଂହ ଓ ସୋନୁ ଯାଦବ। ବଡ଼ପଡିଆ ବଜାରରୁ କାମ ସାରି ସେମାନେ ଇଫ୍‌କୋ ଅଭିମୁଖେ ଯାଉଥିବାବେଳେ ଏକ ତେଲ ଟାଙ୍କି ଗାଡି ସେମାନଙ୍କ ଉପରେ ମାଡିଯାଇଥିଲା। ଏଥିରେ ଦଶରଥଙ୍କ ମୁଣ୍ଡ ବିଭତ୍ସ ଭାବେ ଶରୀରରୁ ଅଲଗା ହୋଇଯାଇଛି। ସେହିପରି ସୋନୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍‌ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରିଛି। ସୂଚନାଯୋଗ୍ୟ, ଅଠରବାଙ୍କୀରୁ ଦୋଛକି ରାସ୍ତା ମଧ୍ୟରେ ଏହାକୁ ମିଶାଇ ୭ ଜଣଙ୍କ ଜୀବନ ଗଲାଣି। ୨୦୧୭ରେ ଏହି ଅଞ୍ଚଳରେ ୧୭ ଦୁର୍ଘଟଣା ଘଟିଥିଲା। ପ୍ରଦୂଷଣ ଓ ଭାରିଯାନ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ଟ୍ରେନ୍‌ରୁ ପଡ଼ି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧୩।୧୨(ଡି.ଏନ.ଏ.)**

ଲାଞ୍ଜିଗଡ଼ ରୋଡ଼-ନର୍ଲାରୋଡ଼ ରେଳ ଲାଇନରେ ଗୁରୁବାର ଟ୍ରେନ୍‌ରୁ ଖସିପଡ଼ି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଖବର ଅନୁଯାୟୀ, ଗୁରୁବାର ଭୋରରୁ ଲାଞ୍ଜିଗଡ ରୋଡ-ନର୍ଲା ରୋଡ ରେଳ ଲାଇନ୍‌ର ୨୪୨/୧୩ ନମ୍ବର ଖୁଣ୍ଟ ପାଖରେ ଟ୍ରେନ୍ ଯାଉଥିବାବେଳେ ଜଣେ ବ୍ୟକ୍ତି ଖସି ପଡିଥିଲେ । ଗୁରୁତର ଭାବେ ଆହତ ଏହି ବ୍ୟକ୍ତିଙ୍କୁ ଦେଖି କେହି ଜଣେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଘଟଣାସ୍ଥଳରେ ୧୦୮ ପହଞ୍ଚିବା ବେଳକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ନର୍ଲା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟିଟିଲାଗଡ ଜିଆର୍‌ପି ଏଏସ୍‌ଆଇ, କନ୍‌ଷ୍ଟେବଲ୍ ଓ ଆର୍‌ପିଏଫ୍ ଏଏସ୍‌ଆଇ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରୁ ବ୍ୟକ୍ତି ଜଣକ ଦ୍ରୁତଗାମୀ ଟ୍ରେନ୍‌ରୁ ଖସି ପଡିଥିବା ଅନୁମାନ କରାଯାଉଛି। ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଏକ ଟ୍ରେନ୍ ଟିକେଟ୍ ଚେନ୍ନାଇ ସେଣ୍ଟ୍ରାଲ୍‌ରୁ କେସିଙ୍ଗା ପର୍ଯ୍ୟନ୍ତ ରହିଥିବା ମିଳିଥିଲା। ଗୋବର୍ଦ୍ଧନପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହାୟତାରେ ଟିଟିଲାଗଡ ଜିଆର୍‌ପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଚିହ୍ନଟ ହୋଇନାହିଁ। ଏ ନେଇ ଟିଟିଲାଗଡ ଜିଆର୍‌ପି ଥାନା ଯୁକ୍ତି କେସ୍ ନଂ.୪୯/୧୮ ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସ୍‌ଆଇ ସୂଚନା ଦେଇଛନ୍ତି ।

# ହକି ମ୍ୟାଚ୍ ଦେଖିଲେ ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ହକି ଖେଳର ମଜା ନେଉଛନ୍ତି ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହୋଇଥିବା ମାଓବାଦୀ।

- ନନ୍ଦନକାନନ ବୁଲିଲେ
- ଆଜି କୋଣାର୍କ ଓ ପୁରୀ ବୁଲିବେ

ମାଲକାନଗିରି ପୋଲିସ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହକି ମ୍ୟାଚ୍ ଦେଖିଛନ୍ତି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ବସି ସେମାନେ ଭାରତ ଏବଂ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ ସେମାନଙ୍କ ସହିତ ମଝିରେ ମଝିରେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୧୬ ମହିଳା ଏବଂ ୧୪ ପୁରୁଷ ଥିଲେ। ଖେଳ ଦେଖିବା ପୂର୍ବରୁ ଅପରାହ୍ନ ପ୍ରାୟ ୫ଟାରେ ସେମାନେ ପୋଲିସ ଫ୍ୟାନ୍ ଭିଲେଜ ବୁଲିବା ସହିତ ଶରୀରରେ ରଙ୍ଗିନ ଟାଟୁ କରିଥିଲେ।

ପୂର୍ବାହ୍ନରେ ସେମାନେ ନନ୍ଦନକାନନ ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲିଥିଲେ। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ମାଲକାନାଗିରିର ୨୦ ଏବଂ କୋରାପୁଟର ୧୦ ଜଣ ରହିଛନ୍ତି। ଶୁକ୍ରବାର ସେମାନେ ପୁରୀ ଓ କୋଣାର୍କ ବୁଲିବାକୁ ଯିବାର କାର୍ଯ୍ୟକ୍ରମ ରହିଛି। ୨୦୦୯ରେ ଆତ୍ମସମପର୍ଣ କରିଥିବା କୋରାପୁଟ ଜିଲା ନାରାୟଣପାଟଣା ଅଞ୍ଚଳର କାଳିଆ ଦୁଲୁକା କହିଛନ୍ତି, ପ୍ରଥମ ଥର କରି ଭୁବନେଶ୍ୱର ବୁଲିବାକୁ ଆସିଥିବାରୁ ଖୁସି ଲାଗୁଛି। ଆମେ ମାଓବାଦୀ ଥିବାବେଳେ ଜଙ୍ଗଲରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିଲୁ। କିନ୍ତୁ ଆତ୍ମସମର୍ପଣ କରି ବହୁତ ଖୁସି ଅନୁଭବ କରୁଛି। ହକି ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଉତ୍ସାହ ଥିଲା। ପୋଲିସ ଆମକୁ ବହୁତ ସହଯୋଗ କରୁଛି। ଆତ୍ମସମର୍ପଣ ପରେ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ପୋଲିସ ଯୋଗାଇ ଦେଉଛି। ଯେଉଁ ମାଓବାଦୀମାନେ ଜଙ୍ଗଲରେ ସଂଘର୍ଷ କରୁଛନ୍ତି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆମ ଭଳି ସାଧାରଣ ଜୀବନଯାପନ କରିବାକୁ କାଳିଆ ଆହ୍ୱାନ କରିଛନ୍ତି। ମାଲକାନାଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି, ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ସେମାନେ ହକି ମ୍ୟାଚ୍ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ସେମାନଙ୍କୁ ହକି ମ୍ୟାଚ୍ ଦେଖାଇବା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ଏହାସହ ସେମାନେ ନନ୍ଦନକାନନ ବୁଲିଛନ୍ତି। ଶୁକ୍ରବାର କୋଣାର୍କ ଓ ପୁରୀ ବୁଲିବାକୁ ଯିବେ। ଗଣମାଧ୍ୟମ ଜରିଆରେ ଏସ୍‌ପି କହିଛନ୍ତି ଯେ, ଯେଉଁମାନେ ଭୁଲ ବାଟରେ ଯାଇ ମାଓବାଦୀ ହୋଇଛନ୍ତି, ସେମାନେ ଅତ୍ମସମପର୍ଣ କରନ୍ତୁ। ସରକାରଙ୍କ ପକ୍ଷରୁ ଯାହା କିଛି ସୁବିଧା ରହିଛି ସେସବୁ ଯୋଗାଇ ଦିଆଯିବ।



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ



## ସଂକ୍ଷେପରେ

### ଯୋଗୀମାଲରେ ନୂତନ ଧାନମଣ୍ଡି ଉଦ୍‌ଘାଟିତ

**ସୁନ୍ଦରଗଡ, ୧୩।୧୨ (ଡି.ଏନ୍.ଏ)** -ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ପଞ୍ଚାୟତଠାରେ ଦୀର୍ଘ ବର୍ଷ ପରେ ଅଞ୍ଚଳବାସୀଙ୍କ ଦାବି ମୁତାବକ ଚଳିତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏକ ଧାନମଣ୍ଡି ଖୋଲା ଯାଇଛି। ଗୁରୁବାର ଏହି କେନ୍ଦ୍ର ଜରିଆରେ ଆନୁଷ୍ଠାନିକ ଭାବେ ଚାଷୀ ମାନଙ୍କଠାରୁ ଧାନସଂଗ୍ରହ ଆରମ୍ଭ ହୋଇଛି। ଏହି ମଣ୍ଡିରେ ଧାନକ୍ରୟକୁ ଲ୍ୟାମ୍ପସର ସଭାପତି ଜୟରାମ କିଷାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନଳିନୀ ପଟେଲ, ଡା. ହିମାଂଶୁ ଶେଖର ଷଡଙ୍ଗୀ, ବୀରେନ୍ଦ୍ର ପଟେଲ, ବୈକୁଣ୍ଠ ବନଛୋର ପ୍ରମୁଖଙ୍କ ସମେତ ମଙ୍ଗସପୁର ଲ୍ୟାମ୍ପସ୍‌ର ଏମ୍‌ଡି ସୁରଜ ବେହେରା ଓ ଚାଷୀମାନେ ଉପସ୍ଥିତ ଥିଲେ। ଏହି ମଣ୍ଡି ଖୋଲିବା ପରେ ବିଲେଇଗଡ, ଯୋଗୀମାଲ, ଶ୍ରଦ୍ଧାପାଲି, ଡମବାହାଲ ଓ ଗୁଲଠା ଗ୍ରାମର ପ୍ରାୟ ୨ଶହ ଚାଷୀ ଧାନ ବିକିବାର ସୁବିଧା ପାଇପାରିବେ। ପୂର୍ବରୁ ଏଠାରେ ଧାନମଣ୍ଡି ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରିଦିଆଯାଇଥିଲା। ଫଳରେ ଚାଷୀମାନେ ହଇରାଣ ହେଉଥିଲେ। ଯୁବନେତା ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଚାଷୀମାନେ ଏସମ୍ପର୍କରେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିଠାରେ ଅଭିଯୋଗ କରିଥିଲେ। ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଚାଷୀଙ୍କ ସମସ୍ୟାକୁ ବିଚାର କରି ଯୋଗୀମାଲଠାରେ ଏହି ଧାନମଣ୍ଡି ଖୋଲିବାର ବ୍ୟବସ୍ଥା କରିଥିବାରୁ ଚାଷୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ଟାଙ୍ଗରପାଲି ବ୍ଲକ ଯୋଗୀମାଲରେ ଧାନମଣ୍ଡି ଉଦ୍‌ଘାଟନୀ ମୁହୂର୍ତ୍ତ।





ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ କଦଳୀ ବଗିଚା ଓ ଧାନଖଳା।

# ବାଡ଼ିବଗିଚା ନଷ୍ଟ କଲେ ହାତୀପଲ

**ବଡ଼ଗାଁ, ୧୩।୧୨ (ଡି.ଏନ.ଏ)**

**ବଡ଼ଗାଁ ବ୍ଲକ**

- ହାତୀ ଉପଦ୍ରବ ଜାରି ଥିବାରୁ ଲୋକେ ଆତଙ୍କିତ
- ୧୭ ହାତୀ ୩ଭାଗ ହୋଇ ଉପଦ୍ରବ କରୁଛନ୍ତି
- ବନ କର୍ମଚାରୀଙ୍କ ପାଇଁ ଘଉଡାଇବା କଷ୍ଟକର

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। କିଛି ଦିନ ହେଲା ୧୭ଟି ହାତୀ ଥିବା ପଲରୁ କେତେକ ହାତୀ ମହାବୀର ପର୍ବତରେ ଥିଲାବେଳେ କେତେକ ହାତୀ ୩ଭାଗ ହୋଇ ଉପଦ୍ରବ କରୁଛନ୍ତି। ଫଳରେ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ହାତୀ ୩ଭାଗ ହୋଇ ବୁଲୁଥିବାରୁ ବନ କର୍ମଚାରୀଙ୍କ ପାଇଁ ଘଉଡାଇବା କଷ୍ଟକର ହେଉଛି। ବୁଧବାର ରାତି ସାଢ଼େ ୧୧ଟାରେ ବ୍ଲକର କୁଲଗା ଗ୍ରାମରେ ହାତୀ ପଶି ଉପଦ୍ରବ କରିଛନ୍ତି। ମହାବୀର ପର୍ବତତଳି କୁରେଇବଗା ଗ୍ରାମରେ ରାତି ଗୋଟାଏରେ ୨ଟି ହାତୀ ବାଡିବଗିଚା ନଷ୍ଟ କରିଦେଇଛନ୍ତି। ଏହି ଗ୍ରାମର ପଙ୍କଜ ପୃଷେଟଙ୍କ କଦଳୀ ବଗିଚା ଛାରଖାର କରି ଦେଇଥିଲା ବେଳେ ହେମନ୍ତ ଟପ୍ପୋ (କୁନା)ଙ୍କ ଖଳାରେ ଥିବା ଧାନ ଖାଇଦେଇଛନ୍ତି। ହାତୀପଲ ତାରବାଡ ଟାଣି ତରଣୀସେନ ପୃଷେଟଙ୍କ ଅଗଣାକୁ ଆସିଥିଲେ ଓ ବାଡିର ଚାଷ ନଷ୍ଟ କରିଦେଇଛନ୍ତି। ପୂର୍ବରୁ ହାତୀପଲ ଅନ୍ୟ ଗ୍ରାମରେ ମଧ୍ୟ ବିଭିନ୍ନ ପ୍ରକାର ପନିପରିବା ଫସଲ ନଷ୍ଟ କରିଛନ୍ତି। ଫସଲ ନଷ୍ଟ ହେଉଥିବାରୁ ଗରିବ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

# ବାର୍‌ହା ଶିକାର ପାଇଁ ଫାଶ ଲଗାଇ ୨ ଗିରଫ

**ବଡ଼ଗାଁ, ୧୩।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୁଲଗା, ରାବନଡିହି ଗାଁ ନିକଟ ଜଙ୍ଗଲରେ ବାରହା ଶିକାର ପାଇଁ ଫାଶ ଲଗାଇଥିବା ୨ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କୁଲଗାର ମନ ଖଡିଆ (୪୨) ଓ ମୁଣ୍ଡାଗାଁର ରାଜନ ରଉଡିଆ (୪୦)। ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଧନଜୀବନ ହାନୀ ଘଟୁଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଇତମା ଫରେଷ୍ଟର ପ୍ରେମ ସାଗର ନାଏକ, ଫରେଷ୍ଟ ଗାର୍ଡ ସଞ୍ଜୟ କୁମାର ନାଏକ, କଳିନ୍ଦ୍ର ଭିତ୍ରିଆଙ୍କ ସହିତ ବନ କର୍ମଚାରୀମାନେ ରାବନଡିହି ଗ୍ରାମକୁ ହାତୀ ଘଉଡାଇବାକୁ ଯାଇଥିଲେ। ଜଣେ କର୍ମଚାରୀ ବାର୍‌ହା ଶିକାର ପାଇଁ ଲଗାଯାଇଥିବା ଫାଶରେ ପଡିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏହା ପରେ ଜଣେ କର୍ମଚାରୀ ଫକଟା ଫଟାଇବାରୁ ବାର୍‌ହା ଫାଶ ଲଗାଇଥିବା ବ୍ୟକ୍ତି ସେଠାକୁ ଆସି ବୋମା ଖଞ୍ଜା ଯାଇଥିବା କହିବାରୁ ସମସ୍ତ କର୍ମଚାରୀ ଛିଡା ହୋଇ ରହିଥିଲେ। ସମ୍ପୃକ୍ତ ବ୍ୟକ୍ତି ବୋମା ଖୋଲି ନେଲାପରେ ବନ କର୍ମଚାରୀମାନେ ଫାଶ ଲଗାଇଥିବା ବ୍ୟକ୍ତିଙ୍କୁ ଧରି ବଡଗାଁ ରେଞ୍ଜ ଅଫିସକୁ ଆଣିଥିଲେ। ଉଭୟ ବ୍ୟକ୍ତି ଦୋଷ ସ୍ୱୀକାର କରିଛନ୍ତି । ତେବେ ଏହି ଅଞ୍ଚଳରେ ବାର୍‌ହା ଶିକାରପାଇଁ ଫାଶ ଓ ବୋମା ଖଞ୍ଜା ଯାଉଥିବାରୁ କର୍ମଚାରୀଙ୍କ ପାଇଁ ମଧ୍ୟ ବିପଦ ରହିଛି। ଏହି ବୋମାକୁ ହାତୀ ମଧ୍ୟ ମାଡି ଆହତ ହୋଇପାରେ । ଜଙ୍ଗଲରେ ଶିକାର ପାଇଁ ବୋମା ଖଞ୍ଜିଲେ ହାତୀ ଘଉଡାଇଲା ବେଳେ କର୍ମଚାରୀ, ହାତୀ ଆହତ ହେବେ । ଗ୍ରାମବାସୀ ମଧ୍ୟ ବନ କର୍ମଚାରୀଙ୍କ ସହିତ ଘଉଡାଉଥିବାରୁ ସେମାନେ ମଧ୍ୟ ବିପଦର ସମ୍ମୁଖିନ ହେବେ। ଏଦିଗରେ ଗ୍ରାମବାସୀ ସଚେତନ ହେବା ଆବଶ୍ୟକ।



ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ ପାଇଁ ନିଆଯାଉଛି।

# କୁମ୍ଭାର ସମାଜର କୁରାଳ ପୂଜା

**ବାଲିଶଙ୍କରା, ୧୩।୧୨ (ଡି.ଏନ.ଏ)**

ବାଲିଶଙ୍କରା ଗ୍ରାମ ଫିଟିଙ୍ଗପଡାଠାରେ ବାଲିଶଙ୍କରା ଗ୍ରାମର କୁମ୍ଭାର ସମାଜ ପକ୍ଷରୁ କୁରାଳ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର କଳସ ଯାତ୍ରା କରି କଳସ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଆଗାମୀ ଶୁକ୍ରବାର ଭସାଣି ଯାତ୍ରା କାର୍ଯ୍ୟକ୍ରମ ରହିଛି। ଏହି ପୂଜା କାର୍ଯ୍ୟକ୍ରମରେ ପୂଜକ ଭାବେ ଟଙ୍କଧର ପଣ୍ଡା କାର୍ଯ୍ୟ ତୁଲାଉଥିବା ବେଳେ କର୍ତ୍ତାଭାବେ ନିରଞ୍ଜନ ରଣା ଓ ଧର୍ମପତ୍ନୀ ଯଜ୍ଞିନି ରଣା ପୂଜାକର୍ମରେ କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟେକ ବର୍ଷ ପରି ବାଲିଶଙ୍କରା ଗ୍ରାମର କୁମ୍ଭାର ସମାଜ ପକ୍ଷରୁ କୁମ୍ଭାର ସମାଜର ଏକତା ଅଖଣ୍ଡ ବଜାୟ ରହିବା ଓ ସମାଜ ପ୍ରତି ଶାନ୍ତି ଶୃଙ୍ଖଳା ବଜାୟ ରହିବା ନେଇ ମୂର୍ତ୍ତି ସ୍ଥାପନ କରି କୁରାଳ ପୂଜା କରାଯାଉଥିଲା। ସେହିପରି ଚଳିତବର୍ଷ ବାଲିଶଙ୍କରା ଗ୍ରାମର ଫିଟିଙ୍ଗପଡାଠାରେ ରୀତିନୀତି ଅନୁଯାୟୀ ବାଲିଶଙ୍କରା ଗ୍ରାମର କୁମ୍ଭାର ସମାଜର ପୁରୁଷ ଓ ମହିଳା ଏକଜୁଟ ହୋଇ ଧୁମଧୁମାରେ କୁରାଳ ପୂଜା ପାଳନ କରି ସମାଜର ବାର୍ତ୍ତାକୁ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ଅର୍ଜୁନ ରଣା ଓ ଗୋକୁଳାନନ୍ଦ ଦାନୀ ସଫଳ କରିବା ପାଇଁ ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମଘନ ଦାନୀ, ରଞ୍ଜନ ରଣା, ଶତୃଘନ ରଣା, ରଞ୍ଜନ ରଣା, ବସନ୍ତ ରଣା ପ୍ରମୁଖ ସାମିଲ ଥିଲେ।



ଫିଟିଙ୍ଗପଡାଠାରେ କୁମ୍ଭାର ସମାଜ ପକ୍ଷରୁ କୁରାଳ ପୂଜା କରାଯାଉଛି।

### ଛାତ୍ରୀ ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୩।୧୨ (ଡି.ଏନ୍.ଏ )** ଟାଙ୍ଗରପାଲି ବ୍ଲକର ମହର୍ଷି ଦୟାନନ୍ଦ କନିଷ୍ଠ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ୨ ସପ୍ତାହ ବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡମ୍ବରୁଧର ପଟେଲ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଦିବ୍ୟସିଂ ପଟେଲ, ଅଧ୍ୟାପିକା କଳ୍ପନା ଯୋଶୀଙ୍କ ତତ୍ତ୍ୱାବଧାନରେ ପ୍ରବାସିନୀ ଗର୍ଡଆ ଓ ମୀନା ଧୃଆ ତାଲିମ ପ୍ରଦାନ କରୁଛନ୍ତି।

# ସମ୍ପୂର୍ଣ୍ଣ ଶୌଚମୁକ୍ତ ଘୋଷଣା ନିମନ୍ତେ ଶପଥପାଠ

**ସୁନ୍ଦରଗଡ଼, ୧୩।୧୨ (ଡି.ଏନ୍.ଏ)**

ସରକାରଙ୍କ ଆଦେଶ ଅନୁସାରେ ସୁନ୍ଦରଗଡ ପୌରପରିଷଦର ସମସ୍ତ ୧୯ଟି ୱାର୍ଡକୁ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଘୋଷଣା କରାଯିବା ନିମନ୍ତେ ସ୍ଥାନୀୟ ବିକାଶ ଭବନଠାରେ ଗୁରୁବାର ଏକ ସାଧାରଣ ସଭା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରକୁ ବାହ୍ୟ ଶୌଚମୁକ୍ତ ଅଞ୍ଚଳର ଉପକାରିତା, ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମାର୍ଶାଲ ଏକ୍କା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହରରେ ବସବାସ କରୁଥିବା ଜନସାଧାରଣଙ୍କୁ ବାହାରେ ଶୌଚ ନ କରିବା ପାଇଁ ଉପଦେଶ ଦେବା ସହ ସହରକୁ ଏକ ବାହ୍ୟ ଶୌଚମୁକ୍ତ ସହର ଭାବେ ଗଢି ତୋଳିବାକୁ ଅନୁରୋଧ କରିଥିଲେ। ପରିମଳ ବିଶେଷଜ୍ଞ ଅନୀଲ ଲାକ୍ରା ଶୌଚମୁକ୍ତ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୌରନିର୍ବାହୀ ଅଧିକାରୀ ଡଃ ଜଗଦୀଶ ମହାନନ୍ଦ ବାହ୍ୟ ଶୌଚମୁକ୍ତ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ସଭାରେ ପୂର୍ବତନ କାଉନସିଲର ବୀଣା ସାହୁ, ଡ. ହିମାଂଶୁ ଶେଖର ଷଡଙ୍ଗୀ, ପୁଷ୍ପାରାଣୀ ସରାଫ, ପଞ୍ଚା ବାର୍ଲା, ସୁମନ୍ତ ସାହୁ, ଅରୁଣ ଅଢା, କମଳା ମହାନନ୍ଦିଆଙ୍କ ସମେତ ପୌରପରିଷଦର ସମସ୍ତ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ବିଜୁ ଯୁବ ବାହିନୀ ଓ ସ୍ୱେଚ୍ଛାଗ୍ରାହୀ ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଘୋଷଣା କରାଯିବା ନିମନ୍ତେ ଶପଥପାଠ କରାଯାଉଛି।

# କୁରାଳ ସମାଜର ଚକ୍ରପୂଜା ରୌପ୍ୟ ଜୟନ୍ତୀ

**ବଡ଼ଗାଁ, ୧୩।୧୨ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ଆଞ୍ଚଳିକ କୁରାଳ (କୁମ୍ଭାର) ସମାଜ ପକ୍ଷରୁ ଚକ୍ରପୂଜା ରୌପ୍ୟଜୟନ୍ତୀ ମହୋତ୍ସବ ୧୨ ତାରିଖ ଆରମ୍ଭ ହୋଇଛି। ସମାଜର ପାମରା ଗାଦି କୁରାଳ ସମାଜ ପରିଚାଳନା କମିଟି ଦ୍ୱାରା ୧୯ଟି ଗ୍ରାମର କୁରାଳ ସମାଜ ବ୍ୟକ୍ତିଙ୍କ ସହଯୋଗରେ ପ୍ରତିବର୍ଷ ଭଳି ପାମରା ଗ୍ରାମରେ ଚଳିତ ବର୍ଷ ମଧ୍ୟ ହେଉଛି। ଚକ୍ରପୂଜାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ଉତ୍ସବ ଓ ଆଞ୍ଚଳିକ ମହାସଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କୁରାଳ ପଞ୍ଚମୀ ବୁଧବାର ପ୍ରାତଃ କାଳରୁ ଅଧିବାସ ହୋଇଥିଲା। ସମାଜର ଇଷ୍ଟ ଦେବୀଦେବତା ଶ୍ରୀ ରୁଦ୍ରପାଳ ଓ ଶ୍ରୀ ରତ୍ନେଶ୍ୱରୀଙ୍କ ସମେତ ଅନେକ ଆରାଧ୍ୟ ଦେବୀଦେବତାଙ୍କ ବିଗ୍ରହ ସ୍ଥାପନ କରି ପୂଜାକାର୍ଯ୍ୟ କରାଯାଉଛି। ଦେବାନନ୍ଦ ରଣା ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ମୁଖ୍ୟକର୍ତ୍ତା ଭାବେ ଦାୟୀତ୍ୱ ତୁଲାଉଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି ବିଭୂ ଦର୍ଶନ କରିଥିଲେ। ଗଦି କମିଟିର ସଭାପତି ହଳଧର ରଣା, ସମ୍ପାଦକ ସୁରେନ୍ଦ୍ର ଦାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୌପ୍ୟଜୟନ୍ତୀ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଶୁକ୍ରବାର ଆଞ୍ଚଳିକ କୁରାଳ ସମାଜର ମହାସଭା ଓ ଶନିବାର ପୂର୍ଣ୍ଣାହୁତୀ ହେବ।

### ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ

**ଲହୁଣୀପଡା, ୧୩।୧୨ (ଡି.ଏନ.ଏ)**

ଲହୁଣୀପଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗୁରୁବାର ବ୍ଲକସ୍ତରୀୟ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ, ଓଡିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର ତହସିଲ ପକ୍ଷରୁ ଆୟୋଜିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ବିଡିଓ ଧାନାଇ ଚରଣ ଟୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ତହସିଲଦାର ଆଲୋକ କୁମାର ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମିରା ସାସମଲ, ବିଇଓ ଆହ୍ଲାଦିନ ନାଏକ ମଞ୍ଚାସୀନ ଥିଲେ। ଶିବିରରେ ଏହି ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ।



କୁଆଁରମୁଣ୍ଡାରେ 'ପିଠା' କାର୍ଯ୍ୟକ୍ରମର ଭିଡିଓ କନ୍‌ଫରେନ୍ସିଂରେ ଉପସ୍ଥିତ ବ୍ଲକ କର୍ମଚାରୀ ଓ ଜନପ୍ରତିନିଧି।

# କୁଆଁରମୁଣ୍ଡା ବ୍ଲକ: 'ପିଠା' କାର୍ଯ୍ୟକ୍ରମର ଭିଡିଓ କନ୍‌ଫରେନ୍ସିଂ

**କୁଆଁରମୁଣ୍ଡା, ୧୩।୧୨ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ବିଷୟରେ ତୃଣମୂଳସ୍ତରରେ ରହୁଥିବା ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନାର ବାସ୍ତବ ରୂପାୟନରେ ଯେଭଳି ସାଧାରଣ ଲୋକେ ଉପକୃତ ହୋଇପାରିବେ ସେ ନେଇ ରାଜ୍ୟ ସରକାର ଏକ ଅଭିନବ ଯୋଜନା 'ପିଠା' (ପିପୁଲ୍‌ସ୍ ଏମ୍‌ପାୱାର୍‌ମେଣ୍ଟ ଏନେବିଲିଂ ଟ୍ରାନ୍‌ସ୍‌ପେରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି ଅଫ୍ ଓଡ଼ିଶା ଇନିସିଏଟିଭ୍) କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ କିଭଳି ଜିଲା, ବ୍ଲକ ଓ ଗ୍ରାମ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲାଠାରୁ ଆରମ୍ଭ କରି ବ୍ଲକ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ଅବଗତ କରିଛନ୍ତି। ଏହି ଉଦ୍ଦେଶ୍ୟରେ କୁଆଁରମୁଣ୍ଡା ବ୍ଲକ କମ୍ପ୍ୟୁଟର ଅଡିଟୋରିୟମରେ ବିଡିଓ ପିୟୁଷ ଲୋହାରଙ୍କ ଆବାହକତ୍ୱରେ ସମସ୍ତ ୨୦ ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧାପ୍ରସାରଣ ବିଷୟରେ ଅବଗତ ହୋଇଛନ୍ତି। ପ୍ରତି ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ଏଲଇଡି ଟିଭି ସାହାଯ୍ୟରେ 'ପିଠା' କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଭିଡିଓ କନ୍‌ଫରେନ୍ସିଂରେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ତଥା ତୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ରାଜେଶ ହାଁସଦା, ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ବିଜୟଲକ୍ଷ୍ମୀ କାଲୋ, ଫୁଲ କେର୍କେଟାଙ୍କ ସହ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଭବାନୀଶଙ୍କର ପାଢୀ, ସହକାରୀ ନିର୍ବାହୀ ଅଧିକାରୀ ମନୋଜ ବଡେଇକ, ସିଡ଼ିପିଓ ଆନାସ୍ଥାସିଆ ଲାକ୍ରା, ଜିପିଇଓ ନିରଞ୍ଜନ ନାଏକ, ପଦମପୁର ପିଇଓ ଦେବବ୍ରତ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡାଙ୍କ ଆଦର୍ଶ, ଚିନ୍ତାଧାରା ଅନୁକରଣୀୟ

## ବାରିଲେପ୍ଟା ସ୍କୁଲ ପରିସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୂଆଗାଁ, ୧୩।୧୨ (ଡି.ଏନ.ଏ)**

ବୀର ବିର୍ସା ମୁଣ୍ଡା କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ ସମାଜପ୍ରତି ତାଙ୍କ ଚିନ୍ତାଧାରାଥିଲା ଉଚ୍ଚକୋଟିର। କାହାରି ଗୁଲାମୀ ବା ଚାକରକୁ ସେ ବରଦାସ୍ତ କରୁ ନ ଥିଲେ। ନିଜ ସମାଜରେ ସମ୍ମାନର ସହ ବଞ୍ଚିବା ଥିଲା ତାଙ୍କ ବାର୍ତ୍ତା। ଏଥିପାଇଁ ସେ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିଥିଲେ । ତେଣୁ ଆଜିର ଛାତ୍ର ସମାଜ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତିର ଗୌରବ ପାଇଁ କାମ କରିବା ଉଚିତ ବୋଲି ଗୁରୁବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାରିଲେପ୍ଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଥିଲେ। ମୁଖ୍ୟଅତିଥି ଭାବେ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ମଧ୍ୟ ଉପଦେଶ ଦେଇଥିଲେ। ନୂଆଗାଁ ବ୍ଲକର ବାରିଲେପ୍ଟା ସ୍କୁଲରେ ଏଭଳି କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି ମହାପୁରୁଷ ମାନଙ୍କ ଜୀବନୀ ଉପରେ ଆଧାରିତ ବିଭିନ୍ନ ଶିକ୍ଷଣୀୟ ଜିନିଷଗୁଡିକୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାରିଲେପ୍ଟା ସରପଞ୍ଚ ସେରାଫିନୁସ ତିର୍କି, ସିଆରସିସି ମଙ୍ଗଲ କେର୍କେଟା, ରୋସନ ଲାକ୍ରା, ସୁକାନ୍ତ ବଡ଼ାଇକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ସୟଦ ସଲାଉଦ୍ଦିନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଜନ୍ମେଜୟ ତ୍ରିପାଠୀ, ସନ୍ତୋଷ ନାଏକ, ଧାନଚାନ୍ଦ ଗିରି, ବିଜୟା ନନ୍ଦ ପାଣିଗ୍ରାହୀ, ରୀତା ଦଲେଇ, ଶଶିକାନ୍ତ ବଡାଇକ, ଲଳିତର୍ଶଳି ସାହୁ, ସରୋଜ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା।



ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



# ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା

ନୂଆପଡା ଅଫିସ,୧୩।୧୨

ନୂଆପଡା ଜିଲାରେ ମରୁଡି ଅନାବୃଷ୍ଟି ପିଛା ଛାଡୁ ନ ଥିବାବେଳେ ଯାହା କିଛି ଧାନ ଉପାର୍ଜନ ହୋଇଛି ତାକୁ ଚାଷୀ ବିକ୍ରି କରିବାକୁ ଅଣ୍ଟା ଭିଡିଥିବାବେଳେ ବର୍ତ୍ତମାନ ଲଘୁଚାପ, ଅଦିନିଆ ବର୍ଷା କାଳ ହୋଇଛି । ତେଣୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଲେଣି । ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧୁ ଚନ୍ଦ୍ରିକା ଯୋଗୁ ଚାଷୀ ଏଭଳି ପରିସ୍ଥିତିରେ ହଇରାଣ ହେଉଛନ୍ତି । ଏଭଳି ସ୍ଥିତି ଉପୁଜିଛି ସଦର ବ୍ଲକ ଭୈଁଷାଁଟାଲ ମଣ୍ଡିରେ । ଚାଷୀମାନେ ହଇରାଣ ହେବା ପରେ ବାଧ ହୋଇ ଗୁରୁବାର ଜିଲା ଯୋଗାଣ ବିଭାଗ ଅଫିସକୁ ଘେରାଉ କରି ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦିନକୁ ୧୫ଶହ ପରିବର୍ତ୍ତେ ୩ହଜାରକୁ ବୃଦ୍ଧି କରିବାକୁ ଦାବି କରାଯାଇଛି ।

ପ୍ରକାଶ ଯେ, ଜିଲାରେ ଗତ ମାସ ୨୦ତାରିଖଠାରୁ କାଗଜ କଲମରେ ଧାନ କିଣା ଆରମ୍ଭ ହୋଇଥିବାବେଳେ ପ୍ରକୃତ ପକ୍ଷେ ବହୁ ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଛି । ଆଜକୁ ତିନି ସପ୍ତାହ ବିତିଯିବ ଭୈଁଷାଁଟାଲ ମଣ୍ଡିରେ ମାତ୍ର ୪୭ଜଣ ଚାଷୀ ୨୨୪୯କୁଇଣ୍ଟାଲ ଧାନ ବିକ୍ରି କରିପାରିଛନ୍ତି । ଏପଟେ ମଣ୍ଡିରେ ପ୍ରତି ଦିନ ମାତ୍ର ୧୫ଶହ କୁଇଣ୍ଟାଲ ଧାନ କିଣିବାକୁ ଅନୁମତି ଦିଆଯାଇଛି ।



ଭୈଁଷାଁଟାଲ ଗ୍ରାମପଞ୍ଚାୟତର ଚାଷୀମାନେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

**ମଣ୍ଡିକୁ ଲଘୁଚାପ ଚିନ୍ତା**
- ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ଦ୍ୱାରସ୍ଥ
- ମଣ୍ଡିରେ ଧାନଉଠାଣ ଟାର୍ଗେଟ ବୃଦ୍ଧି ଦାବି

ଚାଷୀମାନେ ବାରମ୍ବାର ସେବା ସମବାୟ ସମିତିକୁ ଜଣାଇବାପରେ ମଧ୍ୟ ବିଫଳ ହେବାରୁ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ଗାଁର ଚାଷୀମାନେ ଏକଜୁଟ ହୋଇ ନୂଆପଡାକୁ ଆସିଥିଲେ । ପ୍ରଥମେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଚାଷୀଙ୍କ ଦୁଃଖକୁ ନ ଶୁଣିଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଘେରାଉ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ପଞ୍ଚାୟତ ତରଫରୁ ଡିକେଶ୍ୱରୀ ମାଝି, ନାଏବ ସରପଞ୍ଚ କିଶନଲାଲ ସାହୁ, ସମିତି ସଭ୍ୟ ମାନସ ବନଜାରା, ବିକାଶ ସାହୁ, ପ୍ରେମ ଶଙ୍କର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ସଂକ୍ଷେପରେ

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

**ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)-** କାମଧନ୍ଦା ଅନ୍ୱେଷଣରେ ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଆନ୍ତି। ସେଥିମଧ୍ୟରୁ ଅନେକେ ଅଘଟଣ କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ହରାଉଛନ୍ତି। ବୁଧବାର ସନ୍ଧ୍ୟାରେ ମହାରାଷ୍ଟ୍ରରେ ଦାଦନ ଖଟିବାକୁ ଯାଇ ଅଞ୍ଚଳର ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ସଦର ବ୍ଲକ ଇଚ୍ଛାପୁର ଗାଁର ପୀତବାସ ଦୁର୍ଗା। ପୀତବାସଙ୍କ ମୃତଦେହ ଗୁରୁବାର ଇଚ୍ଛାପୁର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ମହାରାଷ୍ଟ୍ର ପାଲଘର ଜିଲା ସୋରୋଳି ପଞ୍ଚାୟତସ୍ଥିତ ସନ୍ତୋସ କନଷ୍ଟ୍ରକ୍ସନରେ ଶ୍ରମିକ ଭାବରେ କାମ କରୁଥିଲେ। ପୀତବାସ କମ୍ପାନୀରେ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ଲାଗିଥିବା ପାଣି ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ମୃତ୍ୟୁ ଘଟିଥିଲା। ପୀତବାସଙ୍କ ୩ ପୁଅ ଓ ୨ ଝିଅ ଅଛନ୍ତି। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅସହାୟ ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ପରିବାରବର୍ଗ ଦାବି କରିଛନ୍ତି।




### ଲାଖି ଚାଷ ସମ୍ପର୍କିତ କର୍ମଶାଳା

**ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)-** ଓଡିଶାର କୃଷକମାନଙ୍କୁ ଲାଖି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରି ଆସୁଥିବା କୃଷି ଭିତ୍ତିକ ସଂସ୍ଥା ଶ୍ରୀ ପୁରୁଷୋତ୍ତମ ଆଗ୍ରୋ ଆନୁକୂଲ୍ୟରେ କଳାହାଣ୍ଡିର କୃଷକମାନଙ୍କୁ ଲାଖିଚାଷର ପ୍ରଣାଳୀର ଜ୍ଞାନ ଏବଂ ଏହି ଚାଷ ସମ୍ପର୍କିତ ଏକ କର୍ମଶାଳା ସ୍ଥାନୀୟ ୪ର୍ଥ ଶ୍ରେଣୀ ଅମଲା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ଚାଷ ଯଥା ଧାନ ତଥା ଅନ୍ୟାନ୍ୟ ରବିଜାତୀୟ ଫସଲ ଅପେକ୍ଷା ଲାଖି ଚାଷରେ ଅଧିକ ଲାଭ ମିଳୁଥିବା ଏବଂ ଏହି ଚାଷ ଅତି ସହଜ ଏବଂ ସରଳ ବୋଲି ଏହି କର୍ମଶାଳାରେ ଯୋଗଦେଇ କୃଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ପୁରୁଷୋତ୍ତମ ଆଗ୍ରୋର ତତ୍ତ୍ୱାବଧାରକ ଅକ୍ଷୟ କୁମାର ନାୟକ ନିଜର ମତ ବ୍ୟକ୍ତ କରିଥିଲେ । ଲାଖିଚାଷର ବିଜ୍ଞାନଭିତ୍ତିକ ଚାଷ ପଦ୍ଧତି ସମ୍ପର୍କରେ ସ୍ଥାନୀୟ କୃଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଲାଖି ଚାଷ ସହ ଜଡିତ କୃଷକମାନଙ୍କୁ ପ୍ରାରମ୍ଭିକ ସ୍ତରରେ ଉନ୍ନତଜ୍ଞାନ କୌଶଳ ତଥା ଆବଶ୍ୟକ ସାହାଯ୍ୟ ଯୋଗାଇ ଦିଆଯିବା ବୋଲି ମତପୋଷଣ କରିଥିଲେ। କଳାହାଣ୍ଡିର ବିଭିନ୍ନ ବ୍ଲକରୁ ୩୦ଜଣ ଚାଷୀ କର୍ମଶାଳାରେ ଯୋଗଦେଇ ଲାଖି ଚାଷର ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ପଦ୍ମଲୋଚନ ପରିଡା, ଅକ୍ଷୟ କୁମାର ପରିଛା ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ ।

# ଟ୍ରେନ୍‌ରୁ ପଡ଼ି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୧୩।୧୨(ଡି.ଏନ.ଏ.)

ଲାଞ୍ଜିଗଡ଼ ରୋଡ଼-ନର୍ଲାରୋଡ଼ ରେଳ ଲାଇନରେ ଗୁରୁବାର ଟ୍ରେନ୍‌ରୁ ଖସିପଡ଼ି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଖବର ଅନୁଯାୟୀ, ଗୁରୁବାର ଭୋରରୁ ଲାଞ୍ଜିଗଡ ରୋଡ-ନର୍ଲା ରୋଡ ରେଳ ଲାଇନ୍‌ର ୨୪୨/୧୩ ନମ୍ବର ଖୁଣ୍ଟ ପାଖରେ ଟ୍ରେନ୍ ଯାଉଥିବାବେଳେ ଜଣେ ବ୍ୟକ୍ତି ଖସି ପଡିଥିଲେ । ଗୁରୁତର ଭାବେ ଆହତ ଏହି ବ୍ୟକ୍ତିଙ୍କୁ ଦେଖି କେହି ଜଣେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଘଟଣାସ୍ଥଳରେ ୧୦୮ ପହଞ୍ଚିବା ବେଳକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ନର୍ଲା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଟିଟିଲାଗଡ ଜିଆର୍‌ପି ଏଏସ୍‌ଆଇ, କନ୍‌ଷ୍ଟେବଲ୍ ଓ ଆର୍‌ପିଏଫ୍ ଏଏସ୍‌ଆଇ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରୁ ବ୍ୟକ୍ତି ଜଣକ ଦ୍ରୁତଗାମୀ ଟ୍ରେନ୍‌ରୁ ଖସି ପଡିଥିବା ଅନୁମାନ କରାଯାଉଛି। ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଏକ ଟ୍ରେନ୍ ଟିକେଟ୍ ଚେନ୍ନାଇ ସେଣ୍ଟ୍ରାଲ୍‌ରୁ କେସିଙ୍ଗା ପର୍ଯ୍ୟନ୍ତ ରହିଥିବା ମିଳିଥିଲା। ଗୋବର୍ଦ୍ଧନପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହାୟତାରେ ଟିଟିଲାଗଡ ଜିଆର୍‌ପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଚିହ୍ନଟ ହୋଇନାହିଁ । ଏ ନେଇ ଟିଟିଲାଗଡ ଜିଆର୍‌ପି ଥାନା ଯୁଡି କେସ୍ ନଂ.୪୯/୧୮ ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସ୍‌ଆଇ ସୂଚନା ଦେଇଛନ୍ତି ।

# ବିବେକ ଶ୍ରୀ ଆୱାର୍ଡ ପାଇଁ ବୈଠକ

ଭବାନୀପାଟଣା, ୧୩।୧୨ (ଡି.ଏନ.ଏ.)

ଗୁରୁବାର ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିଚାଳନା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ବ୍ରହ୍ମାନନ୍ଦ ସାମଲ ଓ ସ୍କୁଲ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶିବରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲ ଆଗାମୀ ବାର୍ଷିକ ସମାରହୋ ତଥା ବିବେକଶ୍ରୀ ଆୱାର୍ଡ - ୨୦୧୯ ସମ୍ପର୍କରେ ଆଲୋଚନା ହୋଇଥିଲା। ବିବେକଶ୍ରୀ ଆୱାର୍ଡ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମାଜରେ ଉତ୍କର୍ଷ ଲାଭ କରିଥିବା ବିଭିନ୍ନ ବର୍ଗର ଲୋକଙ୍କୁ କରାଯିବା । ସାଧାରଣ ରିକ୍ସା ଚାଳକଠୁ ଆରମ୍ଭ କରି କୃଷକ, ବସ୍ ଚାଳକ ଓ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯାଇଥାଏ । ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୨୦ ଜଣଙ୍କୁ ବିବେକଶ୍ରୀ ଆୱାର୍ଡରେ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସ୍କୁଲ ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ସୁତମ ନାୟକ ଧନ୍ୟବାଦ ଦେଇଥିଲେ ।

### ୫ମ ଜେକେଭି ଟୁର୍ନାମେଣ୍ଟ

# ସାରାବଙ୍ଗ ଚାମ୍ପିୟନ

ନୂଆପଡା ଅଫିସ,୧୩।୧୨

ସ୍ଥାନୀୟ ପରସାଗୋରା ଖେଳପଡିଆଠାରେ ଚାଲିଥିବା ସ୍ୱର୍ଗୀୟ ଖୁମନଲାଲ ସାହୁଙ୍କ ସ୍ମୃତିରେ ୫ମ ଜେକେଭି ଟୁର୍ନାମେଣ୍ଟ ଫାଇନାଲରେ ପରସାଗୋରା ଦଳକୁ ସାରାବଙ୍ଗ ଦଳ ୨୧ରନରେ ହରାଇ ଚାମ୍ପିୟନ ହୋଇଛି । ଟୁର୍ନାମେଣ୍ଟରେ ନୂଆପଡା ସମେତ ବରଗଡ, ବଲାଙ୍ଗୀର ଜିଲାରୁ ମୋଟ ୨୪ଟି ଦଳ ଯୋଗଦେଇଥିଲେ । ଗୁରୁବାର ଫାଇନାଲ ମ୍ୟାଚ୍ ଆୟୋଜକ ପରସାଗୋରା ଏବଂ ସାରାବଙ୍ଗ ଦଳ ମଧ୍ୟରେ ହୋଇଥିଲା । ସାରାବଙ୍ଗ ଦଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୭୬ରନ କରିଥିବାବେଳେ ଜବାବରେ ପରସାଗୋରା ଦଳ ୮ଉଇକେଟ ବିନିମୟରେ ୫୫ରନ କରିଥିଲା । ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି ରମେଶ ଚନ୍ଦନ ସଭାପତିତ୍ୱ କରିଥିବାବେଳେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ କଂଗ୍ରେସର ରବୀନ୍ଦ୍ର ମଙ୍ଗରାଜ, ନୂଆପଡା ଯୁବ ଯାଦବ ସମାଜର ସଭାପତି ରାହୁଲ ବାଗ, ଲାଲୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଚାମ୍ପିୟନ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅପ ଦି ଟୁର୍ନାମେଣ୍ଟ ଭାବେ ପରସାଗୋରା ଦଳର ରମେଶ ଚନ୍ଦନଙ୍କୁ ୭ଶହ ଟଙ୍କା ଏବଂ ମ୍ୟାନ ଅପ ଦି ଫାଇନାଲ ଭାବେ ବିକାଶ ଚନ୍ଦ୍ର ଶବରଙ୍କୁ ୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି । ଏହି ଟୁର୍ନାମେଣ୍ଟକୁ ପରିଚାଳନାରେ କମିଟି ସମ୍ପାଦକ ଆବିଦ ହିଙ୍ଗୋରା, ଉପସଭାପତି ମୋହନ ଭୋଇ, କୋଷାଧ୍ୟକ୍ଷ କୃଷ୍ଣ କଟା ପ୍ରମୁଖ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

### ଚାଷୀମାନେ ଆମକୁ ପୁଷ୍ଟିକର ଖାଦ୍ୟଶସ୍ୟ ଦେଉଛନ୍ତି

# ମାଣ୍ଡିଆ ଚାଷର ଉତ୍ପାଦନକୁ ଗୁରୁତ୍ୱ

ନୂଆପଡା ଅଫିସ,୧୨।୧୨

କୋମନା ବ୍ଲକ ଲଖନା ସେବା ସମବାୟ ସମିତି ତରଫରୁ ମୁଣ୍ଡାପଲା ମାର୍କେଟ ୟାର୍ଡରେ ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ରାଗି (ମାଣ୍ଡିଆ) ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଡା. ପୋମା ଟୁଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦ, ଟିଡିସିସି ସମ୍ପାଦକ ଶ୍ୟାମ ସୁନ୍ଦର ମାଝୀ, ଏଆରସିଏସ ଲିଙ୍ଗରାଜ ନାଏକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଚାଷୀମାନଙ୍କୁ ମାଣ୍ଡିଆ ଚାଷକୁ କିପରି ବ୍ୟାପକ କରାଯାଇପାରିବ ସେଥି ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ସେହିପରି ପ୍ରଶାସନ ମଣ୍ଡିର ବ୍ୟବସ୍ଥା କରୁଛି । କୁଇଣ୍ଟାଲ ପିଛା ଦର ୨୮୯୭ଟଙ୍କା ରଖାଯାଇଛି । ଏଥିରୁ ଆଦିବାସୀ ଉନ୍ନୟନ ସମବାୟ ଲିମିଟେଡ(ଟିଡିସିସି)ମାଣ୍ଡିଆ ସଂଗ୍ରହ ଦାୟିତ୍ୱ ନେଇଛି । ଚାଷୀମାନେ ଯଦି ପ୍ରକୃତ ମୂଲ୍ୟ ପାଇବାରେ କୌଣସି ଅସୁବିଧା ସମ୍ମୁଖିନ କରିବେ ସେ ସମ୍ପର୍କରେ ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ଗୁରୁବାର ପ୍ରଥମ ଦିନରେ ୧୦ଜଣ ଚାଷୀଙ୍କଠାରୁ ୧କୁଇଣ୍ଟାଲ ୭୦କିଗ୍ରା ମାଣ୍ଡିଆ କ୍ରୟ କରାଯାଇଛି । ପ୍ରକାଶ ଯେ, ଜିଲାରେ ରାଜ୍ୟ ସରକାର ମିଲେଟ ମିଶନ ଜରିଆରେ ମାଣ୍ଡିଆ, ଗୁର୍ଜି ଭଳି ଶସ୍ୟର ଉତ୍ପାଦନକୁ କିପରି ଗୁରୁତ୍ୱ ଦିଆଯିବ ସେଥିପାଇଁ ୱାସନ, ଅହିଂସା, ଏସଭିଏ ଭଳି ସଂସ୍ଥା ତରଫରୁ ଆଜକୁ ବର୍ଷେ ହେବ କାର୍ଯ୍ୟକ୍ରମମାନ ଚାଲିଛି । ଏଥିରୁ କିପରି ପୁଷ୍ଟିକର ଖାଦ୍ୟ ଶିଶୁ କଲ୍ୟାଣ ଯୋଜନାରେ ବ୍ୟବହାର କରାଯାଇପାରିବ ସେଥିପାଇଁ ମଧ୍ୟ ମିଶନ ମୋଡରେ କାର୍ଯ୍ୟକ୍ରମ ଚାଲିଛି । ତେବେ ଏଥର ପ୍ରଥମ ଥର ଚାଷୀଙ୍କୁ ସଠିକ୍ ମୂଲ୍ୟ ଯୋଗାଇବା ପାଇଁ ମଣ୍ଡି କରାଯାଇଛି । ଜିଲାରେ ପ୍ରଶାସନ ମୋଟ ୮ଟି ମଣ୍ଡି ଖୋଲିଛି । ନୂଆପଡା ବ୍ଲକର ଧରମବନ୍ଧା, ଦର୍ଲିମୁଣ୍ଡା, କୋମନା ବ୍ଲକର ମିଛାପାଲି ଏବଂ ମୁଣ୍ଡାପଲା, ଖଡିଆଳ ବ୍ଲକର ଖଡିଆଳ ବଜାର, କେନ୍ଦୁମୁଣ୍ଡା, ସିନାପାଲି ବ୍ଲକର ନିଲଜୀ ଏବଂ ବୋଡେନ ପ୍ରାଥମିକ ସେବା ସମବାୟ ସମିତିରେ ମଣ୍ଡି କରାଯାଇଛି । ଏଥିରେ ସପ୍ତାହର ପ୍ରତି ଗୁରୁବାର ଏବଂ ରବିବାର ଖୋଲାଯିବାକୁ ଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମହାନନ୍ଦ କହିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଅଞ୍ଚଳର ବହୁ ଚାଷୀ ଯୋଗଦେଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରିଥିଲେ।


ରାଗି ମଣ୍ଡି ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କ ସହ ଜିଲାପାଳ ଡା. ପୋମା ଟୁଡୁ ।

# ବିଜୁ ଯୁବବାହିନୀ ତରଫରୁ ଭଲିବଲ: ବାଣ୍ଡିଗାଁ ଚାମ୍ପିୟନ

ଜୟପାଟଣା,୧୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ବିଜୁ ଯୁବ ବାହିନୀ ତରଫରୁ ସ୍ଥାନୀୟ ଉମା ଶଙ୍କର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ବ୍ଲକ୍‌ର ୧୮ଟି ପଞ୍ଚାୟତର ବିଜୁ ଯୁବ ବାହିନୀ ଭଳି ଟିମ୍ ଯୋଗ ଦେଇଥିବା ବେଳେ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ବିଜୁ ବାହିନୀ ଚାମ୍ପିୟନ ଏବଂ ଖଲିଆଭଟା ଗ୍ରାମ ପଞ୍ଚା ରନର୍ସଅପ୍ ହୋଇଥିଲା । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ଐଶ୍ୱିର୍ଯ୍ୟା ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଭାକର ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାଉତ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏହି ଟୁର୍ନାମେଣ୍ଟରେ ଶୃଙ୍ଖଳିତ ଟିମ୍ ଭାବେ ଜୟପାଟଣା ହାତୀଶାଳପଡ଼ା, ବେଷ୍ଟ ସ୍ମାସର ନରେଶ ଧଙ୍ଗଡ଼ାମାଝି, ବେଷ୍ଟ ଡ଼ିଫେନ୍ସସର ଭାବେ ରୂପେଶ ନାଏକଙ୍କୁ ଟ୍ରଫି ସହ ସମ୍ମାନିତ କରାଯାଇଥିଲା । ଟୁର୍ନାମେଣ୍ଟରେ ବ୍ଲକ୍ ସଂଯୋଜକ ଶଙ୍କର ଦୟାଲ ସିଂ, ଅମ୍ବୁଜ ଧଙ୍ଗଡ଼ାମାଝି, ସୁରେନ୍ଦ୍ର ସାହୁ, ମୁକେଶ ସୁନା ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ରଘୁନାଥ ହେମ୍‌ବ୍ରମ ଓ ରଞ୍ଜନ କୁମାର ବେହେରା ଖେଳ ପରିଚାଳନା କରିଥିଲେ ।

# ଭଡ଼ାଘରେ ଚାଲିଛି କାର୍ଯ୍ୟାଳୟ

ଜୁନାଗଡ,୧୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ଅବକାରୀ ଉପନିରୀକ୍ଷକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ଗତ ୫୧ ବର୍ଷ ହେଲା ଭଡାଘରେ ଚାଲିଛି। ଏହି କାର୍ଯ୍ୟାଳୟ ଅଧୀନରେ ଜୁନାଗଡ ବ୍ଲକରେ ୬ଟି ଦେଶୀ ମଦ ଭାଟି, ୧୩ଟି ଶାଖା ମଦ ଦୋକାନ, ୨ଟି ଠିପି ବନ୍ଦ ଓ ୨ଟି ଠିପି ଖୋଲା ମଦ ଦୋକାନଗୁଡିକ ରହିଛି । ଏସବୁରୁ ସରକାର ବାର୍ଷିକ ୮କୋଟି ୯୨ଲକ୍ଷ ୯୪ ହଜାର ୭୨୮ଟଙ୍କା ରାଜସ୍ୱ ପାଉଛନ୍ତି। ସରକାର ଏତେ ରାଜସ୍ୱ ପାଉଥିଲେ ମଧ୍ୟ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବା ପରିତାପର ବିଷୟ। ଜୁନାଗଡ ଅବକାରୀ ବିଭାଗର ନିଜସ୍ୱ ଗାଡି ନ ଥିବାରୁ ବାର୍ଷିକ ଅଯଥା ଭଡା ଦେବାକୁ ପଡୁଛି। ଏହି ଗାଡି ଭଡା ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ବିଭାଗ ସୂଚନା ଦେବାକୁ ପ୍ରକାଶ କରୁନାହିଁ। ସୂଚନା ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ ଜୁନାଗଡ ଅବକାରୀ ଉପନିରୀକ୍ଷକ ବିଜୟ କୁମାର ସୁବୁଦ୍ଧି ଦାୟିତ୍ୱ ନେବା ଦିନଠୁ ଅଦ୍ୟାବଧି ୪୬୨.୫୫୦ ଲିଟର ମଦ ଜବତ କରି ଏଥିରେ ସମ୍ପୃକ୍ତ ଥିବା ୮୫ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଜୁନାଗଡ ବ୍ଲକରେ ବର୍ତ୍ତମାନ ଜୁନାଗଡ ସମେତ ଅମାଥୋଲା, ହାବସପୁର, ନକଟିଗୁଡା, କଟିଙ୍ଗପଦର ଓ ବୁଡିଦରଠାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ରହିଛି। ସେହିପରି ଶାଖା ମଦ ଦୋକାନଗୁଡିକ ଅମାଥୋଲା, ଦାସିଗାଁ, ବେଲଗୁଡା, ମାଲିଗୁଡା, କାର୍ଲି, ମହିଚଲା, ଛୋରିଆଗଡ, ବଣ୍ଡୋଗୁଡା, କର୍ଲାକୋର୍ଟ, ବାଲିଜୋର, ମାଟିଗାଁ, ବନମାଲିପୁର, ଭଇଁରୀଗୁଡା ଆଦି ସ୍ଥାନରେ ରହିଛି। ସେହିପରି ବିଦେଶୀ ଠିପି ବନ୍ଦ ମଦ ଦୋକାନ ଜୁନାଗଡ ଓ ହାବସପୁରରେ ରହିଛି। ବିଦେଶୀ ଠିପି ଖୋଲା ମଦ ଦୋକାନ ଜୁନାଗଡ ଅମ୍ରାପାଲି ଇନ୍ ଓ ହୋଟେଲ ଯୋଗମାୟା ରହିଥିବା ଜଣାପଡିଛି। ଏହିସବୁ ଦୋକାନ୍‌ଗୁଡିକରୁ ସରକାର ବାର୍ଷିକ ୮କୋଟି ୯୨ଲକ୍ଷ ୯୪ହଜାର ୭୨୮ଟଙ୍କା ରାଜସ୍ୱ ପାଉଛନ୍ତି। ଅନ୍ୟପକ୍ଷରେ ଦେଶୀ ମଦ ଭାଟିଗୁଡିକରେ କାଉଣ୍ଟରେ ମଦ ବିକ୍ରି କରିବା ନିୟମ ରହିଥିବା ବେଳେ ପ୍ରତିଦିନ ଭାଟିରୁ ବେଆଇନ ଭାବେ ଶହ ଶହ ବସ୍ତା ପାଉଚ ମଦ ଗ୍ରାମାଞ୍ଚଳରେ ଥିବା କୋଠିକୁ ଚାଲାଣ ହେଉଛି। ବିଦେଶୀ ମଦ ଦୋକାନଗୁଡିକରେ ପ୍ରିଣ୍ଟ ତାଲିକାଠାରୁ ଅଧିକ ମୂଲ୍ୟରେ ମଦ ବିକ୍ରି କରାଯାଉଥିବାବେଳେ ଦର ତାଲିକା ମଧ୍ୟ ଦୋକାନ ଆଗରେ ଲଗାଯାଉନାହିଁ। ଉପରୋକ୍ତ ସମସ୍ତ ବେଆଇନ କାମ ବିଷୟରେ ଅବକାରୀ ବିଭାଗ ନ ଜାଣିବା ନା ଜାଣିଶୁଣି ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଲୋକ ଦେଖାଣିଆ ବିଭିନ୍ନ ସମୟରେ ଲକ୍ଷ ପୂରଣ କରିବା ପାଇଁ ଚଢାଉ କରାଯାଉଛି। ଏହି ସମୟରେ ବଡ ବଡ ମଦ ବେପାରୀଙ୍କୁ ନ ଧରି କମ ପରିମାଣ ମଦ ସହ ଛୋଟ ମଦ ବେପାରୀଙ୍କୁ ଧରି କୋର୍ଟ ଚାଲାଣ କରୁଛି। ଏ ନେଇ ଜୁନାଗଡ ଅବକାରୀ ଉପନିରୀକ୍ଷକ ବିଜୟ କୁମାର ସୁବୁଦ୍ଧିଙ୍କୁ ପଚାରିବାରୁ ଜୁନାଗଡ ପାଇଁ କୌଣସି ଗାଡି ନାହିଁ, ଆମେ ଦରକାର ବେଳେ ଜିଲା କାର୍ଯ୍ୟାଳୟକୁ ଜଣାଇ ଗାଡି ଆଣୁ ନଚେତ ଅତି ଜରୁରୀ ହେଲେ ଭଡା ଗାଡି ଆଣି ଥାଉ ବୋଲି କହିଥିଲେ।



ଜୁନାଗଡ ଅବକାରୀ ଉପ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।

**ଜୁନାଗଡ଼ ଅବକାରୀ ବିଭାଗ**
- ବର୍ଷକୁ ରାଜସ୍ୱ ୮କୋଟିରୁ ଊର୍ଦ୍ଧ୍ୱ
- ଭଡ଼ାରେ ଆସୁଛି ଗାଡ଼ି

## ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକ୍‌ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

ଭବାନୀପାଟଣା,୧୩।୧୨(ଡି.ଏନ.ଏ.)

ଭବାନୀପାଟଣାରେ ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକ୍‌ସ୍ତରୀୟ ଭଲିବଲ ଓ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ବିଡିଓ ପ୍ରଭାସଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସଦର ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷା ସନ୍ତୋଷୀ ଦାସ, ଉପଧ୍ୟକ୍ଷ ସଚ୍ଚିଦାନନ୍ଦ ମହାଖୁଡ, ମାଲଗାଁ ସରପଞ୍ଚ ରବୀନ୍ଦ୍ର କୁମାର ସାହୁ, ଡୁମୁରିଆ ସରପଞ୍ଚ ସଞ୍ଜୀବ ମିଶ୍ର, ସମିତି ସଭ୍ୟ ଲିଙ୍ଗରାଜ ଜୁଆଡ, ସରପଞ୍ଚ ରାଜେଶ ପ୍ରସାଦ ସାହୁ, ଏବିଡିଓ ଶ୍ରୀଧର ପଣ୍ଡା ଓ ନାଗେଶ୍ୱର ବାଗ ପ୍ରମୁଖ ଯୋଗଦେଇଥିଲେ। ବିଜୁ ବାହିନୀ ବ୍ଲକ ସଂଯୋଜକ ଗନ୍ଧର୍ବ ଗଉଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଇଓ ବାଲେଶ୍ୱର ନାଏକ, ଛବିନ୍ଦ୍ର ସାହୁ, କେଦାରନାଥ ନାଏକ, ପ୍ରଦୀପ ମିଶ୍ର, ସିଦ୍ଦେଶ୍ୱର ଦେବଙ୍କ ସମେତ ପିଇଟି ସୁବାସ ନାଗ, ନମିତା ରଣା, ସୁମିତା ଦାସ, ପାର୍ବତୀ ସିଂ, ସତ୍ୟ ନାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବିଭିନ୍ନ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଜୁନାଗଡ,୧୩।୧୨ (ସ୍ୱ.ପ୍ର.)

ଜୁନାଗଡ ସହରର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ତପିମଣି ଜାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜୁନାଗଡ ଉପକୋଷାଗାର ଅଧିକାରୀ ଜୟଦେବ ଶବର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ସନ୍ତୋଷ କୁମାର ସିଂଦେଓ, ବରିଷ୍ଠ ଶିକ୍ଷକ ଦେବରାଜ ଗହୀର ଉପସ୍ଥିତ ରହି ଦୁଇ ଦିନିଆ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁଧୀର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ପୋରା ଗାଁ ପିୟୁପିଏସରେ ମୁଖ୍ୟଅତିଥି ଭାବେ ଏବିଇଓ ତୁଳସୀ ମେହେର ଉପସ୍ଥିତ ରହି ଦୁଇ ଦିନିଆ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନଶିକ୍ଷକ ଜଗଦିଶ ମୁଣ୍ଡ ସଭାପତିତ୍ୱରେ ଅଜିତ କୁମାର ପାଢୀ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଅକ୍ଷୟ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ କନ୍ଦର୍ପ ଦାଶ, ସଂଯୁକ୍ତା ଦାଶ, ଉମା ଚରଣ ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅଭିନ୍ନ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।


ପୋରା ଗାଁ ସ୍କୁଲ ଛାତ୍ରମାନେ ଦୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଡିସେମ୍ବର, ୨୦୧୮



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



**ସଂକ୍ଷେପରେ**

## ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ କ୍ରୀଡା

**ରିଷିଡା,୧୩।୧୨(ଡି.ଏନ.ଏ.)**- କଳାହାଣ୍ଡି ଜିଲା ରିଷିଡା ସରସ୍ୱତୀ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ କ୍ରୀଡା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଡ. ପ୍ରଶାନ୍ତ କୁମାର ସାମଲ କ୍ରୀଡ଼ା ଉଦ୍‌ଘାଟନ କରିଛନ୍ତି । ଉତ୍ସବରେ ମୁଖ୍ୟଅତିଥି ଡ. ସାମଲ, ମୁଖ୍ୟବକ୍ତା ଜେଡି କଲେଜ ଅଧକ୍ଷ ଗଦାଧର ପଧାନ, ପୂର୍ବତନ ସମ୍ପାଦକ ନେମିଚାନ୍ଦ ଜୈନ ଓ ସମ୍ପାଦକ କରୁଣାକର ରଣା ସମ୍ମାନିତ ଅତିଥି ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ଓ ଆଚାର୍ଯ୍ୟ ବାସୁଦେବ ସେଲମା ଧନ୍ୟବାଦ ପ୍ରଦାନ କରିଥିଲେ। ଆଚାର୍ଯ୍ୟ କୁବେର ନାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀଛାତ୍ର ଶପଥ ପାଠ, ଗୁରୁବନ୍ଦନା, ସରସ୍ୱତୀ ବନ୍ଦନା କରିଥିଲେ। ଅନ୍ୟମାନଙ୍କ ମଧରେ ଆଚାର୍ଯ୍ୟ ପ୍ରସନ୍ନ କୁମାର ସାହୁ, ରଞ୍ଜନ ଗୁରୁ, ଲାଲୁ ନନ୍ଦ, ଶର୍ମିଷ୍ଠା ସୁନା ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ ।



ଖେଳାଳିମାନଙ୍କ ସହିତ ଅତିଥିବୃନ୍ଦ।

### ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ପଞ୍ଚମ ଦିବସରେ କୁର୍ଶୁଲା ବିଜୟୀ

**କର୍ଲାମୁଣ୍ଡା (ଡି.ଏନ.ଏ) ୧୩।୧୨**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁର୍ଶୁଲା ହରଗୌରୀ ଯୁବକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚାଲିଥିବା ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପଞ୍ଚମ ଦିବସରେ କୁର୍ଶୁଲା ଓ ମୁଡିଙ୍ଗ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କୁର୍ଶୁଲା ପେଲାନଟିକ ମାରି ବିଜୟ ହୋଇଥିଲା। ଖେଳ ପରିଚାଳନା ପଦ୍ମନାଭ ବନଛୋର, ସିଦ୍ଧାର୍ଥ ଜାନୀ, ବିନୋଦ ହେର୍ଣ୍ଣା କରିଥିବା ବେଳେ ଯୁବକ ସଂଘ ସଭ୍ୟ ମୁକେଶ ବାରିକ, ଆଲୋକ ବାରିକ, ମୁକେଶ ସାହୁ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ମନମୟ ଚାନ୍ଦ (ଜିତୁ), ମୁଖ୍ୟବକ୍ତା ଭାବେ ଯୁବ ଶିଳ୍ପପତି ବିଭୂପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ବୈଦ୍ୟନାଥ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ଶୁକ୍ରବାର ମ୍ୟାଚ ତୁଲାପଡା ଓ ଗଜବାହାଲ ମଧରେ ଦ୍ୱିତୀୟ ସେମିଫାଇନାଲ ହେବାକୁ ଥିବା ଯୁବକ ସଂଘର ସଭାପତି ଡିଙ୍ଗର ବନଛୋର କହିଛନ୍ତି।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଛୋରିଆଗଡ଼, ଜୁନାଗଡ଼ ଫାଇନାଲରେ

**ମଣ୍ଡଳ,୧୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଗିଗାଁରେ ଚାଲିଥିବା ମା' ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ତଥା ବଭ୍ରୁବାହାନ ମେମୋରିଆଲ ନକଆଉଟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଖେଳ ଛୋରିଆଗଡ ଏବଂ ତେଲିପଲାସ ମଧରେ ଖେଳ ହୋଇଥିଲା । ଛୋରିଆଗଡ ପ୍ରଥମେ ଟସ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ତେଲିପଲାସ ୧୫ ଓଭରରେ ୮ଉଇକେଟ ହରାଇ ୮୨ ରନ କରିଥିଲେ । ଜବାବରେ ଛୋରିଆଗଡ ୧୧ ଓଭରରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି । ମ୍ୟାଚ ଅଫ୍ ଦି ମ୍ୟାଚ ଛୋରିଆଗଡର ପିଣ୍ଟୁଙ୍କୁ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ସେମିଫାଇନାଲ ଖେଳ ଗୁରୁବାର ଜୁନାଗଡ ଏବଂ ଚକୁଲି ମଧରେ ଅନୁଷ୍ଠିତ ହୋଇଥିଲା । ଜୁନାଗଡ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ୧୧୩ ରନ ସଂଗ୍ରହ କରିଥିଲା । ଜବାବରେ ଚକୁଲି ଦଳ ୫ ଉଇକେଟ ବିନିମୟରେ ସମସ୍ତ ଓଭର ଖେଳି ୯୪ ରନ କରି ପରାଜୟ ହୋଇଥିଲା । ମ୍ୟାଚ ଅଫ୍ ଦି ମ୍ୟାଚ ଜୁନାଗଡର ଷଷ୍ଠି ଭାଇଙ୍କୁ ପ୍ରଦାନ କରାଯାଇଥିଲା । ଆୟୋଜିତ ସେମିଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜୟସେନ ବାଗ, ସମ୍ମାନିତ ଅତିଥି ଭାବେ ଫଗନୁ ବାଗ, ଇଗବାନ ବାଗ, ଅନଙ୍ଗସେନ ବାଗ, ଅଭିନ୍ନ ଦାସ, ଗୌର ଦାସ, ଛନ୍ଦାଚରଣ ଝାଙ୍କର ପ୍ରମୁଖ ଉପସ୍ଥିତ ହୋଇ ମଞ୍ଚାସୀନ ଥିଲେ । ଖେଳକୁ ଶ୍ରବଣ ଭୋଇ ଏବି ବବୁ ଲହଦଲ ପରିଚାଳନା କରିଥିଲେ । ସ୍କୋରର ଭାବେ ସରୋଜ ବାଗ ଏବଂ ମଣ୍ଟୁ ବାଗ ଏବଂ ବକସି ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ । ମା' ମାଉଲି କ୍ରିକେଟ କମିଟି ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି । ଏହାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ ।

## ରାଜ୍ୟସ୍ତରୀୟ କପ୍ ଫୁଟବଲ: ରାୟଗଡ଼ା ବିଜୟୀ

**ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମର୍ଣ୍ଣିଂ କ୍ଲବ ପକ୍ଷରୁ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ବୁଧବାର ରାୟଗଡା ଇଷ୍ଟକୋଷ୍ଟ ବନାମ ଭବାନୀପାଟଣା ଏଫସି ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡା ଇଷ୍ଟକୋଷ୍ଟ ୨–୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ରାୟଗଡା ଦଳର ଶିଶୁପାଳ ମହାନନ୍ଦ ହୋଇଥିଲେ। ମନୋଜ ବିଶ୍ୱାଳ, ରଞ୍ଜନ ଦାସ, ଉପେନ୍ଦ୍ର ଶବର, ହର ପ୍ରସାଦ ପଟେଲ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ହାବିଲଦାର ଆସୋସିଏଶନ ସଭାପତି ଚିତ୍ତରଞ୍ଜନ ଦାସ ଓ ସମ୍ପାଦକ ବିନୟ ସାହୁ ଯୋଗ ଦେଇଥରଲେ। ମର୍ଣ୍ଣିଂ ଫୁଟବଲ ପ୍ରାକ୍ଟିସ ଟିମର ସଭାପତି ସନ୍ତୋଷ ପ୍ରଧାନ, ଉପସଭାପତି ବସନ୍ତ ଶବର, ସମ୍ପାଦକ ପିଭି ରାଓ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଟୋ ଓଲଟି ୧୧ ଆହତ, ଜଣେ ଗୁରୁତର

**ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଡୁମେରପଦର ଭାଟିଫାସ ରାସ୍ତାରେ ଗତ ବୁଧବାର ଏକ ଅଟୋ ଓଲଟି ପଡିବାରୁ ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗର୍ଭବତୀ ମହିଳା ସୁମିତ୍ରା ମାଝି (୨୫) ଗୁରୁତର ଥିବା ଜଣାପଡିଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଥୁଆମୂଳରାମପୁର ଥାନା ଅନ୍ତର୍ଗତ ବାରକାଉଡି ଗ୍ରାମର ଲୋକ ଏକ ଅଟୋ (ନଂ. ଓଆର ୦୮ଏଫ–୯୭୩୨)ରେ ଦଶାହ କାମରେ ଯୋଗଦେଇ ରାମଗିରି ଗାଁରୁ ଫେରୁଥିଲେ। ଚତୁମେରପଦର ଭାଟିଫାସ ରାସ୍ତାରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଟୋରେ ବସିଥିବା ୧୩ ଜଣଙ୍କ ମଧ୍ୟରୁ ଗର୍ଭବତୀ ସୁମିତ୍ରାଙ୍କ ସମେତ ମହହେଶ୍ୱର ନାଏକ (୩୦), ସାନାଇ ମାଝି (୨୭), ଅକ୍ଷୟ ମାଝି (୫), ଚୈତନ ମାଝି (୩୨), ମୋହନ ମାଝି (୩୩), ଧେନୁ ମାଝି (୪୦), ବୁଧଦବାରୀ ମାଝି (୩୦), ହେମନ୍ତ ମାଝି (୧୭), ସୋମନାଥ ମାଝି (୩୬) ଓ ଅଟୋ ଡ୍ରାଇଭର ଅଭି ଗଉଡ ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

OFFICE OF THE GENERAL MANAGER
DISTRICT INDUSTRIES CENTRE
At/PO: Bhawanipatna, District: Kalahandi, Pin: 766001,
E-mail: dickal@nic.in, Phone No.: 06670-232637

NOTICE

No.06-P:- Sealed cover tender quotations are invited for hiring of private vehicle (Taxi) i.e. Indica ev2 / Bolero for official use of General manager, D.I.C, Kalahandi, Bhawanipatna within Rs. 16,000/- on monthly basis including driver and his wages. The quotation should reach to this Office of the undersigned within seven days from the date of Publication of Notice.

Sd./- General Manager
D.I.C., Kalahandi
14033/11/0002/1819

ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1123:- CIN: U40101OR1995SGC003963

1st CORRIGENDUM TO TCN No. 22/2018-19 Dated 20.11.2018

Sub: Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 22/2018-19 dated 20.11.2018 for Supply, Installation, Testing and commissioning of Disturbance Recorder cum Event logger with GPS based Time Synchronised System under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 28.12.2018
Last date of Receipt of Tender : 16.00 hrs of 28.12.2018
Date of opening of tender paper : 16.30 hrs of 28.12.2018
All other terms and conditions of the above TCN remains unaltered.

Sd./- Sr. General Manager (Ele.),
Balimela HEP, Balimela
04019/11/0083/1819

ODISHA TRIBAL EMPOWERMENT & LIVELIHOODS PROGRAMME Plus (OTELP Plus)
ST & SC DEVELOPMENT DEPARTMENT
2nd Floor, TDCC Building, Rupali Square, Bhubaneswar-751022

EMPANELMENT OF ACCOUNTANT FOR PSU, OTELP PLUS & EXECUTIVE ASSISTANT, PROJECT ASSISTANT (MIS) FOR PMU, OPELIP

No. CAD-1130:- Programme Director, OTELP Plus/ OPELIP invites applications from eligible candidates for empanelment of Accountant to be positioned at PSU OTELP PLUS & Executive Assistant, Project Assistant (MIS) to be positioned at PMU, OPELIP purely on contractual basis. Application form along with the detail ToR for each post can be downloaded from the website i.e. www.otelp.org. Last date of receipt of applications by Speed Post / Registered Post / Courier Service only is dt. 24.12.2018 upto 5.00PM. Only short listed candidates will be called for interview for empanelment.

Programme Director, OTELP Plus / OPELIP reserves the right to accept or reject the applications without assigning any reason thereof.

26019/11/0010/1819 *Sd./- Programme Director*

TENDER CALL NOTICE
Office of the Director, Vigilance, Odisha, Cuttack

No. 948-D:- Sealed tenders are invited from the OEM or Authorised / Registered Dealers / Suppliers / Resellers for purchase of the items for Cyber Cells of Odisha Vigilance as listed below:

| Sl. No. | Name of items to be purchased | Quantities to be purchased |
|---|---|---|
| 1. | FTK Software (Forensic Analysis Tool alongwith password recovery, Data Encryption Tool & Data Recovery and Analysis of Digital Evidences) | 1 set |
| 2. | CDR Analysis Software | 6 Nos. (For 6 Vigilance Divisions) |

1. Name of item along with detail technical Specifications, probable requirements etc. may be seen from the website of the Odisha Vigilance i.e. http://odishavigilance.gov.in and in Govt. of Odisha website i.e. www.odisha.gov.in.
2. Date of issue of Tender documents from dtd.11.12.2018 at 11AM to dtd.04.01.2019 upto 5.00PM.
3. Last date for receipt of sealed tender on dtd.05.01.2019 upto 5.00PM.
4. Date for opening of sealed Tenders / Technical Bids on dtd.08.01.2019 at 11.00AM at the Office of the A.I.G. of Police, Vigilance, Odisha, Cuttack.

*Sd./- A.I.G. of Police, Vigilance*
*Odisha, Cuttack*
*(Tender Calling Authority)*
09006/11/0006/1819

GOVERNMENT OF ODISHA
OFFICE OF THE EXECUTIVE ENGINEER
GANJAM (R&B) DIVISION NO. II, BERHAMPUR
Phone/Fax: 0680-2233996, e-mail: eernb2_bam@yahoo.co.in
INVITATION FOR BIDS (IFB) [e-Procurement]
No.1001-B:- TENDER CALL NOTICE
Bid Identification No. SC (R&B)-GM-II-36/2018-19 No. 9317 Dated 06.12.18

| | | | |
|---|---|---|---|
| 1) | The Executive Engineer, Ganjam (R&B) Division NO. II, Berhampur on behalf of Governor of Odisha invites percentage rate bid in Single cover system to be received in ONLINE MODE only for the work as detailed below. | | |
| 2) | Nature of Work | : | Building work |
| 3) | No. of work | : | 01 No. |
| 4) | Tender Cost | : | Rs. 6,000/- |
| 5) | Class of Contractor | : | 'D' class & 'C' class |
| 6) | Available of bid documents in the website | : | From 14.12.018, 10.00 AM to 26.12.2018, 4.00 PM |
| 7) | Date of opening of Bid | : | 27.12.2018 at 11.30 AM |
| 8) | The Bidders have to participate in ONLINE bidding only. Further details can be seen from the website https://tendersorissa.gov.in. | | |

Sd./- A.K. Dass
Executive Engineer
Ganjam (R&B) Division No. II
34080/11/0028/1819

See Career Appointment on every Wednesday & Saturday

GOVT.OF ODISHA
OFFICE OF THE DIVISIONAL FOREST OFFICER,
BALLIGUDA FOREST DIVISION, BALLIGUDA,KANDHAMAL-762103
Tel: - 06846-243249, Fax:-06846-243066, e-mail:- dfo_balliguda@yahoo.co.in

TENDER SALE NOTICE OF CONFISCATED VEHICLES

Notification No. Dated. 10.12.2018

No. 116-MM: Sealed tenders are invited for auction sale of the following confiscated vehicles seized in commission of forest offence cases of this division on "as is where is basis" to be held on dated. 26.12.2018 at 5.00 PM in the office of the undersigned. The details of vehicles with its location are mentioned against each vehicle below. The Tender Form along with the terms and conditions for Tender sale of the vehicles will be available in this office on any working day during office hours from 11.00 AM to 4.00 up to 26.12.2018 P.M. from the date of publication of sale notice on payment of Rs.100/-(Rupees one hundred) only which is non-refundable. The intending tenderers are required to deposit the earnest money (EMD) of Rs. 10,000/- (Rupees Ten Thousand) only for heavy vehicle (Tractor with Trolley & Truck) & Rs.5,000/- (Rupees Five Thousand) only for light vehicle (Ambassador Car, Tempo & Motor Cycle) in shape of Bank Draft in favour of Divisional Forest Officer, Balliguda to be drawn at S.B.I, Balliguda and should be enclosed with Sealed Tender. The EMD will be returned in case of unsuccessful tenderers after announcement of result. The undersigned reserves the right to either accept or reject any tender without assigning any reason thereof.

List of Vehicles to be sold on Auction by sealed Tender

| Sl. No. | Name of the confiscated vehicle | Registration No. | Location of the vehicle available for inspection | EMD (in Rs.) |
|---|---|---|---|---|
| 01 | Mini Truck (UD No 01 of 2006-07) | OSF-1171 | Bramhunigaon Range Office Campus | 10,000/- |
| 02 | Hero Honda Motor Cycle (UD No 01 of 2006-07) | OR-07D-4433 | | 5000/- |
| 03 | Ambassador Car (OR No 27 of 2005-06) | OR-07B-8491 | | 5000/- |
| 04 | Bajaj Maxima Auto (OR No 06 of 2015-16) | OD-07C-8210 | | 5000/- |
| 05 | Tata ACE Pick up (OR No 09 of 2014-15) | OD-07D-8149 | | 10000/- |
| 06 | Tata LPT 709 Mini Truck (OR No 09 of 2013-14) | OR-07C-3800 | Tumudibandha Range Office Campus | 10000/- |
| 07 | Hero Honda Passion Pro (OR No 29 of 2015-16) | OR 07U-0873 | | 5000/- |
| 08 | Tata Sumo (OR No 42 of 2006-07) | OR-02G-5205 | Division Office Campus at Balliguda | 5000/- |
| 09 | Maruti Omni (UD No 21 of 2002-03) | AP-30-6363 | | 5000/- |
| 10 | Tata 407 Pick up (OR No 77 of 2016-17) | OD-07N-5515 | Simonbadi Range Office Campus | 10000/- |
| 11 | Sonalika Tractor (OR No 11 of 2015-16) | OR-12-7244(Tractor) OR-12-7245(Trolly) | | 10000/- |
| 12 | Maruti Car (UD No 01 of 2006-07) | KA-04-N-2408 | Balliguda Range Office Campus | 5000/- |
| 13 | Tractor (OR No 08 of 2012-13) | OR-05-AH-0490 | | 10000/- |
| 14 | APE Auto (OR No 16 of 2010-11) | OR- 25A-6474 | Balliguda Range Office Campus | 5000/- |
| 15 | Truck (UD No 04 of 2002-03) | ORG-8045 | | 10000/- |
| 16 | Bajaj Discover Motor Cycle (OR No 01 of 2016-17) | OR-07M-9302 | Belghar Range Office Campus | 5000/- |
| 17 | Mini Truck (OR No 24 of 2008-09) | OR- 08-1720 | | 10,000/- |
| 18 | Tractor OR No.18 of 2009-10 | OR-12A-8561(Tractor) OR-12A-8562(Trolly) | Balliguda Range Office Campus | 10,000/- |

08047/11/0002/1819 Sd./- Divisional Forest Officer, Balliguda Forest Division

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI
No. 653-E

No. 10789/XIV-DBCS-02/2018, Dated Malkangiri the :11.12.2018

Sealed tender are invited from reputed manufactures/ importer/authorized distributors/ DGS&D rate contract for supply of spectacles for DBCS, Malkangiri. The tender papers in details along with term & condition of tender are available THROUGH DISTRICT WEBSITE www.malkangiri.nic.in. Bidders can download the tender papers from the website and such bidders have to enclose a non refundable demand draft of Rs. 1000/- ( Rupees One thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID documents and subscribe the BID documents that it has been downloaded from the website. The sealed tender should reach to the undersigned on or before 31.12.2018 up to 5.00PM through Speed Post/ Regd. Post only.

The technical bid of the tender will be opened on 02.01.2019 at 11.00AM by the Chairman of the purchase committee i.e., the CDM&PHO, Malkangiri in the presence of tenderer or their authorized representative.

Sd/- Chief District Medical & Public Health Officer, Malkangiri
10086/11/0030/1819

No.937-A

Government of Odisha
Department of Water Resources
NOTICE

Simplified Procedure on Water Allocation and Payment for use of water by industrial, commercial & other establishments.

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.

Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.

Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

Chief Engineer, Water Services
Department of Water Resources

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ

ବିଜ୍ଞପ୍ତି

ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ। ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର–୧ ସହିତ ଯୋଗାଯୋଗ କରିପାରିବେ।

ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ
32031/11/0006/1819

GOVT.OF ODISHA
OFFICE OF THE DIVISIONAL FOREST OFFICER,BALLIGUDA FOREST DIVISION, BALLIGUDA,KANDHAMAL-762103
Tel: -06846-243249, Fax:-06846-243066,
e-mail:- dfo_balliguda@yahoo.co.in
No. 117-MM

TENDER NOTICE FOR PURCHASE OF UNIFORM ARTICLES
Notification Dated.10.12.2018

Sealed tenders are hereby invited by the undersigned from the Registered firms / authorised dealers/DGS&D rate contract holders having GST registration number for supply of the following Uniform Articles so as to reach this office on or before 27.12.2018 by 3.00 P.M. by Registered post/Speed Post only superscribed as "Tender for Uniform Articles" on the top of the Envelope which will be opened on the same day at 5.00 P.M. The price of each article should be specifically mentioned inclusive of GST and the delivery of the articles should be at Division Office, Balliguda at their own cost. The tender must be accompanied by registration certificate and VAT/ST/GST Clearance for the year 2017-18. The undersigned reserves the right to accept or reject any or all tenders without assigning any reason thereof. No sub-letting in the tender will be entertained.

List of Articles(Shoe specifications as follows )
(Shoe of Wild Craft Brand and Wood Land brand)
Specification: ART:GC 2082116 or Similar (Woodland)
Specification Item Code :51582 or Similar (Wild Craft)

Sd./- Divisional Forest Officer
Baliguda Forest Division
08047/11/0003/1819



ଯଦି ଶାନ୍ତି ଚାହଁ ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ, ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।

- ସାରଦା ଦେବୀ

## ସଂକ୍ଷେପରେ

### ଅଭିଭାବକ ସମ୍ମିଳନୀ

ଜୁନାଗଡ,୧୩।୧୨(ସ୍ୱ.ପ୍ର.)- ସ୍ଥାନୀୟ ସରକାରୀ ବାଳିକା ଆବାସିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ନେପାଳ ଶବରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ମଙ୍ଗଳ ଅଧିକାରୀ ସୁମନ୍ତ ମାଝି ଉପସ୍ଥିତ ରହି ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ସଭାକୁ ସ୍କୁଲ ପ୍ରଧାନ ଶିକ୍ଷକ ସୀତାକାନ୍ତ ମିଶ୍ର ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ସଚିଦାନନ୍ଦ ମିଶ୍ର ପୂର୍ବ ବୈଠକର ବିବରଣୀ ଓ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସଂଯୁକ୍ତା କହଁର, ବୀଣାପାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷକ ତାଲିମ ଶିବିର

ଜୁନାଗଡ଼,୧୩।୧୨ (ସ୍ୱ.ପ୍ର.)- ଜୁନାଗଡ ବ୍ଲକ କଲେଗାଁ ପଞ୍ଚାୟତ ସାନ ଡୁମ୍ୱେରବାହାଲସ୍ଥିତ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଜିଲା କୃଷି ବିଭାଗ ତରଫରୁ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ଗଜାନନ ସାହୁଙ୍କ ସଭାପତିତ୍ୱରେ ଭଇଁରୀଗୁଡା କୃଷି ଅଧିଦର୍ଶକ ବ୍ରଜ ବିହାରୀ ପଟ୍ଟନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରଦୀପ ରଞ୍ଜନ ସାହୁ, ପ୍ରବିଣ କୁମାର ରାଉତ, ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗ, ସହକାରୀ ବୈଷୟିକ ପରିଚାଳକ ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଧାନ ଅମଳ ପରେ କିଭଳି ଚାଷ ଜମିର ଉପେଯାଗ ପାଇଁ ଉଭୟ ଜୈବିକ ଓ ଅଜୈବିକ ବ୍ୟବସ୍ଥା ମାଧମରେ ରୋଗ ପୋକ ନିୟନ୍ତ୍ରଣ ଓ ଜମିର ଉର୍ବରତାକୁ ବଢାଇ ପାରିବା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ସହଯୋଗ କରିଥିଲା।

### ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡ଼ା

ଭବାନୀପାଟଣା,୧୩।୧୨ (ଡି.ଏନ.ଏ.)- ଭବାନୀପାଟଣା ସହରସ୍ଥିତ ବିକାଶ ଗ୍ରୁପ ଅଫ୍ ଇଷ୍ଟିଚ୍ୟୁଟର ବିକାଶ ଆବାସିକ ବିଦ୍ୟାଳୟ, ସରସ୍ୱତୀ ଯୁକ୍ତ ଦୁଇ ବିଜ୍ଞାନ କଲେଜର ବାର୍ଷିକ କ୍ରୀଡ଼ା ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭବାନୀପାଟଣା ବିକାଶ ଗ୍ରୁପ ଅଫ୍ ଇଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଡି. ଶ୍ୟାମ, ଯୁକ୍ତ ୩ କଲେଜ ନିର୍ଦ୍ଦେଶକ ଡି. ରାମକୁମାର, ପରିଚାଳନା କମିଟି ଡି. ବିଜୟା, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ସ୍କୁଲ ଅଧ୍ୟକ୍ଷ ଆଦିତ୍ୟ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ, ଖୋଖୋ, କବାଡି, ବ୍ୟାଡମିଣ୍ଟନ, ଭଲିବଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

# ଖୋଲା ମଣ୍ଡିରେ ପଡ଼ିଛି ଧାନ

କୋକସରା,୧୩।୧୨(ଡି.ଏନ.ଏ.)

ଗତ ଦୁଇଦିନ ହେବ ଲଘୁଚାପ ଯୋଗୁ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଛି। ଏଥିଯୋଗୁ କଳାହାଣ୍ଡି ଜିଲା କୋକସରା ବ୍ଲକର ଅନେକ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିଥିବା ଶତାଧିକ ଧାନ ବସ୍ତା ବର୍ଷାରେ ଭିଜି ଧାନର ମାନ ଖରାପ ହେବା ନେଇ ଆଶାଙ୍କା ଦେଖାଦେଇଛି । ଏହାକୁ ନେଇ ପୁଣି ଥରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି ।



ଅଦିନିଆ ବର୍ଷା ଯୋଗୁ ମଣ୍ଡିରେ ଧାନକୁ ତାରପୋଲିଂରେ ଘୋଡ଼ାଯାଇଛି।

କୋକସରା ବ୍ଲକରେ ଥିବା ଟେମରା ପ୍ୟାକ୍ସ ଅନ୍ତର୍ଗତ ଡେଙ୍ଗାଗୁଡା ଓ ଡୁଡୁକାଠେଙ୍ଗା, ଡହଗାଁ ପ୍ୟାକ୍ସ ଅଧୀନରେ ଥିବା ଖୁଣ୍ଟିଆ ଓ ଡାଲଗୁମା, ଆମପାଣି ପ୍ୟାକ୍ସ ଅଧୀନରେ କାଉଡୋଳା, କାଶିବାହାଲ ପ୍ୟାକ୍ସ ଅଧୀନରେ ଥିବା ଫୁପଗାଁ ଓ କନ୍ଦାବୁଟୁରା, ଲଡୁଗାଁ ପ୍ୟାକ୍ସ ଅଧୀନରେ ଥିବା ଗମ୍ଭାରୀଗୁଡା ଧାନମଣ୍ଡିଗୁଡିକରେ ଧାନକୁ ସୁରକ୍ଷିତ ରଖିବା ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ । ଫଳରେ ଖୋଲା ଆକାଶ ତଳେ ଚାଷୀମାନେ ନିଜ ଧାନସବୁ ଅଦିନିଆ ବର୍ଷା ଦାଉରୁ ସୁରକ୍ଷିତ ରଖିବା ପାଇଁ ପଲିଥିନ ଓ ପାଲ ଢାଙ୍କି ରଖିଥିବା ଦେଖିବାକୁ ମିଳିଛି । ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପଲିଥିନ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସମୁଦ୍ରକୁ ଶଙ୍ଖେ ନ୍ୟାୟରେ ଆବଶ୍ୟକତାଠାରୁ କମ୍ ପଲିଥିନ ଯୋଗାଣ ହେଉଛି । ଯାହାଦ୍ୱାରା ଅଦିନିଆ ବର୍ଷାରେ କଷ୍ଟୋପାର୍ଜିତ ଧାନକୁ ସୁରକ୍ଷିତ ରଖିବାକୁ ଚାଷୀମାନେ ନାକେଦମ ହେଉଥିବା ଦେଖିବାକୁ ମିଳିଛି । ପ୍ରତିବର୍ଷ ଧାନମଣ୍ଡିଗୁଡିକରୁ ନିୟନ୍ତ୍ରିତ ବଜାର କମିଟି କୋଟି କୋଟି ଟଙ୍କା କମିଶନ ବାବଦକୁ ଆଦାୟ କରୁଥିବା ବେଳେ ଆବଶ୍ୟକ ମୁତାବକ ସାମଗ୍ରୀ ଯୋଗାଇ ଦେବାରେ ଫେଲ ମାରିଛି। କୋକସରା ବ୍ଲକର ୧୪ଟି ଧାନମଣ୍ଡି ମଧ୍ୟରୁ ୩ଟି ମଣ୍ଡିରେ ଛାତ ବ୍ୟବସ୍ଥା ଥିବାବେଳେ ଅନ୍ୟ ୧୩ଟି ମଣ୍ଡି ଖୋଲା ଆକାଶ ତଳେ ଚାଲିଛି । ଏହି ମଣ୍ଡିଗୁଡିକରୁ ଚାଷୀମାନଙ୍କ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି । ଗୁରବାର ଡେଙ୍ଗାଗୁଡା, କାଉଡୋଳା ଓ ଫୁପଗାଁ ମଣ୍ଡିର ଧାନକ୍ରୟ ଚାଲିଥିବାବେଳେ ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଆଗାମୀ ଦିନରେ ଯଦି ଏଭଳି ଅବସ୍ଥା ଲାଗି ରହିଲେ ଧାନକ୍ରୟ ବାଧାପ୍ରାପ୍ତ ଦେଖା ହେବା ସହ ଖୋଲା ଆକାଶତଳେ ଥିବା ଧାନ ମଧ୍ୟ ବର୍ଷା ଯୋଗୁ ଭିଜିବା ଆଶଙ୍କା ରହିଥିବା ବେଳେ ଧାନର ମାନ ଖରାପ ହେବା ନେଇ ଯଥେଷ୍ଟ ସମ୍ଭାବନା ରହିଛି । ଏ ନେଇ ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅନିଲ କୁମାର ରାଉତଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ପ୍ୟାକ୍ସମାନଙ୍କୁ ଆବଶ୍ୟକ ମୁତାବକ ପଲିଥିନ ଯୋଗାଇ ଦିଆଯାଇଛି । ତେବେ କିଛି ଚାଷୀମାନେ ଟୋକନ ନ ପାଇ ମଧ୍ୟ ପୂର୍ବରୁ ଧାନ ଆଣି ମଣ୍ଡି ପାଖାପାଖି ରଖୁଥିବା ଯୋଗୁ ଏଭଳି ଅସୁବିଧା ହେଉଛି ବୋଲି ପ୍ରକାଶ କରିଥିଲେ ।

# ସଚେତନତା ସପ୍ତାହ କାର୍ଯ୍ୟକ୍ରମ

ତୁଣ୍ଡଲା,୧୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ପଞ୍ଚାୟତ ସଦରଠାରେ ଜିଲା ଶିଳ୍ପକେନ୍ଦ୍ର ତରଫରୁ ଏକ ହସ୍ତଶିଳ୍ପ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସଂସାର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବେଲଖଣ୍ଡି ଉତ୍ସବ ଗ୍ରାମିଣ ବ୍ୟାଙ୍କ ମ୍ୟାନେଜର ରାଧାମୋହନ ବାଣୁଆ ଉପସ୍ଥିତ ଥିଲେ । ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଦିପକ ଅଗ୍ରୱାଲ ମୁଖ୍ୟବକ୍ତା ଭାବରେ ରହିଥିବା ବେଳେ ହସ୍ତଶିଳ୍ପ ଓ କୁଟିର ଶିଳ୍ପ ଅଧିକାରୀ ସୁଦାମ ଦେଉରୀ ଅତିଥି ପରିଚୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଯୋଗଦାନ କରିଥିଲେ । ଏହି ଅବସରରେ ସହକାରୀ ପରିଚାଳକ ଅଗ୍ରୱାଲ ସମସ୍ତ ମହିଳା ଓ ପୁରୁଷମାନଙ୍କୁ ଶିଳ୍ପନୀତି ଓ ସ୍ୱରୋଜଗାର ବିଷୟରେ ଶିକ୍ଷା ଦେଇଥିଲେ । ବ୍ୟାଙ୍କ ମ୍ୟାନେଜର ବାଣୁଆ କିଭଳି ଭାବରେ ବ୍ୟାଙ୍କରୁ ଋଣ ଆକାରରେ ଟଙ୍କା ନେଇ ସମସ୍ତେ ସ୍ୱରୋଜଗାରର କରିପାରିବେ ତାହା ଉଦାହରଣ ମାଧମରେ ବୁଝାଇଥିଲେ । କେସିଙ୍ଗା ବ୍ଲକ ଶିଳ୍ପ ବିକାଶ ଅଧିକାରୀ ତାପସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବତକ ପାଳନ, ରୋଗ ନିରାକରଣ ତାଲିମ ଶିବିର




ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି।

ଭବାନୀପାଟଣା,୧୩।୧୨(ଡି.ଏନ.ଏ.)

ସ୍ଥାନୀୟ ଏଫ୍ଆଇଏସି ସଭାଗୃହରେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ କଳାହାଣ୍ଡି ପକ୍ଷରୁ ଜାତୀୟ କୃଷି ବିକାଶ ଯୋଜନା ଆନୁକୁଲ୍ୟରେ ବତକମାନଙ୍କ ସାଧାରଣ ରୋଗ ସର୍ବେକ୍ଷଣ ଓ ତଦାରଖ ବ୍ୟବସ୍ଥା ସହ ବତକ ପାଳନ ଏକ ଲାଭଦାୟକ ବ୍ୟବସାୟ ସମ୍ପର୍କରେ ଜିଲାସ୍ତରୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ଜିଲାର ୧୩ଟି ବ୍ଲକରୁ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଓ ବତକପାଳକମାନେ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ପ୍ରସାଦ ସେଠିଙ୍କ ତତ୍ତ୍ୱାବଧାନରେ ଓ ଡା. କେଦାରନାଥ ଖମାରିଙ୍କ ଆବାହନରେ ଆୟୋଜିତ ଏହି ତାଲିମ୍ ଶିବିରରେ ବିଶେଷଜ୍ଞ ଭାବେ ଏଡିଭିଓ ରୋଗ ନିରାକରଣ ଡା. ବି.ଆର. ଦାସ, ଏସ୍‌ଡିଭିଓ ଡା. ଗିରିଶ କୁମାର ମହାନ୍ତି ପଶୁ, ପକ୍ଷୀ ରୋଗ ସର୍ବେକ୍ଷଣ, ଅନୁସନ୍ଧାନ, ତଦାରଖ ଦାୟୀତ୍ୱରେ ଥିବା ଡା. ଏନ.ସି. କହଁର ଓ ଅଗ୍ରଣି ଚାଷୀ ଶାନ୍ତନୁ କୁମାର ବେହେରା ପ୍ରମୁଖ ଯୋଗଦେଇ ବତକ ପାଳନ ଓ ତାହାର ରୋଗ ନିରାକରଣ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଡା. ସେଠି, ଏସଡିଭିଓ ଡା. ମହାନ୍ତି, ଏଡିଭିଓ. ଡା. ଦାସ ଓ ଡା. କହଁର ବତକ ପାଳନ ଏକ ଲାଭଜନକ ବ୍ୟବସାୟ ଏବଂ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳିଥାଏ ବୋଲି କହିଥିଲେ । ଚାଷୀମାନେ ସରକାରଙ୍କ ପକ୍ଷରୁ ବତକ ପାଳନ ସକାଶେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗର ଫାଇଦା ଉଠାଇବା ସକାଶେ ସେମାନେ ଆହ୍ୱାନ ଦେଇଥିଲେ। ଭବାନୀପାଟଣା ଭିଏଏସ ଡା. ଖମାରି ଜିଲାର ଆଗଧାଡିର ଚାଷୀମାନେ ତାଲିମ୍ ନେଇ ନିଜ ଗାଁକୁ ଫେରିବା ପରେ ଗ୍ରାମରେ ଥିବା ଅନ୍ୟାନ୍ୟ ଚାଷୀମାନଙ୍କୁ ବତକ ପାଳନ ସକାଶେ ଆଗ୍ରହୀ କରିବାକୁ ପ୍ରୟାଶ କରିବା ସକାଶେ ଅନୁରୋଧ କରିଥିଲେ । ତାଲିମ୍ ଶିବିରରେ ଯୋଗଦେଇଥିବା ଚାଷୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ସାମାଜିକ କର୍ମୀ ମାନଗୋବିନ୍ଦ ପଣ୍ଡାଙ୍କ ପରଲୋକ

ଭବାନୀପାଟଣା,୧୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲାର ସୁନାମଧନ୍ୟ ସାମାଜିକ କର୍ମୀ ମାନଗୋବିନ୍ଦ ପଣ୍ଡା (୭୧)ଙ୍କ ଗତ ୧୦ ତାରିଖରେ ପରଲୋକ ଘଟିଛି । ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ମାନଗୋବିନ୍ଦ ଦଳିତ, ଆଦିବାସୀ ଓ ଗରିବମାନଙ୍କ ଉନ୍ନତୀ ସକାଶେ ଅନେକ କାର୍ଯ୍ୟ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ । ମାନବ ସେବା ହିଁ ମାଧବ ସେବା ବୋଲି ସେ ସଦାବେଳେ କାର୍ଯ୍ୟକରି ଆସୁଥିଲେ । ଗତ କିଛି ବର୍ଷଧରି ସେ ପକ୍ଷାଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ଜିଲାର କୋଣ ଅନୁକୋଣରୁ ଶହ ଶହ ସଂଖ୍ୟାରେ ଲୋକ ତାଙ୍କ ବାସଭବନଙ୍କୁ ଆସି ଶେଷ ଦର୍ଶନ କରିଥିଲେ। ତାଙ୍କ ଏକମାତ୍ର ପୁତ୍ର ଅରବିନ୍ଦ ପଣ୍ଡା ମୁଖାଗ୍ନି ଦେଇଥିଲେ । ତରଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ବରିଷ୍ଠ କଂଗ୍ରେସ ନେତା ରାସବିହାରି ବେହେରା, ଜଗନ୍ନାଥ ପଟ୍ଟନାୟକ, ଭକ୍ତଚରଣ ଦାସ, ଶାନ୍ତନୁ କୁମାର ବେହେରା, ସଞ୍ଜୀବ କୁମାର ଯୋଷୀ, ଲଳିତ କାନୁନଗୋ, ସତ୍ୟନାରାୟଣ ମହାପାତ୍ର, କଳାହାଣ୍ଡି ବାର ଆସୋସିଏଶନ୍ ସଭାପତି ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ

# ତଲମଲା ଚାମ୍ପିୟନ

ଜୁନାଗଡ,୧୩।୧୨(ସ୍ୱ.ପ୍ର.)

ଜୁନାଗଡ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ତଲମଲା ଭଇଁରୀଗୁଡାକୁ ହରାଇ ଚାମ୍ପିୟନ ହୋଇଛି। ସମୁଦାୟ ୩୭ ଦଳକୁ ପଛରେ ପକାଇ ତଲମଲା ବିଜୟୀ ହୋଇଛି । ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ, ପୂର୍ବତନ ନଗରପାଳ ମହେଶ କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ସୌମେନ୍ଦ୍ର ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ଏନଏସି ସଂଯୋଜକ ରୋହିତ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଭାଟିଗାଁରେ ୩୪ତମ କୁରାଳ ପୂଜା ପାଳିତ

ମଣ୍ଡଳ,୧୩।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଟିଗାଁରେ ୩୪ତମ କୁମ୍ଭାର ସମାଜର କୁରାଳ ପୂଜା ପାଳିତ ହୋଇଯାଇଛି । ଏହି ପୂଜା ଚାରି ଦିନ ଧରି ପାଳିତ ହେଉଛି । ମଙ୍ଗଳବାର ଅପରାହ୍ନରେ କୁମ୍ଭାର ବଂଶର ମହିଳାମାନେ କଳସ ଯାତ୍ରାରେ ବାହାରି ହାତୀ ନଦୀଠାରୁ ପାଣି ଉଠାଇ ଜଳପୂର୍ଣ୍ଣ କଳସକୁ ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ପୂଜକ କମଳାକାନ୍ତ ପାଣିଗ୍ରାହୀ, ପୂଜାକର୍ତ୍ତା ଭାବେ ଲବ ରଣା ଏବଂ ତୁଳାବତୀ ରଣା କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି । କୁରାଳ ପୂଜା ମାର୍ଗଶୀର ମାସ ଶୁକ୍ଳପକ୍ଷ ପଞ୍ଚମୀ ଯାହାକି କୁରାଳ ପଞ୍ଚମୀ ନାମରେ ନାମିତ । ଏହି ପଞ୍ଚମ ତିଥିରେ କୁମ୍ଭାର ସମାଜର ଆଦିଗିତା ରୁଦ୍ରପାଲ ଏବଂ ଆଦିମାତା ରନେଶ୍ୱରୀ ଚକ ସାହାଯ୍ୟରେ ମାଟିର କଳସ ରନ୍ଧା ହାଣ୍ଡି ଇତ୍ୟାଦି ତିଆରି କରି ସର୍ବ ପ୍ରଥମେ ମଣିଷ ଜାତିକୁ କଞ୍ଚା ଖାଉଥିବା ବଦଳରେ ସେହି ମାଟି ହାଣ୍ଡିରେ ସିଝା ଖାଦ୍ୟ ରାନ୍ଧି ଖୁଆଇଥିଲେ। ସେହି ଦିନକୁ ପାଞ୍ଚେୟ କରି କୁମ୍ଭାର ଜାତିର କୁରାଳ ପୂଜା ପାଳନ କରାଯାଉଛି ବୋଲି କିଛି ବୟସ୍କ ବ୍ୟକ୍ତି ମତଦେଇଛନ୍ତି । ଏହି ଅବସରରେ ବୁଧବାର ରାତିରେ ଏକ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କଲମପୁର ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ସମ୍ମାନିତ ଅତିଥି ଭାଟିଗାଁ ଜଗନ୍ନାଥ ମନ୍ଦିର ପୂଜକ ଲଳିତ ମୋହନ ଦାସ ଯୋଗଦେଇଥିଲେ। କୁରାଳ ପୂଜା କମିଟି ସଭାପତି ବଦ୍ରିନାରାୟଣ ରଣା, ସମ୍ପାଦକ ଉଦିତ ରଣା, କୋଷାଧକ୍ଷ ଅର୍ଜୁନ ରଣା, ପୂଜା କମିଟି ପରିଚାଳନା ଧନେଶ୍ୱର ରଣା, ରଣା ସମାଜ ସଭାପତି ଚକ୍ରଧର ରଣା, ପ୍ରଭୁଦିପ ରଣା, ଦିନେଶ ରଣା, ସନ୍ତୋଷ ଭାଗିରଥି ରଣା, ଚନ୍ଦନ ରଣା, ବିକାଶ ରଣା, ପ୍ରଦୀପ ରଣା, ରିଙ୍କୁ ରଣା, କୋଦଣ୍ଡ ରଣା, ଗୋପାଳ ରଣା ପ୍ରମୁଖ ମଞ୍ଚାସୀନ ଥିଲେ । ନୃତ୍ୟ ପ୍ରତିଯୋଗୀତାରେ ୬ଜଣ ପ୍ରତିଯୋଗୀଙ୍କୁ ବିଜେତା କରାଯାଇଥିଲା । ମା' ମାଉଲି ଡ୍ୟାନ୍ସ ଗ୍ରୁପ ମହିପାଣି ପ୍ରଥମ, ମିଷ୍ଟର ବି.କେ. ଟାଇଗର ବଡକୁଟୁ ଦ୍ୱିତୀୟ, ମିସ୍ ଝାନସିରାଣୀ ବାବେର ତୃତୀୟ, ମିସରେଖା ଗୁମାବାହାଲ ଚତୁର୍ଥ, ମିସ୍ ନିରୁପମା ଭୁରସିଗୁଡା ପଞ୍ଚମ, ମା' ଠାକୁରାଣୀ ଡ୍ୟାନ୍ସ ଗ୍ରୁପ କରଞ୍ଜିଗୁଡା ଷଷ୍ଠ ସ୍ଥାନ ଅଧିକାର କରିଥିଲେ । ବିଚାରପତି ଭାବେ କମିଟି ହେମନ୍ତ ରଣା, କମ୍ଳ ରଣା, ପ୍ରଦୀପ ରଣା, ଅର୍ଜୁନ ରଣା ରହଇଥିବା ବେଳେ ସୁରଜ ରଣା ଏବଂ କାର୍ତ୍ତିକ ମାଝି ମଞ୍ଚ ପରିଚାଳନା କରିଥିଲେ । କୁରାଳ ସମାଜର ସମସ୍ତ ସଭ୍ୟ ଉପସ୍ଥିତି ରହି ପୂଜାରେ ସହଯୋଗ କରୁଛନ୍ତି ।



ଭାଟିଗାଁରେ ଅନୁଷ୍ଠିତ କୁରାଳ ପୂଜା।

## ଆଦର୍ଶ ବିଦ୍ୟାଳୟର ଛଟେଇ କର୍ମଚାରୀ

# ୨ ମାସରୁ ଊର୍ଦ୍ଧ୍ୱ ହେଲା ଧାରଣା ଜାରି

ଭବାନୀପାଟଣା,୧୩।୧୨(ଡି.ଏନ.ଏ.)

ଆଦର୍ଶ ବିଦ୍ୟାଳୟର ଛଟେଇ ୨୯ କର୍ମଚାରୀ ୨ ମାସ ୧୦ ଦିନ ହେଲା ଦିନରାତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ହେଲେ ଏଯାଏଁ ଶିକ୍ଷା ବିଭାଗ କି ଜିଲା ପ୍ରଶାସନ ପକ୍ଷରୁ କେହିବି ଏମାନଙ୍କ ସହିତ ଆଲୋଚନା କି ଶ୍ୱାନ୍ତନା ଦେବା

- ଦିନରାତି ଧାରଣାରେ ବସିଛନ୍ତି ୨୯ କର୍ମଚାରୀ
- ପ୍ରଶାସନର ନିଘାନାହିଁ

ପାଇଁ ଆସିନାହାନ୍ତି। ରାଜ୍ୟରେ ଏକ ଉନ୍ନତ ଧରଣର ସରକାରୀ ଶିକ୍ଷା ପାଇଁ ବିଭିନ୍ନ ଜିଲାରେ ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ରାଜ୍ୟର ୩୦ଟି ଜିଲାରେ ଏହା ସ୍ଥାପିତ ହୋଇଥିବାବେଳେ ଏଥିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ଏକ ଆଉଟ୍‌ସୋର୍ସିଂ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥାର ବିଜ୍ଞାପନ ଆଧାରରେ ନିଯୁକ୍ତି ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲା ୧୩ଟି ବ୍ଲକର ଆଦର୍ଶ ବିଦ୍ୟାଳୟ ପାଇଁ ଆଉଟସୋର୍ସିଂ ଜରିଆରେ ୩୯ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ବର୍ଷକ ଅବଧି ପରେ ସେମାନଙ୍କ ଚୁକ୍ତି ଶେଷ ହୋଇଥିବା ବେଳେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ସେମାନେ ଆଉ କିଛି ମାସ କାର୍ଯ୍ୟ କରିଥିଲେ। ଏହାର କିଛି ଦିନ ପରେ ସମ୍ପୃକ୍ତ ଆଉଟ୍‌ସୋର୍ସିଂ ସଂସ୍ଥା ଏହି




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଛଟେଇ କର୍ମଚାରୀ।

୩୯ ଜଣଙ୍କୁ ଛଟେଇ କରିବାର ଘୋଷଣା କରିବା ପରେ ଏହି କର୍ମଚାରୀମାନଙ୍କୁ ଭବିଷ୍ୟତ ଅନ୍ଧକାର ହୋଇଯାଇଛି । ଗତ ୧୦ ମାସ ଧରି ସେମାନେ ନିଜର ପ୍ରାପ୍ୟ ପାଇ ନ ଥିବା ବେଳେ ସେତେବେଳର ନିଯୁକ୍ତି ଜାଲ ଥିବା ଓ ଏଥିପାଇଁ ଏକ ଜାଲ ବିଜ୍ଞାପନ ପ୍ରକାଶ କରି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଲାଞ୍ଚ ମାଗିଥିବା କଥା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଏବେ ସାରା ଜିଲାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ଏକ ବଡଧରଣରେ ଜାଲିଆତି ହୋଇଥିବା ଆଶଙ୍କା ହୋଇଥିବା ବେଳେ ଦୁଇ ମାସ ଦଶ ଦିନ ହେଲା ଏହି ଛଟେଇ କର୍ମଚାରୀମାନଙ୍କ ମଧ୍ୟରୁ ୨୯ ଜଣ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଦିନରାତି ଗଣଧାରଣାରେ ବସିଛନ୍ତି ।

ସୂଚନା ଆନୁଯାୟୀ, କଳାହାଣ୍ଡି ଜିଲା ଆଦର୍ଶ ବିଦ୍ୟାଳୟଗୁଡିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଗ୍ରୁପ୍ ୫ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ୩୯ ଜଣ ନିଯୁକ୍ତି ପାଇଥିଲେ । ଗତ ୨୦୧୬ ଜୁନରେ ସେମାନେ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଜୁନ ୨୦୧୭ରେ ତାଙ୍କର ଚୁକ୍ତି ଶେଷ ହୋଇଥିଲା। ତେବେ ଜିଲା ଶିକ୍ଷାଧିକାରୀ ସେମାନଙ୍କୁ ନିଜ ଅଧୀନରେ ନେଇ ୨୦୧୮ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ କରାଇଥିଲେ। ଏହା ପରେ ଅନ୍ୟ ଏକ ସଂସ୍ଥା ଦ୍ୱାରା ପୁଣି ବିଜ୍ଞାପନ ପ୍ରକାଶ କରି କର୍ମଚାରୀ ନିଯୁକ୍ତି କରି ଏମାନଙ୍କ ଅବଧି ପୁରିଯାଇଛି କହି ପୂର୍ବ ନିଯୁକ୍ତି ୩୯ ଜଣଙ୍କୁ ଛଟେଇ କରି ଦେଇଛନ୍ତି । ଅପରପକ୍ଷେ ଅଭିଯୋଗ ଓ ଧାରଣା ପରେ ୩୯ ଜଣ କର୍ମଚାରୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିବା ବେଳେ ଅନ୍ୟ ୨୯ ଜଣଙ୍କୁ କେବଳ ୧୦ ମାସର ଦରମା ବ୍ୟତୀତ କିଛି ଦିଆଯାଇନାହିଁ। ଏପରିକି ସେମାନଙ୍କୁ ପୁନଃ ନିଯୁକ୍ତିରେ ମଧ ସାମିଲ କରାଯାଇନାହିଁ । ଫଳରେ ପୁନଃନିଯୁକ୍ତିରୁ ବଞ୍ଚିତ ଏହି ୨୯ ଜଣ କର୍ମଚାରୀ ଅକ୍ଟୋବର ୨ ତାରିଖଠାରୁ ଦୀର୍ଘ ୨ ମାସ ୧୦ ଦିନ ହେଲା କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରିନାହାନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।